# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 181 ଭାଗ ୩୪ | ସଂଖ୍ୟା ୧୮୧ | Tuesday 22 September 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର, ୨୨ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ମମତାଙ୍କୁ ହରାଇବାକୁ ଷଡ଼ଯନ୍ତ୍ର କରିଥିଲେ ଅଭିଷେକ — ପୃଷ୍ଠା ୪


# ବାତ୍ୟା ନୁହେଁ, ଆସୁଛି ବଡ଼ ବର୍ଷା



- ବଙ୍ଗୋପସାଗରରେ ଲଘୁଚାପ ନେବ ଗଭୀର ଅବପାତର ରୂପ
- ୧୧ ଜିଲ୍ଲାକୁ ଆଲର୍ଟ, କାଲିଠୁ ଆରମ୍ଭ ହେବ ବର୍ଷା
- ଜିଲ୍ଲାପାଳଙ୍କୁ ଆଲର୍ଟ, ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ
- ଡ୍ୟାମ୍ ଜଳସ୍ତର ସମୀକ୍ଷା ଓ ପ୍ରଶାସନିକ ସତର୍କତା
- ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସମ୍ପୂର୍ଣ୍ଣ ପ୍ରସ୍ତୁତ



ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାର ରୂପ ନେବ ନାହିଁ, ବରଂ ଏହା ଗଭୀର ଅବପାତରେ ପରିଣତ ହୋଇ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା କରାଇବ। ଏହି ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ସମ୍ପର୍କରେ ସୂଚନା ଦିଆଯାଇଛି।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତାକାଲିଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ତେବେ ୨୩ ଏବଂ ୨୪ ତାରିଖ ଦୁଇ ଦିନ ରାଜ୍ୟ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ରହିବ। ଏହି ଦୁଇ ଦିନ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ରାଜ୍ୟର ୧୧ଟି ଜିଲ୍ଲା ଏହି ଗଭୀର ଅବପାତ ଦ୍ୱାରା ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ସମସ୍ତ ଜିଲ୍ଲାପାଳମାନଙ୍କୁ ସଜାଗ ଓ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଜିଲ୍ଲାରେ ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ଖୋଲିବାକୁ କୁହାଯାଇଥିବା ➪ପୃଷ୍ଠା-୬

## ଦକ୍ଷିଣ ଓ ଉତ୍ତରରେ କାଟିବ

### ୨୩ରୁ ବଢ଼ିବ ପବନର ବେଗ



ନୂଆଦିଲ୍ଲୀ: ଗତ ୧୯ ତାରିଖରେ ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରଟି କ୍ରମଶଃ ପଶ୍ଚିମ ଓ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି। ଏହା ସୋମବାର ସକାଳେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହୋଇଛି। ଏହି ମେଘଖଣ୍ଡ ଗୁଡ଼ିକ ଧୀରେ ଧୀରେ ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛନ୍ତି ଏବଂ ଏହାର କେନ୍ଦ୍ରବିନ୍ଦୁ ବର୍ତ୍ତମାନ ସେହି ଅଞ୍ଚଳରେ ରହିଛି। ଓଡ଼ିଶା ଉପକୂଳରେ ମଧ୍ୟ ମେଘଗୁଡ଼ିକ ପହଞ୍ଚିବା ଆରମ୍ଭ ହୋଇଛି ଏବଂ ସମୁଦ୍ରକୁ ଲାଗି ରହିଥିବା ଜିଲ୍ଲାଗୁଡ଼ିକରେ ଝିପି ଝିପି ବର୍ଷା ରେକର୍ଡ କରାଯାଉଛି।

ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ସୋମବାର ସନ୍ଧ୍ୟା ଏବଂ ମଙ୍ଗଳବାର ସକାଳ ଭିତରେ ଏହା ଏକ ଅବପାତ ଏବଂ ପରେ ଏକ ଗଭୀର ଅବପାତରେ ପରିଣତ ହୋଇପାରେ। ତା'ପରେ ପୁଣି ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୩ ତାରିଖ ସକାଳେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ସମୁଦ୍ର ଉପରେ ଯାଇ ପହଞ୍ଚିବ। ତେବେ ୨୩ ତାରିଖରୁ ଏହାର ବିଶେଷ ପ୍ରଭାବ ➪ପୃଷ୍ଠା-୬

### ବିଧାନସଭା ପୂର୍ବରୁ ତତ୍ପର ହେଲା ଗଣଶିକ୍ଷା ବିଭାଗ

# ସଂଶୋଧିତ ପୁସ୍ତକ ବଣ୍ଟନ ଆରମ୍ଭ

ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ତ୍ରୁଟି ସୁଧାରିଲା ଗଣଶିକ୍ଷା ବିଭାଗ। ଛାତ୍ରଛାତ୍ରୀଙ୍କୁ ମିଳିଲା ନୂଆ ପାଠ୍ୟପୁସ୍ତକ। ପାଠ୍ୟପୁସ୍ତକରେ ତ୍ରୁଟି ନେଇ ବିବାଦ ଓ ଆପତ୍ତି ପରେ ଏବେ ସଂଶୋଧିତ ପାଠ୍ୟପୁସ୍ତକ ବଣ୍ଟନ ଆରମ୍ଭ ହୋଇଛି। ରାଜ୍ୟର ସମସ୍ତ ଜିଲ୍ଲାରେ ପାଠ୍ୟପୁସ୍ତକ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଆବଶ୍ୟକ ସଂଶୋଧନ ଓ ପରିମାର୍ଜନା ପରେ ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ପହଞ୍ଚିବା ଆରମ୍ଭ କରିଛି।

ପର୍ଯ୍ୟାୟକ୍ରମେ ଏହି ବହିଗୁଡ଼ିକୁ ବିଦ୍ୟାଳୟଗୁଡ଼ିକରେ ବଣ୍ଟନ କରାଯାଉଛି। ପୂର୍ବରୁ ପାଠ୍ୟପୁସ୍ତକରେ ଏକାଧିକ ତ୍ରୁଟି




### ପାଠ୍ୟପୁସ୍ତକରେ ଥିଲା ୧୬୭୮ରୁ ଅଧିକ ଭୁଲ

ସାମ୍ନାକୁ ଆସିବା ପରେ ଏହାର ପ୍ରୁଫ୍ ରିଡିଂ ଓ ଯାଞ୍ଚ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାକୁ ଗୁରୁତ୍ୱ ଦେଇ ଆବଶ୍ୟକ ସ୍ଥାନରେ ସଂଶୋଧନ କରାଯାଇ ନୂଆ ସଂସ୍କରଣ ପ୍ରସ୍ତୁତ କରାଯାଇଛି। ଏବେ ନୂତନ ବହି ବିଦ୍ୟାଳୟରେ ପହଞ୍ଚିବା ପରେ ଛାତ୍ରଛାତ୍ରୀଙ୍କୁ ଏହା ବଣ୍ଟନ କରାଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଭାବେ ପୁନର୍ବାର ଯେପରି ପାଠ୍ୟପୁସ୍ତକରେ କୌଣସି ତ୍ରୁଟି ନ ରହେ, ସେଥିପାଇଁ ପ୍ରୁଫ୍ ରିଡିଂ ଓ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ସତର୍କତାର ସହ କରାଯାଇଥିବା କୁହାଯାଉଛି। ନୂଆ ପାଠ୍ୟପୁସ୍ତକ ମିଳିବା ପରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଥିବା ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି।

ଚଳିତ ନୂଆ ଶିକ୍ଷା ବର୍ଷରେ ଓଡ଼ିଶାରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ସ୍କୁଲ ପାଠ୍ୟ ➪ପୃଷ୍ଠା-୬

## ଶିକ୍ଷକଙ୍କ ସମସ୍ୟାର ହେବ ସ୍ଥାୟୀ ସମାଧାନ

- ସରକାରଙ୍କୁ ରିପୋର୍ଟ ଦେଲେ ଅଶୋକ ତ୍ରିପାଠୀ କମିଟି
- କମିଟି ସୁପାରିସ୍‌କୁ ବିଚାର କରି ନିଷ୍ପତ୍ତି ନିଆଯିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଠିତ କମିଟି ଏହାର ରିପୋର୍ଟ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି କମିଟି ଗତ ୨୦୨୫ ଡିସେମ୍ବର ୬ ତାରିଖରେ ଗଠିତ ହୋଇଥିଲା ଏବଂ ଗତ ଫେବୃଆରୀ ୩ ତାରିଖରେ ପୁର୍ନଗଠିତ ହୋଇଥିଲା। ଆଜି ଏହି କମିଟି ତା'ର ରିପୋର୍ଟ ପ୍ରଦାନ କରିଛି। ଏହି ସୁପାରିସ୍‌ଗୁଡ଼ିକ ଉପରେ ➪ପୃଷ୍ଠା-୬

## ୫ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପେଡିଆଟ୍ରିକ୍ସ ଡିପ୍ଲୋମା

- ୨ଟିରେ ପ୍ରସୂତି ଓ ସ୍ତ୍ରୀରୋଗ ବିଜ୍ଞାନ
- ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୪ ଡିଏନବି ସିଟ୍‌କୁ ମାନ୍ୟତା

ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ଓଡ଼ିଶାରେ ଗୁଣାତ୍ମକ ଚିକିତ୍ସା ଶିକ୍ଷା ଓ ବିଶେଷଜ୍ଞ ଡାକ୍ତର ସୃଷ୍ଟି କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି। ନ୍ୟାସନାଲ ବୋର୍ଡ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ପକ୍ଷରୁ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟକୁ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ୍ ଶିକ୍ଷା ପାଇଁ ମାନ୍ୟତା ପ୍ରଦାନ କରାଯାଇଛି।

ଏହି କ୍ରମରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର ମୁଖ୍ୟ ଚିକିତ୍ସାଳୟ, ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶିଶୁ ରୋଗରେ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ନ୍ୟାସନାଲ ବୋଡ; ଅଫ ଏଗଜାମିନେସନ ଇନ୍ ମେଡିକାଲ ସାଇନ୍ସ ମାନ୍ୟତା ମିଳିଛି। ପ୍ରତ୍ୟେକ ଅନୁଷ୍ଠାନରେ ୨ଟି ଲେଖାଏଁ ସିଟ୍, ଅର୍ଥାତ୍ ମୋଟ ୧୦ଟି ସିଟ୍ ଉପଲବ୍ଧ ହେବ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜଗତସିଂହପୁର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅନୁଗୁଳକୁ ପ୍ରସୂତି ଓ ସ୍ତ୍ରୀରୋଗ ବିଜ୍ଞାନରେ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ମାନ୍ୟତା ପ୍ରଦାନ କରାଯାଇଛି। ଜଗତସିଂହପୁରରେ ୨ଟି ଓ ଅନୁଗୋଳରେ ଗୋଟିଏ ଲେଖାଏଁ ସିଟ୍ ରହିବ। ଏଥିସହ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ୍, କୋରାପୁଟକୁ ଆନାସ୍ଥେସିଓଲୋଜି ଓ ମେଡିସିନରେ ମୋଟ ୪ଟି ଡିଏନବି ସିଟ୍ ପାଇଁ ନ୍ୟାସନାଲ ବୋର୍ଡ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିଛି।

ଏହି ଉପଲବ୍ଧି ଫଳରେ ➪ପୃଷ୍ଠା-୬

# ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ



- ଗୃହ ଚଳାଇବାକୁ ସହଯୋଗ ଲୋଡ଼ିଲେ ବାଚସ୍ପତି
- ଏମଏମଡିଆର ଓ ମହାନଦୀ ପ୍ରସଙ୍ଗରେ ଆରପାର୍ ମୁଡ୍‌ରେ ବିରୋଧୀ
- ଏମଏମଡିଆର ପ୍ରତ୍ୟାହାର ପାଇଁ ସଂକଳ୍ପ ଆସୁ, ନଚେତ ଧନ୍ୟବାଦ ଦିଆଯାଉ: ପ୍ରମିଳା
- ବିଜେଡିର ମୋସନ ନୋଟିସ ଉପରେ ବାଚସ୍ପତି ନିଷ୍ପତ୍ତି ନେବେ: ମନ୍ତ୍ରୀ

ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ମଙ୍ଗଳବାରଠୁ ଆରମ୍ଭ ହେବ ବିଧାନସଭା ମୌସୁମୀ ଅଧିବେଶନ। ଏହା ପୂର୍ବରୁ ଉଠିଲାଣି ପଡ଼ିଲାଣି ରାଜ୍ୟ ରାଜନୀତି। ଖାସ୍ କରି ବିଭିନ୍ନ ପ୍ରସଙ୍ଗ ନେଇ ସରକାରଙ୍କୁ ଘେରିବାକୁ ତୟାର ହେଉଛି ବିରୋଧୀ ବିଜେଡି। ଏସବୁ ଭିତରେ ଏମଏମଡିଆର ପ୍ରସଙ୍ଗ ମୁଖ୍ୟ। ଏହି ପ୍ରସଙ୍ଗରେ ମୋସନ ଆଣିବାକୁ ନୋଟିସ ଦେଇଛି ବିଜେଡି।

ଏମଏମଡିଆର ସଂଶୋଧିତ ଆଇନ ପ୍ରତ୍ୟାହାର ଦାବିରେ ବିଧାନସଭାରେ ସଂକଳ୍ପ ଆଣିବା ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୋମବାର ବିଜେଡିର ଏକ ପ୍ରତିନିଧି ଦଳ ବିଧାନସଭା ସଚିବଙ୍କୁ ଭେଟି ଏମଏମଡିଆର ପ୍ରସଙ୍ଗରେ ମୋସନ ଆଣିବାକୁ ନୋଟିସ ଦେଇଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପମୁଖ୍ୟ ସଚେତନ ପ୍ରତାପ ଦେବ ଗୃହରେ ଏମଏମଡିଆର ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଦାବି କରିଛନ୍ତି। ସଂଶୋଧିତ ଏମଏମଡିଆର ଆଇନ ଦ୍ୱାରା ବାର୍ଷିକ ୧୨ ହଜାର କୋଟି ଟଙ୍କାର ରାଜସ୍ୱ ହରାଇବ ରାଜ୍ୟ। ତେଣୁ ଏହି ଆଇନକୁ ପ୍ରତ୍ୟାହାର ପାଇଁ ବିଧାନସଭା ଗୃହରେ ସଂକଳ୍ପ ଆଣିବାକୁ ଦାବି କରିଛି ବିଜେଡି। ସେପଟେ ଏହି ସ୍ୱଳ୍ପକାଳୀନ ଅଧିବେଶନକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ସୁରୁଖୁରରେ ଚଳାଇବାକୁ ବାଚସ୍ପତି ସବୁ ଦଳର ସହଯୋଗ ଲୋଡ଼ିଛନ୍ତି।

ବୈଠକ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁସ୍ଥ ସଂସଦୀୟ ପରମ୍ପରା ରକ୍ଷା ଓ ଜନହିତକର ପ୍ରସଙ୍ଗରେ ଗଠନମୂଳକ ଓ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ସମସ୍ତ ରାଜନୈତିକ ଦଳର ସକାରାତ୍ମକ ସହଯୋଗ ଲୋଡ଼ିଛନ୍ତି। ତାଙ୍କ ସରକାର ରାଜ୍ୟବାସୀଙ୍କ ସର୍ବାଙ୍ଗୀନ କଲ୍ୟାଣ ତଥା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସହମତି ଏବଂ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାକୁ ଦୃଢ଼ ପ୍ରତିବଦ୍ଧ ବୋଲି କହିଛନ୍ତି। ➪ପୃଷ୍ଠା-୬

### କେରଳରେ ବର୍ଷା ବିପ୍ରାତ

## ବନ୍ୟା ଓ ଭୂସ୍ଖଳନରେ ୮ ମୃତ



ତିରୁବନନ୍ତପୁରମ,୨୧।୯: କେରଳରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା, ଭୂସ୍ଖଳନ ଓ ମାଟି ଧସିବା ଭଳି ପ୍ରାକୃତିକ ଦୁର୍ବିର୍ଯ୍ୟୋଗରେ ୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଏକାଧିକ ନିଖୋଜ ରହିଛନ୍ତି। ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ଉଦ୍ଧାରକାରୀ ଦଳ ପକ୍ଷରୁ ତଲାସୀ ଅଭିଯାନ ଜାରି ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଭି.ଡି. ସତୀସନ ବର୍ଷା ସ୍ଥିତିର ଘଣ୍ଟାଏ ଲେଖାଏଁ ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାଲପୁରମ ଜିଲ୍ଲାରେ ହୋଇଥିବା ଆକସ୍ମିକ ବନ୍ୟାରେ ପାଣିର ସ୍ରୋତ ହଠାତ ବଢ଼ିଯିବାରୁ ୬ ଜଣ ଭାସି ଯାଇଥିଲେ। ବର୍ତ୍ତମାନ ସୁଦ୍ଧା ପାଞ୍ଚ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ନିଖୋଜ ଥିବା ଅବଶିଷ୍ଟ ଜଣକ ପାଇଁ ଉଦ୍ଧାରକାରୀ ଦଳ ଖୋଜାଖୋଜି ଜାରି ରଖିଛନ୍ତି। ସେହିପରି ଇଡୁକି ଓ କୋଟାୟମ ଜିଲ୍ଲାରେ ମଧ୍ୟ ଭୂସ୍ଖଳନ କାରଣରୁ ଜୀବନହାନି ଘଟିଛି। କୋଟାୟମ ଜିଲ୍ଲାରେ ରବିବାର ସନ୍ଧ୍ୟାରେ ଏକ ଭୂସ୍ଖଳନ ବେଳେ ଚେନ୍ନାଇର ଜଣେ ୩୫ ବର୍ଷୀୟା ମହିଳା ସଙ୍ଗୀତାଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କର ଜଣେ ବନ୍ଧୁ ଆହତ ହୋଇଛନ୍ତି। ସେମାନେ ବାଗାମୋନ୍‌ରୁ ତାମିଲନାଡୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ରାସ୍ତା ଉପରକୁ ମାଟି ଓ ପଙ୍କ ଖସିପଡ଼ିବାରୁ ସ୍କୁଟର ଚଳାଉଥିବା ସଙ୍ଗୀତା ସେଥିରେ ଚାପି ହୋଇଯାଇଥିଲେ। ତାଙ୍କ ବନ୍ଧୁ ଆହତ ଅବସ୍ଥାରେ ବର୍ତ୍ତିଯାଇ ଚିକିତ୍ସାଧୀନ ଅଛନ୍ତି। ଏହାପୂର୍ବରୁ ଇଡୁକି ଜିଲ୍ଲାରେ ମାଟି ଧସିବା ଯୋଗୁଁ ଏକ କୁଡ଼ିଆ ଘର ଭୁଶୁଡ଼ି ପଡ଼ିବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ମହିଳା ଆହତ ହୋଇଥିଲେ।

### ଶେଷ ହେଲା ଏସଆଇଆର: ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

# ବାଦ୍ ପଡ଼ିଲେ ୨୦ ଲକ୍ଷରୁ ଅଧିକ ଭୋଟର୍

- ଡ୍ରାଫ୍ଟରୁ ଫାଇନାଲ, ବୃଦ୍ଧି ପାଇଲେ ୨.୪୫ ଲକ୍ଷ ଭୋଟର
- ନାଁ ଯୋଡ଼ିବା ପ୍ରକ୍ରିୟା ଜାରି, ଅପିଲ୍ ପାଇଁ ଅଛି ସୁଯୋଗ



ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଆଜି ଶେଷ ହୋଇଛି। ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରଏସ ଗୋପାଳନ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ନୂତନ ତାଲିକା ଅନୁଯାୟୀ, ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୧୬ ଲକ୍ଷ ୩୨ ହଜାର ୭୫୪ରେ ପହଞ୍ଚିଛି। ତେବେ ଯାଞ୍ଚ ପ୍ରକ୍ରିୟା ସମୟରେ ତାଲିକାରୁ ୨୦ ଲକ୍ଷରୁ ଅଧିକ ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି।ସିଇଓଙ୍କ ସୂଚନା ଅନୁଯାୟୀ, ଏସଆଇଆର ପ୍ରକ୍ରିୟା ପୂର୍ବରୁ ରାଜ୍ୟରେ ମୋଟ ୩,୩୩,୯୯,୫୯୧ ଜଣ ଭୋଟର ଥିଲେ। ତେବେ ଡ୍ରାଫ୍ଟ ରୋଲ୍ ପୂର୍ବରୁ ୨୦,୧୨,୫୫୭ ଜଣ ଏବଂ ଡ୍ରାଫ୍ଟ ପରେ ୪୪,୭୭୭ ଜଣଙ୍କୁ ମିଶାଇ ସର୍ବମୋଟ ୨୦,୫୭,୩୩୪ ଜଣଙ୍କ ନାମ ବାଦ୍ ପଡ଼ିଛି। ବାଦ୍ ପଡ଼ିଥିବା ଭୋଟରଙ୍କ ମଧରେ ୮,୩୨,୫୪୪ ଜଣ ମୃତ ଭୋଟର ହୋଇଥିବା ବେଳେ ୮,୦୮,୨୦୫ ଜଣ ସ୍ଥାନାନ୍ତରିତ, ୧,୯୯,୨୪୯ ➪ପୃଷ୍ଠା-୬

## ଆଜି ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଏକତା ନଗର, ୨୧।୯: ଭାରତୀୟ ସିନେମାର ସମ୍ମାନଜନକ '୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର' ସମାରୋହ ଆସନ୍ତାକାଲି ଗୁଜୁରାଟର କେଭାଡିଆ ସ୍ଥିତ ଏକତା ନଗରଠାରେ ଅନୁଷ୍ଠିତ ହେବ। ଭାରତର ରାଷ୍ଟ୍ରପତି ଏହି ଉତ୍ସବରେ ଯୋଗଦେଇ ୨୦୨୪ ମସିହା ପାଇଁ ଭାରତୀୟ ସିନେମା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରିବେ। ଭାରତୀୟ ସିନେମାକୁ ଦୀର୍ଘଦିନର ଅବଦାନ ପାଇଁ ବରିଷ୍ଠ ଅଭିନେତା ଅନନ୍ତ ନାଗଙ୍କୁ 'ଦାଦାସାହେବ ଫାଲକେ ପୁରସ୍କାର' ପ୍ରଦାନ କରାଯିବ। ଚଳିତ ବର୍ଷର ବିଭିନ୍ନ ପ୍ରମୁଖ ବର୍ଗର ବିଜେତାଙ୍କ ତାଲିକାରେ, 'ଆର୍ଟିକଲ୍ ୩୭୦' ଶ୍ରେଷ୍ଠ ଫିଚର୍ ଫିଲ୍ମ ଓ ୟାମି ଗୌତମ ଶ୍ରେଷ୍ଠ ଅଭିନେତ୍ରୀ (ମୁଖ୍ୟ ଭୂମିକା) ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି।

### ରାମ ମନ୍ଦିର ଦାନ ଚୋରି ପ୍ରସଙ୍ଗ

## ସୁପ୍ରିମକୋର୍ଟରେ ଏସଆଇଟି ଷ୍ଟାଟସ୍ ରିପୋର୍ଟ ଦାଖଲ

ନୂଆଦିଲ୍ଲୀ,୨୧।୯: ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ବଡ଼ ଖୁଲାସା ହୋଇଛି। ସୋମବାର ସେପ୍ଟେମ୍ବର ୨୧ରେ ସଲିସିଟର ଜେନେରାଲ୍ ତୁଷାର ମେହତା ସୁପ୍ରିମକୋର୍ଟଙ୍କୁ ମାମଲାର ତଦନ୍ତ ଅଗ୍ରଗତି ସମ୍ପର୍କରେ ଅବଗତ କରିଛନ୍ତି। ସେ ମନ୍ଦିର ଭିତରେ ଦାନ ଟଙ୍କା ଚୋରି ଘଟଣାର ତଦନ୍ତ କରୁଥିବା ବିଶେଷ ତଦନ୍ତକାରୀ ଦଳ (ଏସଆଇଟି)ର ଷ୍ଟାଟସ୍ ରିପୋର୍ଟର ଉଲ୍ଲେଖ କରି କହିଛନ୍ତି ଯେ, ମନ୍ଦିର ଭିତରେ ଚାନ୍ଦା ଚୋରିର ୧୦୫ଟି ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସଲିସିଟର ଜେନେରାଲ୍ କହିଛନ୍ତି ଯେ, ଏସଆଇଟିର ତଦନ୍ତ ଖୁବଶୀଘ୍ର ଶେଷ ହେବ। ଆସନ୍ତା ସେପ୍ଟେମ୍ବର ୨୫ ସୁଦ୍ଧା ମାମଲାରେ ଚାର୍ଜସିଟ୍ ଦାଖଲ କରାଯିବ।



## କାନ ଡେରିଆ

ଓଡ଼ିଶାର ଲୋକ ମଦ ପିଉଥିବେ
ପଇସା ଯିବ ବିହାର
ସରକାରଙ୍କର ବିଚିତ୍ର ପଲିସି
ବୁଦ୍ଧି ମଧ୍ୟ ଚମତ୍କାର
ଭିକାରୀ ହେବାଟା ସାର...
ଓଡ଼ିଶା ମଦୁଆ ରାଜସ୍ୱ ଭରିବେ
ଅର୍ଥ ହେବ ରାଜ୍ୟ ପାର ।

■ ଦେବାଶିଷ

### ପୁଲିସ୍ ସିଗ୍ନାଲ ବ୍ୟବସ୍ଥାର ସିଗ୍ନାଲ ଅଚଳ

# ଓଡ଼ିଶା ପୁଲିସର 'ସଞ୍ଚାର ବ୍ୟବସ୍ଥା' ଅନାଥ




- ମୋବାଇଲ୍ ଓ ଇମେଲ୍ ଭରସାରେ ପୁଲିସ୍
- ସାଇବର ସୁରକ୍ଷା ପ୍ରତି ସୃଷ୍ଟି ହେଲାଣି ବଡ଼ ବିପଦ

କଟକ,୨୧।୯(ସଂଚାର ବ୍ୟୁରୋ): ଯୋଗାଯୋଗ ହେଉଛି ଓଡ଼ିଶା ପୁଲିସର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏବେ ଏହି ଅଙ୍ଗଟିକୁ ଅଚଳ କରିବା ପାଇଁ ଗୋଟିଏ ଦଳ ଲାଗି ପଡ଼ିଛନ୍ତି। ଅର୍ଥାତ୍ ଓଡ଼ିଶା ପୁଲିସର ମେରୁଦଣ୍ଡ କୁହାଯାଉଥିବା କଟକସ୍ଥିତ ଏସପି ସିଗ୍ନାଲ କାର୍ଯ୍ୟାଳୟର ମୁଖ୍ୟ ସିଗ୍ନାଲ୍ସ ଅଫିସ ଏବେ ଘୋର ଅବହେଳା ଓ ବିଭାଗୀୟ ଚକ୍ରାନ୍ତର ଶିକାର ହୋଇ ଅକାମୀ ହେବାକୁ ବସିଛି। ଦିନ ଥିଲା ଯେତେବେଳେ ଏଠାରେ ୮୦-୯୦ ଜଣ କର୍ମଚାରୀଙ୍କୁ ନେଇ ୪ ଶିଫ୍ଟରେ ସାରା ରାଜ୍ୟରେ ସୂଚନା ଆଦାନ ପ୍ରଦାନ କରାଯାଉଥିଲା। ମାତ୍ର ଏବେ ଏଠାରେ ମାତ୍ର ହାତଗଣତି ଲୋକ।

ରାଜ୍ୟର ଆଇନଶୃଙ୍ଖଳା ରକ୍ଷା, ଜରୁରୀକାଳୀନ ସୂଚନା ଆଦାନପ୍ରଦାନ ଓ ବନ୍ୟା-ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପଦମୁକ୍ତ ଯୋଗାଯୋଗର ଏହି ପ୍ରମୁଖ କେନ୍ଦ୍ରକୁ ଯୋଜନାବଦ୍ଧ ଭାବେ ଅଚଳ କରି ଦିଆଯାଉଥିବାର ସମ୍ଭାବନା ସୃଷ୍ଟି ହୋଇଛି। ସୂଚନା ପ୍ରଦାନର ମାନକ ମାପିବା ପାଇଁ ଏଠାରେ ଟ୍ରାଫିକ ଆଣ୍ଡ ମନିଟରିଂ ବିଭାଗ ଅଛି, ଯାହାର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଏବେ ସେଠାରେ ଜଣେ ମାତ୍ର ଷ୍ଟାଫ୍। ଅଧିକନ୍ତୁ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଅଧିକାଂଶ ସମୟ ଆସୁ ନ ଥିବା ବି ଚର୍ଚ୍ଚା ହେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଅତ୍ୟାଧୁନିକ ବୈଷୟିକ ୟୁନିଟ୍‌କୁ ଚଳାଇବା ପାଇଁ ଇଞ୍ଜିନିୟରିଂ କିମ୍ବା ବି.ଟେକ୍ ଶିକ୍ଷାଧାରୀ ଅଧିକାରୀଙ୍କ ଆବଶ୍ୟକତା ରହିଥାଏ। ୨୦୨୦ରେ ବୈଷୟିକ ଜ୍ଞାନସମ୍ପନ୍ନ ଏସପି ବୈକୁଣ୍ଠନାଥ ଦାସ ଅବସର ନେବା ପରଠାରୁ ଦୀର୍ଘ ୬ ବର୍ଷ ହେବ ଏଠାରେ କୌଣସି ବୈଷୟିକ ଜ୍ଞାନ ଥିବା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉନାହିଁ। ଅଣବୈଷୟିକ ଅଧିକାରୀମାନଙ୍କୁ ଦାୟିତ୍ୱରେ ରଖାଯାଉଥିବାରୁ ବିଭାଗର ବୈଷୟିକ ଅଗ୍ରଗତି ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏସସିଆରବିର ନିର୍ଦ୍ଦେଶକ ତଥା ଆଇଜି କମ୍ୟୁନିକେସନ ଏହି ଅଫିସର ସୁଧାର ଓ ବିକାଶ ଚାହୁଁଥିଲେ ସୁଦ୍ଧା ନିମ୍ନ ସ୍ତରରୁ ତାଙ୍କୁ ସଠିକ ସୂଚନା ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ➪ପୃଷ୍ଠା-୬

SANCHAR ସଂଚାର

## ଜନସାଧାରଣଙ୍କ ଦାବି ସତ୍ତ୍ୱେ କେନାଲ୍ ବନ୍ଧରାସ୍ତା ପ୍ରତି ବିଭାଗୀୟ ଯନ୍ତ୍ରୀଙ୍କ ଅଣଦେଖା



**ଡେରାବିଶ,୨୧।୯ (ସଂଚାର ବ୍ୟୁରୋ):** ଚାନ୍ଦୋଳ ଜଳସେଚନ ବିଭାଗ ଅଧୀନରେ ଥିବା କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ର ୧୧ (କ) ନଂ ଶାଖା ନାଳବନ୍ଧ ରାସ୍ତା ଦୀର୍ଘବର୍ଷ ଧରି ଅବହେଳିତ ହୋଇ ରହିଛି। ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିଥିଲେବି କିଛି ସୁଫଳ ମିଳୁନଥିବା ନେଇ ଚାନ୍ଦୋଳର ପୂର୍ବତନ ସରପଞ୍ଚ ବାବୁ ଦାସ ଅସନ୍ତୋଷ ପ୍ରକାଶ କରିଛନ୍ତି।

ନିୟମ ଅନୁଯାୟୀ ସମସ୍ତ କେନାଲ୍‌ର ଶେଷ ମୁଣ୍ଡରେ ପହଞ୍ଚିବା ପାଇଁ କେନାଲର ଗୋଟିଏ ପାର୍ଶ୍ୱ ବନ୍ଧକୁ ସର୍ଭିସ୍ ରୋଡ୍ ଭାବେ ବ୍ୟବହାର କରାଯାଇଥାଏ। ଯାହା ଫଳରେ ସେହି ବନ୍ଧ ଦେଇ କେନାଲ୍‌କୁ ଅବସ୍ଥା ବିଭାଗୀୟ ଅଧିକାରୀମାନେ ଜାଣିପାରିଥାନ୍ତି। କିନ୍ତୁ ୧୧(କ) ନଂ କେନାଲ୍ ବନ୍ଧର କଟକ-ଚାନ୍ଦବାଲି ରାସ୍ତାର କାକଟିଆ ଠାରୁ ନରଣପଡ଼ା ଗ୍ରାମର ତାରେଣୀ ମନ୍ଦିର ଯାଏ ରାସ୍ତା ଦୀର୍ଘ ବର୍ଷ ଧରି କାମ ହୋଇନଥିବାରୁ ଚଳପ୍ରଚଳ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ମାତ୍ର ୫୦୦ ମିଟର ଲମ୍ବର ଏହି ରାସ୍ତାଟି ନିର୍ମାଣ ହୋଇଗଲେ ଚାନ୍ଦୋଳ ପଞ୍ଚାୟତର ନରଣପଡ଼ା, ପଥରପଡ଼ା, ନୂଆପଡ଼ା, ବାଙ୍କିମୁଣ୍ଡାଇ ଓ ପଲେଇ ପଞ୍ଚାୟତର କିଛି ଗ୍ରାମବାସୀ ଏହି ବାଟ ଦେଇ ଯାତାୟତ କରିପାରିବେ। ଏହି ବାଟ ଦେଇ ବାଙ୍କିମୁଣ୍ଡେଇ ବାଳିକା ଉଚ୍ଚବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଓ ବିଭିନ୍ନ ଦେବାଦେବୀ ମନ୍ଦିରକୁ ଛାତ୍ରଛାତ୍ରୀ ଏବଂ ଲୋକମାନେ ଯାତାୟତ କରିବା ସହିତ କଟକ-କେନ୍ଦ୍ରାପଡ଼ା ରାଜ୍ୟ ରାଜପଥକୁ ଯାତାୟତ କରିପାରିବେ। ବହୁଦିନର ଏହି ଦାବିକୁ ବିଭାଗୀୟ ଯନ୍ତ୍ରୀ କର୍ଣ୍ଣପାତ କରୁନାହାଁନ୍ତି। ତେବେ ଏହି ଦାବି ତୁରନ୍ତ ପୂରଣ କରାନଗଲେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ଏସଆଇଆର-୨୦୨୬ର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

### ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୧୨,୦୧,୬୨୮ ଭୋଟର




**କେନ୍ଦ୍ରାପଡ଼ା,୨୧।୯ (ସଂଚାର ବ୍ୟୁରୋ):** ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧରି କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ସୋମବାର ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଚୂଡ଼ାନ୍ତ ତାଲିକା ଅନୁଯାୟୀ ଜିଲ୍ଲାରେ ମୋଟ ୧୨,୦୧,୬୨୮ ଜଣ ଭୋଟର ରହିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ୯୬-ପାଟକୁରା, ୯୭-କେନ୍ଦ୍ରାପଡ଼ା(ଏସସି), ୯୮-ଆଳି, ୯୯-ରାଜନଗର ଓ ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଏସଆଇଆର ପ୍ରକ୍ରିୟା କରାଯାଇଥିଲା। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ୨୧ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ପୂର୍ବତନ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ବିଜେପି ଜିଲ୍ଲା ଉପସଭାପତି ଉପେନ କୁମାର ରାଉତ, ବିଏସପିର ଜିଲ୍ଲା ପ୍ରଭାରୀ ସୁଧାକର ମଲ୍ଲିକ, ସିପିଆଇ(ଏମ୍)ର ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଆମ୍ ଆଦମୀ ପାର୍ଟିର ଜିଲ୍ଲା ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡ଼ା ଏବଂ ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳ ଉପସ୍ଥିତ ଥିଲେ ।

ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାରାଣି ମାଝୀ, ଡେପୁଟି କଲେକ୍ଟର (ନିର୍ବାଚନ) ଅର୍ମୀୟ କେତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଏସଆଇଆର ପ୍ରକ୍ରିୟାର ଅଗ୍ରଗତି, ଦାବି ଓ ଆପତ୍ତି ଯାଞ୍ଚ ଓ ନିଷ୍ପତ୍ତି ଏବଂ ଚୂଡ଼ାନ୍ତ ଭୋଟର ତାଲିକା ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଥିଲା । ଏସଆଇଆର ପ୍ରକ୍ରିୟା ଅନୁଯାୟୀ ଗତ ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଥିଲା । ଏହି ଖସଡ଼ା ତାଲିକାରେ ଜିଲ୍ଲାରେ ମୋଟ ୧୧,୦୦,୮୯୫ ଜଣ ଭୋଟର ଥିଲେ । ଖସଡ଼ା ତାଲିକା ପ୍ରକାଶ ପରେ ୫ ଜୁଲାଇରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ପାଇଁ ସୁଯୋଗ ଦିଆଯାଇଥିଲା। ପ୍ରାପ୍ତ ଦାବି ଓ ଆପତ୍ତିର ଯାଞ୍ଚ, ନୋଟିସ୍ ଜାରି ଏବଂ ନିୟମାନୁସାରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ୧୭ ସେପ୍ଟେମ୍ବର ସୁଦ୍ଧା ସମ୍ପନ୍ନ ହୋଇଥିଲା । ଏହାପରେ ୨୧ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି । ସଂଶୋଧନ ପ୍ରକ୍ରିୟାରେ ୧୧,୬୪୬ ଜଣଙ୍କ ନାମ ଯୋଡ଼ାଯାଇ ଥିବା ବେଳେ ୯୧୩ ଜଣଙ୍କ ନାମ ବାଦ ଦିଆଯାଇଛି। ଏହାଛଡ଼ା ୪,୭୨୫ଟି ନାମରେ ଆବଶ୍ୟକ ସଂଶୋଧନ କରାଯାଇଛି।

ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ନିର୍ବାଚନମଣ୍ଡଳୀ ଦ୍ୱାରା ଭୋଟରଙ୍କ ସଂଖ୍ୟା ହେଲା ୯୬-ପାଟକୁରାରେ ୨,୩୭,୬୯୩ ୯୭-କେନ୍ଦ୍ରାପଡ଼ା (ଏସସି)ରେ ୨,୧୩,୦୫୬, ୯୮-ଆଳିରେ ୨,୫୮,୯୫୬, ୯୯-ରାଜନଗରରେ ୨,୪୯,୭୬୦ ୧୦୦-ମହାକାଳପଡ଼ାରେ ୨,୪୨,୧୬୩ । ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ଙ୍କ କାର୍ଯ୍ୟାଳୟ ସହ ଜିଲ୍ଲାର ସମସ୍ତ ୧,୬୪୭ଟି ବୁଥ୍‌ରେ ମଧ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି।

## କାର୍ଯ୍ୟରେ ଅନିୟମିତତା ଅଭିଯୋଗରେ ବରିଷ୍ଠ କିରାଣୀ ନିଲମ୍ବିତ

**ଡେରାବିଶ,୨୧।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ବରିଷ୍ଠ କିରାଣୀ ଜୟନ୍ତ କୁମାର ପ୍ରଧାନଙ୍କୁ ନିଜ କାର୍ଯ୍ୟରେ କରିଥିବା ଅନିୟମିତତା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଗତ ଶନିବାର ତାଙ୍କ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏନେଇ ଅର୍ଡର ନମ୍ବର - ୧୧୨୩୩ / ୧୯-୯-୨୦୨୬ ମାଧ୍ୟମରେ ଡିଇଓ ଶ୍ରୀ ବାରିକ ନିର୍ଦ୍ଦେଶ ଜାରି କରିଛନ୍ତି।

ସୂଚନା ଅନୁଯାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସିନିୟର ଆସିଷ୍ଟାଂଟ ଭାବେ କାର୍ଯ୍ୟରତ ଥିବା ସମୟରେ ଶ୍ରୀ ପ୍ରଧାନ ବିଭାଗୀୟ କାର୍ଯ୍ୟରେ ବିଭିନ୍ନ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଥିଲା। ପରେ ଶ୍ରୀ ପ୍ରଧାନଙ୍କୁ ବିଭାଗ ପକ୍ଷରୁ ଡେରାବିଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ହେଲେ ଅଭିଯୋଗକୁ ଭିତି କରି ଡିଇଓ କାର୍ଯ୍ୟାଳୟ ତରଫରୁ ଏହାର ତଦନ୍ତ କରାଯିବା ସହ ପ୍ରଧାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ହେଲେ ପ୍ରଧାନ ଏ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତର ଦେଇପାରିନଥିଲେ। ନିଲମ୍ବନ ଆଦେଶ ପାଇବା ମାତ୍ରେ ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୈନିକ ହାଜିରା ଦେବା ପାଇଁ ପ୍ରଧାନଙ୍କୁ ଡିଇଓ ଶ୍ରୀ ବାରିକ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି।

## ଅର୍ବାନ ବ୍ୟାଙ୍କ ପକ୍ଷରୁ ଅସହାୟ ଉମେଶ କୁମାରଙ୍କୁ ସହାୟତା



**କେନ୍ଦ୍ରାପଡ଼ା,୨୧।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ଅସହାୟ ଉମେଶ କୁମାରଙ୍କୁ ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଘନଶ୍ୟାମପୁର ଗ୍ରାମର ଉମେଶ କୁମାର ପାତ୍ରଙ୍କ ଏକମାତ୍ର ପୁଅ ରାଜେଶ କୁମାର ପାତ୍ର(୨୧) ଭୁବନେଶ୍ୱରର ଜଟଣୀରେ ଥିବା ଏକ ଷ୍ଟିଲ କାରଖାନାରେ କାମ କରୁଥିଲେ । ସେହି କାରଖାନାରେ କାର୍ଯ୍ୟରତ ଥିବା ସମୟରେ ବିଦ୍ୟୁତ କରେ ଲାଗି ରାଜେଶଙ୍କ ମୃତ୍ୟୁ ହୋଇଯାଇଛି । ରାଜେଶଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଅତ୍ୟନ୍ତ ଅସହାୟ ହୋଇପଡିଛି । ଏସମ୍ପର୍କରେ ଜାଣିବା ପରେ ଅର୍ବାନ ବ୍ୟାଙ୍କ ସଭାପତି ଗୁରୁ ପ୍ରସାଦ ମହାନ୍ତି ସେହି ଗରିବ ଅସହାୟ ପରିବାରକୁ ପୁଅର ସୁଧିକ୍ରୀୟା କରିବା ନିମନ୍ତେ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାକୁ ବ୍ୟାଙ୍କ ସିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ଘନଶ୍ୟାମପୁରସ୍ଥିତ ବାସଭବନରେ ପହି ଉମେଶ କୁମାରଙ୍କୁ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ବ୍ୟାଙ୍କର ଆଇ.ଟି. ମ୍ୟାନେଜର ଆଦିତ୍ୟ କୁମାର ଶତପଥୀ ଓ ସହକାରୀ ପରିଚାଳକ ଭଞ୍ଜକିଶୋର ଜେନା ଉପସ୍ଥିତ ଥିଲେ ।

## ଗଣଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ମୋବାଇଲ ହଜିବା ନେଇ ଥାନାରେ ଅଭିଯୋଗ

**ଡେରାବିଶ,୨୧।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଞ୍ଚଳରେ ଆଜି ଉଲ୍ଲାସ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପରିକ୍ଷାକେନ୍ଦ୍ର ପରିଦର୍ଶନ କରିବାକୁ ଆସିଥିବା ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇଙ୍କ ମୋବାଇଲଟି ଆଜି କେଉଁଠି ହଜିଯାଇଥିଲା। ସେ ପରିଦର୍ଶନ କରିଥିବା ବିଭିନ୍ନ ପରିକ୍ଷା କେନ୍ଦ୍ରରେ ଖୋଜାଖୋଜି ପରେ ମଧ୍ୟ ମୋବାଇଲଟି ନମିଳିବାରୁ ସେ ଆଜି ସନ୍ଧ୍ୟାରେ ଏନେଇ କେନ୍ଦ୍ରାପଡ଼ା ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଏହି ମୋବାଇଲ ଖୋଜିବା ପାଇଁ ଯୁଗ୍ମ ନିର୍ଦ୍ଦେଶକଙ୍କ ମୋବାଇଲ ନମ୍ବରଟିକୁ ଟ୍ରାକିଂରେ ପକାଇଥିବା ସୂଚନା ମିଳିଛି।

## ଡେରାବିଶ ବ୍ଲକ ବିଜେଡି ସଭାପତି ହେଲେ ଶ୍ରୀମନ୍ତ ରାଉତରାୟ



**ଡେରାବିଶ,୨୧।୯ (ସଂଚାର ବ୍ୟୁରୋ):** ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବ୍ଲକ ଓ ମୁନିସିପାଲିଟିର ସଭାପତି ନିଯୁକ୍ତି ପ୍ରଦାନ କରାଯାଇଛି। ଦଳର ବରିଷ୍ଠ ଉପ-ସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଦସ୍ତଖତରେ ପ୍ରକାଶିତ ବ୍ଲକ ସଭାପତି କ୍ରମରେ ଡେରାବିଶ ବ୍ଲକ ବିଜେଡ଼ିର ସଭାପତି ଭାବେ ବରିଷ୍ଠ ସଂଗଠକ ଶ୍ରୀମନ୍ତ ରାଉତରାୟଙ୍କୁ ମନୋନିତ କରାଯାଇଛି। ବିଜେଡ଼ି ସଭାପତି ଭାବେ ଶ୍ରୀ ରାଉତ ରାୟ ନିଯୁକ୍ତି ହେବା ପରେ ବ୍ଲକ ବିଜେଡ଼ି ସଂଗଠନକୁ ଅଧିକ ମଜବୁତ୍ ଓ କ୍ରିୟାଶୀଳ କରିବା ପାଇଁ ସମସ୍ତ କର୍ମୀମାନଙ୍କର ସହଯୋଗ ଲୋଡ଼ିଛନ୍ତି। ଏଥିସହିତ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ବିଜେଡ଼ି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ନବନିଯୁକ୍ତ ବ୍ଲକ ବିଜେଡ଼ି ସଭାପତିଙ୍କୁ ରାଜ୍ୟ ବିଜେଡ଼ି ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ବିଜେଡ଼ି ସମ୍ପାଦକ ମଧୁସୂଦନ ଘଡ଼େଇ, ଜିଲ୍ଲା ବିଜେଡ଼ି ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଚାନ୍ଦୋଳ ପଞ୍ଚାୟତ ବିଜେଡ଼ି ସଭାପତି ଦେବରାଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ, ବରିଷ୍ଠ ବିଜେଡ଼ି ନେତା ମନିନ୍ଦ୍ର ପ୍ରସାଦ ରଥ, ଅଜୟ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତା ଆଲୋକୀକରଣ ଦାବି

**ପଟ୍ଟାମୁଣ୍ଡାଇ,୨୧।୯ (ସଂଚାର ବ୍ୟୁରୋ):** ପଟାମୁଣ୍ଡାଇ ବ୍ଲକର ୩୧ଟି ଗ୍ରାଃ ପ ଓ ପୌର ପରିଷଦର ୨୦ ଟି ୱାର୍ଡର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଦୁଇଟି ଥାନା ପ୍ରତିଷ୍ଠା କରାଯାଇଛି । ପୂର୍ବରୁ ଉପରୋକ୍ତ ସମସ୍ତ ଅଂଚଳ ପଟ୍ଟାମୁଣ୍ଡାଇ ଥାନା ଅଧୀନରେ ଥିଲା । ମାତ୍ର ଏହି ଥାନାଟି ଅଧିକ ଭାରାକ୍ରାନ୍ତ ହେବା ଓ ଆଇନଶୃଙ୍ଖଳା ବଜାୟ ରଖିବା ସର୍ବୋପରି ଲୋକମାନେ ତ୍ୱରିତ ନ୍ୟାୟ ପାଇବାରେ ଅସୁବିଧା ହେବାରୁ ତତ୍କାଳୀନ ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ଥାନାକୁ ବିଭକ୍ତ କରି ଆଦର୍ଶ ଥାନା ଓ ଗ୍ରାମାଞ୍ଚଳ ଥାନା ଦୁଇଟି ଥାନା ପ୍ରତିଷ୍ଠା କଲେ। ଫଳରେ ଲୋକମାନଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ ଉଭୟ ଥାନା ନିଜର ପ୍ରୟାସ ଜାରି ରଖିଛି । ପଟାମୁଣ୍ଡାଇ ସହରରେ ଥିବା ଆଦର୍ଶ ଥାନା ଉପରେ ପଟ୍ଟାମୁଣ୍ଡାଇ ବ୍ଲକର ୧୨ପଂଚାୟତ, ମୁନିସିପାଲିଟି ଓ କେନ୍ଦ୍ରାପଡ଼ା ବ୍ଲକର ୫ଟି ପଂଚାୟତକୁ ସାମିଲ କରାଯାଇଛି।

ସେହିଭଳି ଉତିକଣର ଅଂଚଳ ୧୮ଗୋଟି ପଞ୍ଚାୟତର ଜନସାଧାରଣଙ୍କ ସୁବିଧା ପାଇଁ ଚନ୍ଦନନଗର ପଞ୍ଚାୟତର ବନ୍ତୋ ଠାରେ ପ୍ରତିଷ୍ଠା କରାଯାଇଥିବା ଗ୍ରାମାଞ୍ଚଳ ଥାନା କାର୍ଯ୍ୟ କରୁଛି। ଏହି ଗ୍ରାମାଞ୍ଚଳ ଥାନା ସମ୍ମୁଖ ରାସ୍ତା ଦେଇ ବିଶ୍ୱ ପ୍ରସିଦ୍ଧ ଭିତର କନିକାକୁ ପ୍ରତ୍ୟହ ଶହଶହ ଗାଡି ଚଳାଚଳ କରିବା ସହିତ ଦେଶ ବିଦେଶର ପର୍ଯ୍ୟଟକ ଯାତାୟାତ କରୁଛନ୍ତି। ଏଥି ସହିତ ଉତିକଣର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଚନ୍ଦ୍ରମୌଳି ପୀଠକୁ ଭକ୍ତ ମାନଙ୍କ ଯାତାୟାତ ଲାଗି ରହିଛି ଏହି ରାସ୍ତା ଦେଇ ରାଜନଗର ପେଣ୍ଟ ବେଳାଭୂମି ଠାରୁ ଆରମ୍ଭ କରି ବହୁ ପୁରାତନ ପଞ୍ଚୁବରାହି ପୀଠ, ଆରାଧ୍ୟ ଦେବୀ ମା ମାଟିଆ ମଙ୍ଗଳା, ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମସ୍ଥାନ କେରେତାଗଡକୁ ଶହ ଶହ ଗାଡି ମଟର ଯାତାୟାତ କରିଥାଏ । ପଟ୍ଟାମୁଣ୍ଡାଇ ଠାରୁ ରାଜନଗର ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ନିଛାଟିଆ ହୋଇଥିବାରୁ ଚୋରୀ ରାହାଜାନି ଭୟ ରହିଛି।

ପଟାମୁଣ୍ଡାଇରୁ ଭିତରକନିକା ରାସ୍ତା ଭାୟା ମଦନପୁର କଲେଜ ରାସ୍ତାଟି ଆଲୋକୀକରଣ ହୋଇନଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ଭୋଗ କରୁଛନ୍ତି । ଏତଦଭିନ ଉତିକଣ ଅଞ୍ଚଳକୁ ବିଦ୍ୟୁତ ଯୋଗାଉ ଥିବା ଅଡ଼ାଯୋଡି ବିଦ୍ୟୁତ ସେକ୍ସନ ବାରମ୍ବାର ବିଦ୍ୟୁତକାଟ କରୁଥିବାରୁ ଗ୍ରାମାଞ୍ଚଳ ଥାନା ସମେତ ଉତିକଣ ଅଞ୍ଚଳର ଜନ ସାଧାରଣ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଅନ୍ଧକାର ମଧ୍ୟରେ ଅନେକ ଦୁର୍ଘଟଣା ଘଟୁଛି । ଅନ୍ଧକାର ଯୋଗୁଁ ନ୍ୟାୟ ପାଇଁ ଥାନାକୁ ଆସିଥିବା ଲୋକମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି।

ପଟାମୁଣ୍ଡାଇ ଭିତରକନିକା ଭୟା ମଦନପୁର କଲେଜ ରାସ୍ତାକୁ ଅବିଳମ୍ବେ ଆଲୋକୀକରଣ କରିବା ପାଇଁ ସ୍ଥାନୀୟ ଅଂଚଳ ବାସୀ ରାଜ୍ୟ ମୁଖ୍ୟମନ୍ତ୍ରୀ ଶକ୍ତିମନ୍ତ୍ରୀ ସାଂସଦ, ବିଧାୟକ ଓ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି ।

## ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କ ଦାବି

**କେନ୍ଦ୍ରାପଡା ,୨୧।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୧୯ ନମ୍ବର ୱାର୍ଡ ବଣିଆମାଳ ଗ୍ରାମର ଆଇନ୍‌ଜିବୀ ଉମେଶ ସିଂଙ୍କ ଘରଠାରୁ ବାଳକୃଷ୍ଣ ମଲ୍ଲିକଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀମାନେ ଦାବି କରି ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପୌରାଂଚଳର ୧୯ ନମ୍ବର ୱାର୍ଡର ଏହି ଗ୍ରାମର ରାସ୍ତାଟି ୨୦୦୮ ମସିହାରେ ନିର୍ମାଣ କରାଯାଇଥିଲା । ପ୍ରାୟ ୧୮ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ମରାମତି କିମ୍ବା ପୁନରୁଦ୍ଧାର ହୋଇପାରୁନଥିବାରୁ ଜରାଜୀର୍ଣ୍ଣ ଅବସ୍ଥାରେ ରାସ୍ତାଟି ରହିଛି । ଏହି ରାସ୍ତାରେ ଦୈନିକ ଶହ ଶହ ଲୋକ ମହିଳା, ବରିଷ୍ଠ ନାଗରିକଙ୍କ ସମେତ ସ୍କୁଲ୍ ଛାତ୍ରଛାତ୍ରୀ ଯିବା ଆସିବା କରନ୍ତି । ରାସ୍ତାରେ ଡ୍ରେନ୍ ପାଣି, ଅଳିଆ ଆବର୍ଜନା ଜମି ରହୁଥିବାବେଳେ ଖାଲ ଖମାରେ ଭି ହୋଇଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ବରିଷ୍ଠ ଆଇନ୍‌ଜିବୀ ଉମେଶ ଚନ୍ଦ୍ର ସିଂଙ୍କ ସମେତ ଅକ୍ଷୟ ଚନ୍ଦ୍ର ମହାପାତ୍ର, ଶାନ୍ତିଲତା ଦାସ, ମାତା ନାଏରେ, ସାର୍ଥକ ନାୟକ, ଶିବରାମ ବେହେରା ପ୍ରମୁଖ ଦାବି କରିଛନ୍ତି ।

## ସୁଦର୍ଶନ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସେବା ସଂକଳ୍ପ ପର୍ବ



**କେନ୍ଦ୍ରାପଡ଼ା,୨୧।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅଧିନସ୍ତ ଠାକୁରପାଟଣା ଉପ୍ର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆଜି ସୁଦର୍ଶନ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ "ସେବା ସଂକଳ୍ପ ପର୍ବ" ଠାକୁରପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହେଇଥିଲା। ଉକ୍ତ ପର୍ବରେ ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ତ ୨୧ଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏଥିରେ ବକ୍ତୃତା ବିକଶିତ ଭାରତ ଓ ଚିତ୍ରାଙ୍କନ ପ୍ରତଯୋଗିତା ହୋଇଥିଲା। ସିଆରସିସି କୁମାର ପୋଥଳ ଛାତ୍ରଛାତ୍ରୀ ମାନଂକୁ ଆଜିର ସେବା ସଂକଳ୍ପ ଦିବସର ଉଦେଶ୍ୟ ସମ୍ବନ୍ଧରେ କହିଥିଲେ। ଶିକ୍ଷା ଅଧିକାରୀ ଦେବଦତ୍ତ ସତପତି ଛାତ୍ରଛାତ୍ରୀ ମାନଙ୍କୁ ବିକଶିତ ଭାରତ ପାଇଁ ଶିକ୍ଷାର ଆବଶ୍ୟକତା ବିଷୟରେ କହିଥିଲେ। ସ୍କୁଲ ଅଭିଭାବକ କମିଟିର ଅଧ୍ୟକ୍ଷ ସନ୍ତୋଷ ପୋଥାଳ ଛାତ୍ରଛାତ୍ରୀ ମାନଂକୁ ବିକଶିତ ଭାରତ ଗଠନ ପାଇଁ ଶିକ୍ଷା ଏକ ବଳିଷ୍ଠ ମାଧ୍ୟମ ଶିକ୍ଷାର ବିକାଶ ନହେଲେ ଦେଶର ବିକାଶ ହେଇପାରିବନାହିଁ ବୋଲି କହିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀ ମାନଂକୁ ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମଣ୍ଡଳ ସ୍ତରରେ ଭାଗ ନେବା ପାଇଁ ନିର୍ଦେଶ ଦିଆଯାଇଥିଲା ।

## ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ପରିଷଦ ବୈଠକ




**କେନ୍ଦ୍ରାପଡ଼ା,୨୧।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସେଭେନ୍ସ ୟୁନିଅନ ମଣ୍ଡପରେ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ମାଧବ ଚନ୍ଦ୍ର ପତ୍ରୀଙ୍କ ଦ୍ୱାରା ଦେବକାର୍ଯ୍ୟ ଓ ବେଦପାଠ କରାଯାଇଥିଲା । ସାଧାରଣ ସମ୍ପାଦକ ନରୋତ୍ତମ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଉପସଭାପତି ପ୍ରହଲ୍ଲାଦ ମଲ୍ଲ ପ୍ରାରମ୍ଭିକ ସୂଚନା ସହ ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

ମୁଖ୍ୟଅତିଥି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମକେଶରୀ ବେହେରା, ବିଶିଷ୍ଟ ଅତିଥି ଭାବେ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଡା.ନିରଞ୍ଜନ ପରିଡା, ଡା. ଶରତ ଚନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଫକୀର ଚରଣ ଖଟୁଆ, ସମ୍ମାନିତ ଅତିଥି ଭାବେ ମହମ୍ମଦ ଆକବର ଅଲ୍ଲୀ, ଶରତ କୁମାର ବେହୁରା, ସୁବାଷ ଚନ୍ଦ୍ର ଦାସ ପ୍ରମୁଖ ଜିଲ୍ଲାର ଏହି ସ୍ୱାଭିମାନ ଓ ସମ୍ମାନଜନକ ସଂଗଠନର ବିଭିନ୍ନ କାର୍ଯ୍ୟଧାରାକୁ ପ୍ରଶଂସା କରି ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା, ସାମ୍ବିଧାନିକ ନ୍ୟାୟୋଚିତ ସାମାଜିକ ସୁରକ୍ଷା ଦେବା, ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟସେବା, ଅତିରିକ୍ତ ସ୍ୱାସ୍ଥ୍ୟଭା, କାର୍ଯ୍ୟାଳୟ ସହ ପାଠାଗାର ଓ ଚିବିନୋଦନ ଗୃହ ଯୋଗାଇଦେବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।

ବରିଷ୍ଠ କାର୍ଯ୍ୟକର୍ତ୍ତା ନିତ୍ୟାନନ୍ଦ ସୁଆର, ଅର୍ଥ ସମ୍ପାଦକ ରବିନ୍ଦ୍ର ନାଥ ବାରିକ, ସଂଯୋଜକ ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକର୍ତ୍ତା କିଶୋର ଚନ୍ଦ୍ର ପରିଡା, ବୈଷ୍ଣବ ଚରଣ ପ୍ରଧାନ, ଗଗନବିହାରୀ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବସନ୍ତ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

## ଷ୍ଟୋନ କ୍ରସରରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକ

### ମୃତଦେହ ରଖି କ୍ଷତିପୂରଣ ଦାବି, ୧୦ ଲକ୍ଷ ଟଙ୍କା ପରେ ହଟିଲା ଅବରୋଧ



**ଢେଙ୍କାନାଳ,୨୧।୯ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ହିନ୍ଦୋଳ ରୋଡ୍ ନିକଟରେ ଥିବା ଏକ ଷ୍ଟୋନ କ୍ରସରରେ ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ନେଇ ଆଜି ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶ୍ରମିକଙ୍କ ପରିବାର ଓ ଗ୍ରାମବାସୀ ମୃତଦେହକୁ ରାସ୍ତାରେ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଦୀର୍ଘ ସମୟ ଧରି ରାସ୍ତାରୋକ ଯୋଗୁଁ ଯାତାୟାତ ପ୍ରଭାବିତ ହୋଇଥିଲା।

ସୂଚନା ଅନୁଯାୟୀ, ଗତକାଲି ହିନ୍ଦୋଳ ରୋଡ୍ ନିକଟରେ ଥିବା ଏକ ଷ୍ଟୋନ କ୍ରସରରେ କାର୍ଯ୍ୟ କରୁଥିବା ଶ୍ରମିକ ଯଦୁମଣି ପଟ୍ଟନାୟକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଯଦୁମଣି କ୍ରସରରେ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ମୁଳିସିଂହ ଗ୍ରାମରେ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ କ୍ରସର ପକ୍ଷରୁ ଯଦୁମଣିଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ତେବେ ଘଟଣା ସମ୍ପର୍କରେ ସେମାନଙ୍କୁ ସଠିକ୍ ଭାବେ ଜଣାଇ ନଥିବା ଏବଂ ମୃତଦେହ ହସ୍ତାନ୍ତର ନେଇ ସମସ୍ୟା ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ କ୍ରସର ମାଲିକଙ୍କ ବିରୋଧରେ ପରିବାର ପକ୍ଷରୁ ବିଭିନ୍ନ ଅଭିଯୋଗ ମଧ୍ୟ ଅଣାଯାଇଛି।

ଆଜି ପରିବାର ଲୋକ ମୃତଦେହ ଆଣିବା ପରେ ତାହାକୁ ନେଇ ରାଜରାସ୍ତାରେ ରଖିଥିଲେ। ମୃତ ଯଦୁମଣିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନ କରାଯିବା ପର୍ଯ୍ୟନ୍ତ ରାସ୍ତାରୋକ ହଟାଇବେ ନାହିଁ ବୋଲି ପରିବାର ଓ ଗ୍ରାମବାସୀ ଅଡ଼ି ବସିଥିଲେ। ସେମାନେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ ସଦର ତହସିଲଦାର ଓ ସଦର ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନେଇ ସମାଧାନ ହୋଇଥିଲା। ଏହାପରେ ପରିବାର ଓ ଗ୍ରାମବାସୀ ରାସ୍ତାରୋକ ହଟାଇଥିଲେ।

## ଯୋଡ଼ା ବ୍ଲକରେ ଜିଲ୍ଲାପାଳ-ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି




**ଯୋଡ଼ା, ୨୧।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ସମସ୍ୟା ସମ୍ପର୍କିତ ମୋଟ ୮୪ଟି ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ଗ୍ରାମ ଓ ପଞ୍ଚାୟତ ରାସ୍ତା, ପାନୀୟଜଳ ଯୋଗାଣ, ବିଦ୍ୟୁତ, ନିଯୁକ୍ତି, ଜମି ପଟ୍ଟା ଓ ଅଧିଗ୍ରହଣ, ବିଭିନ୍ନ ଭତ୍ତା ସମେତ ଅନ୍ୟାନ୍ୟ ସମସ୍ୟା ନେଇ ଲୋକମାନେ ଅଭିଯୋଗ ଜଣାଇଥିଲେ।

ଏହି ଅବସରରେ ଜିଲ୍ଲାପାଳ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଅଭିଯୋଗ ଶୁଣାଣି ସମୟରେ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ।

ଅଭିଯୋଗ ଶୁଣାଣି ସମୟରେ ଶିଆଳିଯୋଡ଼ା ଗ୍ରାମର ଶତାଧିକ ମହିଳା ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ଗ୍ରାମରେ ଥିବା ମଦ ଦୋକାନ ବନ୍ଦ କରିବା ପାଇଁ ଦାବି ଜଣାଇଥିଲେ। ମଦ ଦୋକାନ ଯୋଗୁଁ ଗ୍ରାମରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ନେଇ ସେମାନେ ଅଭିଯୋଗ କରିଥିବା ଜଣାପଡ଼ିଛି।

ସେହିପରି ଦେଓଝର ପଞ୍ଚାୟତର ଗ୍ରାମବାସୀମାନେ ମଧ୍ୟ ଜିଲ୍ଲାପାଳଙ୍କୁ ଭେଟି ରିମୁଳିଠାରୁ ଗୁଆଲି ପର୍ଯ୍ୟନ୍ତ ଜାତୀୟ ରାଜପଥର ଦୁରବସ୍ଥା ସମ୍ପର୍କରେ ଅଭିଯୋଗ କରିଥିଲେ। ରାସ୍ତାର ଅବସ୍ଥା ଗୁରୁତର ଥିବାରୁ ଏହାର ତୁରନ୍ତ ମରାମତି କରିବାକୁ ସେମାନେ ଦାବି ଜଣାଇଥିଲେ।

ଏଥିସହ ଜାତୀୟ ରାଜପଥ ଉପରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବାରୁ ରାତି ସମୟରେ ଦୁର୍ଘଟଣା ଘଟୁଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଲୋକମାନେ ଦାବି କରିଥିଲେ।

ଅଭିଯୋଗଗୁଡ଼ିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ନେଇ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

## ୯ ଶ୍ରେଣୀକୁ ୪ ଶିକ୍ଷକ, ପାଠପଢ଼ାରେ ବ୍ୟାପକ ଅବ୍ୟବସ୍ଥା

**କେନ୍ଦ୍ରାପଡା,୨୧।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ପଂଚାୟତରେ ଥିବା ବିବି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୯ଟି ଶ୍ରେଣୀ ରହିଛି । ଏହାର ଛାତ୍ର/ଛାତ୍ରୀଙ୍କ ସଂଖ୍ୟା ଶହେରୁ ଉର୍ଦ୍ଧ୍ୱ । ବର୍ତ୍ତମାନ ଏଥିରେ ୫ଜଣ ଶିକ୍ଷକ ଥିବାବେଳେ ଜଣଙ୍କର ବଦଳୀ ନିର୍ଦ୍ଦେଶ ହୋଇଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ସ୍କୁଲ କମିଟି ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଭେଟି ବଦଳି ହୋଇଥିବା ଶିକ୍ଷକଙ୍କ ଆଦେଶକୁ ବାତିଲ୍ କରିବା ପାଇଁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ପିତାମ୍ବର ସାହୁ, ମେନକା ସାହୁ, ମାନଗୋବିନ୍ଦ ସାହୁ, ନିରଞ୍ଜନ ସାହୁ, କେଶବ କୁଣ୍ଡୁଙ୍କ ସହିତ ସ୍କୁଲ କମିଟିର ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ ।

## ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲ୍ଡିଂ ଏବଂ ଅଲଟ୍ରା ସାଉଣ୍ଡ ସେବା ଲୋକାର୍ପିତ




**ବାଲିଅନ୍ତା,୨୧।୯ (ସଂଚାର ବ୍ୟୁରୋ):** ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଜି ନୂଆ ଅତିରିକ୍ତ ନୂତନ ବିଲ୍ଡିଂ ଉଦଘାଟିତ ହୋଇଯାଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ରାୟ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ଏବଂ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ଜିଲ୍ଲା ପରିଷଦ ସଭ୍ୟ କୁନମୁନ ଲେଙ୍କା, ସ୍ଥାନୀୟ ସମିତି ସଭ୍ୟ ଗଙ୍ଗାଧର ମାହାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାପରେ ଆତିଥବୃନ୍ଦ ଅଲଟ୍ରାସାଉଣ୍ଡ ସେବାର ଶୁଭାରମ୍ଭ ହୋଇଥିଲା ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାକକ୍ଷରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ । ବିପିଏମ ଆରତୀ ସାହୁ ପାର୍କିଂ ସେଡ଼, ଥଣ୍ଡା ପାନୀୟ ଜଳ ପ୍ରକଳ୍ପ, ସୌଚାଳୟ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା, ଔଷଧପତ୍ର ସଂରକ୍ଷଣ ଗୃହ ଝରକା, କବାଟ,ଏସି, ବିଦ୍ୟୁତ ସାମଗ୍ରୀ ମରାମତି, ଔଷଧପତ୍ର ବୋହି ନେବା ପାଇଁ ର୍ୟାମ୍ପ ବ୍ୟବସ୍ଥା, ମୁଖ୍ୟ ବିଲ୍ଡିଂ ରଙ୍ଗକାମ, ଆଲୋକୀକରଣ,ପୁଲିସ ପାଟ୍ରୋଲିଂ , ପମ୍ପ ହାଉସ ଆନୁଷଙ୍ଗିକ ଉନ୍ନତୀକରଣ ନେଇ ଆଲୋଚନା ହୋଇଥିଲା । ଅତିଥିବୃନ୍ଦ ଚାରା ରୋପଣ କରିଥିଲେ । ରକ୍ତଦାନ ଶିବିରରୁ ମୋଟ ୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

# 'ଅଙ୍ଗନ ଉତ୍ସବ' ପ୍ରସ୍ତୁତିର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ଆୟୋଜିତ ହେବାକୁ ଥିବା 'ଅଙ୍ଗନ ଉତ୍ସବ'ର ପ୍ରସ୍ତୁତି ନେଇ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭିକ ଶିଶୁ ଯତ୍ନ, ପୋଷଣ, ସ୍ୱାସ୍ଥ୍ୟ ଓ ସମୁଦାୟର ସହଭାଗିତାକୁ ସୁଦୃଢ଼ କରିବାରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଲୋକାଲୋଚନକୁ ଆଣିବା ଲକ୍ଷ୍ୟରେ ଏହି ତିନିଦିନିଆ ଉତ୍ସବର କାର୍ଯ୍ୟକାରିତା, ପ୍ରଭାବୀ ସମନ୍ୱୟ ଓ ବ୍ୟାପକ ପ୍ରସ୍ତୁତି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ପ୍ରସ୍ତୁତିର ସମୀକ୍ଷା କରି ଉପମୁଖ୍ୟମନ୍ତ୍ରୀ ସମସ୍ତ ଅଂଶୀଦାରଙ୍କ ସକ୍ରିୟ ସହଭାଗିତାରେ ଏହି ଉତ୍ସବକୁ ଅର୍ଥପୂର୍ଣ୍ଣ, ସମାବେଶୀ ଓ ଜନକୈନ୍ଦ୍ରିକ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାରେ ଏହି ଉତ୍ସବର ସଫଳ ଆୟୋଜନ ପାଇଁ ପ୍ରସ୍ତାବିତ କାର୍ଯ୍ୟକ୍ରମ, ବ୍ୟବସ୍ଥା ଓ ସମନ୍ୱୟ ପ୍ରକ୍ରିୟାର ମଧ୍ୟ ସମୀକ୍ଷା କରିଛନ୍ତି। ତୃଣମୂଳ ସ୍ତରରେ ଯୋଜନାବଦ୍ଧ କାର୍ଯ୍ୟକ୍ରମଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ଓ ଅଧିକରୁ ଅଧିକ ଜନସାଧାରଣଙ୍କ ସମ୍ପୃକ୍ତି ସୁନିଶ୍ଚିତ କରିବାକୁ ସେ ଅଫିସରମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ଆଜିଠୁ ସାଂଘାଇ ବିଶ୍ୱ ଦକ୍ଷତା ମହାକୁମ୍ଭ

ଭାରତୀୟ ଦଳରେ ୧୩ ଓଡ଼ିଆ




ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ୨୭ ତାରିଖ ମଧ୍ୟରେ ଚୀନର ସାଂଘାଇରେ ଆୟୋଜିତ ହେଉଥିବା ୪୮ତମ ୱାର୍ଲ୍ଡ ସ୍କିଲ୍ସ କମ୍ପିଟିସନ-୨୦୨୬ରେ ଓଡ଼ିଶାରୁ ୧୩ ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି। ସାଂଘାଇର ନ୍ୟାସନାଲ ଏକ୍ଜିବିସନ ଆଣ୍ଡ କନଭେନସନ ସେଣ୍ଟରରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ସମେତ ୭୦ଟି ରାଷ୍ଟ୍ରର ପ୍ରାୟ ୧୪୦୦ ଯୁବକଯୁବତୀ ମୋଟ୍ ୬୪ଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୱାର୍ଲ୍ଡ ସ୍କିଲ୍ସ କମ୍ପିଟିସନରେ ଭାଗ ନେବା ପୂର୍ବରୁ ପ୍ରତ୍ୟେକ ରାଷ୍ଟ୍ର ସେମାନଙ୍କର ଆଞ୍ଚଳିକ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରି ସେଥିରୁ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଏହି ପ୍ରତିଯୋଗିତା ପାଇଁ ଚୟନ କରିଛନ୍ତି। ଏହି କ୍ରମରେ ଭାରତରେ ଆୟୋଜିତ ଇଣ୍ଡିଆ ସ୍କିଲ୍ସ କମ୍ପିଟିସନରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ ସାଂଘାଇ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି।

ପୂର୍ବରୁ ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆ ସ୍କିଲ୍ସ କମ୍ପିଟେସନ ୨୦୨୫-୨୬ରେ ସର୍ବାଧିକ ପଦକ ହାସଲ କରି ପଦକ ତାଲିକାର ଶୀର୍ଷରେ ରହିଥିଲା ଓଡ଼ିଶା। ସେଥିମଧ୍ୟରୁ ଶ୍ରେଷ୍ଠ ୧୩ ଜଣ ଭାରତୀୟ ଦଳରେ ସାମିଲ ହୋଇ ସାଂଘାଇରେ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ। ସେହି ୧୩ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଅଛନ୍ତି ଲ୍ୟାଣ୍ଡସ୍କେପ ଗାର୍ଡେନିଂରେ ଦେବାଶିଷ ଗୌଡ଼ ଓ ପ୍ରସାଦ କୁମାର ଦାସ, ୱେବ ଟେକ୍ନୋଲୋଜିରେ ପ୍ରିୟାଂଶୁ ଦେ', ହୋଟେଲ ରିସେପସନରେ ରଶ୍ମିତା କୌର ହଂସପାଲ, ଅଟୋନୋମସ ମୋବାଇଲ ରୋବୋଟିକ୍ସରେ ଦେବାଶିଷ ପଣ୍ଡା ଓ ଆଦିତ୍ୟ ପ୍ରକାଶ, ୱାଟର ଟେକ୍ନୋଲୋଜିରେ ପୀତାମ୍ବରମ ଋଷିକେଶ, ଗ୍ରାଫିକ୍ସ ଡିଜାଇନିଂରେ ରାଜୀବ ଲୋଚନ ଚାନ୍ଦ, ଇଣ୍ଡଷ୍ଟ୍ରିଆଲ ମେକାନିକ୍ସରେ ଜଗନ୍ନାଥ ମିଶ୍ର, ରେସ୍ତୋରାଁ ସର୍ଭିସରେ ଝାନ୍ସୀରାଣୀ ରାଉତ, ପାଟିସେରୀ ଆଣ୍ଡ କନଫେକ୍ସନାରୀରେ କ୍ରିଷ୍ଣାଞ୍ଜଳି ସାହୁ, ସିଏନସି ଟର୍ନିଂରେ ପର୍ଶୁରାମ ମାଝୀ ଓ ଇଣ୍ଡଷ୍ଟ୍ରିଆଲ କଣ୍ଟ୍ରୋଲରେ ସୁମିତ ଭୁଜବଳ।

ଭାରତୀୟ ଦଳ ପ୍ରତିଯୋଗିତାରେ ଭାଗ ନେବା ପାଇଁ ନୂଆଦିଲ୍ଲୀରୁ ବ୍ୟାଙ୍ଗକକ୍ ଦେଇ ସାଂଘାଇରେ ପହଞ୍ଚିଛନ୍ତି। ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏହି ପ୍ରତିଯୋଗିତାରେ ଭାରତ ଭଲ ପ୍ରଦର୍ଶନ କରିବା ନେଇ ଆଶା ରଖିଥିବା ବେଳେ ଓଡ଼ିଶାର ୧୩ ଜଣ ପ୍ରତିଯୋଗୀ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାର ଏହି ୧୩ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆଇଟିଆଇ, ବ୍ରହ୍ମପୁରର ଦୁଇ ଜଣ ଛାତ୍ର ଦେବାଶିଷ ଗୌଡ଼ ଓ ପ୍ରସାଦ କୁମାର ଦାସ ଲ୍ୟାଣ୍ଡସ୍କେପ ଗାର୍ଡେନିଂ ବର୍ଗରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଉଭୟ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ସ୍କିଲ୍ସ-୨୦୨୫-୨୬ରେ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସାଂଘାଇ ଗସ୍ତ ପୂର୍ବରୁ ଉଭୟ ଅହମଦାବାଦ୍ ଓ ନୋଏଡାରେ ଜୋରଦାର ଅଭ୍ୟାସ କରିବା ସହ ପ୍ରଶିକ୍ଷକଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ।

# ପିଜିଟି ଶିକ୍ଷକଙ୍କ ପାଇଁ ତାଲିମ୍ କର୍ମଶାଳା



ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କ ନିମନ୍ତେ ତାଲିମ୍ କର୍ମଶାଳାର ଆୟୋଜନ କରାଯାଇଛି। ଶିରିପୁରସ୍ଥିତ ଇମେକ୍ଟୋରେ ପ୍ରାୟ ୧୦୦ ଜଣ ଓଡ଼ିଆ ବିଷୟର ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଏହି ତାଲିମ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉଦ୍ଘାଟନୀ ଅଧିବେଶନରେ ପିଏମ୍-ପୋଷଣ ଷ୍ଟେଟ୍ ନୋଡାଲ୍ ଅଫିସର୍ ଭବାନୀ ପ୍ରସାଦ ମିଶ୍ର, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ସ୍ନିଗ୍ଧା ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ସିଏଚ୍ ବିଜୟଲକ୍ଷ୍ମୀ ଉପସ୍ଥିତ ଥିଲେ।

ଏହି ଅବସରରେ ପିଏମ୍-ପୋଷଣ ଷ୍ଟେଟ୍ ନୋଡାଲ୍ ଅଫିସର୍ ଶ୍ରୀ ମିଶ୍ର ଶିକ୍ଷକମାନଙ୍କୁ ଛାତ୍ରଛାତ୍ରୀମାନଙ୍କର ଆଦର୍ଶ ହେବାକୁ କହିଥିଲେ। ସେ କହିଥିଲେ ଯେ ଶିକ୍ଷକଙ୍କ ଦକ୍ଷତାକୁ ବୃଦ୍ଧି ଏହାର ଉପଯୋଗିତାକୁ ବୁଝିବା ହେଉଛି ତାଲିମ୍ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ଛାତ୍ର ଓ ଶିକ୍ଷକ ମଧ୍ୟରେ ରହୁଥିବା ବ୍ୟବଧାନକୁ ଚିହ୍ନଟ କରି ଏହାର ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସର୍ବଦା ଜ୍ଞାନ ଆହରଣ ପ୍ରକ୍ରିୟା ଜାରି ରଖିବାକୁ ଉପଦେଶ ଦେଇଥିଲେ। ଶିକ୍ଷା ଦେବା ନିମନ୍ତେ ନିଜେ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ।

ସେହିପରି ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି ସ୍ୱାଗତ ଅଭିଭାଷଣ ରଖିବା ସହ ଏହି ପାଞ୍ଚଦିନିଆ ତାଲିମ୍ କର୍ମଶାଳାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଯୁଗ୍ମ ନିର୍ଦ୍ଦେଶକ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଦେଇଥିବା ବେଳେ ଉପନିର୍ଦ୍ଦେଶିକା ଶ୍ରୀମତୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟପାଳ

# ଯୁବପିଢ଼ି ପାଇଁ ନୂଆ ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ



ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ଯୁବପିଢ଼ିଙ୍କୁ ଦକ୍ଷତା, ଜ୍ଞାନ, ଆତ୍ମବିଶ୍ୱାସ ଓ ସୁଯୋଗ ଯୋଗାଇ ଦେବା ଭଳି ଏକ ସୁଦୃଢ଼ ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଏହା ମାଧ୍ୟମରେ ଯୁବକ-ଯୁବତୀମାନେ ନବସୃଜନ, ଉଦ୍ୟୋଗୀକରଣ ଓ ସ୍ଥାୟୀ ବିକାଶରେ ନିଜର ଅବଦାନ ରଖିପାରିବେ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି।

ସୋମବାର 'ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା ୨୦୨୬' କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଥିଲେ ଯେ ଯୁବପିଢ଼ିଙ୍କୁ ନୂଆ ଉଦ୍ୟୋଗ ପ୍ରତିଷ୍ଠା, ଗବେଷଣା, ଉଦ୍ଭାବନ ପ୍ରଯୁକ୍ତିର ବ୍ୟବହାର ଏବଂ ପରିବେଶ ଅନୁକୂଳ ଓ ସ୍ଥାୟୀ ସମାଧାନ ବିକଶିତ କରିବା ପାଇଁ ଉତ୍ସାହିତ କରାଯିବା ଦରକାର। ଓଡ଼ିଶାର ପ୍ରଗତିରେ ଅବଦାନ ରଖୁଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରୁଥିବାରୁ ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍କୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏଭଳି ପଦକ୍ଷେପ ଉତ୍କର୍ଷତାକୁ ସମ୍ମାନ ଦେବା ସହ ନୂଆ ଆକାଂକ୍ଷା ସୃଷ୍ଟି କରେ ଏବଂ ରାଜ୍ୟର ବିକାଶ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ମଜବୁତ କରେ ବୋଲି ସେ କହିଥିଲେ।

ଏଥିସହ ସେ କହିଥିଲେ ଯେ କୃତ୍ରିମ ବୁଦ୍ଧିମତା, ସେମିକଣ୍ଡକ୍ଟର, ରୋବୋଟିକ୍ସ, କ୍ୱାଣ୍ଟମ୍ ପ୍ରଯୁକ୍ତି, ଅକ୍ଷୟ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍, ଡିଜିଟାଲ୍ ଭିତ୍ତିଭୂମି, ଉନ୍ନତ ଉତ୍ପାଦନ, ମହାକାଶ ପ୍ରଯୁକ୍ତି ଓ ବ୍ଲୁ ଇକୋନୋମି ଭଳି କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଯୁବପିଢ଼ି ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି।

■ ଓଟିପି ଓ କ୍ରିଡେନ୍ସିଆଲ୍ ଅନଧିକୃତ ବ୍ୟବହାର ମାମଲା

# ଧାମନଗର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ ସୁପାରିସ

ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ଧାମନଗର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ୪୬-ଧାମନଗର ନିର୍ବାଚନମଣ୍ଡଳୀର ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ନିଲମ୍ବନ (ସସପେଣ୍ଡ) କରିବା ସହ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୁପାରିଶ କରିଛନ୍ତି। ଏ ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ଭାରତୀୟ ନିର୍ବାଚନ କମିଶନ ଓ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମୋଦନ ଓ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ କାର୍ଯ୍ୟାଳୟରୁ ୨୧ ସେପ୍ଟେମ୍ବର ୨୦୨୬ରେ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଏ ସମ୍ପର୍କରେ ଚିଠି ଦିଆଯାଇଥିଲା। ଚିଠିରେ ଉଲ୍ଲେଖ ଅନୁଯାୟୀ, ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ସମୟରେ ବିଏଲ୍ଓମାନଙ୍କ ପରିଚୟପତ୍ର/ କ୍ରେଡେନ୍ସିଆଲ୍ ଓ ଓଟିପିର ଅନଧିକୃତ ବ୍ୟବହାର ସହ ଫର୍ମ-୭ର ଅନଧିକୃତ ଦାଖଲ ଓ ଅପଲୋଡ୍ କରାଯାଇଥିବା ଅଭିଯୋଗ ନେଇ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିର୍ବାଚନ ଆୟୋଗଙ୍କ ଅନୁମୋଦନ ପରେ ଶ୍ରୀ ନାୟକଙ୍କୁ ନିୟମାନୁସାରେ ତୁରନ୍ତ ନିଲମ୍ବନ କରିବା ଓ ଗୁରୁତର ଦଣ୍ଡ ସମ୍ବନ୍ଧୀୟ ପୂର୍ଣ୍ଣାଙ୍ଗ ଚାର୍ଜ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଭଦ୍ରକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

■ ଶିବାଙ୍ଗୀଙ୍କୁ ମିଳିଲା ତ୍ୱରିତ ସ୍ୱାସ୍ଥ୍ୟ ସହାୟତା

# ଏମ୍ସରେ ହେଲା ହାତର ଅସ୍ତ୍ରୋପଚାର



ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ଦିବ୍ୟାଙ୍ଗ ଶିଶୁ ଶିବାଙ୍ଗୀ ବୈଷ୍ଣବୀ ନାୟକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ଅସୁବିଧା କଥା ଜାଣି ଶିବାଙ୍ଗୀଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ଶିବାଙ୍ଗୀଙ୍କ ଆବଶ୍ୟକ ଚିକିତ୍ସା ସୁନିଶ୍ଚିତ କରାଯାଇଥିଲା। ଏମ୍ସ ଭୁବନେଶ୍ୱରରେ ତାଙ୍କ ହାତର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ତାଙ୍କର ଚିକିତ୍ସା ଓ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯାଇଥିବା ସହ ହସ୍ପିଟାଲରେ ତାଙ୍କ ଚିକିତ୍ସା ସୁଚାରୁ ଭାବେ ଚାଲିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଛି। ମାଇକ୍ରୋବ୍ଲଗିଙ୍ଗ ସାଇଟ ଏକ୍ସରେ ଦେବୀପ୍ରସାଦ ନାମକ ଜଣେ ଯୁବକ ଏ ବାବଦରେ ଜଣାଇବା ପରେ ମନ୍ତ୍ରୀ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଶିବାଙ୍ଗୀଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରତି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହାୟତା ନିରନ୍ତର ରହିଛି। ଗତ ୨୦୨୫ରେ ମଧ୍ୟ ତାଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବା ସହ ଶିବାଙ୍ଗୀଙ୍କୁ ଏକ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯିବାରେ ସହଯୋଗ କରାଯାଇଥିଲା। ଶିବାଙ୍ଗୀଙ୍କ ଚିକିତ୍ସା ଓ ଆବଶ୍ୟକ ସହାୟତା ପାଇଁ ତ୍ୱରିତ ପଦକ୍ଷେପ ନେଇଥିବାରୁ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ଶିବାଙ୍ଗୀଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି।

# ଏଣିକି ୧୨ ଘଣ୍ଟା ଖୋଲିବ ପରିଜା ଲାଇବ୍ରେରୀ

ସକାଳ ୮ରୁ ସନ୍ଧ୍ୟା ୮ ଯାଏ ପଢ଼ିପାରିବେ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ପରିଜା ଲାଇବ୍ରେରୀ ଏଣିକି ୧୨ ଘଣ୍ଟିଆ ଖୋଲା ରହିବ। ଆଗରୁ ପ୍ରାୟ ୧୦ ଘଣ୍ଟା ଖୋଲାଯାଉଥିଲା। ସକାଳ ୯ଟାରୁ ସନ୍ଧ୍ୟା ୭ଟା ଯାଏ ଏହି ଲାଇବ୍ରେରୀ ଖୋଲାଯାଉଥିଲା। ମାତ୍ର ଏବେ ସକାଳ ୮ଟାରୁ ସଂଧ୍ୟା ୮ଟା ପର୍ଯ୍ୟନ୍ତ ଲାଇବ୍ରେରୀ ଖୋଲା ରହିବ। ଏଥିସହ ରିଡିଂ ରୁମ୍ ମଧ୍ୟ ଖୋଲା ରହିବ। ଆଜିଠୁ ୧୨ ଘଣ୍ଟିଆ ଲାଇବ୍ରେରୀ ସେବାର ଶୁଭାରମ୍ଭ ହୋଇଛି। ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟରେ ଶ୍ରେଣୀ ଗୃହ ପାଠପଢ଼ା ବାଦ୍ ଲାଇବ୍ରେରୀରେ ନିଜକୁ ସମୟ ଦେଇପାରିବେ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ପରିଜା ଲାଇବ୍ରେରୀ ଆର୍ଏଫ୍ଆଇଡି ଟେକ୍ନୋଲୋଜି ସହ ଇ-ଗ୍ରନ୍ଥାଳୟ ଲାଇବ୍ରେରୀ ମ୍ୟାନେଜ୍ମେଣ୍ଟ ସଫ୍ଟୱେର ଦ୍ୱାରା ପୂରା ଅଟୋମେଟିକ୍ ରହିଛି। ଏଥିସହ ଏଠାରେ ମାଗଣା ୱାଇଫାଇ ସୁବିଧା ରହିଛି। ଏଠାରେ ୨ଲକ୍ଷ ୭୧ ହଜାର ୫୦୦ଟି ବହି ଅଛି। ୫ହଜାର ୮୦୦ ମନୁସ୍କ୍ରିପ୍ଟ ଓ ୫ ହଜାର ୬୦୦ ପିଏଚ୍ଡି ଥେସିସ୍ ରହିଛି। ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଆଉ ଦୁଇ ଘଣ୍ଟା ସମୟ ଅବଧି ବୃଦ୍ଧି କରିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ କହିଛନ୍ତି, ଆଗରୁ ୧୦ ଘଣ୍ଟା ଖୋଲାଯାଉଥିଲା। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ଆଉ ୨ ଘଣ୍ଟା ଖୋଲାଯିବ। ଏହି ସୁବିଧା ଆସନ୍ତାକାଲିଠୁ ଉପଲବ୍ଧ ରହିବ।

# ଜଙ୍ଗଲରୁ ହାତୀର ଗଳିତ ଶବ ଉଦ୍ଧାର

● ଦନ୍ତା ଆକ୍ରମଣରେ ଜଣେ ମୃତ

ସୁନ୍ଦରଗଡ଼,୨୧।୯ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକର ରାଇପୁରିଆ ରିଜର୍ଭ ଜଙ୍ଗଲରୁ ଆଜି ଏକ ଦନ୍ତା ହାତୀର ଗଳିତ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିବା ବେଳେ ହାତୀ ମରି ପଡ଼ିଥିବା ଦେଖି ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ଜରଦା ରେଞ୍ଜର୍ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଡିଏଫଓଙ୍କୁ ସୂଚନା ଦେଇଥିଲେ। ଗତ କିଛି ଦିନ ହେଲା ଏହି ଦନ୍ତା ହାତୀଟି ଅସୁସ୍ଥ ହୋଇ ଜଙ୍ଗଲରେ ବୁଲୁଥିବା ବେଳେ ବନ ବିଭାଗ ହାତୀର ଗତିବିଧି ଉପରେ ନଜର ରଖିଥିଲା। ତେବେ ହାତୀର ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ଡିଏଫଓ ଓ ଏସିଏଫ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେପଟେ ଢେଙ୍କାନାଳ ବନଖଣ୍ଡର କପିଳାସ ବନାଞ୍ଚଳରେ ଏକ ଦନ୍ତା ହାତୀର ଉପଦ୍ରବ ଦେଖିବାକୁ ମିଳିଛି। ଗତକାଲି ରାତିରେ ଶୋରିଶିଆପଦା ପଞ୍ଚାୟତର ରାମେଇ ଗାଁରେ ଉକ୍ତ ଦନ୍ତା ହାତୀଟି ଘର ଭାଙ୍ଗି ଶୋଇଥିବା ଅବସ୍ଥାରେ ଜଣେ ଯୁବକଙ୍କୁ ଟାଣି ଆଣି କଚାଡ଼ି ମାରି ଦେଇଛି। ଫଳରେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ରାମେଇ ଗାଁର ୪୦ ବର୍ଷୀୟ ପ୍ରମୋଦ ଭୋଇ ବୋଲି ଜଣାପଡ଼ିଛି। ଖବର ପାଇ କପିଳାସ ବନ କର୍ମଚାରୀ ଆଜି ସକାଳେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅନ୍ୟପକ୍ଷରେ ଦନ୍ତାଟି ପାଖ ଜଙ୍ଗଲକୁ ପଳାଇଥିବା ଜଣାପଡ଼ିଛି। ତେବେ ଦନ୍ତା ହାତୀର ଏପରି ଉପଦ୍ରବରେ ଶୋରିଶିଆପଦା ପଞ୍ଚାୟତବାସୀ ବେଶ୍ ଆତଙ୍କିତ ହୋଇପଡ଼ିଛନ୍ତି।

ସମ୍ଭାବ୍ୟ ଲଗାଣ ବର୍ଷା ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

# ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଣକୁ ଗୁରୁତ୍ୱ



ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ସମ୍ଭାବ୍ୟ ଲଗାଣ ବର୍ଷାର ସଫଳ ମୁକାବିଲା ସମୟରେ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନେଇ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଆଭାସୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ଭାବ୍ୟ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା, ଔଷଧ ଓ ଆବଶ୍ୟକ ଚିକିତ୍ସା ସାମଗ୍ରୀର ଉପଲବ୍ଧତା, ଆମ୍ବୁଲାନ୍ସ ବ୍ୟବସ୍ଥା ଓ ହସ୍ପିଟାଲଗୁଡ଼ିକର ପ୍ରସ୍ତୁତି ଆଦି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ସମସ୍ତ ଜିଲ୍ଲାରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବା ସହ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ କହିଥିଲେ। ଲଗାଣ ବର୍ଷା ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ଚିକିତ୍ସା ସେବା ଉପଲବ୍ଧ କରାଇବା ସହ ହସ୍ପିଟାଲରେ ଆବଶ୍ୟକ ପ୍ରସ୍ତୁତି ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ସମ୍ଭାବ୍ୟ ବର୍ଷାକୁ ନେଇ ଜନସାଧାରଣ ଭୟଭୀତ ନ ହୋଇ ପ୍ରଶାସନ ଓ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ କହିଛନ୍ତି।

# ବେଦାନ୍ତ ଦେଶର ଦ୍ୱିତୀୟ ବୃହତ୍ତମ ଏସ୍ଇଜେଡ୍ ସାମଗ୍ରୀ ରପ୍ତାନିକାରୀ



ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ଦେଶର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଝାରସୁଗୁଡ଼ାସ୍ଥିତ ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳକୁ କେନ୍ଦ୍ର କରି ଭାରତର ଦ୍ୱିତୀୟ ବୃହତ୍ତମ ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ ସାମଗ୍ରୀ ରପ୍ତାନିକାରୀ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନୀ ୩.୫ ବିଲିୟନ୍ ଆମେରିକୀୟ ଡଲାରର ସାମଗ୍ରୀ ରପ୍ତାନୀ କରିଛି, ଯାହା ଭାରତର ମୋଟ ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ ସାମଗ୍ରୀ ରପ୍ତାନୀର ପ୍ରାୟ ୬ ପ୍ରତିଶତ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା, କାରଣ ଭାରତର ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ ରପ୍ତାନୀ କ୍ଷେତ୍ରରେ ସେବା କ୍ଷେତ୍ରର ପ୍ରାଧାନ୍ୟ ଜାରି ରହିଛି। ରପ୍ତାନିକାରୀ ୟୁନିଟ୍ ଓ ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ ପାଇଁ ରପ୍ତାନୀ ପ୍ରୋତ୍ସାହନ ପରିଷଦର ସଦ୍ୟତମ ବାଣିଜ୍ୟ ତଥ୍ୟ ଅନୁଯାୟୀ ଦେଶର ମୋଟ ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ ରପ୍ତାନୀର ୬୦ ପ୍ରତିଶତରୁ ଅଧିକ ଅଂଶ ସେବା କ୍ଷେତ୍ରର। ବେଦାନ୍ତ ଆଲୁମିନିୟମ୍ର ଉତ୍ପାଦ ୟୁରୋପ, ଆମେରିକା, ଜାପାନ ଓ ଦକ୍ଷିଣ-ପୂର୍ବ ଏସିଆ ସମେତ ୬୦ରୁ ଅଧିକ ଦେଶରେ ପହଞ୍ଚୁଛି। ଏହି ବଜାରରୁ ନିରନ୍ତର ଚାହିଦା, ବିଶେଷକରି ଯେଉଁଠାରେ କଠୋର ଗୁଣବତ୍ତା, ପରିବେଶ ଓ ଅନୁପାଳନ ମାନଦଣ୍ଡ ଲାଗୁ ରହିଛି, ତାହା କମ୍ପାନୀର ଉତ୍ପାଦନ ଦକ୍ଷତା ଓ ବିଶ୍ୱସ୍ତରୀୟ ଯାନବାହନ, ବିମାନ ଓ ଶିଳ୍ପ କ୍ଷେତ୍ରର ଗ୍ରାହକଙ୍କ ଆବଶ୍ୟକତା ଅନୁରୂପ ଉତ୍ପାଦ ଯୋଗାଇବାର କ୍ଷମତାକୁ ପ୍ରତିଫଳିତ କରୁଛି। ଏହି ସଫଳତା ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍ର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି ଯେ ଏହି ସଫଳତା ଆଲୁମିନିୟମର ନିରନ୍ତର ଗୁଣବତ୍ତା ଓ ବିଶ୍ୱ ବଜାରର କଠୋର ମାନଦଣ୍ଡ ପୂରଣ କରିବାର କ୍ଷମତାର ପ୍ରମାଣ। ଭାରତର ବାଣିଜ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳଗୁଡ଼ିକ ଅଧିକ ଗୁରୁତ୍ୱ ବହନ କରୁଥିବା ବେଳେ ଆମର କ୍ଷମତା ବଢ଼ାଇବା ସହ ଭାରତକୁ ବିଶ୍ୱସ୍ତରୀୟ ଉତ୍ପାଦନ ଓ ରପ୍ତାନୀ କେନ୍ଦ୍ରରେ ପରିଣତ କରିବା ଲକ୍ଷ୍ୟରେ ଅବଦାନ ଜାରି ରଖିବୁ।

# ମତ୍ସ୍ୟ ସମବାୟ ସମିତି, ଓଡ଼ିଶା ପଛରେ



ଭୁବନେଶ୍ୱର,୨୧।୯: ନୂତନ ମତ୍ସ୍ୟ ସମବାୟ ସମିତି ଗଠନ କ୍ଷେତ୍ରରେ ଉପକୂଳବର୍ତ୍ତୀ ରାଜ୍ୟ ଓଡିଶା ପଛରେ ପଡିଛି। ସମଗ୍ର ଦେଶରେ ୨୩ଶହରୁ ଅଧିକ ନୂତନ ମତ୍ସ୍ୟ ସମବାୟ ସମିତି ଗଠନ ହୋଇଥିବା ବେଳେ ଓଡିଶାରେ ଏହି ସଂଖ୍ୟା ହେଉଛି ମାତ୍ର ୬୧। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମବାୟ ବ୍ୟବସ୍ଥା ଉପରେ ଜୋର ଦେବାରେ ଲାଗିଛନ୍ତି। କୃଷି ଋଣ ସମବାୟ ସମିତି ଠାରୁ ଆରମ୍ଭ କରି ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଗଠନ କରାଯାଉଛି। ଏହା ଜରିଆରେ ବ୍ୟବସାୟ କରି ଅଧିକ ଲାଭ ପାଇବାକୁ କେନ୍ଦ୍ର ସରକାର ବାରମ୍ବାର କହୁଛନ୍ତି। ତେବେ ରାଜ୍ୟରେ ନୂତନ ଭାବେ ହଜାରେରୁ ଅଧିକ କୃଷି ସମବାୟ ସମିତି ଓ ଦୁଗ୍ଧ ସମବାୟ ସମିତି ଗଠନ ହୋଇଥିବାବେଳେ ମତ୍ସ୍ୟ ସମବାୟ ସମିତି କିନ୍ତୁ ଶହେରେ ପହଞ୍ଚି ପାରିନାହିଁ।

ଏହି ଆକଳନରୁ ଜଣାଯାଇଛି ଯେ ସମଗ୍ର ଦେଶରେ ୧୦,୨୩୦ଟି ନୂତନ ପାକସ୍ ଗଠନ ହୋଇଥିବା ବେଳେ ଓଡିଶାରେ ଏହି ସଂଖ୍ୟା ୧୫୩୯ ରହିଛି। ଏ କ୍ଷେତ୍ରରେ ୨୦୦୩ ସଂଖ୍ୟା ସହିତ ରାଜସ୍ଥାନ ସବୁଠାରୁ ଆଗରେ ରହିଛି। ସେହଭଳି ସମଗ୍ର ଦେଶରେ ୨୫,୫୫୨ଟି ନୂତନ ଦୁଗ୍ଧ ସମବାୟ ସମିତି ଗଠନ ହୋଇଥିବା ବେଳେ ଓଡିଶାରେ ଏଥି ମଧ୍ୟରୁ ୧୦୦୯ଟି ରହିଛି। ଉତ୍ତରପ୍ରଦେଶରେ ସର୍ବାଧିକ ୪୪୫୦ ଦୁଗ୍ଧ ସମବାୟ ସମିତି ଗଠନ ହୋଇଥିବା ବେଳେ ବିହାରରେ ୪ ହଜାରରୁ ଅଧିକ ଏବଂ ରାଜସ୍ଥାନରେ ୩ ହଜାରରୁ ଅଧିକ ସମବାୟ ସମିତି ଗଢାଯାଇ ପାରିଛି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଓଡିଶାବେଶ୍ ସଫଳ ହୋଇଥିବା ବେଳେ ଏବଂ ଏକ ଦୁଗ୍ଧ ବଳକା ରାଜ୍ୟରେ ପରିଣତ ହୋଇଥିବା ବେଳେ ନୂତନ ଦୁଗ୍ଧ ସମବାୟ ସମିତି ଗଠନ କ୍ଷେତ୍ରରେ ସେଭଳି ଅଗ୍ରଗତି ହୋଇପାରୁ ନାହିଁ। ତେବେ ନୂଆ ମତ୍ସ୍ୟ ସମବାୟ ସମିତି ଗଠନ କ୍ଷେତ୍ରରେ ଓଡିଶାର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ। ସମଗ୍ର ଦେଶରେ ୨୩୫୬ଟି ନୂତନ ମତ୍ସ୍ୟ ସମବାୟ ସମିତି ଗଠନ ହୋଇଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୬୧ ରହିଛି। ତେବେ ଉତ୍ତର ପ୍ରଦେଶରେ ସର୍ବାଧିକ ୫୧୪ଟି ମତ୍ସ୍ୟ ସମମବାୟ ସମିତି ଗଠନ ହୋଇଥିବା ବେଳେ ଛତିଶଗଡ଼ରେ ୩୩୬ଟି ରହିଛି।

କେନ୍ଦ୍ର ସରକାର ଏବେ ସମବାୟ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସମବାୟ ସଂସ୍ଥାଭାବେ ଗୁଜରାଟର ଅମୁଲ ଦେଶରେ ଶୀର୍ଷ ଲାଭଦାୟକ ସମବାୟ ସଂସ୍ଥା ହୋଇଥିବା ବେଳେ କେନ୍ଦ୍ର ସରକାର ଏବେ ସମବାୟ ଭିତ୍ତିରେ ଟ୍ୟାକ୍ସି ଚଳାଚଳ ଆରମ୍ଭ କରିଛନ୍ତି। ଭାରତ ଟ୍ୟାକ୍ସି ନାଁରେ ଏହା ଆରମ୍ଭ ହୋଇଛି। ସେହିଭଳି ପ୍ୟାକ୍ସ ଜରିଆରେ ଜନଔଷଧି ବିକ୍ରୟ କେନ୍ଦ୍ର ଖୋଲିବାକୁ ସୁଯୋଗ ମିଳୁଛି। ତେବେ ଓଡ଼ିଶା ଏକ ଉପକୂଳବର୍ତ୍ତୀ ରାଜ୍ୟ ହୋଇଥିବା ବେଳେ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷ କ୍ଷେତ୍ରରେ ଢେର ଆଗରେ ରହିଛି। କିନ୍ତୁ ଅନ୍ୟ ରାଜ୍ୟଗୁଡ଼ିକରେ ଯେଭଳି ଭାବେ ସମବାୟ ସମିତି ସହ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସାମିଲ ହେଉଛନ୍ତି, ଓଡ଼ିଶାରେ ତାହା ଆଶାନୁରୂପ ହୋଇ ନ ପାରିବା ଏବେ ସମବାୟବିତ୍ଙ୍କୁ ଚିନ୍ତାରେ ପକାଇଛି। (ତଥ୍ୟ)

# ପ୍ରବଳ ବର୍ଷା ପାଇଁ ସମସ୍ତ ସହରାଞ୍ଚଳରେ ଆଗୁଆ ପ୍ରସ୍ତୁତି



ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା କିଛି ଦିନରେ ସମ୍ଭାବ୍ୟ ପ୍ରବଳ ବର୍ଷାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ବନ୍ୟା, ଜଳବନ୍ଦୀ ଓ ବର୍ଷାଜନିତ ଅନ୍ୟାନ୍ୟ ସମସ୍ୟାର ମୁକାବିଲା ପାଇଁ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ ସତର୍କ ରହିବା ସହ ଆଗୁଆ ପ୍ରସ୍ତୁତି ନେବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଛି। ବିଶେଷକରି ଦକ୍ଷିଣ ଜିଲ୍ଲାଗୁଡ଼ିକର ୟୁଏଲବିମାନଙ୍କୁ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ସହ ନାଗରିକଙ୍କ ସୁରକ୍ଷା ଓ ସାଧାରଣ ଜୀବନଯାପନ ଉପରେ ବର୍ଷାଜନିତ ବାଧାକୁ ସର୍ବନିମ୍ନ ରଖିବା ପାଇଁ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ସମସ୍ତ ମହାନଗର ନିଗମ କମିଶନର ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକତା ଅନୁଯାୟୀ ତୁରନ୍ତ ନିୟୋଜନ ପାଇଁ ରାପିଡ୍ ଆକ୍ସନ୍ ଟିମ୍ଗୁଡ଼ିକୁ ସଜାଗ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିହ୍ନଟ ହୋଇଥିବା ତଳିଆ ଓ ଜଳବନ୍ଦୀପ୍ରବଣ ଅଞ୍ଚଳରେ ଆଗୁଆ ପ୍ରତିଷେଧମୂଳକ ବ୍ୟବସ୍ଥା ନେବା ସହ ସେସବୁ ସ୍ଥାନ ଉପରେ ନିରନ୍ତର ନଜର ରଖିବାକୁ କୁହାଯାଇଛି। ଆବଶ୍ୟକ ସମୟରେ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖିବା ସହ ବିପଦପ୍ରବଣ ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ସମୟୋପଯୋଗୀ ଭାବେ ନିରାପଦ ସ୍ଥାନକୁ ସ୍ଥାନାନ୍ତର ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ମଙ୍ଗଳବାର ୨୨ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Tuesday 22 September 2026, Bhubaneswar

# ଏଲିଏନ୍ : ବିଜ୍ଞାନ କ'ଣ କହେ

ମନୁଷ୍ୟ ପୃଥିବୀରେ ଜୀବନର ଉତ୍ପତ୍ତି ଦେଖି ସବୁବେଳେ ପଚାରିଛି - ଆମେ ଏକାକୀ କି? ବିଶ୍ୱର ଅନ୍ୟ କୌଣସି ଗ୍ରହ ବା ଉପଗ୍ରହରେ ଜୀବନ ଅଛି କି? ଏହି ପ୍ରଶ୍ନ କେବଳ କଳ୍ପନା କିମ୍ବା ସିନେମାର ବିଷୟ ନୁହେଁ। ଆଜି ବିଜ୍ଞାନୀମାନେ ଏହାକୁ ଗମ୍ଭୀରତାର ସହିତ ଅନୁସନ୍ଧାନ କରୁଛନ୍ତି।

ବିଜ୍ଞାନର ଦୃଷ୍ଟିକୋଣରୁ ଏଲିଏନ୍ ବା ବାହ୍ୟ ମହାକାଶୀୟ ଜୀବନର ଅସ୍ତିତ୍ୱ ଏକ କଳ୍ପନା ନୁହେଁ। ଏହା ଏକ ବୈଜ୍ଞାନିକ ସମ୍ଭାବନା। ୨୦୨୪-୨୫ରେ ପ୍ରକାଶିତ ଏକ ଗୁରୁତ୍ୱପୂର୍ଣ୍ଣ ସର୍ଭେ (ନେଚର୍ ଆଷ୍ଟ୍ରୋନମିରେ) ଦେଖାଯାଇଛି ଯେ ଆଷ୍ଟ୍ରୋବାୟୋଲୋଜିଷ୍ଟମାନଙ୍କ ମଧ୍ୟରୁ ପ୍ରାୟ ୮୬.୬ ଶତାଂଶ ବିଶ୍ୱାସ କରନ୍ତି ଯେ ବିଶ୍ୱରେ ଅତି କମରେ ସାଧାରଣ ଜୀବନ (ଯେପରି ବ୍ୟାକ୍ଟେରିଆ) ନିଶ୍ଚିତ ଭାବେ ଅଛି। ଜଟିଳ ଜୀବନ ପାଇଁ ଏହି ସହମତି ପ୍ରାୟ ୬୭ ଶତାଂଶ ଓ ବୁଦ୍ଧିମାନ ଜୀବନ ପାଇଁ ପ୍ରାୟ ୫୮ ଶତାଂଶ। ଅନ୍ୟ ବିଜ୍ଞାନୀମାନେ ମଧ୍ୟ ଏହି ମତ ସହିତ ଏକମତ। ଏହା ଦେଖାଏ ଯେ ବୈଜ୍ଞାନିକ ସମ୍ପ୍ରଦାୟ ଏହି ବିଷୟକୁ କଳ୍ପନା ବୋଲି ନାକଚ କରୁନାହାଁନ୍ତି।



କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିଶ୍ଚିତ ପ୍ରମାଣ ମିଳିନାହିଁ। ଏହା ହେଉଛି ସତ୍ୟ। ସେଟି (ଝରଞଓ) ପ୍ରକଳ୍ପ ଦଶନ୍ଧି ଧରି ରେଡିଓ ସିଗନାଲ୍ ଖୋଜୁଛି। କେବଳ ନିରବତା ମିଳିଛି। ଏହାକୁ "ଫର୍ମି ପାରାଡକ୍ସ" କୁହାଯାଏ - ଯଦି ବିଶ୍ୱ ଏତେ ବଡ଼ ଓ ଗ୍ରହଗୁଡ଼ିକ ଏତେ ଅଧିକ, ତେବେ ସେମାନେ କେଉଁଠି? ଏହି ନିରବତାର କାରଣ ବିଭିନ୍ନ ହୋଇପାରେ - ଦୂରତା, ସମୟ, କିମ୍ବା ବୁଦ୍ଧିମାନ ସଭ୍ୟତାର ଅଳ୍ପ ଆୟୁ।

ତଥାପି ସୂଚନା ଅଛି। କେପ୍ଲର ଓ ଟେସ୍ ଉପଗ୍ରହ ହଜାର ହଜାର ଏକ୍ସୋପ୍ଲାନେଟ୍ ଆବିଷ୍କାର କରିଛନ୍ତି। ଅନେକ ଗ୍ରହ "ହ୍ୟାବିଟେବଲ୍ ଜୋନ୍"ରେ ଅଛନ୍ତି, ଯେଉଁଠି ତରଳ ଜଳ ରହିପାରେ। କେ-୨-୧୮ବି ଗ୍ରହର ବାୟୁମଣ୍ଡଳରେ ଡାଇମିଥାଇଲ୍ ସଲ୍ଫାଇଡ୍ ଭଳି ଗ୍ୟାସ୍ ମିଳିଛି, ଯାହା ପୃଥିବୀରେ ଜୀବନ ସୃଷ୍ଟି କରେ। ମଙ୍ଗଳରେ ପର୍ସିଭରାନ୍ସ ରୋଭର୍ କିଛି ଶିଳାରେ ଜୈବିକ ସଙ୍କେତ ଭଳି ଗଠନ ଦେଖିଛି। ଆଷ୍ଟେରଏଡ୍ ନମୁନାରେ ଆମିନୋ ଏସିଡ୍ ଓ ଡିଏନ୍ଏର ମୂଳ ଉପାଦାନ ମିଳିଛି। ଏଗୁଡ଼ିକ ଜୀବନର ବିଲଡିଂ ବ୍ଲକ୍ ଯେ ସର୍ବତ୍ର ବ୍ୟାପ୍ତ, ତାହା ସୂଚିତ କରେ।

ବିଜ୍ଞାନୀମାନେ ସତର୍କ। କୌଣସି ଏକ ସଙ୍କେତକୁ ପ୍ରମାଣ ବୋଲି ମାନିବା ପୂର୍ବରୁ ସେମାନେ ଅନେକ ପରୀକ୍ଷା କରନ୍ତି। କେଉଁ ରସାୟନିକ ପ୍ରକ୍ରିୟା ଜୀବନ ବିନା ମଧ୍ୟ ସେହି ଗ୍ୟାସ୍ ଉତ୍ପନ୍ନ କରିପାରେ? ଏହି ସତର୍କତା ବିଜ୍ଞାନର ଶକ୍ତି। ତେଣୁ ଏଲିଏନ୍ ଏକ କାଳ୍ପନିକ ସିଦ୍ଧାନ୍ତ ନୁହେଁ।

ଏହା ଏକ ବୈଜ୍ଞାନିକ ଅନୁସନ୍ଧାନର ବିଷୟ। ଆମେ ଏପର୍ଯ୍ୟନ୍ତ ସେମାନଙ୍କୁ ଦେଖିନାହୁଁ, କିନ୍ତୁ ବିଶ୍ୱର ବିଶାଳତା, ଗ୍ରହଗୁଡ଼ିକର ସଂଖ୍ୟା ଓ ଜୀବନର ମୌଳିକ ଉପାଦାନର ଉପସ୍ଥିତି ଦେଖିଲେ ସମ୍ଭାବନା ଅତ୍ୟଧିକ। ଭବିଷ୍ୟତରେ ଜେମ୍ସ ୱେବ୍ ଭଳି ଟେଲିସ୍କୋପ୍, ମଙ୍ଗଳ ମିଶନ୍ ଓ ନୂତନ ସେଟି ପ୍ରକଳ୍ପ ହୁଏତ ଉତ୍ତର ଦେବେ। ଏହି ଖୋଜ କେବଳ ବିଜ୍ଞାନର ନୁହେଁ - ଏହା ମାନବତାର ଆତ୍ମପରିଚୟର ଖୋଜ। ଯଦି ଆମେ ଏକାକୀ ନୁହେଁ, ତେବେ ଆମର ସ୍ଥାନ କ'ଣ? ଯଦି ଏକାକୀ, ତେବେ ଏହି ବିଶ୍ୱରେ ଆମର ଦାୟିତ୍ୱ କ'ଣ? ଉତ୍ତର ଯାହା ହେଉ, ଖୋଜ ଜାରି ରହିବ। କାରଣ ଜାଣିବାର ଇଚ୍ଛା ହିଁ ମନୁଷ୍ୟକୁ ମନୁଷ୍ୟ କରେ।

# ହଜାର ବର୍ଷର ସହର: ଅସୁରକ୍ଷିତ ସରକାରୀ ସମ୍ପତ୍ତି!

**ଡାକ୍ତର ରବି ରଞ୍ଜନ ସାହୁ**

ହଜାର ବର୍ଷର ସହର ଭାବେ କଟକର ପରିଚିତି କେବଳ ଓଡ଼ିଶା ଭିତରେ ନୁହେଁ ଭାରତ ଓ ଭାରତ ବାହାରେ ମଧ୍ୟ। ପୃଥିବୀରେ ଦୁଇ ଦୁଇଟି ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏପରି ବିକଶିତ ଓ ପ୍ରାଚୀନତମ ସହର କ୍ୱଚିତ ରହିଛି। ଦିନକୁ ଦିନ ସହରର କାୟା ବଢ଼ୁଛି। ଅନେକ ବିଭିନ୍ନ ଜିଲ୍ଲାର ଏପରିକି ରାଜ୍ୟର ଲୋକମାନେ କଟକରେ ଘରଦ୍ୱାର କରି ପିଢ଼ି ପିଢ଼ି ଧରି ରହିଲେଣି। ଜନସଂଖ୍ୟା ଯେଉଁପରି ଭାବେ ଦିନକୁ ଦିନ ସହରକୁ ବଢ଼ାଉଛି ଏହି କ୍ରମରେ ବେସରକାରୀ ଜମିର ଚାହିଦା ବଢ଼ିବା ସ୍ୱାଭାବିକ। ତେବେ ଦୁର୍ଭାଗ୍ୟର କଥା ସରକାରୀ ଜମି ଉପରେ କିଛି ଯୋଜନାବଦ୍ଧ, ଅସାମାଜିକ ତଥା ଜମି ମାଫିଆ କଳେବଳେ କୌଶଳେ ଏହାକୁ କରାୟତ୍ତ କରି ଅତି ଉଚ୍ଚମୂଲ୍ୟରେ ଅନ୍ୟମାନଙ୍କୁ ବିକ୍ରି କରୁଛନ୍ତି। କଥା କେବଳ ସେତିକି ନୁହେଁ ସରକାରୀ ଜମିକୁ ଗୋଟିଏ ଜମି ଅନେକ ଲୋକଙ୍କ ନାଁରେ ରେଜିଷ୍ଟ୍ରି ହେଉଥିବାର ଏବଂ ସେ ଲୋକମାନଙ୍କର ହଇରାଣ ହୋଇ କୋର୍ଟ କଚେରୀ ଦୌଡ଼ୁଥିବାର ଖବର ପ୍ରାୟତଃ ଗଣମାଧ୍ୟମରେ ପ୍ରକାଶ ପାଉଛି। ଅର୍ଥ ଓ ସମୟ ଉଭୟକୁ ହରାଇ ଜଣେ ଜଣେ ଲୋକ ନିସ୍ୱ ହୋଇଯାଉଛନ୍ତି, ପରିବାର ଉଚ୍ଛନ୍ନ ହୋଇଯାଉଛି ଏବଂ ଗୋଟିଏ ଗୋଟିଏ କ୍ଷେତ୍ରରେ ଟଙ୍କା ହରାଇଥିବା ଲୋକଟି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେବାପରେ କଟକରେ ଅନେକ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ତେବେ ଅସଲ ଅଘଟଣକୁ ସରକାର ଓ ପ୍ରଶାସନ ସମ୍ଭବତଃ ଭୁଲି ଯାଉଛନ୍ତି। ଗତ କେତେ ବର୍ଷ ହେଲା ସହରାଞ୍ଚଳରେ ଜମିର ମୂଲ୍ୟ ବଢ଼ିଯିବାରୁ ସରକାରୀ ଜମି ଉପରେ ନ୍ୟସ୍ତସ୍ୱାର୍ଥ ଜମି ମାଫିଆଙ୍କର ନଜର ପଡ଼ିଛି। ଯେ କୌଣସି ଜାଗାରେ ସରକାରୀ ଜମି ଅଛି ତାକୁ କଳେବଳେ କୌଶଳେ ଦଖଲ କରିବା ଏବଂ ତାକୁ ବେଆଇନ ଭାବେ ସାଧାରଣ ଲୋକଙ୍କୁ ବିକ୍ରି କରିବାର ବହୁ ଦୃଷ୍ଟାନ୍ତ ରହିଛି। ଏହି କାର୍ଯ୍ୟରେ ରାଜସ୍ୱ ବିଭାଗର କର୍ମଚାରୀ, ସ୍ଥାନୀୟ ପୁଲିସ ସମ୍ପୃକ୍ତି ରହି ଆର୍ଥିକ ଫାଇଦା ଉଠାଉଛନ୍ତି। ଭାତ ହାଣ୍ଡିରୁ ଗୋଟିଏ ପରି ଏବେ ଗୋଟିଏ ଜମି ସମ୍ପର୍କରେ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି। କଟକ ସହର ଖାନନଗରସ୍ଥିତ ନେତାଜୀ ବସ ଟର୍ମିନାଲ ପାଇଁ ରାଜ୍ୟ ସରକାର ଅନେକ ଜମି ଗ୍ରହଣ କରିଥିଲେ ଏବଂ ପ୍ରାୟ ପାଖାପାଖି ପାଞ୍ଚ ଏକର ଜମି ବଳି ପଡ଼ିଥିଲା ତାହା ଫାଙ୍କା ପଡ଼ିଥିଲା। ସେଇ ସବୁ ଜମିକୁ ରାଜ୍ୟ ସରକାର ଅନାବାଦି ଘୋଷଣା କରିଛନ୍ତି। ତେବେ ଅନାବାଦି ଜମିର ମାଲିକ ହେଲେ ରାଜ୍ୟ ସରକାର। ଏହି ଜମିକୁ ଆବାଦ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ ତାକୁ ତାରବାଡ଼ ଦେଇ ଘେର କରିଥିଲେ ଏବଂ ଗେଟ ଲଗାଇ ଥିଲେ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଜମିକୁ କିଛି ଜମି ମାଫିଆ ନିଜ ଦଖଲକୁ ନେଇ କନା ଘେରେଇ ଗୃହ ନିର୍ମାଣ କରୁଛନ୍ତି। ଏ ଦିଗରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ଏବଂ କଟକ ମହାନଗର ନିଗମର ଅଧିକାରୀମାନେ କିପରି ଜାଣି ପାରୁନାହାଁନ୍ତି ତାହା ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ଏହି ମୂଲ୍ୟବାନ ଜମିକୁ ସୁରକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ ହୋଇଥିଲେ ମଧ୍ୟ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ। ନଗର ଉନ୍ନୟନ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ।

ସରକାରୀ ଜମିର ସୁରକ୍ଷା ଏବଂ ଏହାକୁ ହାତେଇ ଥିବା ଲୋକମାନଙ୍କ ବିରୁଦ୍ଧରେ ବିଭିନ୍ନ ହାଇକୋର୍ଟ ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ କଠୋର ଆଇନଗତ ଚେତାବନୀ ଓ କାର୍ଯ୍ୟାନୁଷ୍ଠାନର ରାୟର ନଜିର ରହିଛି। ତେବେ ସରକାରୀ ସମ୍ପତ୍ତି ଯେଉଁଠି ଲୁଟ ହେଉଛି ଏ ସମ୍ପର୍କରେ ମାମଲା ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ କ୍ୱଚିତ କ୍ଷେତ୍ରରେ କୋର୍ଟ କଚେରୀ ପର୍ଯ୍ୟନ୍ତ କଥା ଯାଇଥାଏ। ତେବେ ଏ କ୍ଷେତ୍ରରେ ଆବେଦନକାରୀଙ୍କ ଜୀବନ ମଧ୍ୟ ବାଜିରେ ପଡ଼ିଥାଏ। ସରକାର ନିଜ ଜମି ହରାଇ କହିବାକୁଗଲେ ନିଜ ଗୋଡ଼ରେ ହିଁ କୁରାଢ଼ି ମାରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରଥମତଃ ଆଇନର ସମ୍ମାନ ରହୁନି, ଦ୍ୱିତୀୟତଃ ସରକାରୀ ଜମି ଅସାମାଜିକଙ୍କ ହାତକୁ ଯିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଶାନ୍ତି ବ୍ୟାଘାତ ହୁଏ, ଏହା ସହିତ ବିଶୃଙ୍ଖଳା ସୃଷ୍ଟି ହେବା ସହିତ ଆଇନଗତ ଅରାଜକତା ଦେଖାଯାଏ। ସବୁଠାରୁ ବଡ଼ କଥା ହେଉଛି ସରକାର ନିଦାବିଷ୍ଟୁ ସାଜି ଥିବାରୁ ରାଜସ୍ୱ ମଧ୍ୟ ହରାଇଥାନ୍ତି। ଉତ୍ତରପ୍ରଦେଶ, ଆସାମ, ମହାରାଷ୍ଟ୍ର, ଗୁଜୁରାଟ ପରି ବିଭିନ୍ନ ରାଜ୍ୟରେ ସ୍ଥାନୀୟ ସରକାର ସରକାରୀ ସମ୍ପତ୍ତିକୁ ହାତେଇ ଥିବା ଲୋକମାନଙ୍କ ପାଇଁ ଯେପରି ବୁଲଡୋଜର ନ୍ୟାୟ ଆପଣାଉଛନ୍ତି ସମ୍ଭବତଃ ଓଡ଼ିଶା ପାଇଁ ସେହିପରି କଠୋରରୁ କଠୋରତମ ଆଇନ ଦରକାର। ଗୋଟିଏ କ୍ଷେତ୍ରରେ ନିଜ ଜୀବନ କାଳ ଭିତରେ ଅନେକ କଷ୍ଟ କରି ଜାଗା ଖଣ୍ଡିକ ପାଇଁ ବେସରକାରୀ ଜମି କିଣିବା ପାଇଁ ଜଣେ ଅକ୍ଷମ ହେଉଥିବାବେଳେ ସରକାରୀ ଜମିକୁ ନିଜ ଦଖଲକୁ ନେଇ ସେ ପୁଣି କେଉଁ ଉପାନ୍ତ ବା ଅଗମ୍ୟ ଅଞ୍ଚଳ ନୁହେଁ କଟକ ପରି ସହରର ମୁଖ୍ୟ ଅଞ୍ଚଳ କୁହାଯାଉଥିବା ଖାନନଗର ପରି ସ୍ଥାନର! ତେଣୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ବାଞ୍ଛନୀୟ।

**ସଭାପତି, କଟକ ମହାନଗର ନାଗରିକ ମହାସଭା, ଦୂରଭାଷ : ୯୪୩୭୩୧୦୧୭୧**
E-MAIL : DR.R.R.SAHU@GMAIL.COM

# ଏ.ଆର୍.ଟି, ଏଚ୍.ଆଇ.ଭି ଓ ସୁସ୍ଥ ବାର୍ଦ୍ଧକ୍ୟ



**ଡା. ରାଜକିଶୋର ପଣ୍ଡା**

ଚିକିତ୍ସା ବିଜ୍ଞାନ ପତ୍ରିକା "ଦି ଲାନ୍‌ସେଟ୍" (THE LANCET) ରେ ସମ୍ପ୍ରତି ଏକ ରିପୋର୍ଟ ପ୍ରକାଶ ପାଇଛି ଏଚ.ଆଇ.ଭି ବ୍ୟାଧି ବିଷୟରେ। ଏହି ରିପୋର୍ଟଟିର ନାମ ହେଉଛି "ଲାନ୍‌ସେଟ୍ ଏଚ.ଆଇ.ଭି କମିଶନ୍ ଅନ୍ ଏଜିଙ୍ଗ୍ - ୨୦୨୬"। ଏହା ବର୍ତ୍ତମାନ ପରିଦୃଶ୍ୟରେ ବିଶ୍ୱବ୍ୟାପୀ ଏଚ.ଆଇ.ଭି ର ସ୍ଥିତି ଓ ବାର୍ଦ୍ଧକ୍ୟ ସହ ଏଚ.ଆଇ.ଭି ର ସମ୍ପର୍କ ଉପରେ ପର୍ଯ୍ୟବେଶିତ। ଏହି ରିପୋର୍ଟ ଦର୍ଶାଉଛି ଯେ ୨୦୨୫ ରେ ବିଶ୍ୱର ସମୁଦାୟ ଏଚ.ଆଇ.ଭି ଆକ୍ରାନ୍ତଙ୍କ ମଧ୍ୟରୁ ପାଖାପାଖି ଏଗାର ମିଲିଅନ୍ ଲୋକ (ସମୁଦାୟର ତିରିଶ ପ୍ରତିଶତ) ପଚାଶ ବର୍ଷ ବା ତା'ଠାରୁ ଅଧିକ ବୟସର ଅଟନ୍ତି। ୨୦୪୦ ସୁଦ୍ଧା ଏହି ସଂଖ୍ୟା କୋଡ଼ିଏ ମିଲିଅନକୁ ବୃଦ୍ଧି ପାଇବ, ଯାହାକି ସମଗ୍ର ଆକ୍ରାନ୍ତଙ୍କର ଏକାବନ ପ୍ରତିଶତ। ଆହୁରି ମଧ୍ୟ ଏଥିରୁ ସିଂହଭାଗ ପୀଡ଼ିତ ହେବେ ନିମ୍ନ ଏବଂ ମଧ୍ୟମ ଆୟ ବିଶିଷ୍ଟ ଦେଶମାନଙ୍କ ମଧ୍ୟରୁ। ବୈଶ୍ୱିକ ଏଚ.ଆଇ.ଭି ମହାମାରୀର ସବୁଠାରୁ ବଡ଼ ଅଂଶ ବର୍ତ୍ତମାନ ଦେଖିବା ପାଇଁ ମିଳୁଛି ସବ୍‌ସାହାରାନ୍ ଆଫ୍ରିକା (SUB-SAHARAN AFRICA) ଅଞ୍ଚଳରେ। ସବ୍‌ସାହାରାନ୍ ଆଫ୍ରିକା ହେଉଛି ଆଫ୍ରିକା ମହାଦେଶର ସେହି ଅଞ୍ଚଳ, ଯାହା ସାହାରା ମରୁଭୂମିର ଦକ୍ଷିଣରେ ଅବସ୍ଥିତ। "ଲାନ୍‌ସେଟ୍"ର ରିପୋର୍ଟରେ ଉଲ୍ଲେଖ କରାଯାଇଥିବା "ଆକ୍ରାନ୍ତ" ମାନଙ୍କର ବୟସ ସମ୍ପର୍କିତ ତଥ୍ୟଟି ବହୁମାତ୍ରାରେ ସମ୍ଭବ ହୋଇ ପାରିଛି ଏଚ.ଆଇ.ଭି ର ଏକ ପ୍ରଭାବୀ ଚିକିତ୍ସା ପ୍ରଣାଳୀଦ୍ୱାରା। ଏହାକୁ କୁହାଯାଏ ଆଣ୍ଟି ରେଟେରୋଭାଇରାଲ ଥେରାପି (ଏ.ଆର.ଟି)। ଏହି ଚିକିତ୍ସା ପଦ୍ଧତିଟି ଲକ୍ଷ ଲକ୍ଷ ଏଚ.ଆଇ.ଭି ଆକ୍ରାନ୍ତ ଲୋକଙ୍କୁ ସକ୍ଷମ କରିପାରିଛି ବୃଦ୍ଧ ବୟସରେ ଉପନୀତ ହେବା ପାଇଁ। ପୀଡ଼ିତ ବା ଆକ୍ରାନ୍ତ କେବଳ ଦୀର୍ଘକାଳ ବଞ୍ଚି ରହିବା ଏ.ଆର.ଟି ର ଉଦ୍ଦେଶ୍ୟ ନୁହେଁ ବରଂ ବର୍ତ୍ତମାନ ସମୟରେ ଏହାର ଲକ୍ଷ୍ୟ ବ୍ୟାପକ ମାତ୍ରାରେ ହେଉଛି ରୋଗୀକୁ ଉତ୍ତମ ସ୍ୱାସ୍ଥ୍ୟ, ସ୍ୱାଧୀନତା (ଆର୍ଥିକ, ସାମାଜିକ) ଓ ଗୁଣବତ୍ତା ଭିତ୍ତିକ ଜୀବନ (QUALITY OF LIFE) ଆଦି ଯୋଗାଇ ଦେବା। ଅଳ୍ପରେ କହିଲେ ଏ.ଆର.ଟି ର ବର୍ତ୍ତମାନ ସମୟରେ ଲକ୍ଷ୍ୟ ହେଉଛି, ରୋଗୀଟି ସୁରୁଖୁରୁରେ ଓ ସନ୍ତୁଳିତ ଭାବରେ ବୟସ୍କ ହେଉ। ବୟସ୍କ ଲୋକମାନେ ମଧ୍ୟ ଏଚ.ଆଇ.ଭି ଦ୍ୱାରା ସଂକ୍ରମିତ ହୋଇ, ପରବର୍ତ୍ତୀ ସମୟରେ ଚିହ୍ନଟ ହେଉଛନ୍ତି। ମାତ୍ର ପ୍ରତିଷେଧକ ଓ ପରୀକ୍ଷଣ କାର୍ଯ୍ୟକ୍ରମ (PREVENTION AND TESTING CAMPAIGNS) ମୁଖ୍ୟତଃ ଯୁବପିଢ଼ି ଠାରେ ହିଁ କେନ୍ଦ୍ରୀତ ରହୁଛି।

ସାଧାରଣତଃ ଧରି ନିଆଯାଇଥାଏ ଯେ ବୟସ୍କମାନେ ଯୌନ ସକ୍ରିୟ ନୁହନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ବୟସ୍କମାନଙ୍କ କ୍ଷେତ୍ରରେ ଯୌନ ସ୍ୱାସ୍ଥ୍ୟର ପରାମର୍ଶ, ଯୌନ ରୋଗର ଚିହ୍ନଟ ନିମନ୍ତେ ପରୀକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥା ବିଶେଷ କରି ପ୍ରିଏକ୍ସପୋଜର୍ ପ୍ରୋଫାଇଲ୍ୟାକ୍ସିସ୍ ଆଦି ଉପରେ ଗୁରୁତ୍ୱାରୋପ କରନ୍ତି ନାହିଁ। ଆହୁରି ମଧ୍ୟ ବୟସ୍କମାନେ ଏଚ.ଆଇ.ଭି ସମ୍ପର୍କିତ ସୂଚନା, ବିଜ୍ଞାପନ ଉପରେ କୌଣସି ଧ୍ୟାନ ନ ଦେଇ, ଏସବୁକୁ ଯୁବପିଢ଼ିମାନଙ୍କ ପ୍ରତି ଉଦ୍ଦିଷ୍ଟ ବୋଲି ମନେକରନ୍ତି। ଏହି ସବୁ କାରଣରୁ ଚିହ୍ନଟ ଓ ଚିକିତ୍ସା ପଦ୍ଧତିରେ ବିଳମ୍ବ ହେବା ସହିତ ସ୍ୱାସ୍ଥ୍ୟ ସେବାରେ ଏକ ପାତରଅନ୍ତର ମଧ୍ୟ ଉପୁଜିଥାଏ ଯାହାକି ରୋଗଟିର ପ୍ରତିରୋଧ ଓ ପ୍ରାରମ୍ଭିକ ଚିହ୍ନଟରେ ବାଧା ସୃଷ୍ଟି କରେ।



ଲାନ୍‌ସେଟ୍ ଏବଂ ଆଫ୍ରିକା ୱିଟସ୍ ଇନ୍‌ଡେପ୍‌ଥ ପାର୍ଟନରସିପ୍ ଫର୍ ଜିନୋମିକ୍ ରିସର୍ଚ୍ଚ (ଏ.ଡବ୍‌ଲ୍ୟୁ.ଆଇ-ଜେନ୍) ର ମିଳିତ ଉଦ୍ୟମରେ ସମ୍ପ୍ରତି ଏକ ଗବେଷଣା କରାଯାଇଥିଲା। ଏହି ଏ.ଡବଲ୍ୟୁ.ଆଇ- ଜେନ୍ ଏକ ଗବେଷଣା ସଂସ୍ଥା ଯାହାର ପ୍ରମୁଖ ଲକ୍ଷ୍ୟ ହେଉଛି ବିଭିନ୍ନ ଅଣସଂକ୍ରାମକ ରୋଗ (ହୃଦ୍‌ରୋଗ, ରକ୍ତଚାପ, ମଧୁମେହ, ମେଦ ବହୁଳତା) ସହ ଆନୁବଂଶିକ (GENETIC) ଓ ପରିବେଶ ତତ୍ତ୍ୱର ସମ୍ପର୍କ ଉପରେ ସମ୍ୟକ ଗବେଷଣା କରିବା, ଆଫ୍ରିକା ଅଞ୍ଚଳରେ। ଲାନ୍‌ସେଟ୍ ସହ ମିଶି ଏହି ସଂସ୍ଥା ପ୍ରାୟ ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ ସାତହଜାର ବୟସ୍କଙ୍କ (କେନିଆ ଓ ଦକ୍ଷିଣ ଆଫ୍ରିକାର) ବିଷୟରେ ତଥ୍ୟ ସଂଗ୍ରହ କରିଅଛି। ଏଥିରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଅନ୍ତର୍ଭୁକ୍ତ। ଏହି ତଥ୍ୟ ସଂଗ୍ରହ କରାଯାଇଥିଲା ୨୦୧୩-୧୬ ରୁ ଓ ୨୦୧୯-୨୨ ମଧ୍ୟରେ। ଗବେଷଣାରୁ ଜଣାପଡ଼ିଲା ଯେ ବୟସ୍କ ବା ପ୍ରୌଢ଼ ବ୍ୟକ୍ତିମାନଙ୍କ ମଧ୍ୟରେ ଏଚ.ଆଇ.ଭି ର ବ୍ୟାପକତା କେତୋଟି କାରକ ଉପରେ ନିର୍ଭର କରୁଛି। ଏହି କାରକଗୁଡ଼ିକ ହେଉଛି ଲିଙ୍ଗ, ଶିକ୍ଷା, ସାମାଜିକ-ଆର୍ଥିକ ପରିସ୍ଥିତି ଓ ସ୍ଥାନ। ବିଧବା ମହିଳାମାନଙ୍କ କ୍ଷେତ୍ରରେ ସବୁଠାରୁ ଅଧିକ (୩୦.୮%) ଏଚ.ଆଇ.ଭି ସଂକ୍ରମଣ ଦେଖିବା ପାଇଁ ମିଳିଛି ବୋଲି ମଧ୍ୟ ଉପରୋକ୍ତ ଗବେଷଣା ସ୍ପଷ୍ଟ କରିଛି। ଏହା ପ୍ରତିଫଳିତ କରୁଛି କି ଆର୍ଥିକ ଅସୁରକ୍ଷା ଓ ଲୈଙ୍ଗିକ ଅସମାନତା କ୍ରମାଗତ ଭାବରେ ବିଳମ୍ବିତ ବୟସରେ ଏଚ.ଆଇ.ଭି ଦ୍ୱାରା ଆକ୍ରାନ୍ତ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ତେଣୁ ପ୍ରତିଷେଧକ ବ୍ୟବସ୍ଥା, ଉପରୋକ୍ତ ସାମାଜିକ ଓ ଲିଙ୍ଗଗତ ସମସ୍ୟା ଦୂରୀକରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଅପଯଶ (STIGMA) ଓ ବୟସ୍କମାନଙ୍କ ପ୍ରତି ଦୁର୍ବ୍ୟବହାର (AGEISM) ମଧ୍ୟ ସମସ୍ୟାଟିକୁ ବହୁଗୁଣିତ କରୁଛି। ଯେହେତୁ ସମାଜରେ ଏକ ଧାରଣା ରହିଆସିଛି କି ଏଚ.ଆଇ.ଭି ମୁଖ୍ୟତଃ ଯୁବକଙ୍କ ମଧ୍ୟରେ ଦେଖାଯାଉଥିବା ବ୍ୟାଧି ତେଣୁ ପ୍ରୌଢ଼ଙ୍କ ଠାରେ ଏହା ଚିହ୍ନଟ ହେଲେ ସେମାନଙ୍କ ପାଇଁ ଏକ ଅପ୍ରୀତିକର ଓ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ବୟସ୍କମାନେ ପରୀକ୍ଷଣ ଓ ଡାକ୍ତରୀ ପରାମର୍ଶରେ ବିଳମ୍ବ କରିଥାନ୍ତି। ଏହା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ ଓ ସେମାନେ ଆନଜାଇଟି ଓ ଡିପ୍ରେସନର ଶିକାର ହୋଇଥାନ୍ତି। ଲାନସେଟ୍‌ର ରିପୋର୍ଟ ଦୁଇଟି କଥାକୁ ଉଜ୍ଜୀବିତ କରୁଛି।

ପ୍ରଥମରେ ପଚାଶ ବର୍ଷରୁ ଅଧିକ ବୟସ୍କମାନଙ୍କ ମଧ୍ୟରେ ବିଳମ୍ବରେ ଏଚ.ଆଇ.ଭି ଚିହ୍ନଟର ସମ୍ଭାବନା କ୍ରମଶଃ ବଢ଼ୁଛି। ଏହା ଏକ ଜଟିଳ ପ୍ରସଙ୍ଗ। ଦ୍ୱିତୀୟଟି ପ୍ରଥମର ସମାଧାନ ସମ୍ପର୍କିତ। ଏହା ହେଉଛି ସାଧାରଣ ଲୋକଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ସହିତ ଏଚ.ଆଇ.ଭି ର ଚିକିତ୍ସାକୁ ମଧ୍ୟ ସମନ୍ୱିତ କରାଯାଉ। ଆସ୍ୱସ୍ତିର କଥା ହେଉଛି "ଲାନ୍‌ସେଟ"ର ଗବେଷଣାରେ ଏଚ.ଆଇ.ଭି କୁ ଏକକ ଭାବରେ ନିଆଯାଇନାହିଁ ବରଂ ଉଚ୍ଚ ରକ୍ତଚାପ, ମଧୁମେହ, ମେଦ ବହୁଳତା ଆଦି ଅଣସଂକ୍ରାମକ ରୋଗ ଓ ଏଚ.ଆଇ.ଭି ର ବୟସ୍କଙ୍କ ସ୍ୱାସ୍ଥ୍ୟ ଉପରେ ମିଳିତ ପ୍ରଭାବକୁ ନେଇ ଅଧ୍ୟୟନଟି କରାଯାଇଛି।

ଜଣେ ଏଚ.ଆଇ.ଭି ଆକ୍ରାନ୍ତ ବୟସ୍କ ବ୍ୟକ୍ତି ଏ.ଆର.ଟି ସହିତ ରକ୍ତଚାପ, ମଧୁମେହର ଔଷଧ ମଧ୍ୟ ନେଇପାରନ୍ତି ଓ ଡିପ୍ରେସନ ଏବଂ ଆର୍ଥିକ ସମସ୍ୟା ସହ ମଧ୍ୟ ଯୁଝିପାରନ୍ତି। ଏହି ପରିସ୍ଥିତିରେ ଅନେକଗୁଡ଼ିଏ ଏକୀକୃତ ଚିକିତ୍ସା ବ୍ୟବସ୍ଥାକୁ ପରିଚାଳନା କରିବା ଗୋଟିଏ ରୋଗୀ ପକ୍ଷରେ କଷ୍ଟକର ହୋଇପଡ଼େ। ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ଏହି ପରିସ୍ଥିତିକୁ ଗୁରୁତ୍ୱ ଦେବା ଉଚିତ୍ ଯେଉଁଥିରେ ଅଧିକାଂଶ ରୋଗୀ ଏଚ.ଆଇ.ଭି ସହିତ ଅନ୍ୟ ରୋଗଦ୍ୱାରା ମଧ୍ୟ ପ୍ରଭାବିତ ଅଛନ୍ତି। ବିଶେଷତଃ ଗ୍ରାମାଞ୍ଚଳରେ ଏହି ପରିସ୍ଥିତିଟି ଅତ୍ୟନ୍ତ ଯନ୍ତ୍ରଣାଦାୟକ ଯେତେବେଳେ ବୟସ୍କ ରୋଗୀଟିକୁ ବିଭିନ୍ନ ରୋଗ ନିମନ୍ତେ ଅଲଗା ଅଲଗା କ୍ଲିନିକ୍‌କୁ ଯିବାକୁ ପଡ଼େ ଓ ଏହି ପ୍ରକ୍ରିୟାଟି ବାରମ୍ବାର ଚାଲେ।

ତେଣୁ ଏଚ.ଆଇ.ଭି, ଅଣସଂକ୍ରାମକ ରୋଗ ଓ ବିଭିନ୍ନ ବାର୍ଦ୍ଧକ୍ୟକାଳୀନ ସମସ୍ୟାକୁ ନିକଟତର କରାଯିବାର ଆବଶ୍ୟକତା ରହିଛି। ଅଣସଂକ୍ରାମକ ରୋଗର ଚିକିତ୍ସାରେ ଏଚ.ଆଇ.ଭି ପାଇଁ ପରୀକ୍ଷଣର ସୁବିଧା କରାଯିବା ସହିତ ଏଚ.ଆଇ.ଭି ର କାଉନସେଲିଂରେ ଅଣସଂକ୍ରାମକ ରୋଗ ବିଷୟରେ ପୀଡ଼ିତ ମାନଙ୍କୁ ଯଥେଷ୍ଟ ମାତ୍ରାରେ ସଚେତନ କରାଯାଉ। ମୋଟ ଉପରେ ଏଚ.ଆଇ.ଭି ଆକ୍ରାନ୍ତ ବୟସ୍କମାନଙ୍କର ସୁସ୍ଥ ବାର୍ଦ୍ଧକ୍ୟର ସମ୍ଭାବନାକୁ ଆଖି ଆଗରେ ରଖି ଭବିଷ୍ୟତରେ ଏହି ରୋଗ ନିମନ୍ତେ ରୋଡ଼ମ୍ୟାପ୍ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି।

**ମେଡିକାଲ ଅଫିସର**
**ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର**
**ମୋବାଇଲ ନଂ- ୮୧୪୪୦୪୨୯୯୭**

# ଯୁବଶକ୍ତି ବିକଶିତ ଭାରତର ପ୍ରାଣକେନ୍ଦ୍ର



**କିଶୋର ଚନ୍ଦ୍ର ବେହେରା**

ବିକଶିତ ଭାରତର ପ୍ରାଣକେନ୍ଦ୍ର ହେଉଛି ଯୁବଶକ୍ତି। ଯେକୌଣସି ଦେଶର ପ୍ରଗତି ଓ ସମୃଦ୍ଧି ତାହାର ଯୁବପିଢ଼ିର ଚିନ୍ତାଧାରା, ପରିଶ୍ରମ ଓ ସାମର୍ଥ୍ୟ ଉପରେ ନିର୍ଭର କରେ। ପୃଥିବୀର ବୃହତ୍ତମ ଗଣତନ୍ତ୍ର ଭାରତ ବିଭିନ୍ନ କାରଣରୁ ସେମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ରୂପେ ଆବିର୍ଭୂତ ହୋଇଛି। ଭାରତରେ ପରିଦୃଷ୍ଟ ରାଜନୈତିକ ସ୍ଥିରତା, ଆଇନର ଶାସନ ସହିତ ମିଶି ରହିଛି ଏକ ବୃହତକାୟ ଶିକ୍ଷିତ ଯୁବ ଶ୍ରମଶକ୍ତି, ନୂତନ ଆଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ନେତୃସ୍ଥାନୀୟ ଅଗ୍ରଗତି ଓ ଏକ ବିଶାଳ ଆଭ୍ୟନ୍ତରୀଣ ବଜାର। ନିକଟ ଭବିଷ୍ୟତରେ ତେଣୁ ଭାରତ ତା'ର ଏହି ସମସ୍ତ ଅନ୍ତର୍ନିହିତ ଶକ୍ତି ବଳରେ ଏକ ବିକଶିତ ଅର୍ଥନୀତିରେ ପରିଣତ ହୋଇ ଆନ୍ତର୍ଜାତିକ ଅର୍ଥନୈତିକ ପ୍ରତିଯୋଗିତାରେ ଯେ ବିଜୟ ଲାଭ କରିବାକୁ ଯାଉଛି । କୁହାଯାଏ ଯେ କୌଣସି ଦେଶକୁ ଆଗକୁ ବଢ଼ିବାକୁ ହେଲେ, ଏହାର ଯୁବ ସମାଜ ସଶକ୍ତ ଏବଂ ଦକ୍ଷ ହେବା ଆବଶ୍ୟକ। ଭାରତ ହେଉଛି ବିଶ୍ୱର ସେହି ଦେଶ ଯେଉଁଠାରେ ଯୁବକମାନଙ୍କର ସଂଖ୍ୟା ସର୍ବାଧିକ। ଦେଶର ବିକାଶର ଗତି ଯୁବକମାନଙ୍କ ଶକ୍ତି,ଚିନ୍ତାଧାରା ଏବଂ ନିଷ୍ଠା ଦ୍ୱାରା ନିରୁପିତ ହୋଇଥାଏ। ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ, ଭାରତ କର୍ମଶକ୍ତିରେ ୭୦ ପ୍ରତିଶତ ମହିଳା ଅଂଶଗ୍ରହଣ ନିଶ୍ଚିତ କରିବାର ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛି। ମହିଳା ସଶକ୍ତୀକରଣ ଜାତୀୟ ପ୍ରଗତିରେ ଏକ ପ୍ରମୁଖ ଅଂଶିଦାର। ମହିଳାମାନେ ଆଉ ପାରମ୍ପରିକ ଭୂମିକାରେ ସୀମିତ ନାହାନ୍ତି, ସେମାନେ ଅତୀତର ଶିଙ୍କୁଳି ଛିଣ୍ଡାଇ ଦେଶର ଆର୍ଥିକ ଭବିଷ୍ୟତ ଗଠନର ଦାୟିତ୍ୱ ନେଉଛନ୍ତି। ଗ୍ରାମୀଣ ଉଦ୍ୟୋଗୀଙ୍କଠାରୁ ଆରମ୍ଭ କରି କର୍ପୋରେଟ୍ ନେତୃତ୍ୱ ପର୍ଯ୍ୟନ୍ତ, ମହିଳାମାନେ ଏକ ବିକଶିତ ଭାରତ ଆଡ଼କୁ ନିଜେ ନେତୃତ୍ୱ ନେଉଛନ୍ତି। ବିଶ୍ୱର ସବୁଠାରୁ ଯୁବ ଦେଶ ମଧ୍ୟରେ ଭାରତ ଅନ୍ୟତମ, ଯେଉଁଠାରେ ଅଧିକାଂଶ ଜନସଂଖ୍ୟା କାର୍ଯ୍ୟକ୍ଷମ ଏବଂ କ୍ଷମତାଶାଳୀ। ବିକଶିତ ଭାରତ ଗଠନରେ ଯୁବଶକ୍ତିର ମୁଖ୍ୟ ଭୂମିକା ଗ୍ରହଣ କରୁଥିବା କାର୍ଯ୍ୟକ୍ରମ ମଧ୍ୟରେ ନବସୃଜନ ଓ ଷ୍ଟାର୍ଟଅପ୍ ଉଦ୍ୟୋଗୀ ମାନସିକତା । ଆଜିର ଯୁବପିଢ଼ି କେବଳ ଚାକିରି ଖୋଜୁନାହାନ୍ତି, ବରଂ ଚାକିରି ସୃଷ୍ଟି କରୁଛନ୍ତି । ନୂତନ ଜ୍ଞାନକୌଶଳ, କୃଷି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ନୂଆ ନୂଆ ନବସୃଜନତ୍ମାକ ପ୍ରକଳ୍ପ ଆରମ୍ଭ କରି ଯୁବପିଢ଼ି ଭାରତକୁ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଆଡ଼କୁ ଆଗେଇ ନେଉଛନ୍ତି। ଡିଜିଟାଲ୍ ବିପ୍ଳବ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା , ଗୋଷ୍ଠୀଗତ ଶୃଙ୍ଖଳା ଏବଂ ରୋବୋଟିକ୍ସ ଭଳି ଆଧୁନିକ ଜ୍ଞାନକୌଶଳକୁ ଆପଣାଇବାରେ ଯୁବକମାନେ ଆଗଧାଡ଼ିରେ ଅଛନ୍ତି। ନୂତନ ଜାତୀୟ ଶିକ୍ଷାନୀତି -୨୦୨୦ ଏବଂ 'ଦକ୍ଷତା ଭାରତ' ଭଳି ଯୋଜନା ମାଧ୍ୟମରେ ଯୁବପିଢ଼ି ଆଧୁନିକ ବଜାରର ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରୁଛନ୍ତି। ବୈଶ୍ୱିକ ପ୍ରତିନିଧିତ୍ୱ କ୍ଷେତ୍ରରେ ଭାରତୀୟ ମେଧାବୀ ଯୁବକମାନେ ବିଶ୍ୱର ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ନେତୃତ୍ୱ ନେଉଛନ୍ତି, ଯାହା ଭାରତର ବୌଦ୍ଧିକ କ୍ଷମତାକୁ ପ୍ରମାଣିତ କରୁଛି । ସାମାଜିକ ଓ ରାଜନୈତିକ ପରିବର୍ତ୍ତନ ମାଧ୍ୟମରେ ଆଜିର ଯୁବ ସମାଜ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ଏବଂ ସ୍ୱଚ୍ଛତା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରୁଛନ୍ତି। ନେତୃତ୍ୱ ସୃଷ୍ଟି କରି ରାଜନୀତି ଏବଂ ପ୍ରଶାସନରେ ଯୁବପିଢ଼ିର ଅଂଶଗ୍ରହଣ ଦେଶର ନୀତି ନିର୍ଦ୍ଧାରଣକୁ ଏକ ନୂଆ ଦିଗ ଦେଉଛି ଯୁବ ପିଢ଼ୀ। ଅଲିମ୍ପିକ୍ସ, ପାରାଲିମ୍ପିକ୍ସ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଯୁବ କ୍ରିଡାବିତି ଦେଶ ପାଇଁ ପଦକ ଜିତି ଭାରତର ନାମ ସ୍ୱାର୍ଥକ କରୁଛନ୍ତି। ବିକଶିତ ଭାରତ ପାଇଁ ଆବଶ୍ୟକୀୟ ପଦକ୍ଷେପ ଯୁବଶକ୍ତିର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ହେଲେ



କେତେକ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ, ଯେପରିକି ସୁଯୋଗର ସମାନତା ଦିଗରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଯୁବକମାନଙ୍କୁ ସମାନ ଶିକ୍ଷା ଓ ରୋଜଗାରର ସୁଯୋଗ ମିଳିବା ଉଚିତ। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୁବପିଢ଼ିକୁ ନିଶାଦ୍ରବ୍ୟରୁ ଦୂରେଇ ରଖି ସେମାନଙ୍କର ସ୍ୱାସ୍ଥ୍ୟ ଓ ସକାରାତ୍ମକ ମାନସିକତା ଉପରେ କାର୍ଯ୍ୟ କରିବାକୁ ହେବ। ଯୁବପିଢ଼ୀଙ୍କ ନେତୃତ୍ୱ, ସୃଜନଶୀଳତା ଓ ନବସୃଜନକୁ ଜାତୀୟ ସ୍ତରରେ ନୂଆ ପରିଚୟ ଦେବା ଉଦ୍ଦେଶ୍ୟରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ -୨୦୨୭' ସମ୍ପର୍କରେ ସରକାର ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱ ଦେଉଛନ୍ତି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ ' ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନ ମାଧ୍ୟମରେ ଯୁବମାନଙ୍କୁ 'ବିକଶିତ ଭାରତ @୨୦୪୭'ର ଲକ୍ଷ୍ୟ ପ୍ରତି ନିଜର ଚିନ୍ତାଧାରା ଓ ଅବଦାନ ଉପସ୍ଥାପନ କରିବାର ଅପୂର୍ବ ସୁଯୋଗ ମିଳିପାରିବ। ଏହି ସଂଳାପ ହେଉଛି ରାଜ୍ୟ ଓ ଦେଶର ଆଗାମୀ ଯୁବ ନେତାମାନଙ୍କ ପାଇଁ 'ଖେଳପଡ଼ିଆରୁ ସଂସଦ' ଏବଂ 'ଶ୍ରେଣୀଗୃହରୁ ପରିଷଦ କକ୍ଷ' ପର୍ଯ୍ୟନ୍ତ ପହଞ୍ଚିବାର ଏକ ଦକ୍ଷ ମଞ୍ଚ। ଚିନ୍ତାଧାରାରୁ ନବସୃଜନ ପ୍ରକ୍ରିୟାରେ ବିଭିନ୍ନ ଉତ୍ପାଦ ଓ ସେବା ସାମିଲ ରହିଛି। ଯୁବପିଢ଼ିଙ୍କ ମଧ୍ୟରେ ଥିବା ନୂତନ ଚିନ୍ତାଧାରା ଏବଂ ନବସୃଜନକୁ କିପରି ସମୃଦ୍ଧ ଓ ପ୍ରୋତ୍ସାହିତ କରାଯାଇପାରିବ, ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଉତ୍ତମ ଚିନ୍ତାଧାରାଗୁଡ଼ିକୁ ସାକାର କରିବା ପାଇଁ ସରକାର ଆଇଆଇଟି ଏବଂ ଅନ୍ୟାନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକର ସହାୟତା ମଧ୍ୟ ନେଉଛନ୍ତି। ଏହି କାର୍ଯ୍ୟକ୍ରମରେ ବିକଶିତ ଭାରତ ଚ୍ୟାଲେଞ୍ଜ, କଲଚରାଲ ଟ୍ରାକ୍, ଡିଜାଇନ୍ ଫର୍ ଭାରତ, ହ୍ୟାକ୍ ଫର୍ ସୋସିଆଲ୍ କଜ୍, ୟୁଥ୍ ଆଣ୍ଟ୍ରପ୍ରେନରସିପ୍ ଚ୍ୟାଲେଞ୍ଜ ଏବଂ ୟୁଥ୍ ପାର୍ଲାମେଣ୍ଟ ଭଳି ୬ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ରହିଛି। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଯୁବପିଢ଼ୀଙ୍କୁ ମାଇଁ ଭାରତ ପୋର୍ଟାଲ ଜରିଆରେ ଏହି ପ୍ରତିଯୋଗିତାରେ ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରିବାକୁ ସରକାର ଓ ଜନପ୍ରତିନିଧି ଆହ୍ୱାନ ଦେଇଛନ୍ତି। ଗ୍ରାମ ହେଉଛି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆତ୍ମା । ଗ୍ରାମରେ ଭରି ରହିଛି ନିଜ ରାଜ୍ୟର ସଂସ୍କୃତି, ପରମ୍ପରା ଓ ବଣଜଙ୍ଗଲ ଭରା ପ୍ରାକୃତିକ ସୌନ୍ଦର୍ଯ୍ୟ । କୃଷି, ପରିଶ୍ରମ ଓ ସହଯୋଗ ମାଧ୍ୟମରେ ଗ୍ରାମୀଣ ଜୀବନ ଗଢ଼ି ଉଠେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ। ଯେତେବେଳେ ଗ୍ରାମର ଉନ୍ନତି, ଶିକ୍ଷା, ସ୍ୱଚ୍ଛତା ଓ ରୋଜଗାରର ବୃଦ୍ଧି ପାଏ, ସେତେବେଳେ ସମଗ୍ର ରାଜ୍ୟ ଆଗକୁ ବଢ଼େ । ଗ୍ରାମର ସୁଦୃଢ଼ତା ଓ ସମୃଦ୍ଧି ଏକ ବିକଶିତ ଓଡ଼ିଶା ଗଢ଼ିବାର ପ୍ରମୁଖ ଆଧାର । ଗ୍ରାମାଞ୍ଚଳର ଭିତ୍ତିଭୂମି ଓ ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏକ ଜନମଙ୍ଗଳକାରୀ ଯୋଜନା "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା କାର୍ଯ୍ୟକାରୀ ହେଉଛି। ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା, ପୋଲ, ଖେଳପଡ଼ିଆ, ମୁକ୍ତ ବ୍ୟାୟାମ କେନ୍ଦ୍ର ଓ ଜଳାଶୟ ଆଦିର ବିକାଶ, ଭାଗବତ ଟୁଙ୍ଗୀ, ଭୋଗମଣ୍ଡପ ଓ ପୂଜାସ୍ଥଳୀର ନିର୍ମାଣ ଓ ପୁନରୁଦ୍ଧାର ସହ ସାଂସ୍କୃତିକ କେନ୍ଦ୍ର, ଗ୍ରନ୍ଥାଗାର ଆଦି ପାଇଁ ଏହି ପାଣ୍ଠି ଖର୍ଚ୍ଚ କରାଯାଇପାରିବ । ସେହିପରି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ, ସର୍ବସାଧାରଣ ଉପଯୋଗ ନିମନ୍ତେ କଲ୍ୟାଣ ମଣ୍ଡପ, ଗୋଷ୍ଠୀ କେନ୍ଦ୍ର, ପୋଖରୀ ଓ ନଦୀରେ ଗାଧୁଆ ଘାଟ, ଅସ୍ଥାୟୀ ବଜାର ଓ ନାଳ ନର୍ଦ୍ଦମା ଆଦି ନିର୍ମାଣ ମଧ୍ୟ ହୋଇପାରିବ । ସ୍ୱାମୀ ବିବେକାନନ୍ଦ କହିଥିଲେ, "ମୋର ବିଶ୍ୱାସ ଯୁବପିଢ଼ୀ ଉପରେ ଅଛି।" ଯଦି ଭାରତର ଯୁବଶକ୍ତି ସଠିକ୍ ଦିଗରେ ନିଜର ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବେ, ତେବେ ଭାରତକୁ ଏକ ବିଶ୍ୱଗୁରୁ ଏବଂ ବିକଶିତ ରାଷ୍ଟ୍ର ହେବାରୁ କେହି ଅଟକାଇ ପାରିବେ ନାହିଁ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ଯୋଗାଯୋଗ ୯୪୩୭୯୫୫୫୬୮**
EMAIL: KISHORSDDM@GMAIL.COM

ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

# ଅକ୍ଟୋବର ୨୦ରୁ ଲାଗୁ ହେବ ନୂଆ ବ୍ୟବସ୍ଥା



ନୂଆଦିଲ୍ଲୀ,୨୧।୯ଃ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଆଗାମୀ ଅକ୍ଟୋବର ୨୦ ତାରିଖ ଅର୍ଥାତ୍ ପବିତ୍ର ବିଜୟ ଦଶମୀ ଅବସରରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ସୋମବାର ଉଭୟ ଦେଶର ରେଟିଫିକେସନ୍ ବା ଅନୁମୋଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏହି ଘୋଷଣା କରିଛନ୍ତି। ଏହାକୁ ଉଭୟ ଦେଶ ପାଇଁ ଏକ ବଡ଼ ବିଜୟ ବୋଲି ଅଭିହିତ କରି ଶ୍ରୀ ଗୋୟଲ କହିଛନ୍ତି ଯେ ଏହି ଚୁକ୍ତି ଦ୍ୱାରା ଦ୍ୱିପାକ୍ଷିକ ବାଣିଜ୍ୟ, ପୁଞ୍ଜିନିବେଶ ଓ ବୃତ୍ତିଗତ ଗମନାଗମନ ବହୁଗୁଣିତ ହୋଇପାରିବ।

ଏହି ଐତିହାସିକ ପଦକ୍ଷେପ ପାଇଁ ସୋମବାର ୱେଲିଂଟନ୍‌ଠାରେ ନ୍ୟୁଜିଲାଣ୍ଡର ବାଣିଜ୍ୟ ଓ ପୁଞ୍ଜିନିବେଶ ମନ୍ତ୍ରୀ ଟଡ୍ ମକ୍‌କ୍ଲେ ଓ ନ୍ୟୁଜିଲ୍ୟାଣ୍ଡରେ ଭାରତର ହାଇକମିଶନର ମୁଆନପୁଇ ସାଇଆୱି ଆନୁଷ୍ଠାନିକ ଭାବେ ରେଟିଫିକେସନ୍ କାଗଜପତ୍ର ଆଦାନପ୍ରଦାନ କରିଥିଲେ। ଏହାଦ୍ୱାରା ନ୍ୟୁଜିଲାଣ୍ଡର ଘରୋଇ ପ୍ରକ୍ରିୟା ଶେଷ ହୋଇଥିଲା। ଏହାପୂର୍ବରୁ ସେପ୍ଟେମ୍ବର ୧୬ ତାରିଖରେ ନ୍ୟୁଜିଲାଣ୍ଡ ସଂସଦରେ ଏହି ଆଇନ ଅନୁମୋଦିତ ହୋଇଥିଲା, ଯେଉଁଥିରେ ୯୩ ଜଣ ସାଂସଦ ସପକ୍ଷରେ ଓ ୨୯ ଜଣ ବିପକ୍ଷରେ ଭୋଟ୍ ଦେଇଥିଲେ।

ଚୁକ୍ତିର ସର୍ତ୍ତ ଅନୁଯାୟୀ, ଭାରତୀୟ ରପ୍ତାନିକାରୀମାନେ ପ୍ରଥମ ଦିନରୁ ହିଁ ସମସ୍ତ ଟାରିଫ୍ ଲାଇନ୍‌ରେ ନ୍ୟୁଜିଲ୍ୟାଣ୍ଡରେ ଶୁଳ୍କମୁକ୍ତ ପ୍ରବେଶ ଅଧିକାର ପାଇବେ। ଅନ୍ୟପକ୍ଷରେ, ନ୍ୟୁଜିଲାଣ୍ଡର ପ୍ରାରମ୍ଭିକ ଭାବେ ୫୭ ପ୍ରତିଶତ ରପ୍ତାନି ଉପରେ ଭାରତରେ ଶୁଳ୍କମୁକ୍ତ ପ୍ରବେଶ ମିଳିବ ଓ ଚୁକ୍ତି ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ସହ ଏହା ୮୨ ପ୍ରତିଶତକୁ ବୃଦ୍ଧି ପାଇବ। ଏହାଛଡ଼ା, ମୂଲ୍ୟ ଦୃଷ୍ଟିରୁ ନ୍ୟୁଜିଲାଣ୍ଡର ୯୫ ପ୍ରତିଶତ ରପ୍ତାନି ଉପରେ ଶୁଳ୍କ ସମ୍ପୂର୍ଣ୍ଣ ହ୍ରାସ କିମ୍ବା ପ୍ରତ୍ୟାହାର କରାଯିବ। ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସୂଚନା ଅନୁଯାୟୀ, ଭାରତ ଓ ନ୍ୟୁଜିଲ୍ୟାଣ୍ଡ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ଦ୍ରବ୍ୟ ଓ ସେବା ବାଣିଜ୍ୟକୁ ୩୫, ୦୦୦ କୋଟି ଟଙ୍କାକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଥମ ଦିନରୁ ହିଁ ନ୍ୟୁଜିଲାଣ୍ଡକୁ ଭାରତର ୧୦୦ ପ୍ରତିଶତ ରପ୍ତାନି ଶୁଳ୍କମୁକ୍ତ ହେବା ଯୋଗୁଁ, ଯେଉଁ ଦେଶଗୁଡ଼ିକର ପୂର୍ବରୁ ନ୍ୟୁଜିଲାଣ୍ଡ ସହିତ ବାଣିଜ୍ୟ ଚୁକ୍ତି ରହିଛି, ସେମାନଙ୍କ ତୁଳନାରେ ଭାରତୀୟ ରପ୍ତାନିକାରୀମାନେ ସମ୍ମୁଖୀନ ହେଉଥିବା ଟାରିଫ୍ ଅସୁବିଧା ଦୂର ହୋଇଯିବ।

ଏହି ବୁଝାମଣା ଅନୁଯାୟୀ, ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ଭିତରେ ଭାରତରେ ୨୦ ବିଲିୟନ ଡଲାର ପୁଞ୍ଜିନିବେଶ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି। ଶ୍ରୀ ଗୋୟଲ ମତ ପ୍ରକାଶ କରିଛନ୍ତି ଯେ ନ୍ୟୁଜିଲାଣ୍ଡ କମ୍ପାନିଗୁଡ଼ିକ ଭାରତରେ ପୁଞ୍ଜିନିବେଶ କରି ଉଭୟ ଦେଶର ଘରୋଇ ବଜାର ସହିତ ଭାରତର ଅନ୍ୟାନ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତି ଥିବା ଦେଶଗୁଡ଼ିକୁ ମଧ୍ୟ ସାମଗ୍ରୀ ରପ୍ତାନି କରିପାରିବେ। ତେବେ ଦେଶର କୃଷକ ଓ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକର ସ୍ୱାର୍ଥ ରକ୍ଷା କରିବା ପାଇଁ ଭାରତ ସରକାର କ୍ଷୀର ଓ କୃଷିଜାତ ଦ୍ରବ୍ୟ ଯେପରିକି ମଟର, ପିଆଜ, ବୁଟ, ବାଦାମ ଏବଂ ଚିନି ଭଳି ସାମଗ୍ରୀକୁ ଶୁଳ୍କ ରିହାତିରୁ ବାହାରେ ରଖିଛନ୍ତି। ଅନ୍ୟପକ୍ଷରେ, ନ୍ୟୁଜିଲାଣ୍ଡର କିୱିଫ୍ରୁଟ୍ ଓ ମହୁ ସେକ୍ଟର ଭାରତୀୟ ବଜାରରେ ଅଧିକ ପ୍ରବେଶ ସୁଯୋଗ ପାଇପାରିବେ। ସୂଚନାଯୋଗ୍ୟ ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ଦ୍ରବ୍ୟ ଓ ସେବା ବାଣିଜ୍ୟ ପ୍ରାୟ ୨.୪ ବିଲିୟନ ଡଲାର ଥିଲା। ଭାରତ ମୁଖ୍ୟତଃ ଫାର୍ମାସ୍ୟୁଟିକାଲ୍ସ, ପୋଷାକ, ଇଞ୍ଜିନିୟରିଂ ସାମଗ୍ରୀ ଓ ପରିଶୋଧିତ ପେଟ୍ରୋଲିୟମ ଦ୍ରବ୍ୟ ରପ୍ତାନି କରୁଥିବାବେଳେ ନ୍ୟୁଜିଲାଣ୍ଡ କାଠ ଓ ଜଙ୍ଗଲଜାତ ଦ୍ରବ୍ୟ, ଉଲ୍, ଧାତୁ ଓ କୃଷିଜାତ ଦ୍ରବ୍ୟ ଭାରତକୁ ରପ୍ତାନି କରିଥାଏ।

- ଭାରତୀୟ ରପ୍ତାନୀକୁ ୧୦୦% ଶୁଳ୍କମୁକ୍ତ ପ୍ରବେଶ
- ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ୩୫ ହଜାର କୋଟି
- ପ୍ରଥମ ଦିନରୁ ସବୁ ରପ୍ତାନୀ ଶୁଳ୍କମୁକ୍ତ

ଶୁଖିଲା ପଡ଼ିଛି ଚିତ୍ରାବତୀ

## ବାଲିରେ ହେଲା ଗଣପତିଙ୍କ ବିସର୍ଜନ



ଅମରାବତୀ,୨୧।୯ଃ ଆନ୍ଧ୍ରପ୍ରଦେଶର ପୁଟ୍ଟାଲୁରୁରେ ମରୁଡ଼ି ପଡ଼ିଛି। ଚିତ୍ରାବତୀ ନଦୀ ସମ୍ପୂର୍ଣ୍ଣ ଶୁଖିଯାଇଛି। ଏବେ ନଦୀ ଗର୍ଭରେ ପାଣି ବଦଳରେ ଖାଲି ଶୁଖିଲା ବାଲି ରହିଛି। ପରିସ୍ଥିତି ଏପରି ହୋଇଛି ଯେ, ଗଣେଶ ମୂର୍ତ୍ତି ବିସର୍ଜନ କରିବା ପାଇଁ ନଦୀରେ ପାଣି ନାହିଁ। ଭୟଙ୍କର ମରୁଡ଼ି ମଧ୍ୟରେ ଏକ ହୃଦୟସ୍ପର୍ଶୀ ଚିତ୍ର ସାମ୍ନାକୁ ଆସିଛି। ଲୋକେ ବାଧ୍ୟ ହୋଇ ଚିତ୍ରାବତୀ ନଦୀ ବାଲିରେ ଗଣେଶଙ୍କ ମୂର୍ତ୍ତିଗୁଡ଼ିକୁ ରଖି ଚାଲିଯାଇଛନ୍ତି। ବିସର୍ଜନ ପାଇଁ ସେମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। ଆନ୍ଧ୍ରପ୍ରଦେଶରେ ମରୁଡ଼ି ପାଇଁ ଅନେକ କାରଣ ଦାୟୀ ବୋଲି ଅନୁମାନ କରାଯାଉଛି। ଭଲ ମୌସୁମୀ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଚଳିତ ବର୍ଷ ମୌସୁମୀ ଋତୁରେ ଆନ୍ଧ୍ରପ୍ରଦେଶର ଅନେକ ଅଞ୍ଚଳରେ ସ୍ୱାଭାବିକ ତୁଳନାରେ ଯଥେଷ୍ଟ କମ୍ ବର୍ଷା ହୋଇଛି। ମରୁଡ଼ିର ଏକ ପ୍ରମୁଖ କାରଣ ଏଲ୍ ନିନୋକୁ ମଧ୍ୟ କୁହାଯାଉଛି। ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ ବିଶ୍ୱ ଜଳବାୟୁ ଢାଞ୍ଚା ଏଲ୍ ନିନୋ ମୌସୁମୀକୁ ଦୁର୍ବଳ କରିଦେଇଛି। ଏଲ୍ ନିନୋ ଭାରତର ଦକ୍ଷିଣ ଭାଗରେ ବର୍ଷାର ଅନିଶ୍ଚିତତାକୁ ବୃଦ୍ଧି କରିଥାଏ। ଯାହା ଫଳରେ ଏହି ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥାଏ।

## ଗଙ୍ଗାରେ ବୁଡ଼ି ୬ ପିଲାଙ୍କ ମୃତ୍ୟୁ



ଭାଗଲପୁର,୨୧।୯ଃ ବିହାରର ଭାଗଲପୁରରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି। ସୁଲତାନଗଞ୍ଜ ପୌର ପରିଷଦ ଅଞ୍ଚଳର ୱାର୍ଡ ନମ୍ବର ୨୭ ବିଷ୍ଣୁ ଟୋଲାର ଛଅ ଜଣ ପିଲା କର୍ମା-ଧର୍ମା ପୂଜାରେ ଗାଧୋଇବାକୁ ଯାଇ ଗଙ୍ଗା ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ତରାଇତା ନାରାୟଣପୁର ଭାହିୟାରରେ ଏହି ଘଟଣା ଘଟିଛି। ଏକା ସାଙ୍ଗରେ ଛଅ ଜଣ ପିଲାଙ୍କ ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୂଚନା ଅନୁଯାୟୀ ସମସ୍ତ ପିଲାଙ୍କ ବୟସ ପ୍ରାୟ ୧୨ ବର୍ଷ ମଧ୍ୟରେ। ସେମାନେ କର୍ମା-ଧର୍ମା ପୂଜା ଉତ୍ସବରେ ଗାଧୋଇବା ପାଇଁ ବନ୍ୟା ପାଣିକୁ ଯାଇଥିଲେ। ଗୋଡ଼ ଖସି ଯିବାରୁ ସେମାନେ ଜଳ ସ୍ରୋତରେ ଭାସି ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଘଟଣା ବିଷୟରେ ଜାଣିବା ପରେ ସ୍ଥାନୀୟ ଲୋକେ ପିଲାମାନଙ୍କୁ ପାଣିରୁ ବାହାର କରିଥିଲେ। ମୃତ ପିଲାମାନଙ୍କୁ ପୂଜା, ଜ୍ୟୋତି, ମିଙ୍କି, ରାହୁଲ, ଆୟୁଷ ଏବଂ ବିକାଶ ବୋଲି ଚିହ୍ନଟ କରାଯାଇଛି।

## ବୋମାରେ ସୋମନାଥ ମନ୍ଦିର ଉଡ଼ାଇବାକୁ ଧମକ



ଅହମଦାବାଦ, ୨୧।୯ଃ ଗୁଜରାଟରେ ପୁଣି ଥରେ ଧାର୍ମିକ ସ୍ଥଳୀକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଛି। ଅହମଦାବାଦରେ ବିଜେପିର କେନ୍ଦ୍ରୀୟ କାର୍ଯ୍ୟାଳୟ କୋବା କାର୍ଯ୍ୟାଳୟ ଓ ସୋମନାଥ ମନ୍ଦିରରେ ବୋମା ମାଡ଼ କରିବାକୁ ଧମକ ମିଳିଛି। ଏହି ଧମକ ଏକ ଅଜ୍ଞାତ ଇମେଲ୍ ମାଧ୍ୟମରେ ଦିଆଯାଇଛି; ଯେଉଁଥିରେ ବିଜେପିର କେନ୍ଦ୍ରୀୟ କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀ ପଟେଲ କୋବା କାର୍ଯ୍ୟାଳୟ ଓ ସୋମନାଥ ବିଷୟରେ ଉଲ୍ଲେଖ କରାଯାଇଛି। ଜଣେ ଅଜଣା ବ୍ୟକ୍ତି ଏକ ଇମେଲ୍ ପଠାଇଥିଲେ ଯେଉଁଥିରେ ଦାବି କରାଯାଇଥିଲା ଯେ ଗୁଜରାଟର ସୋମନାଥ ମନ୍ଦିର ଓ ଅନ୍ୟାନ୍ୟ ସ୍ଥାନରେ ବୋମା ରଖାଯାଇଛି। ଇମେଲ୍‌ରେ ଦେଶ ବିରୋଧୀ ଏବଂ ବିବାଦୀୟ ବିଷୟବସ୍ତୁ ଥିଲା ଏବଂ ଅଭିଯୁକ୍ତ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ପୋଷ୍ଟ କରି ଭୟ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ।

ବିଶ୍ୱର ଶ୍ରେଷ୍ଠ ଏୟାରଲାଇନ୍ ତାଲିକା

## ୫୭ତମ ସ୍ଥାନରେ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୨୧।୯ଃ ବିଶ୍ୱର ଶ୍ରେଷ୍ଠ ବିମାନ କମ୍ପାନି ତାଲିକାରେ ଭାରତୀୟ ଏୟାରଲାଇନଗୁଡ଼ିକ ମଧ୍ୟରେ ଏୟାର ଇଣ୍ଡିଆ ଆଗରେ ରହିଛି। ସ୍କାଇଟ୍ରାକ୍ସର ୨୦୨୬ ୱାର୍ଲଡ୍ ଏୟାରଲାଇନ୍ ଆୱାର୍ଡସରେ ଏୟାର ଇଣ୍ଡିଆ ବିଶ୍ୱସ୍ତରରେ ୫୭ତମ ସ୍ଥାନରେ ରହିଛି। ଗତବର୍ଷ ୮୪ତମ ସ୍ଥାନରେ ଥିବା ଏୟାର ଇଣ୍ଡିଆ ଏଥର ୨୭ଟି ସ୍ଥାନ ଉପରକୁ ଉଠିଛି। ଅନ୍ୟପକ୍ଷରେ ଇଣ୍ଡିଗୋ ୬୧ତମ ସ୍ଥାନରେ ରହିଛି। ଗତବର୍ଷ ୩୯ତମ ସ୍ଥାନରେ ଥିବା ଇଣ୍ଡିଗୋ ଏଥର ୨୨ଟି ସ୍ଥାନ ତଳକୁ ଖସିଛି। ବିଶ୍ୱ ର୍ୟାଙ୍କିଂରେ ସିଙ୍ଗାପୁର ଏୟାରଲାଇନ୍ସ ପ୍ରଥମ ସ୍ଥାନ ହାସଲ କରିଛି। କତର ଏୟାରୱେଜ୍ ଦ୍ୱିତୀୟ ଏବଂ କ୍ୟାଥେ ପାସିଫିକ୍ ତୃତୀୟ ସ୍ଥାନରେ ରହିଛି। ଏଏନ୍ଏ ଅଲ୍ ନିପନ୍ ଏୟାରୱେଜ୍ ଚତୁର୍ଥ ଓ ତୁର୍କିସ୍ ଏୟାରଲାଇନ୍ସ ପଞ୍ଚମ ସ୍ଥାନରେ ରହିଛି।

ଟେଲିକମ୍ ବିଭାଗର ଚେତାବନୀ

## ସିମ୍ କାର୍ଡ ଦୁରୁପଯୋଗ କଲେ ୩ ବର୍ଷ ଜେଲ୍

ନୂଆଦିଲ୍ଲୀ,୨୧।୯ଃ ମୋବାଇଲ୍‌ର ଆଇଏମ୍‌ଇଆଇ ନମ୍ବରରେ ହେରଫେର କରିବା କିମ୍ବା ଟେଲିକମ୍ ପରିଚୟର ଦୁରୁପଯୋଗ କରିବା ଏଣିକି ମହଙ୍ଗା ପଡ଼ିବ। ଏଭଳି ଅପରାଧ ପାଇଁ ସର୍ବାଧିକ ୩ ବର୍ଷ ଜେଲ୍, ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ଟେଲିକମ୍ ବିଭାଗ ନାଗରିକମାନଙ୍କୁ ଏନେଇ ସତର୍କ କରିଛି। ଟେଲିଯୋଗାଯୋଗ ଆଇନ ୨୦୨୩ ଓ ଏହା ଅଧୀନରେ ଥିବା ନିୟମରେ ଏଭଳି କାର୍ଯ୍ୟ ବିରୋଧରେ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ଧାରା ୪୨(୩)(ଇ) ଅନୁଯାୟୀ ଠକେଇ, ପ୍ରତାରଣା କିମ୍ବା ଅନ୍ୟର ପରିଚୟ ବ୍ୟବହାର କରି ସିମ୍ କାର୍ଡ କିମ୍ବା ଟେଲିକମ୍ ପରିଚୟ ହାସଲ କରିବା ମଧ୍ୟ ଅପରାଧ। ଏଭଳି ମାମଲାରେ ମଧ୍ୟ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ।

## ସୁନା ଖଣି ସୁଡ଼ଙ୍ଗ ଧସି ୧୧ ମୃତ



ଖାର୍ଟୋମ୍,୨୧।୯ଃ ସୁଦାନର ଏକ ସୁନା ଖଣିରେ ସୁଡ଼ଙ୍ଗ ଧସି ପଡ଼ିଛି। ଫଳରେ କାମ କରୁଥିବା ୧୧ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଏବଂ ୩୦ ଜଣ ଆହତ ହୋଇଛନ୍ତି। ଧସି ପଡ଼ିଥିବା ମାଟି ତଳେ ଅନେକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି। କାରଣ କାମ କରିବାକୁ ଆସିଥିବା ବହୁ ଶ୍ରମିକ ନିଖୋଜ ରହିଛନ୍ତି। ସେମାନଙ୍କର ସନ୍ଧାନ ଜାରି ରହିଛି। ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ରହିଥିବା କୁହାଯାଉଛି। ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏକ ବିବୃତିରେ, କମ୍ପାନି ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ସମବେଦନା ପ୍ରକାଶ କରିଛି, କିନ୍ତୁ ମୃତାହତଙ୍କ ବିଷୟରେ କୌଣସି ସୂଚନା ପ୍ରଦାନ କରିନାହିଁ। ସୁନା ଉତ୍ପାଦନକାରୀ ଦେଶ ସୁଦାନରେ ଖଣି ଧସିବା ଦ୍ୱାରା ମୃତ୍ୟୁ ଏକ ସାଧାରଣ ଘଟଣା। ବେଆଇନ ଖଣିଗୁଡ଼ିକରେ ସୁରକ୍ଷା ମାନଦଣ୍ଡ ବ୍ୟାପକ ଭାବରେ ଉଲ୍ଲଂଘନ କରାଯିବାରୁ ଏଭଳି ପ୍ରାୟତଃ ଘଟିଥାଏ।

ନେପାଳ ବନ୍ୟା ବିଭୀଷିକା

## ୪ ସପ୍ତାହ ପରେ ବି ୬ ହଜାରରୁ ଅଧିକ ନିଖୋଜ

ନୂଆଦିଲ୍ଲୀ,୨୧।୯ଃ ନେପାଳରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାକୁ ପ୍ରାୟ ଚାରି ସପ୍ତାହ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ନିଖୋଜ ଥିବା ୬ ହଜାରରୁ ଅଧିକ ଲୋକଙ୍କ ତଲାସୀ ଅଭିଯାନ ଜାରି ରହିଛି। ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ରସୁୱା, ନୁୱାକୋଟ୍, ଧାଡିଙ୍ଗ ଓ ଚିତୱନ ଜିଲ୍ଲାର ନଦୀକୂଳ, ମାଟି ଓ କାଦୁଅ ଜମା ହୋଇଥିବା ସ୍ଥାନଗୁଡ଼ିକରେ ଉଦ୍ଧାରକାରୀ ଦଳ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଦୀର୍ଘ ଦିନ ହେବ ନିଖୋଜ ଥିବାରୁ ସେମାନଙ୍କର ଜୀବିତ ଥିବାର ଆଶା କ୍ଷୀଣ ହୋଇପଡ଼ିଥିଲେ ମଧ୍ୟ ଏତେ ବଡ଼ ସଂଖ୍ୟାରେ ଲୋକ ନିଖୋଜ ଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ କରାଯାଇ ନାହିଁ। ରସୁୱା ଜିଲ୍ଲାର ତ୍ରିଶୁଲୀ-୧ ଜଳବିଦ୍ୟୁତ ପ୍ରକଳ୍ପର ସୁଡଙ୍ଗ ଭିତରୁ ଉଦ୍ଧାରକାରୀ ଦଳ ୧୭ଟି ମୃତଦେହ ଉଦ୍ଧାର କରିଛନ୍ତି। ନେପାଳ ସେନାର ସୂଚନା ଅନୁସାରେ, ଏହି ମୃତଦେହଗୁଡ଼ିକ ଲୁହା ତାର ଜାଲିରେ ଫସିରହିବା ସହ ଗଭୀର କାଦୁଅରେ ପୋତି ହୋଇ ରହିଥିଲା। ସେନାର ଜଣେ ଫିଲ୍ଡ କମାଣ୍ଡରଙ୍କ କହିବା ଅନୁଯାୟୀ, ସୁଡଙ୍ଗ ଭିତରେ ଯେପରି ଭାବେ ମାଟି ଓ କାଦୁଅ ଜମା ହୋଇ ରହିଛି, ତାହାକୁ ସମ୍ପୂର୍ଣ୍ଣ ସଫା କରିବା ପାଇଁ ଆହୁରି ୩ରୁ ୪ ମିନିଟ୍ କିମ୍ବା ମାସ ସମୟ ଲାଗିପାରେ। ଉଦ୍ଧାର ହେଉଥିବା ମୃତଦେହଗୁଡ଼ିକୁ ଚିହ୍ନଟ କରିବା ଏବେ ଏକ ବଡ଼ ଚାଲେଞ୍ଜ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ଉଦ୍ଧାର ହୋଇଥିବା ୧୪୦୦ରୁ ଅଧିକ ମୃତଦେହ ମଧ୍ୟରୁ ମାତ୍ର ୧୧୦ଟିକୁ ଚିହ୍ନଟ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅବଶିଷ୍ଟ ପ୍ରାୟ ୧୩୦୦ ମୃତଦେହର ଡିଏନ୍ଏ ନମୁନା ସଂଗ୍ରହ କରାଯିବା ପରେ ସେଗୁଡ଼ିକୁ ଅସ୍ଥାୟୀ ଭାବେ ପୋତି ଦିଆଯାଇଛି। ପାଣି ଓ କାଦୁଅରେ ଦୀର୍ଘଦିନ ରହିବା କାରଣରୁ ଅନେକ ମୃତଦେହ କ୍ଷତବିକ୍ଷତ କିମ୍ବା ପଚିଯାଇଥିବାରୁ ସେଗୁଡ଼ିକୁ ସାଧାରଣ ଭାବେ ଚିହ୍ନଟ କରିବା ଅସମ୍ଭବ ହୋଇପଡ଼ିଛି। ଫରେନସିକ୍ ବିଶେଷଜ୍ଞଙ୍କ ମତରେ, ମୃତଦେହଗୁଡ଼ିକରୁ ଡିଏନ୍ଏ ସଂଗ୍ରହ କରି ନିଖୋଜ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ସହିତ ମେଳ କରାଇବା ଅତ୍ୟନ୍ତ ସମୟସାପେକ୍ଷ ଏବଂ ଜଟିଳ ପ୍ରକ୍ରିୟା ଅଟେ।






## ସ୍କୁଟରରୁ ଟାଣି ନେଇ ନାବାଳିକାଙ୍କ ସହ ଦୁର୍ବ୍ୟବହାର

ନିଜ ଆଡୁ ମାମଲା ରୁଜୁକଲା ପୁଲିସ

ପାଟନା,୨୧।୯ଃ ବିହାରର ଜାମୁଇ ଜିଲ୍ଲାରେ ଏକ ରାସ୍ତା ଉପରେ ଜଣେ ନାବାଳିକା ଛାତ୍ରୀଙ୍କୁ ହଇରାଣ-ହରକତ ଓ ଅଶାଳୀନ ବ୍ୟବହାର କରାଯିବାର ଏକ ଘଟଣା ସାମ୍ନାକୁ ଆସିଛି। ଏହି ସମୟରେ ତାଙ୍କ ସହ ଥିବା ଜଣେ ନାବାଳକ ଛାତ୍ରଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଇଥିଲା ଏବଂ ସମଗ୍ର ଘଟଣାର ଏକ ଭିଡିଓ ଅନଲାଇନ୍‌ରେ ଭାଇରାଲ ହୋଇଥିଲା। ସୋସିଆଲ ମିଡିଆରେ ଭିଡିଓ ପ୍ରସାରିତ ହେବା ପରେ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ନିଜଆଡୁ ମାମଲା ରୁଜୁ କରିଛି। ସେପ୍ଟେମ୍ବର ୧୯ ତାରିଖରେ ଏହି ଅଘଟଣ ଘଟିଥିଲା, ଯେତେବେଳେ ଉକ୍ତ ନାବାଳକ ଓ ନାବାଳିକା ଛାତ୍ରୀଛାତ୍ରମାନେ ସ୍କୁଟର ଯୋଗେ ସ୍କୁଲରୁ ଘରକୁ ଫେରୁଥିଲେ। ସେହିପାଖରେ ଥିବା କେତେଜଣ ଯୁବକଙ୍କ ଏକ ଗୋଷ୍ଠୀ ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ ଏବଂ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହଇରାଣ-ହରକତ କରିଥିଲେ। ଏହି ସମୟରେ ଛାତ୍ରୀଜଣଙ୍କୁ ଅଶାଳୀନ ବ୍ୟବହାର କରାଯାଇଥିଲା। ଅଭିଯୁକ୍ତମାନେ ଏହି ସମଗ୍ର ଘଟଣାକୁ ନିଜ ମୋବାଇଲ୍ ଫୋନରେ ରେକର୍ଡ କରିଥିଲେ।

## ଉଡ଼ାଣ ତାଲିମ ବେଳେ ଦୁର୍ଘଟଣା, ଦୁଇ ଭାରତୀୟ ଛାତ୍ର ମୃତ




ଓଟାୱା,୨୧।୯ଃ କାନାଡାରେ ଉଡ଼ାଣ ତାଲିମ ସମୟରେ ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ଦୁଇ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। କାନାଡାରେ ଥିବା ଭାରତୀୟ ଦୂତାବାସ ଏହି ଦୁଃଖଦ ଘଟଣାର ନିଶ୍ଚିତ କରିଛି। ଛାତ୍ରମାନେ ସେମାନଙ୍କର ବାଣିଜ୍ୟିକ ପାଇଲଟ୍ ବିମାନ ଚଳାଚଳ ତାଲିମ ପାଇଁ ଉଡ଼ାଣ ଅଭ୍ୟାସ କରୁଥିଲେ। ମୃତକଙ୍କୁ ତାମିଲନାଡୁର ମନୋଜ ଶିବକୁମାର ଏବଂ ପୁଡୁଚେରୀର ଶ୍ରୀଚରଣ ତିରୁଗନାସମ୍ବନ୍ଥମ ବୋଲି ଚିହ୍ନଟ କରାଯାଇଛି। ଏହି ଘଟଣା ନେଇ ଭାନକୁଭରରେ ଥିବା ଭାରତୀୟ କନସୁଲେଟ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଶୋକ ପ୍ରକାଶ କରିଛି।

ଋତବ୍ରତ ବାନାର୍ଜୀଙ୍କ ବିସ୍ଫୋରକ ଅଭିଯୋଗ

## ମମତାଙ୍କୁ ହରାଇବା ପାଇଁ ଅଭିଷେକ୍ ରଚିଥିଲେ ଷଡ଼ଯନ୍ତ୍ର



କୋଲକାତା, ୨୧।୯ଃ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ବିସ୍ଫୋରକ ଅଭିଯୋଗ ଆଣିଛନ୍ତି ବିଧାନସଭାର ବିରୋଧୀ ଦଳ ନେତା ଋତବ୍ରତ ବାନାର୍ଜୀ। ଗତ ନିର୍ବାଚନରେ ନିଜ ପିଉସୀ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ଦଳର ୧୪ ଜଣ ପ୍ରମୁଖ ନେତାଙ୍କୁ ହରାଇବା ପାଇଁ ଅଭିଷେକ ଏକ ଗୁପ୍ତ ଷଡ଼ଯନ୍ତ୍ର ରଚିଥିଲେ ବୋଲି ସେ ଦାବି କରିଛନ୍ତି। ଋତବ୍ରତ କହିଛନ୍ତି ଯେ ଏହି ନେତାମାନଙ୍କୁ ହରାଇବାର ଯୋଜନା ଅଭିଷେକଙ୍କ କାମାକ ଷ୍ଟ୍ରିଟ୍‌ସ୍ଥିତ କାର୍ଯ୍ୟାଳୟରେ ହିଁ ପ୍ରସ୍ତୁତ କରାଯାଇଥିଲା। ଏହି ସମ୍ବେଦନଶୀଳ ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ତାଙ୍କ ପାଖରେ ଯଥେଷ୍ଟ ପ୍ରମାଣ ରହିଛି ଏବଂ ଆବଶ୍ୟକ ପଡ଼ିଲେ ଏହାକୁ ଅଦାଲତରେ ଉପସ୍ଥାପନ କରିବାକୁ ସେ ପ୍ରସ୍ତୁତ ଅଛନ୍ତି ବୋଲି ଋତବ୍ରତ ଦୃଢ଼ତାର ସହ ପ୍ରକାଶ କରିଛନ୍ତି।

ବିରୋଧୀ ଦଳ ନେତାଙ୍କ କହିବାନୁଯାୟୀ, ଏହି ସୁଚିନ୍ତିତ ଷଡ଼ଯନ୍ତ୍ରର ତାଲିକାରେ ସବୁଠାରୁ ଉପରେ ମମତା ବାନାର୍ଜୀଙ୍କ ନାମ ରହିଥିଲା। ଦଳ ଓ ଆଗାମୀ ସରକାର ଉପରେ ନିଜର ସମ୍ପୂର୍ଣ୍ଣ ଆଧିପତ୍ୟ ଜାହିର କରିବା ଲକ୍ଷ୍ୟରେ ଅଭିଷେକ ଏହି ଯୋଜନା କରିଥିଲେ। ମମତାଙ୍କ ବ୍ୟତୀତ ଏହି ତାଲିକାରେ ମୋଲ୍ଲୁରାମ ପାଖିରା, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ, ଅରୂପ ବିଶ୍ୱାସ, ନିଜେ ଋତବ୍ରତ ବାନାର୍ଜୀ ଓ ଅରୁଣାଭ ସେନ୍‌ଙ୍କ ଭଳି ହେଭିୱେଟ୍ ନେତାମାନଙ୍କ ନାମ ସାମିଲ ଥିଲା।

## କପଡ଼ା କାରଖାନାରେ ଅଗ୍ନିକାଣ୍ଡ, ୮ ମୃତ

ବେଜିଂ,୨୧।୯ଃ ଚୀନ୍‌ର ଫୋସାନ୍‌ରେ ଏକ କପଡ଼ା କାରଖାନାରେ ଅଗ୍ନିକାଣ୍ଡ ଘଟି ଅତି କମରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି ଓ ଜଣେ ଆହତ ହୋଇଛନ୍ତି। ଘଟଣାଟି ରବିବାର ଅପରାହ୍ନ ପ୍ରାୟ ୩ଟାରେ ଘଟିଥିଲା। ଖବର ପାଇ ସ୍ଥାନୀୟ ପୁଲିସ, ପ୍ରଶାସନିକ ଅଧିକାରୀ ଏବଂ ଅଗ୍ନିଶମ ବାହିନୀ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ କାମ କରୁଥିବା ଲୋକେ ବାହାରକୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ସୋମବାର ଦିନ ଚୀନ୍‌ର ସରକାରୀ ଖବର ସଂସ୍ଥା ଜିନହୁଆ ରିପୋର୍ଟ କରିଛି ଯେ, ଉଦ୍ଧାର କାର୍ଯ୍ୟ ଚାଲିଛି। ପୁଲିସ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଅଗ୍ନିକାଣ୍ଡର କାରଣ ନେଇ ତଦନ୍ତ ଜାରି ରଖିଛନ୍ତି। ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



## ହର୍ମୁଜ୍‌ରେ ଡ୍ରୋନ୍ ଆକ୍ରମଣ, ୯ ଭାରତୀୟ ସୁରକ୍ଷିତ



ତେହରାନ,୨୧।୯ଃ ହର୍ମୁଜ୍ ପ୍ରଣାଳୀ ନିକଟରେ ରବିବାର ଏକ ଲାଇବେରିଆନ୍ ପତାକାଯୁକ୍ତ ଏଲପିଜି ଟ୍ୟାଙ୍କର୍ ଏମଟି ଅଲ୍ ମାରିଆ ଉପରେ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଛି। ଜାହାଜଟି କୌଣସି ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ। ନଅ ଜଣ ଭାରତୀୟ ନାଗରିକଙ୍କ ସମେତ ଜାହାଜରେ ଥିବା ୧୯ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଡ୍ରୋନ୍ ଆକ୍ରମଣ ପରେ ଜାହାଜର ମୁଖ୍ୟ ଇଞ୍ଜିନ୍ ଓ ପାୱାର ସିଷ୍ଟମ୍ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି। ଆକ୍ରମଣ ପରେ ଟ୍ୟାଙ୍କରକୁ ସୁରକ୍ଷିତ ଭାବରେ ସଂଯୁକ୍ତ ଆରବ ଏମିରେଟ୍ସର ଖୋର୍ ଫକ୍କାନ ବନ୍ଦରକୁ ନିଆଯାଇଛି।

ଛାତ୍ରଙ୍କ ଆଗରେ ମୁଣ୍ଡ ନୁଆଁଇଲା ପ୍ରଶାସନ

## ଅଧ୍ୟାପକ ସୂର୍ଯ୍ୟନାରାୟଣ ଦୁଲ୍ଲା ନିଲମ୍ବିତ

ମୁମ୍ବାଇ,୨୧।୯ଃ ଆଇଆଇଟି ବମ୍ବେ ହଷ୍ଟେଲରେ ୨୦ ବର୍ଷୀୟ ଛାତ୍ର ସାହିଲ ୱାକୋଡେ ନିଜ ଜୀବନ ନେବା ପରେ ଛାତ୍ରମାନେ ଗତ ତିନି ଦିନ ଧରି ପ୍ରତିବାଦ କରୁଥିଲେ। ଆଇଆଇଟି ବମ୍ବେ ନିର୍ଦ୍ଦେଶକ ପ୍ରଫେସର ଶିରିଶ କେଦାରେ ଏବେ ପ୍ରତିବାଦକାରୀଙ୍କ ସହ ସେମାନଙ୍କର ଦାବି ସମ୍ପର୍କରେ ଏକ ଦୀର୍ଘ ଆଲୋଚନା କରିଛନ୍ତି। ଛାତ୍ରମାନଙ୍କ ଦ୍ୱାରା ରଖାଯାଇଥିବା ୧୮-ସୂତ୍ରୀ ଦାବିଗୁଡ଼ିକୁ ନେଇ କ୍ୟାମ୍ପସରେ ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏକ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତିଷ୍ଠାନ ପ୍ରଶାସନ ଛାତ୍ରମାନଙ୍କ ଦ୍ୱାରା ଉପସ୍ଥାପିତ ୧୮-ସୂତ୍ରୀ ଦାବିପତ୍ରରେ ସ୍ୱାକ୍ଷର କରିଛନ୍ତି। ଛାତ୍ରମାନଙ୍କ ଦାବି ଆଧାରରେ ଅଧ୍ୟାପକ ସୂର୍ଯ୍ୟନାରାୟଣ ଦୁଲ୍ଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ନିଲମ୍ବିତ କରାଯାଇଛି।

# ଆଣ୍ଟାର୍କଟିକାର ରହସ୍ୟମୟ ଗର୍ତ୍ତ

## ୨୫୦ ବର୍ଷର ଇତିହାସ ପଦାକୁ ଆଣିଲେ ଭାରତୀୟ ବୈଜ୍ଞାନିକ



ନୂଆଦିଲ୍ଲୀ,୨୧।୯ଃ ଆଣ୍ଟାର୍କଟିକାରେ ବରଫ ସମୁଦ୍ର ମଧ୍ୟରେ ବାରମ୍ବାର ଦୃଶ୍ୟମାନ ହେଉଥିବା ଏକ ରହସ୍ୟମୟ ଖାଲି ପାଣି ଜାଗାର ୨୫୦ ବର୍ଷର ଇତିହାସକୁ ଭାରତୀୟ ବୈଜ୍ଞାନିକମାନେ ପ୍ରଥମଥର ପାଇଁ ପଦାକୁ ଆଣିଛନ୍ତି। ଅତୀତରେ ଏହିପରି ବଡ଼ ବଡ଼ ଖୋଲା ଜାଗା ବା ପଲିନିଆ ଅନେକ ଥର ସୃଷ୍ଟି ହୋଇଥିବା ଏହି ଅନୁସନ୍ଧାନରୁ ଜଣାପଡ଼ିଛି।

ପୃଥ୍ୱୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଥିବା ଗୋଆର ନ୍ୟାସନାଲ୍ ସେଣ୍ଟର ଫର୍ ପୋଲାର୍ ଆଣ୍ଡ ଓସେନ୍ ରିସର୍ଚ୍ଚର ଗବେଷକମାନଙ୍କ ସହିତ ଡେନମାର୍କ ଓ ନରୱେର ବୈଜ୍ଞାନିକମାନେ ମିଳିତ ଭାବେ ଏହି ଅଧ୍ୟୟନ କରିଛନ୍ତି। ଗବେଷଣା ପାଇଁ ବୈଜ୍ଞାନିକମାନେ ପୂର୍ବ ଆଣ୍ଟାର୍କଟିକାର ଫ୍ରୁପ୍ରାନେନ୍ ଆଇସ୍ ରାଇଜ୍‌ରୁ ୧୨୨ ମିଟର ଲମ୍ବା ଏକ ବରଫ କୋର୍ ଖୋଳି ବାହାର କରିଥିଲେ। ବରଫ ଭିତରେ ସଂରକ୍ଷିତ ହୋଇ ରହିଥିବା ବରଫର ସ୍ତର ଓ ବିଭିନ୍ନ ରାସାୟନିକ ପଦାର୍ଥ ଶହ ଶହ ବର୍ଷ ଧରି ସମୁଦ୍ର ଏବଂ ବାୟୁମଣ୍ଡଳର ଅବସ୍ଥା ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲା। ବୈଜ୍ଞାନିକମାନେ ସଫଳତାର ସହିତ ମଉଡ୍ ରାଇଜ୍ ପଲିନିଆର ଇତିହାସକୁ ୧୭୭୪ ମସିହା ପର୍ଯ୍ୟନ୍ତ ପଛକୁ ଟାଣି ଅନୁଧ୍ୟାନ କରିଛନ୍ତି। ସେମାନଙ୍କର ବିଶ୍ଳେଷଣରୁ ଏପରି ୨୫ ବର୍ଷ ଚିହ୍ନଟ ହୋଇଛି, ଯେଉଁଠାରେ ପଲିନିଆର କାର୍ଯ୍ୟକଳାପର ପ୍ରମୁଖ ସୂଚନା ମିଳିଛି। ଏଥିରେ ତିନୋଟି ବଡ଼ ଘଟଣା ଅନ୍ତର୍ଭୁକ୍ତ, ଯାହାକି ୧୯୭୪ ରୁ ୧୯୭୬ ମଧ୍ୟରେ ଘଟିଥିବା ବିଶାଳ ଖୋଲା ଜାଗା ସହିତ ସମାନ ଅଟେ।

୧୯୭୪-୭୬ ମସିହାର ଘଟଣାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ଯେତେବେଳେ ଏହାର ଶିଖର ଅବସ୍ଥାରେ ଏହି ଖୋଲା ପାଣିର କ୍ଷେତ୍ରଫଳ ୩, ୦୦, ୦୦୦ ବର୍ଗ କିଲୋମିଟରରୁ ଅଧିକ ହୋଇଯାଇଥିଲା। ଏହାପରେ ଆଉ ଏକ ବଡ଼ ଖୋଲା ଜାଗା ୨୦୧୬ ଓ ୨୦୧୭ ମସିହାରେ ଦୃଶ୍ୟମାନ ହୋଇଥିଲା, ଯେତେବେଳେ ଏହି ପଲିନିଆଟି ୪୦, ୦୦୦ ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳକୁ ବିସ୍ତାର କରିଥିଲା। ଏହିପରି ବରଫରେ ଖାଲି ଜାଗା ସୃଷ୍ଟି ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଆପେକ୍ଷିକ ଭାବରେ ଉଷ୍ମ ସମୁଦ୍ରର ପାଣିକୁ ସିଧାସଳଖ ଥଣ୍ଡା ଆଣ୍ଟାର୍କଟିକା ବାୟୁମଣ୍ଡଳ ସଂସ୍ପର୍ଶରେ ଆଣିଥାଏ। ଏହା ସମୁଦ୍ରରୁ ଉତ୍ତାପ ବାହାରକୁ ବାହାରିବାକୁ ଅନୁମତି ଦେଇଥାଏ ଓ ଗଭୀର ସମୁଦ୍ର ପାଣିର ବୃହତ୍ ଆକାରର ଗତିବିଧିକୁ ପ୍ରଭାବିତ କରିଥାଏ, ଯାହା ଆଣ୍ଟାର୍କଟିକା ଚତୁର୍ପାର୍ଶ୍ୱିକ ଜଳବାୟୁ ଓ ସମୁଦ୍ର ସଞ୍ଚାଳନକୁ ବଦଳାଇବାର କ୍ଷମତା ରଖିଥାଏ।

ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉଦ୍‌ଘାଟନୀ ମ୍ୟାଚ୍

# କଟକ ପାନ୍ଥର୍ସଙ୍କୁ ହରାଇଲା ସମ୍ବଲପୁର ୱାରିୟର୍ସ

**ଅଧିନାୟକ ଗୌରବ ଚୌଧୁରୀଙ୍କ ବିସ୍ଫୋରକ ୮୮ ରନ୍**



କଟକ,୨୧ା୯(ସଂଚାର ବ୍ୟୁରୋ)ଃ ଅଧିନାୟକ ଗୌରବ ଚୌଧୁରୀ ୪୬ ବଲ୍‌ରେ ୮୮ ରନ୍‌ର ବିସ୍ଫୋରକ ପାଳି ଖେଳିବା ସହ ସମ୍ବଲପୁର ୱାରିୟର୍ସଙ୍କୁ ବାରବାଟୀ ଷ୍ଟାଡିୟମ୍‌ରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ୨୦୨୬ର ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ କଟକ ପାନ୍ଥର୍ସ ବିପକ୍ଷରେ ୯ ରନ୍‌ର ବିଜୟ ଦେଇଛନ୍ତି।

ଗତ ସିଜନ୍‌ର ରନର୍ସ-ଅପ୍ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୧୯୩/୮ କରିଥିଲା। ଜବାବରେ କଟକ ୧୮୪/୯ରେ ସୀମିତ ରହିଥିଲା। ଶେଷ ଓଭର ପର୍ଯ୍ୟନ୍ତ ମ୍ୟାଚ୍‌ର ରୋମାଞ୍ଚ ଜାରି ରହିଥିଲା। ସମ୍ବଲପୁରର ପାଳିର ମୁଖ୍ୟ ଆକର୍ଷଣ ଥିଲେ ଗୌରବ। ତାଙ୍କ ୮୮ ରନ୍‌ର ଆକ୍ରମଣାତ୍ମକ ପାଳିରେ ୯ଟି ଚୌକା ଓ ୬ଟି ଛକା ଥିଲା। ତାଙ୍କ ସହ ଶାନ୍ତନୁ ମିଶ୍ର ୪୦ ବଲ୍‌ରେ ୬୦ ରନ୍ କରିଥିଲେ, ଯେଉଁଥିରେ ୬ଟି ଚୌକା ଓ ୨ଟି ଛକା ସାମିଲ ଥିଲା।

ଦୁଇ ଓପନର୍ ପ୍ରଥମ ୱିକେଟ୍ ପାଇଁ ୧୩୬ ରନ୍‌ର ଭାଗୀଦାରୀ କରିଥିଲେ। ୬ ଓଭର ଶେଷରେ ସମ୍ବଲପୁର ବିନା କୌଣସି ୱିକେଟ୍ ହରାଇ ୫୫ ରନ୍ କରିଥିବା ବେଳେ ୧୦ ଓଭରରେ ସ୍କୋର ୧୦୫/୦ରେ ପହଞ୍ଚିଥିଲା। କଟକ ୧୩ଶ ଓଭର ପର୍ଯ୍ୟନ୍ତ ପ୍ରଥମ ସଫଳତା ପାଇ ନ ଥିଲା। ସେତେବେଳକୁ ଦୁଇ ଓପନର୍ ପ୍ରାୟ ୨୦୦ ରନ୍‌ର ସ୍କୋର ପାଇଁ ମଜବୁତ ଭିତ୍ତି ପ୍ରସ୍ତୁତ କରିସାରିଥିଲେ।

ଶାନ୍ତନୁ ଆଉଟ୍ ହେବା ପରେ ମଧ୍ୟ ଗୌରବ ଆକ୍ରମଣ ଜାରି ରଖିଥିଲେ ଏବଂ ଶେଷରେ ୮୮ ରନ୍‌ରେ ଆଉଟ୍ ହୋଇଥିଲେ। ଶେଷ ଓଭରଗୁଡ଼ିକରେ କଟକ ଭଲ ପ୍ରତ୍ୟାବର୍ତ୍ତନ କରିଥିଲା। ଅଭିଷେକ ସିଂହ ୩ଟି ୱିକେଟ୍ ନେଇଥିବା ବେଳେ ସମ୍ବଲପୁର ଦ୍ରୁତ ଗତିରେ କିଛି ୱିକେଟ୍ ହରାଇଥିଲା। ତଥାପି ୧୯୩ ରନ୍‌ର ସ୍କୋର ବିଜୟ ପାଇଁ ପର୍ଯ୍ୟାପ୍ତ ସାବ୍ୟସ୍ତ ହୋଇଥିଲା।

କଟକର ରନ୍ ଚେଜ୍‌କୁ ଆରମ୍ଭରୁ ବିଗାଡ଼ି ଦେଇଥିଲେ ସୌମ୍ୟ ଲେଙ୍କା। ସେ ସାର୍ଥକ ଏସ୍ ପ୍ରକାଶ ଓ ବିପ୍ଳବ ସାମନ୍ତରାୟଙ୍କୁ ଆଉଟ୍ କରିବା ସହ ୪ ଓଭରରେ ମାତ୍ର ୧୬ ରନ୍ ବ୍ୟୟ କରିଥିଲେ। ଏହାପରେ ଷଷ୍ଠ ଓଭରରେ ମହମ୍ମଦ ଦାନିଶ ଶୁଭାଶିଷ ମଲ୍ଲିକ ଓ ଶୁଭମ ଶତ୍ରୁଜିତଙ୍କୁ ଆଉଟ୍ କରିବାରୁ କଟକ ୪୨/୪ରେ ସଂଘର୍ଷ କରୁଥିଲା। ଏହି କଠିନ ଆରମ୍ଭ ପରେ ଡିଫେଣ୍ଡିଂ ଚାମ୍ପିଅନ୍ ଦଳ ପ୍ରତ୍ୟାବର୍ତ୍ତନ କରି ଲକ୍ଷ୍ୟକୁ ହାତ ପହଞ୍ଚରେ ରଖିଥିଲା। କିନ୍ତୁ ଯେତେବେଳେ ଭାଗୀଦାରୀ ଗଢ଼ିଉଠୁଥିଲା, ସମ୍ବଲପୁର ଠିକ୍ ସମୟରେ ୱିକେଟ୍ ନେଇଥିଲା। ଓମ୍ ଟି. ମୁଣ୍ଡେ କାର୍ତ୍ତିକ ବିଶ୍ୱାଳଙ୍କୁ ଆଉଟ୍ କରିଥିବା ବେଳେ ସୟଦ ତୁଫାୟଲ ଅହମ୍ମଦ ସୌରଭ ଗୌଡ଼ାଙ୍କ ୱିକେଟ୍ ନେଇଥିଲେ।

ଏହାପରେ ୧୮ଶ ଓଭରରେ ପ୍ରଦୀପ ପ୍ରଧାନ କ୍ରମାଗତ ଦୁଇଟି ବଲ୍‌ରେ ଏମ୍ ଗୌତମ ଗୋପାଳ ଓ ପୀୟୂଷ ମନ୍ତ୍ରୀଙ୍କୁ ଆଉଟ୍ କରି ସମ୍ବଲପୁରର ବିଜୟ ସମ୍ଭାବନାକୁ ଆହୁରି ମଜବୁତ କରିଥିଲେ। କଟକ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ ମଧ୍ୟ ୧୮୪/୯ରେ ଅଟକିଯାଇଥିଲା ଏବଂ ସମ୍ବଲପୁର ୯ ରନ୍‌ରେ ବିଜୟୀ ହୋଇଥିଲା। ଏହି ବିଜୟ ଗତ ସିଜନ୍‌ର ରନର୍ସ-ଅପ୍ ସମ୍ବଲପୁରକୁ ନୂଆ ଅଭିଯାନରେ ଉତ୍ସାହଜନକ ଆରମ୍ଭ ଦେଇଛି, ବିଶେଷକରି ଡିଫେଣ୍ଡିଂ ଚାମ୍ପିଅନ୍‌ଙ୍କ ବିପକ୍ଷରେ।

## ୨୦ ମାସର ଶିଶୁକୁ ଘୋଷାଡ଼ିନେଲା କୁକୁର



ଶିମଲା,୨୧ା୯ଃ ହିମାଚଳ ପ୍ରଦେଶର ରାଜଧାନୀ ଶିମଲାର ଶାଙ୍ଗଲୀ ଅଞ୍ଚଳରେ ଜଣେ ୨୦ ମାସର ଶିଶୁ କନ୍ୟାକୁ ଦୁଇଟି ବୁଲା କୁକୁର ଘରୁ ଘୋଷାଡ଼ି ନେଇ କ୍ଷତବିକ୍ଷତ କରିଦେଇଛନ୍ତି। ଶିଶୁର ଚିତ୍କାର ଶୁଣି ମା' ଏବଂ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବହୁ କଷ୍ଟରେ ତାକୁ କୁକୁରଙ୍କ କବଳରୁ ଉଦ୍ଧାର କରିଥିଲେ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ରବିବାର ଏହି ଦୁର୍ଘଟଣା ଘଟିଥିଲା। କୁକୁରମାନେ ଶିଶୁଟିର ମୁଣ୍ଡ, କାନ ପାଖ, ବେକ, ଛାତି, ପେଟ ଏବଂ ହାତ ସମେତ ଶରୀରର ବିଭିନ୍ନ ଅଂଶକୁ ଗଭୀର ଭାବେ କାମୁଡ଼ି ଖଣ୍ଡବିଖଣ୍ଡ କରିଦେଇଛନ୍ତି। ଗୁରୁତର ଅବସ୍ଥାରେ ଶିଶୁଟିକୁ ତୁରନ୍ତ ଆଇଜିଏମ୍‌ସି ଶିମ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଶରୀରରେ ପ୍ରାୟ ୨୦ଟି ଷ୍ଟିଚ ପଡ଼ିଛି।

## ବିଜେପି ସରକାରରେ କେହି କାହା କଥା ଶୁଣୁନାହାନ୍ତିଃ ଭକ୍ତ

ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ)ଃ ଏମଏମଡିଆର କଳା ଆଇନ ଉଚ୍ଛେଦକୁ ନେଇ ସୁନ୍ଦରଗଡ଼ ପରେ ରାୟଗଡ଼ାଠାରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଏକ ବିଶାଳ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଉପସ୍ଥିତ ବିସ୍ଥାପିତ, ଆଦିବାସୀ ଜନସମୂହ ତଥା କଂଗ୍ରେସ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ରାଜ୍ୟର ସମସ୍ତ ଖଣିଜ ସମ୍ପଦ ଥିବା ଜିଲ୍ଲା ଓ ଏହି ଅଭିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ଖଣିଜ ସମ୍ପଦ ଉତ୍ତୋଳନ କରି ଅଦାନୀ, ଅମ୍ବାନୀ, ଟାଟା, ବିରଲା, ବେଦାନ୍ତ ଆଦି



ଲକ୍ଷ ଲକ୍ଷ କୋଟି ଟଙ୍କା ଉପାର୍ଜନ କରିଛନ୍ତି। ଦେଶ ଓ ବିଦେଶରେ ବୃହତ କମ୍ପାନି ରୂପେ ପରିଚୟ ପାଇଛନ୍ତି। ଓଡ଼ିଶାରୁ ଖଣିଜ ଉତ୍ତୋଳନ କରି ଧନଶାଳୀ ହୋଇଥିବା ବେଳେ ଓଡ଼ିଶା ପାଇଲା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଗାଁମାନଙ୍କୁ ରାସ୍ତା ନାହିଁ, ଆଦିବାସୀ ବିସ୍ଥାପିତ ହୋଇ ଦାଦନ ଯାଇ ଶବ ହୋଇ ଫେରୁଛନ୍ତି। କିଛିଦିନ ତଳେ ତାମିଲନାଡୁରୁ ଅନେକ ଦାଦନ ଶବ ହୋଇ ଫେରିଥିଲେ, ଆମେ ଶୋକସନ୍ତପ୍ତ ପରିବାରଙ୍କୁ ସାକ୍ଷାତ କରିବାକୁ ଯାଇଥିଲୁ। ସେମାନେ ଦୁଇ ଗୋଟି ନଦୀ ପାରି ହୋଇ ଆସିଥିଲେ । ସ୍ଥିତି ଅତି ଦୟନୀୟ। ଲୋକେ କାମ ପାଇଁ ଗାଁ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। କେନ୍ଦୁଝରରେ ଦେଶର ସମସ୍ତ ଧନାଢ଼୍ୟ ଲୋକଙ୍କ ସମାବେଶ, କିନ୍ତୁ କେନ୍ଦୁଝର ଲୋକ ସବୁଠୁ ଦରିଦ୍ର। ଲକ୍ଷ ଲକ୍ଷ କୋଟି ଟଙ୍କା ଲାଭ ମିଳୁଛି, କିନ୍ତୁ ଖଣି ପ୍ରଭାବିତ ଅଞ୍ଚଳରୁ ବିସ୍ଥାପିତ ହେଉଥିବା ନିରୀହ ଆଦିବାସୀଙ୍କ ପାଇଁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହେଉ ନାହିଁ ବୋଲି ସେ କହିଛନ୍ତି।

## ବିଧାନସଭା ଅଧିବେଶନ ପୂର୍ବରୁ ଶୁଭିଲା ୧୪ ସଂଗଠନର ବିକ୍ଷୋଭର ସ୍ୱର

ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ)ଃ ଆସନ୍ତାକାଲି ଆରମ୍ଭ ହେବ ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ। ବିଧାନସଭା ପୂର୍ବରୁ ବିଧାନସଭା ବାହାରେ ଜମିଲାଣି ବିକ୍ଷୋଭ ପ୍ରତିବାଦ। ଭୁବନେଶ୍ୱର ଲୋୟର ପିଏମଜିରେ ଜମୁଛି ବିକ୍ଷୋଭକାରୀଙ୍କ ଭିଡ଼। ବିଭିନ୍ନ ଦଫା ଦାବିରେ ବିଧାନସଭା ସମ୍ମୁଖରେ ବିକ୍ଷୋଭକାରୀଙ୍କ ପ୍ରତିବାଦ, ନାରାବାଜି ଜାରି ରହିଛି। ଝାଡୁ ମାରିଲେ, ରାସ୍ତାରେ ଗଡ଼ିଲେ, ଆଣ୍ଠୁ ମାଡ଼ି କଲେ ମାତୃବନ୍ଦନା। ଟିକେ ଅନୁରୋଧ ଆଉ ଟିକେ ଚେତାବନୀ ସ୍ୱରରେ ଲୋୟର ପିଏମଜିରେ ଶକ୍ତି ପ୍ରଦର୍ଶନ କରିଛନ୍ତି ଗାଁ ସାଥୀମାନେ। ମାସିକ ୧୫ ହଜାର ଟଙ୍କା ଦରମା ସମେତ ବ୍ଲକ୍ କ୍ୟାଡର୍ ସାମାଜିକ ସୁରକ୍ଷା, ଜିଆରଏସକୁ ପଦୋନ୍ନତି ଭଳି ଦାବି ନେଇ ଗର୍ଜିଛନ୍ତି ହଜାର ହଜାର ଗାଁ ସାଥୀ। ମହିଳା ଗାଁ ସାଥୀମାନେ ରାସ୍ତାରେ



ଗଡ଼ି ଗଡ଼ି ଯାଇ ବିଧାନସଭା ସମ୍ମୁଖରେ ପ୍ରତିବାଦ କରିଥିଲେ। ସେହିଭଳି ଲୋୟର ପିଏମଜିକୁ ମାଡ଼ି ଆସିଥିଲେ ହଜାର ହଜାର ଶିକ୍ଷକ। ଓଡ଼ିଶା ପ୍ରାଥମିକ ଶିକ୍ଷକ ଏକ୍ସ-କ୍ୟାଡର ମହାସଂଘ ଆହ୍ୱାନରେ ବିଧାନସଭା ସାମ୍ନାରେ ଗର୍ଜିଛନ୍ତି ହଜାର ହଜାର ଶିକ୍ଷକ। ର୍‍ୟାଲିରେ ଯାଇ ପ୍ରତିବାଦ କରିଛନ୍ତି। ସେପଟେ ବିଶାଳ ର୍‍ୟାଲିରେ ଆସି ଲୋୟର ପିଏମଜିରେ ପ୍ରତିବାଦ କରିଛନ୍ତି ଅନୁଦାନ ଓ ଅଣଅନୁଦାନ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘ। ଆଗକୁ ଶିକ୍ଷକମାନେ ସମୂହ ଛୁଟି ନିଷ୍ପତ୍ତି ନେଇପାରନ୍ତି ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଷାଣ୍ମାସିକ ପରୀକ୍ଷା ଥିବାରୁ ଆଗକୁ ପାଠପଢ଼ା ବ୍ୟାହତ ହେବା ଆଶଙ୍କା କରାଯାଉଛି।। ଲଘୁଚାପ ପାଇଁ ଆକାଶକୁ ମେଘ ଘୋଡ଼ାଇ ରଖିଥିବା ବେଳେ ରାଜଧାନୀରେ ତୁହାକୁ ତୁହା ବର୍ଷା ହେଉଛି। ତେବେ ଏହି ବର୍ଷାକୁ ଖାତିର ନ କରି ଆନ୍ଦୋଳନକାରୀମାନେ ସେଠାରେ ଧାରଣା ଓ ବିକ୍ଷୋଭ ଜାରି ରଖିଛନ୍ତି।

ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

## ମହାନଦୀ ବଞ୍ଚାଅ ଆନ୍ଦୋଳନ କର୍ମୀଙ୍କୁ ଉଠାଇନେଲା ପୁଲିସ




- ସବୁ ଟ୍ରେଡ୍ ଲାଇସେନ୍ସର ନବୀକରଣ କରାଯାଉ
- ୨୦୨୫ ଗେଜେଟ୍ ନିର୍ଦ୍ଦେଶ ଉପରେ ସରକାରୀ ନିର୍ଦ୍ଦେଶନାମା ଜାରି ହେଉ

ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ)ଃ ସମ୍ପ୍ରତି ଦୁଇଦିନିଆ ଗସ୍ତରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆସି ମହାନଦୀ ସଂକ୍ରାନ୍ତରେ ଯେଉଁ ବିବୃତି ରଖିଛନ୍ତି, ତାକୁ ବିରୋଧ କରିବା ସହ ଏକ ଶାନ୍ତିପୂର୍ଣ୍ଣ ଧାରଣା ମାଧ୍ୟମରେ ତାଙ୍କୁ କିଛି ପ୍ରଶ୍ନ ପଚାରିବା ପାଇଁ ପ୍ରୟାସ କଲା ବେଳେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମୀମାନଙ୍କୁ ଆଜି ପୁଲିସ ଗିରଫ କରିଛି। ଆଜି ସକାଳେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ସଂଗଠନର କର୍ମୀମାନେ ଲୋକ ଭବନ ସାମ୍ନାରେ ଥିବା ମଧୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଧାରଣା ଦେବା ପାଇଁ ସେଠାରେ ପହଞ୍ଚିଥିଲେ। ସେମାନେ ଧାରଣାରେ ବସିବା ପୂର୍ବରୁ ପୁଲିସ ସେମାନଙ୍କୁ ଜୋରଜବରଦସ୍ତି ଉଠାଇ ନେଇ କ୍ୟାପିଟାଲ ଥାନାରେ ୩ ଘଣ୍ଟା ଧରି ଅଟକ ରଖିବା ପରେ ଛାଡ଼ି ଦେଇଥିଲା।

ପ୍ରକାଶ ଥାଉକି, ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଗତକାଲି ଗଣମାଧ୍ୟମ ସାମ୍ନାରେ କହିଥିଲେ ଯେ ମହାନଦୀ ଜଳକୁ ନେଇ ଦୁଇ ରାଜ୍ୟ ଭିତରେ କୌଣସି ବିବାଦ ନାହିଁ। ପୁଣି କହିଲେ ଯେ ଖୁବଶୀଘ୍ର ବିବାଦର ସମାଧାନ ହୋଇଯିବ। ଯଦି ଓଡ଼ିଶା ଓ ଛତିଶଗଡ଼ ଭିତରେ ମହାନଦୀ ଜଳକୁ ନେଇ ବିବାଦ ନାହିଁ ତେବେ ସମାଧାନ ପାଇଁ ଏତେ ନାଟକ କ'ଣ ପାଇଁ ବୋଲି ତାଚ୍ଛଲ୍ୟ ଭରା ପ୍ରଶ୍ନ କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଏହା ସହ କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍‌ଗୁଡ଼ିକୁ ଖରାଦିନେ କାହିଁକି ବନ୍ଦ ରଖାଯାଉଛି, ଅଣମୌସୁମୀ ସମୟରେ ଓଡ଼ିଶାର ଯେଉଁ ୧.୭୪ ନିୟୁତ ଏକର ଫୁଟ ପାଣି ଦରକାର ତାକୁ ଛତିଶଗଡ଼ କାହିଁକି ଛାଡୁନି, ନିର୍ଦ୍ଦିଷ୍ଟ ସଂସ୍ଥାଗୁଡ଼ିକର ବିନାନୁମତିରେ ମହାନଦୀରେ ନିର୍ମିତ ପ୍ରକଳ୍ପଗୁଡ଼ିକୁ ବେଆଇନ ଘୋଷଣା କରାଯିବ କି- ଆଦି ପ୍ରଶ୍ନ ସମ୍ବଳିତ ପ୍ଲାକାର୍ଡ ଧରି ଆନ୍ଦୋଳନକାରୀମାନେ ସ୍ଲୋଗାନ ଦେବା ଅବସରରେ ପୁଲିସ ସେମାନଙ୍କୁ ଉଠାଇ ନେଇଥିଲା।

## ରାଜଧାନୀରୁ ହଟିବ ୪୦ ଫୁଟରୁ ଅଧିକ ହୋର୍ଡିଂ

ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରରେ ସଫେଇ କାର୍ଯ୍ୟକୁ ଜୋରଦାର କରିବା ପାଇଁ ୨୦୦ରୁ ଅଧିକ ବ୍ୟାଟେରୀଚାଳିତ ଗାଡ଼ି ଆସିବ। ଏହିସବୁ ଗାଡ଼ି ଘରକୁ ଘର ବୁଲି ବର୍ଜ୍ୟ ସଂଗ୍ରହ କାର୍ଯ୍ୟରେ ଲାଗିବ। ଏଜେନ୍ସିମାନେ ସେହି ଗାଡ଼ି କ୍ରୟ ଓ ରକ୍ଷଣାବେକ୍ଷଣ କରିବେ ବୋଲି ଆଜି ଅନୁଷ୍ଠିତ ବିଏମ୍‌ସିର ୪୪ତମ ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ବେନିୟମ ଭାବେ ଲାଗିଥିବା ଓ ୪୦ ଫୁଟରୁ ଅଧିକ ହୋର୍ଡିଂଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଏଜି ଛକରୁ ଲୋକସେବା ଭବନ ଦେଇ ହାଉସିଂ ବୋର୍ଡ ଛକ ପର୍ଯ୍ୟନ୍ତ ରାସ୍ତାରୁ ଅସ୍ଥାୟୀ ହୋର୍ଡିଂ ସବୁ ହଟାଇବା ସହ ସମ୍ପୃକ୍ତ ଅଞ୍ଚଳକୁ 'ନୋ ହୋର୍ଡିଂ ଜୋନ୍' ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସ୍ଥାନରେ ବିପଦସଂକୁଳ ଅବସ୍ଥାରେ ରହିଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ଟିପିସିଡିଓଏଲ ତୁରନ୍ତ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ଆଲୋକ ଜଳୁନାହିଁ, ସେଗୁଡିକୁ ତୁରନ୍ତ ମରାମତି କରିବା ପାଇଁ ମେୟର ବିଏମସିର ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ୪୦ ପ୍ରତିଶତ କମ୍‌ରେ ଟେଣ୍ଡର ନେଇଛନ୍ତି, ସେମାନେ କାମ କରିବା ପୂର୍ବରୁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଦେବେ। ପୂଜା ପୂର୍ବରୁ ରାସ୍ତା ମରାମତି କାର୍ଯ୍ୟ ପାଇଁ ପ୍ରତି ୱାର୍ଡକୁ ୫ ଲକ୍ଷ ଲେଖାଏଁ ଟଙ୍କା ଦେବା ସମ୍ପର୍କରେ ଆଲୋଚନା କରାଯାଇଛି।

## ବିଏମସିର ୬୩୦ଟି ସିଲିଂ ନୋଟିସ୍ ପ୍ରତ୍ୟାହାର ଦାବି




ଭୁବନେଶ୍ୱର,୨୧ା୯ (ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଦ୍ୱାରା ଜାରି କରାଯାଇଥିବା ପ୍ରାୟ ୬୩୦ଟି ସିଲିଂ ଓ ଉଚ୍ଛେଦ ନୋଟିସକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ 'ଆମେ ଭୁବନେଶ୍ୱରୀୟା' ପକ୍ଷରୁ ଏହି ଦାବି କରାଯାଇଛି। ଏଥିସହ ଟ୍ରେଡ୍ ଲାଇସେନ୍ସ ନବୀକରଣକୁ ଅଟକାଇବା ପାଇଁ ଏହି ନୋଟିସଗୁଡ଼ିକର ବ୍ୟବହାର ବନ୍ଦ କରିବା ଓ ୨୦୨୫ ଗେଜେଟ୍ ବିଜ୍ଞପ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବାଧ୍ୟତାମୂଳକ ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ 'ଆମେ ଭୁବନେଶ୍ୱରୀୟା'ର ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଓ ଆବାହକ ବାସୁଦେବ ଭଟ୍ଟ ଦାବି କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଏମସି ହେଉଛି ଏକ ସାମ୍ବିଧାନିକ ସଂସ୍ଥା। ମୂଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ନିର୍ଦ୍ଦେଶନାମାରେ ପରିଣତ ହୋଇ ନ ଥିବା ଏକ ଗେଜେଟ୍ ନାମରେ ଏହା ସାରା ସହରରେ ସିଲିଂ ଅଭିଯାନ ଆରମ୍ଭ କରିପାରିବ ନାହିଁ। ସଚିବାଳୟ ସ୍ତରରେ ନୀରବତା ପ୍ରତିଟି ନୋଟିସକୁ ଏକ ଚୂଡ଼ାନ୍ତ ନିଷ୍ପତ୍ତିରେ ପରିଣତ କରୁଛି ଏବଂ ପ୍ରତିଟି ଦୋକାନ ଓ ଘରକୁ ଦୈନନ୍ଦିନ ଅନିଶ୍ଚିତତା ଆଡ଼କୁ ଠେଲି ଦେଉଛି। 'ଆମେ ଭୁବନେଶ୍ୱରୀୟା' ଏହି ସମସ୍ୟା ସମ୍ପର୍କରେ ମେୟର ଓ ବିଏମସି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିସାରିଛୁ। ଏହି ସମସ୍ୟାର ସମାଧାନ ଏବେ ରାଜ୍ୟ ସରକାରଙ୍କ ହାତରେ ଅଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ 'ଆମେ ଭୁବନେଶ୍ୱରୀୟା'ର ଏକ ପ୍ରତିନିଧି ଦଳ ନିକଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଦାବିପତ୍ର ଦିଆଯାଇଛି।

# ସଂଶୋଧିତ ନୂଆ ବହି, ଏବେ ମିଳିବା ଆଶା ନାହିଁ

ଭୁବନେଶ୍ୱର,୨୧ା୯ଃ ପୂଜା ଛୁଟି ପୂର୍ବରୁ ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କୁ ସଂଶୋଧିତ ନୂଆ ପାଠ୍ୟ ପୁସ୍ତକ ମିଳିବା ସମ୍ଭାବନା କ୍ଷୀଣ। ତ୍ରୁଟିପୂର୍ଣ୍ଣ ବହିରେ ସଂଶୋଧନ କାମ ଏକ ପ୍ରକାର ଶେଷ ହୋଇଥିଲେ ମଧ୍ୟ ନୂଆ ବହି ଛପାଇବା ପାଇଁ ୩୬୦ରୁ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥ ଆବଶ୍ୟକ ପଡୁଥିବାରୁ ଏହା କେଉଁଠାରୁ ଆସିବ, ତାହା ଏବେ ବଡ଼ ପ୍ରଶ୍ନବାଚୀ ହୋଇଛି।

ଗତ ଏପ୍ରିଲରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଜଣାପଡ଼ିଥିଲେ ମଧ୍ୟ ଗ୍ରୀଷ୍ମାବକାଶ ଭିତରେ ତା'ର ସଂଶୋଧନ କରାଯାଇ ନ ଥିଲା। ଫଳରେ ଗ୍ରୀଷ୍ମାବକାଶ ପରେ ନୂଆ ବହିରୁ ପାଠ ପଢ଼ାଇବା ବେଳକୁ ଶିକ୍ଷକମାନେ ଯେଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତା'ଠାରୁ ଅଧିକ ସମସ୍ୟାରେ ପଡ଼ିଛନ୍ତି ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରବର୍ଗ। ଏହି ଘଟଣାର ତଦନ୍ତ କରାଯାଇ ଇତିମଧ୍ୟରେ କିଛି ଅଧିକାରୀଙ୍କୁ ନିଲମ୍ବନ କରାଯିବା ସହ ଆଉ କେତେକଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯାଇଛି।

ଏହି ପାଠ୍ୟପୁସ୍ତକଗୁଡ଼ିକରେ ପ୍ରାୟ ୧୫୦୦ ହଜାର ତ୍ରୁଟି ଥିବା ପ୍ରଥମ ପର୍ଯ୍ୟାୟରେ କୁହାଯାଇଥିଲେ ମଧ୍ୟ ତ୍ରୁଟି ସଂଖ୍ୟା ୩ ହଜାରରୁ ଅଧିକ ହେବ ବୋଲି ଅନେକ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ପିଲାମାନଙ୍କୁ ତ୍ରୁଟିଶୂନ୍ୟ ନୂଆ ପାଠ୍ୟପୁସ୍ତକ ଯୋଗାଇଦେବା ସହ ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ମହାତ୍ମା ଗାନ୍ଧି ମାର୍ଗରେ ମାସାଧିକ କାଳ ଧରି ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଅନଶନ ଓ ଧାରଣା କାର୍ଯ୍ୟକ୍ରମ ଚାଲିଛି। କେହି କେହି ବି ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ମଗାଇ ନିଜେ ଦେଖିବା ସହ ଏହି ତ୍ରୁଟି ପଛରେ ବଡ଼ ଧରଣର ଷଡ଼ଯନ୍ତ୍ର ଥିବା କଥା କହିଥିଲେ।

ଗୋଟିଏ ସମୟରେ ପିଲାମାନଙ୍କୁ ତ୍ରୁଟିପୂର୍ଣ୍ଣ ବହିରେ ସଂଶୋଧନ କରି ପଢ଼ାଇବା ପାଇଁ କୁହାଯାଇଥିଲା। ତେବେ ଶିକ୍ଷକମାନେ କହୁଛନ୍ତି ଯେ ଏଥିରେ ଏଭଳି ଅନେକ ଗୁରୁତର ତ୍ରୁଟି ରହିଛି ଯାହାକୁ ସଂଶୋଧନ କରି ପଢ଼ାଇବା ସମ୍ଭବପର ନୁହେଁ। ଓଡ଼ିଶା ବିଧାନସଭାର ଫଟୋଚିତ୍ର ସ୍ଥାନରେ କର୍ଣ୍ଣାଟକ ବିଧାନସଭାର ଫଟୋଚିତ୍ର ଏହି ପାଠ୍ୟପୁସ୍ତକରେ ରହିଛି। ଏହାଛଡ଼ା ଇଂରାଜୀ ବହିରେ ଓଡ଼ିଆ ରଜଦୋଳି ଗୀତ ତ୍ରୁଟିପୂର୍ଣ୍ଣ ଭାବେ ଆଜି ବି ଜଳଜଳ ହୋଇ ଦିଶୁଛି। ତା'ଛଡ଼ା ନିମ୍ଭୁଡା ନିମ୍ଭୁଡା ଭଳି ଗୀତ ବି ଏଥିରେ ପିଲାଙ୍କ ପାଇଁ ରଖାଯାଇଛି।

ଏଭଳି ମାଳମାଳ ଗୁରୁତର ତ୍ରୁଟି ଥିବାବେଳେ ପୁରୁଣା ବହିର ସଂଶୋଧନ କରି ନୂଆ ବହି ଯୋଗାଇ ଦିଆଯିବ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିଲେ। ବିଭାଗୀୟ ଅଧିକାରୀମାନେ କହୁଛନ୍ତି ଯେ ଇତିମଧ୍ୟରେ ବିଷୟ ବିଶେଷଜ୍ଞ ଓ ଭାଷା ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ପୁସ୍ତକଗୁଡ଼ିକର ଧାଡ଼ିକୁ ଧାଡ଼ି ସମୀକ୍ଷା କରାଯାଇ ତ୍ରୁଟି ସଂଶୋଧନ ସରିଛି। ଏମିତିକି ସଂଶୋଧନ ପରେ କେତେକ ପୁସ୍ତକ ପାଇଁ ଡିଟିପି କାମ ବି ଶେଷ ହୋଇଛି। କିନ୍ତୁ ଏସବୁ ସତ୍ତ୍ୱେ ନୂଆ ବହି ଛପାଇବା କାମ ଅତ୍ୟନ୍ତ ଧିମା ଗତିରେ ଚାଲିଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହାର ନିୟନ୍ତ୍ରଣରେ ଥିବା ଜନଶିକ୍ଷା ସାଧନ କେନ୍ଦ୍ରକୁ କିଛିବର୍ଷ ତଳୁ ବନ୍ଦ କରିସାରିଛି। ଏହି ବିଭାଗ ଅଧୀନରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଗଢ଼ାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଭାଷା ପ୍ରତିଷ୍ଠାନକୁ ସଂସ୍କୃତି ବିଭାଗ ହାତରେ ଟେକିଦିଆଗଲା ଏବଂ ସ୍ଥାୟୀ ଦପ୍ତରଟିଏ ନପାଇ ଏହି ସଂସ୍ଥା ବାରଦୁଆର ଶୁଣ୍ଡିପିଣ୍ଡା ହେବାରେ ଲାଗିଛି। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ଗୃହ ନିର୍ମାଣ ପାଇଁ ଜମି ଆବଣ୍ଟନ ସହ ଅର୍ଥ ବରାଦ ହୋଇଥିଲେ ମଧ୍ୟ ୧୦ ବର୍ଷ ଧରି କାମ ଆଗେଇପାରୁନାହିଁ। କେତେକ ଅଧିକାରୀ କହୁଛନ୍ତି ଯେ ଇତିମଧ୍ୟରେ ସଂଶୋଧନ ପରେ ଡିଟିପି କାମ ଆଗେଇଥିଲେ ମଧ୍ୟ ବଜେଟ୍‌ରେ ବରାଦ ଅର୍ଥ ତ୍ରୁଟିପୂର୍ଣ୍ଣ ବହି ଛପାରେ ବ୍ୟୟ ହୋଇସାରିଥିବାରୁ ସଂଶୋଧିତ ନୂଆ ବହି ଛପାଇବା କ୍ଷେତ୍ରରେ ଅର୍ଥ ପ୍ରମୁଖ ବାଧକ ହେଉଛି। (ତଥ୍ୟ)

ରୁଷିଆ ଯୁଦ୍ଧକାଳୀନ ନିର୍ବାଚନ

## ପୁଟିନ୍‌ଙ୍କ ଶାସକ ଦଳର ବଡ଼ ବିଜୟ

ମସ୍କୋ,୨୧ା୯ଃ ଔପଚାରିକ ଫଳାଫଳ ପ୍ରକାଶ ପାଇବାକୁ ଥିବାବେଳେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଶାସକ ଦଳ 'ୟୁନାଇଟେଡ୍ ରୁଷିଆ' ଯୁଦ୍ଧକାଳୀନ ସଂସଦୀୟ ନିର୍ବାଚନରେ ବଡ଼ଧରଣର ବିଜୟ ହାସଲ କରିଛି। ୟୁନାଇଟେଡ୍ ରୁଷିଆ ପାର୍ଟି ୫୭.୮୩ ପ୍ରତିଶତରୁ ଅଧିକ ଭୋଟ୍ ପାଇ ବିଜୟୀ ହୋଇଥିବା କେନ୍ଦ୍ରୀୟ ନିର୍ବାଚନ କମିଶନ ସୋମବାର ସୂଚନା ଦେଇଛନ୍ତି। ୯୫ ପ୍ରତିଶତରୁ ଅଧିକ ଭୋଟ୍ ଗଣତି ଶେଷ ହେବା ପରେ ଏହି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିଛି। ୟୁନାଇଟେଡ୍ ରୁଷିଆ ପାର୍ଟି ପାଇଥିବା ଏହି ଭୋଟ୍ ପ୍ରତିଶତ ଗତ ୨୦୨୧ ମସିହାରେ ଅନୁଷ୍ଠିତ ଶେଷ ରାଜ୍ୟ ଡୁମା (ସଂସଦର ନିମ୍ନକକ୍ଷ) ନିର୍ବାଚନରେ ପାଇଥିବା ୪୯.୮ ପ୍ରତିଶତ ତୁଳନାରେ ବହୁ ପରିମାଣରେ ଅଧିକ ଅଟେ। ୟୁକ୍ରେନ ଯୁଦ୍ଧକୁ ନେଇ ଜନସାଧାରଣଙ୍କ ସମର୍ଥନକୁ ପରୀକ୍ଷା କରିବା ପାଇଁ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏହି ନିର୍ବାଚନକୁ ଏକ ମାଧ୍ୟମ ଭାବେ ଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାତ୍ୟା ନୁହେଁ...

ବେଳେ ଏସଆରସି ଅଫିସରେ ଆଜିଠାରୁ ହିଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ପରିଚାଳନା ଆରମ୍ଭ ହୋଇସାରିଛି। ଆସନ୍ତା ୨୪ ଘଣ୍ଟା ପାଇଁ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଝଡ଼ବର୍ଷା ସହ ପାଣିପାଗ ଅସ୍ଥିର ରହିବା ନେଇ ପୂର୍ବାନୁମାନ କରାଯାଇଛି। ଏହି ସମୟରେ କିଛି ସ୍ଥାନରେ ୪୦ରୁ ୫୦ କିମି ପ୍ରତିଘଣ୍ଟା ବେଗରେ ଝଡ଼ ପବନ ସହ ବଜ୍ରପାତ ହୋଇପାରେ। ତେଣୁ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଛି ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ସୁନ୍ଦରଗଡ଼, ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ ମଧ୍ୟ ବଜ୍ରପାତ ସହ ଝଡ଼ ପବନର ସମ୍ଭାବନା ରହିଛି। ତେଣୁ ଏହି ୩ ଜିଲ୍ଲାକୁ ରେଡ୍ ଆଲର୍ଟ ସହ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ ଓ ଜଗତସିଂହପୁର ଭଳି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ଅରେଞ୍ଜ ଆଲର୍ଟ ଓ ବରଗଡ଼, ନୂଆପଡ଼ା, ବଲାଙ୍ଗିର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ଟେଲିକମ୍ ଜଳସେଚନ ପ୍ରକଳ୍ପର ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା ଓ ଅଧିକ ବର୍ଷାଜଳକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି।

### ଦକ୍ଷିଣ ଓ ଉତ୍ତରରେ...

ଉତ୍ତର ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଉପରେ ପଡ଼ିବାର ସମ୍ଭାବନା ରହିଛି। ଯେହେତୁ ଏହାର ଗତି ମନ୍ଥର ରହିବ, ସେଥି ସମୟରେ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି। ତେଣୁ ଓଡ଼ିଶାରେ ୨୨ ତାରିଖରେ ପ୍ରବଳ ବର୍ଷା ଏବଂ ୨୩ ଓ ୨୪ ତାରିଖରେ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ଅଳ୍ପ କିଛି ଜାଗାରେ ଅତ୍ୟନ୍ତ ପ୍ରବଳ ବର୍ଷା ଅର୍ଥାତ୍ ୨୦ ସେଣ୍ଟିମିଟର ବା ତା'ଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ଓଡ଼ିଶାରେ ମଧ୍ୟ କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ପବନ ବର୍ତ୍ତମାନ ସମୁଦ୍ର ଉପରେ ଘଣ୍ଟାପ୍ରତି ୪୦ ରୁ ୪୫ କିଲୋମିଟର ବେଗରେ ପ୍ରବାହିତ ହେଉଛି, ଯାହା ମଙ୍ଗଳବାର ସକାଳେ ୪୫ରୁ ୫୫ କିଲୋମିଟର ଏବଂ ୨୩ ତାରିଖ ସକାଳେ ୫୫ ରୁ ୬୫ କିଲୋମିଟର ଏବଂ ଝଟକା ପବନ ୭୫ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ଏହି ପବନ ଯୋଗୁଁ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଅମୃତଭଣ୍ଡା, ସଜନା ଓ କଦଳୀ ଗଛ ଭଳି କୃଷିଜାତ ଫସଲ ବିଶେଷ ଭାବେ ବାଧାପ୍ରାପ୍ତ ହୋଇପାରେ। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

### ସଂଶୋଧିତ ପୁସ୍ତକ...

ପୁସ୍ତକରେ ହଜାର ହଜାର ଭୁଲ ନଜର ଆସିଥିଲା। ପାଖାପାଖି ୧୬୭୮ରୁ ଅଧିକ ଭୁଲ ଦେଖିବାକୁ ମିଳିଥିଲା। ଯାହା ଏନଇପିକୁ ଆଧାର କରି ପ୍ରଥମ ଥର ପାଇଁ ସ୍କୁଲର ପାଠ୍ୟକ୍ରମରେ ପରିବର୍ତ୍ତନ କରାଯାଇଥିଲା। ବହିରେ ପରିବର୍ତ୍ତନ ହୋଇଥିବାରୁ ଛାତ୍ରଛାତ୍ରୀଙ୍କୁ ଡେରିରେ ପାଠ୍ୟ ପୁସ୍ତକ ମିଳିଥିଲା। ତେବେ ବଡ ବିବାଦ ସୃଷ୍ଟି ହେବା ପରେ ଗଣଶିକ୍ଷା ବିଭାଗ ସଂଶୋଧନ ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରିଥିଲା।

### ଶିକ୍ଷକଙ୍କ ସମସ୍ୟାର...

ଅନୁଧ୍ୟାନ କରାଯାଇ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକର ସୂଚନାନୁଯାୟୀ, ଏହି କମିଟି ନିକଟରେ ରାଜ୍ୟର ବିଭିନ୍ନ ବର୍ଗର ଶିକ୍ଷକମାନଙ୍କର ୧୦୪ଟି ସଂଘ କମିଟିକୁ ଭେଟିଛନ୍ତି। କମିଟି ଏହି ଦାବି ସମ୍ପର୍କରେ ୯୦ଟି ବୈଠକ କରିବା ସହ ସରକାରଙ୍କୁ ୭୯ଟି ରିପୋର୍ଟ ପ୍ରଦାନ କରିଛନ୍ତି। ବୈଠକରେ କମିଟିର ବିଭିନ୍ନ ସୁପାରିସ୍ ସମ୍ପର୍କରେ ଅଧ୍ୟକ୍ଷ ଅଶୋକ ତ୍ରିପାଠୀ ଓ ସହ-ଅଧ୍ୟକ୍ଷ ସୁଦର୍ଶନ ନାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ସଚିବ ଉପସ୍ଥିତ ଥିଲେ। କମିଟିର ଅନ୍ୟ ସଦସ୍ୟ ଶାନ୍ତନୁ କୁମାର ସାହୁ, ମନୋରଞ୍ଜନ ମିଶ୍ର ଓ ସଂଯୋଜକ ସଦସ୍ୟ ସନାତନ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

### ୫ ଜିଲ୍ଲା ମୁଖ୍ୟ...

ରାଜ୍ୟର ଜିଲ୍ଲାସ୍ତରୀୟ ଚିକିତ୍ସାଳୟଗୁଡ଼ିକରେ ବିଶେଷଜ୍ଞ ଡାକ୍ତର ତିଆରି ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟର ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବାରେ ଏହା ସହାୟକ ହେବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ସରକାରୀ ଚିକିତ୍ସାଳୟଗୁଡ଼ିକୁ ଉଚ୍ଚ ମାନର ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣର କେନ୍ଦ୍ର ଭାବେ ବିକଶିତ କରିବା ସରକାରଙ୍କର ପ୍ରମୁଖ ଲକ୍ଷ୍ୟ। ଜଗତସିଂହପୁର, କୋରାପୁଟ, କନ୍ଧମାଳ, ଢେଙ୍କାନାଳ, ରାୟଗଡ଼ା ଓ ଅନୁଗୋଳର ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକୁ ନ୍ୟାସନାଲ ବୋର୍ଡ ଅଫ ଏଗଜାମିନେସନ ଇନ୍ ମେଡିକାଲ ସାଇନ୍ସ ମାନ୍ୟତା ମିଳିବା ଏ ଦିଗରେ ଏକ ଉତ୍ସାହଜନକ ପଦକ୍ଷେପ। ଏହାଦ୍ୱାରା ରାଜ୍ୟରେ ବିଶେଷଜ୍ଞ ଡାକ୍ତର ସୃଷ୍ଟି ପାଇଁ ଅଧିକ ସୁଯୋଗ ମିଳିବ ବୋଲି ଡ. ମହାଲିଙ୍ଗ ଆଶା ପ୍ରକାଶ କରିଛନ୍ତି।

### ଆଜିଠୁ ବିଧାନସଭାର...

ସେହିପରି ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସ୍ପଷ୍ଟ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକରେ ବିଧାନସଭା ଅଧିବେଶନର ସୁପରିଚାଳନା ପାଇଁ ଆଲୋଚନା ହେଲା। ବିରୋଧୀ ଦଳ ଏମଏମଡିଆର ଆକ୍ଟ ସଂଶୋଧନ ପ୍ରସଙ୍ଗ ଉଠାଇଛନ୍ତି, ତାହା ଉପରେ ବାଚସ୍ପତି ବିଚାର କରିବେ। ଅଧିବେଶନରେ କେଉଁ ବିଲ୍ ଆସିବ, ସେ ସମ୍ପର୍କରେ ବିଧାନସଭାର କାର୍ଯ୍ୟ ପରାମର୍ଶଦାତା କମିଟି ବିଚାର କରିବେ। ଏବେସୁଦ୍ଧା ୬ଟି ବିଲର ନୋଟିସ୍ ଆସିଛି ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ଆଭିମୁଖ୍ୟକୁ ସହଜରେ ଗ୍ରହଣ କରିବା ମୁଡ୍‌ରେ ନାହିଁ ବିରୋଧୀ ବିଜେଡି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ଆଜି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଚିରାଚରିତ ଢଙ୍ଗରେ ସର୍ବଦଳୀୟ ବୈଠକ ହୋଇଛି। ବିଧାନସଭା କେମିତି ଚାଲିବ, ସେନେଇ ଆଲୋଚନା କଲେ। ଆମେ କିନ୍ତୁ ଏମଏମଡିଆର ଆକ୍ଟ ସଂଶୋଧନ କଥା ଉଠାଇଲୁ, ଓଡ଼ିଶାର ଯାହା କ୍ଷତି ହୋଇଛି ସେନେଇ ଆଲୋଚନା କରାଯାଉ, ନଚେତ୍ ଧନ୍ୟବାଦ ଦେଇ ଆଲୋଚନା କରାଯାଉ। ସେହିପରି ବୈଠକ ପରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ବିଧାନସଭାକୁ ସୁରୁଖୁରୁରେ ଚଳାଇବାକୁ ବାଚସ୍ପତି କହିଛନ୍ତି। ଆମେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଯେଉଁ ପ୍ରସ୍ତାବ ଦେଉଛୁ, ତାକୁ ଆଲୋଚନା ପାଇଁ କହିଛୁ। ଏମଏମଡିଆର ଆକ୍ଟ ଓ ପାଠ୍ୟପୁସ୍ତକ ତ୍ରୁଟିକୁ ଆଲୋଚନା ପାଇଁ ଆମେ କହିଛୁ। ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବିଜେଡି ବିଧାୟକ ଦଳର ଉପନେତା ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ମୁଖ୍ୟ ସଚେତକ ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଓ କଂଗ୍ରେସ ବିଧାୟକ ଅଶୋକ ଦାସ ଉପସ୍ଥିତ ଥିଲେ। ତେବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବୈଠକରେ ନଥିଲେ।

### ବାଦ୍ ପଡ଼ିଲେ...

ଜଣ ସର୍ଭେ ସମୟରେ ଅନୁପସ୍ଥିତ, ୧,୫୮,୧୧୮ ଜଣଙ୍କର ଦୁଇଟି ସ୍ଥାନରେ ଭୋଟର ତାଲିକା ରହିଥିଲା। ଅନ୍ୟାନ୍ୟ କାରଣରୁ ୧୪,୪୪୧ ଜଣ ବାଦ୍ ପଡ଼ିଛନ୍ତି। ଗତ ଜୁଲାଇ ୫ରେ ପ୍ରକାଶିତ ଚିଠା ରୋଲ୍‌ରେ ଭୋଟର ସଂଖ୍ୟା ୩ କୋଟି ୧୩ ଲକ୍ଷ ୮୭ ହଜାର ୦୩୪ ଥିଲା। ଏହାପରେ ଆସିଥିବା ଦାବି ଓ ଆପତ୍ତିର ଶୁଣାଣି କରାଯାଇ ନୂତନ ଭାବେ ୨,୯୦,୪୯୭ ଜଣଙ୍କ ନାମ ଯୋଡ଼ାଯାଇଥିବା ବେଳେ ୪୪,୭୭୭ ଜଣଙ୍କ ନାମ କଟାଯାଇଥିଲା। ଫଳରେ ଡ୍ରାଫ୍ଟରୁ ଚୂଡ଼ାନ୍ତ ତାଲିକା ମଧ୍ୟରେ ନିଟ୍ ୨,୪୫,୭୨୦ ଜଣ ନୂଆ ଭୋଟର ବୃଦ୍ଧି ପାଇଛନ୍ତି। ପ୍ରକାଶିତ ଚୂଡ଼ାନ୍ତ ତାଲିକା ଅନୁଯାୟୀ ରାଜ୍ୟର ଭୋଟର ସଂଖ୍ୟା ୩ କୋଟି ୧୬ ଲକ୍ଷ ୩୨ ହଜାର ୭୫୪। ସେଥି ମଧ୍ୟରେ ୧ କୋଟି ୬୧ ଲକ୍ଷ ୩୦ ହଜାର ୩୧୯ ଜଣ ପୁରୁଷ, ୧ କୋଟି ୫୪ ଲକ୍ଷ ୯୯ ହଜାର ୬୬୧ ଜଣ ମହିଳା, ୨୭୭୪ ଜଣ ତୃତୀୟ ଲିଙ୍ଗୀ ଏବଂ ସର୍ଭିସ ଭୋଟର ସଂଖ୍ୟା ହେଉଛି ୪୬,୮୧୬। ନୂଆ ଭୋଟର ତାଲିକାରେ ଲିଙ୍ଗ ଅନୁପାତ ହେଉଛି ୯୬୧। ଶୁଣାଣି ପରେ ଫର୍ମ-୭ ଜରିଆରେ ୨୪,୦୭୦ ଜଣ ଅଯୋଗ୍ୟ ଚିହ୍ନଟ ହେବା ସହ ଜୁଲାଇ ୫ରୁ ଅଗଷ୍ଟ ୧୯ ମଧ୍ୟରେ ମୋଟ ୨୦,୭୦୭ ଜଣଙ୍କ ନାମ କଟାଯାଇଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲେ ହେଁ ନାଁ ଯୋଡ଼ିବା, ସଂଶୋଧନ ଓ ବାଦ୍ ଦେବା କାର୍ଯ୍ୟ ନିରନ୍ତର ଚାଲୁ ରହିବ। ନୂଆ ନାଁ ଯୋଡ଼ିବା ପାଇଁ ଫର୍ମ-୬/୬କ ରହିଛି। ନାଁ କାଟିବା ପାଇଁ ଫର୍ମ-୭ ମିଳିବ। ବିବରଣୀ ସଂଶୋଧନ ପାଇଁ ଫର୍ମ-୮ ବ୍ୟବହାର କରିପାରିବେ। ଯଦି କୌଣସି ନାଗରିକ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଇଆରଓ)ଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେ ପ୍ରଥମ ଆପିଲ୍ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ବା ଜିଲ୍ଲାପାଳଙ୍କ ନିକଟରେ କରିପାରିବେ। ସେଠାରେ ସମାଧାନ ନ ହେଲେ ଦ୍ୱିତୀୟ ଆପିଲ୍ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ କରାଯାଇପାରିବ।

### ଓଡ଼ିଶା ପୁଲିସର...

ବିଭିନ୍ନ ଆଳ ଦେଖାଇ ଦକ୍ଷ କର୍ମଚାରୀଙ୍କୁ ପୃଥକ କରି ଥାନା ବାଟାଲିୟନ ଆଦିକୁ ପଠାଇ ଦିଆଯାଇଛି। ୨୦୦୭-୦୮ରେ ରାଜ୍ୟରେ ପୋଲନେଟ, ଡାଟା ପ୍ରୋ, ଏଚଏଫ ଓ ଭିସାଟ ଭଳି ନେଟୱର୍କ ସେବା ଆରମ୍ଭ କରାଯାଇ ପୁଲିସ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିଲା। ପୂର୍ବରୁ ଅତ୍ୟନ୍ତ ନିର୍ଭରଯୋଗ୍ୟ 'ମୋଟୋରୋଲା' କମ୍ପାନୀର ସେଟ୍ ବ୍ୟବହୃତ ହେଉଥିଲା। ସେଗୁଡ଼ିକୁ ଅକାମୀ ଦର୍ଶାଇ ଏବେ ପ୍ରାୟ ୫୦ କୋଟି ବ୍ୟୟରେ ଅତ୍ୟନ୍ତ ନିମ୍ନମାନର ନୂଆ କମ୍ପାନୀର ସେଟ୍ କିଣାଯାଇଛି, ଯାହା ଆଦୌ କାମ କରୁନାହିଁ। ଏଥିରେ ବଡ଼ ଧରଣର କିକ୍‌ବ୍ୟାକ୍ ହୋଇଥିବା ଅଭିଯୋଗ ହେଉଛି। ସାରା ଓଡ଼ିଶାର ସିଗ୍ନାଲ୍ ଗ୍ରହଣ ଓ ପ୍ରେରଣ କରୁଥିବା ଏହି କେନ୍ଦ୍ରରେ ଆବଶ୍ୟକୀୟ ଦକ୍ଷ କର୍ମଚାରୀ ନାହାନ୍ତି। ଅନ୍ୟପଟେ, ସିଗ୍ନାଲ୍ସ ବିଭାଗର ପ୍ରାଥମିକ ଦାୟିତ୍ୱକୁ ପଛରେ ପକାଇ ନିୟମ ବାହାରେ ଏହି ବିଶେଷଜ୍ଞ କର୍ମଚାରୀମାନଙ୍କୁ ସାଧାରଣ ଆଇନଶୃଙ୍ଖଳା ଡ୍ୟୁଟିରେ ନିୟୋଜିତ କରାଯାଉଛି। ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବୈଷୟିକ ଦକ୍ଷତା ଥିବା ଅଧିକାରୀଙ୍କୁ ନିଯୁକ୍ତି ଦେବା ସହ ସିଗ୍ନାଲ୍ସ କାର୍ଯ୍ୟାଳୟର ସଂସ୍କାର କରା ନ ଗଲେ, ଆଗାମୀ ଦିନରେ ରାଜ୍ୟର ସୁରକ୍ଷା ବ୍ୟବସ୍ଥା ପ୍ରତି ଏହା ଅତ୍ୟନ୍ତ ମାରାତ୍ମକ ସାବ୍ୟସ୍ତ ହେବ।

# ନ୍ୟାୟରୁ ବଞ୍ଚିତଙ୍କ ସ୍ୱର ହୁଅନ୍ତୁ ଆଇନ ଛାତ୍ରଛାତ୍ରୀ: ଜଷ୍ଟିସ୍ ମହାପାତ୍ର




ଭୁବନେଶ୍ୱର,୨୧।୯ (ସଂଚାର ବ୍ୟୁରୋ): ଆଇନର କ୍ଷେତ୍ର ଓ ପରିସର ଦିନକୁ ଦିନ ବ୍ୟାପକ ହେଉଥିବାରୁ ବର୍ତ୍ତମାନ ଆଇନ ଶିକ୍ଷା ପ୍ରତି ଆକର୍ଷଣ ବୃଦ୍ଧି ପାଉଛି ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର କହିଛନ୍ତି। 'ଆଇନ ପେସା ଆପଣଙ୍କୁ ନ୍ୟାୟ ସପକ୍ଷରେ ଛିଡ଼ା ହେବା ଏବଂ ନ୍ୟାୟରୁ ବଞ୍ଚିତ ଲୋକଙ୍କ ନିମନ୍ତେ ସ୍ୱର ହେବାର ସୁଯୋଗ ପ୍ରଦାନ କରେ' ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ'ର ୧୬ତମ ଅନୁଷ୍ଠାପନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଜଷ୍ଟିସ୍ ମହାପାତ୍ର ଏହା କହିଥିଲେ। ଆଇନ କ୍ଷେତ୍ରରେ ସଫଳତା ପାଇଁ ନିଷ୍ଠା, ଧୈର୍ଯ୍ୟ ଓ ଦୃଢ଼ତା ସହିତ ଅଭ୍ୟାସ ଓ କାର୍ଯ୍ୟଦକ୍ଷତା ଆବଶ୍ୟକ। ଏହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ।

ବିଶିଷ୍ଟ ଆଇନ ବିଶେଷଜ୍ଞ ଫାଲି ଏସ୍. ନାରିମାନଙ୍କ ଉକ୍ତିକୁ ଉଦ୍ଧୃତ କରି ଜଷ୍ଟିସ୍ ମହାପାତ୍ର କହିଥିଲେ ଯେ, ଥରେ ଆଇନର ଛାତ୍ର ହେଲେ ଜୀବନବ୍ୟାପୀ ଆଇନର ଛାତ୍ର ହୋଇ ରହିବାକୁ ପଡ଼ିଥାଏ। ଯେ କୌଣସି କ୍ଷେତ୍ରରେ ସଫଳତା ପାଇଁ ନିଷ୍ଠା ଓ ଆଗ୍ରହ ଆବଶ୍ୟକ ଏବଂ ଆଇନ ପେସା ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ ବୋଲି ସେ କହିଥିଲେ। ସମାଜ ଆଇନର ଶାସନ ଦ୍ୱାରା ପରିଚାଳିତ ହେଉଥିବାରୁ ଛାତ୍ରଛାତ୍ରୀମାନେ ଧୈର୍ଯ୍ୟର ସହ ଜ୍ଞାନ ଆହରଣ କରିବା ଆବଶ୍ୟକ ବୋଲି ସେ କହିଥିଲେ। ନିଜର ଦକ୍ଷତାକୁ ଶାଣିତ କରିବା ପାଇଁ ନିରନ୍ତର ଅଭ୍ୟାସ ସହ ସେଥିପାଇଁ ସଚ୍ଚୋଟତା ବଜାୟ ରଖି ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଏହି ବିଶ୍ୱବିଦ୍ୟାଳୟ ଉଚ୍ଚମାନର ଶିକ୍ଷା ଓ ଗବେଷଣା ଉପରେ ଗୁରୁତ୍ୱାରୋପ କରେ ବୋଲି କହିଥିଲେ।

ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରି କହିଥିଲେ ଯେ ଆଇନ ଏଭଳି ଏକ ପେସା ଯେଉଁଥିରେ ବୌଦ୍ଧିକ ସଚ୍ଚୋଟତା, ସମ୍ବିଧାନ ପ୍ରତି ପ୍ରତିବଦ୍ଧତା, ନୈତିକ ଦାୟିତ୍ୱ ଓ ନ୍ୟାୟ ଆଶା କରୁଥିବା ଲୋକଙ୍କ ପ୍ରତି ସମ୍ବେଦନଶୀଳତା ଆବଶ୍ୟକ। ଏସ୍‌ଏନ୍‌ଆଇଏଲ୍ ଏହାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଭାବେ ପଢ଼ିବା, ଯୁକ୍ତିସଙ୍ଗତ ଚିନ୍ତା କରିବା, ଦାୟିତ୍ୱର ସହ ଯୁକ୍ତି ଉପସ୍ଥାପନ କରିବା, ପ୍ରଭାବଶାଳୀ ଭାବେ ସଂସ୍ପର୍ଶିତ କରିବା ସହ ସମ୍ବିଧାନ ଓ ଆଇନର ଶାସନର ମର୍ଯ୍ୟାଦା ବଜାୟ ରଖିବାର ମନୋଭାବ ବିକଶିତ କରିବାକୁ ଚେଷ୍ଟିତ ବୋଲି ସେ କହିଥିଲେ।

## ଜାଳେଣି କାଠ ଭର୍ତ୍ତି ପିକଅପ ଜବତ



ନୀଳଗିରି,୨୧।୯ (ସଂଚାର ବ୍ୟୁରୋ): ଆଜି ସକାଳେ ନୀଳଗିରି ଉପଖଣ୍ଡ କୁଲଡିହା ରେଞ୍ଜ ଅଧିନ ଆମ୍ବପୁର ଗ୍ରାମରେ ଏକ ପିକ୍‌ଅପ୍ ଭ୍ୟାନରେ ବେଆଇନ ଭାବେ ଜାଳେଣି କାଠ ପରିବହନ ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୁଲଡିହା ବନ୍ୟପ୍ରାଣୀ ରେଞ୍ଜର କର୍ମଚାରୀମାନେ ଯାଞ୍ଚ ପାଇଁ ଘଟଣାସ୍ଥଳକୁ ଯାଇଥିଲେ। ଓଆର ୦୫ ଏଚି ୫୩୫୬ ନମ୍ବର ବିଶିଷ୍ଟ ଏକ ଧଳା ରଙ୍ଗର ପିକ୍-ଅପ୍ ଭ୍ୟାନ ନିକଟକୁ ଯିବା ସମୟରେ ଡ୍ରାଇଭର ବନ କର୍ମଚାରୀମାନଙ୍କୁ ଦେଖି ଗାଡ଼ିକୁ ରାସ୍ତା ଉପରେ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ରେଞ୍ଜ ବନ୍ୟପ୍ରାଣୀ ବିଟ୍‌ର ବନରକ୍ଷୀ ରାଜେଶ କୁମାର ବାରିକ ଜାଳେଣି କାଠ ଭର୍ତ୍ତି ହୋଇଥିବା ଗାଡ଼ିକୁ ଜବତ କରି କୁଲଡିହା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ବନବିଭାଗ ପକ୍ଷରୁ ଯୁକ୍ତ କେସ୍ ନଂ ୦୪କେ/୨୦୨୬-୨୭ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

## କୋରେଇରେ ମଜବୁତ ହେଉଛି ବିଜେପି ସଙ୍ଗଠନ, ଜେନ୍-ଜି ଭୋଟରଙ୍କୁ ଟାର୍ଗେଟ



କୋରେଇ, ୨୧।୯ (ସଂଚାର ବ୍ୟୁରୋ): କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ କୋରେଇ ନିର୍ବାଚନ ମଣ୍ଡଳୀରେ ବିଜେପି ସଙ୍ଗଠନ ଦିନକୁ ଦିନ ମଜବୁତ ହେଉଛି। ବୈତରଣୀ ଅଂଚଳ ଯୁବ ନେତା ତଥା ରାଜ୍ୟ ବିଜେପି ପରିଷଦ ସଦସ୍ୟ ଶ୍ରୀ ପ୍ରକାଶ କୁମାର ଧଳ ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରୁଛନ୍ତି। ସେ ନୂତନ ଭୋଟର ଜେନଜୀ ଯୁବକମାନଙ୍କ ପାଖରେ ପହଂଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଜନହିତକର ପଦକ୍ଷେପ ଓ ଯୋଜନା ସମ୍ପର୍କରେ ଅବଗତ କରାଉଛନ୍ତି। ଏହା ସହିତ ବିଧାୟକ ଶ୍ରୀ ଦାସନାୟକଙ୍କ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ କୋରେଇ ଗଠନ ଲକ୍ଷ୍ୟକୁ ସାକାର କରିବା ପାଇଁ ଶ୍ରୀ ଧଳ ବୃକ୍ଷରୋପଣ, ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜରିଆରେ ଲୋକଙ୍କ ନିକଟତର ହେଉଛନ୍ତି। ଏହାର ପ୍ରଭାବରେ ବିଜେପି ସପକ୍ଷରେ ଭୋଟ ହାର ବଢ଼ୁଥିବା ଦେଖିବାକୁ ମିଳୁଛି। ଆଗାମୀ ପଂଚାୟତ ନିର୍ବାଚନରେ ଏହାର ସୁଫଳ ମିଳିବ ଏବଂ ବିଜେପି ସମର୍ଥିତ ପ୍ରାର୍ଥୀମାନେ ବିରୋଧୀ କଂଗ୍ରେସ ଓ ବିଜେଡିକୁ ନିଶ୍ଚିତ ପରାସ୍ତ କରିବେ ବୋଲି ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି।

## କୋକସରା ବ୍ଲକରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର




ଭବାନୀପାଟଣା, ୨୧।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ଗୁଣାତ୍ମକ ସମାଧାନ ନିମନ୍ତେ ଆଜି କୋକସରା ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଯୁଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଓ୍ୱାନ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତାରା ଜସ୍ମିନ୍ ଗୁଡ଼ିଆଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଉପ ନିର୍ଦ୍ଦେଶକ ଯୋଜନା ଏବଂ ସମନ୍ୱୟ ଶ୍ରୀକାନ୍ତ ଦଳେଇ, ସିଡିଏମଓ ଡ଼ ହରେକୃଷ୍ଣ ଶତପଥୀ, ଗୋଷ୍ଠୀ ଉନ୍ନୟନ ଅଧିକାରି ଡ ହିମାଞ୍ଚଳ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଆଜିର ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ଟି ସାମୂହିକ ଅଭିଯୋଗ ରହିଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୪ଟି ଅଭିଯୋଗର ତତ୍କାଳ ସମାଧାନ ଘଟଣାସ୍ଥଳରେ କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଚିକିତ୍ସା ବାବଦ ସହାୟତା ପ୍ରଦାନ କରାଗଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗଗୁଡ଼ିକର ତ୍ୱରିତ, ନ୍ୟାୟସଙ୍ଗତ ଓ ଗୁଣାତ୍ମକ ଫଇସଲା କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି।ସାମାଜିକ ସୁରକ୍ଷା ବିଭାଗ ତରଫରୁ ୨ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା

## ଦର୍ଲିପାଲି ବରୋଭଗାରରେ 'ରାଇଜ'ର ଶୁଭାରମ୍ଭ

*ସ୍ଥାନୀୟ ଯୁବକ-ଯୁବତୀଙ୍କୁ ରୋଜଗାର ଯୋଗାଇବା ଉପରେ ଗୁରୁତ୍ୱ*




ସୁନ୍ଦରଗଡ଼,୨୧।୯ (ସଂଚାର ବ୍ୟୁରୋ): ଲେଫ୍ରିପଡା ବ୍ଲକ ଦର୍ଲିପାଲି ପଞ୍ଚାୟତ ଅନ୍ତର୍ଗତ ବରୋଭଗାରରେ ରବିବାର ଅପରାହ୍ନ ୫ଟାରେ 'ରାଇଜ' କାର୍ଯ୍ୟାଳୟର ଔପଚାରିକ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଏନଟିପିସିର ସ୍ୱାଧୀନ ନିର୍ଦ୍ଦେଶକ ସୁଶୀଲ କୁମାର ଚୌଧୁରୀ, ଟ୍ରାଇବାଲ ଆଡଭାଇଜରୀ ବୋର୍ଡ ସଦସ୍ୟା କୁସୁମ ଟେଟେ, ସଦର ଏସଡିପିଓ ନିର୍ମଳ ମହାପାତ୍ରଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବେକାର ଯୁବକ-ଯୁବତୀଙ୍କୁ ରୋଜଗାରର ସୁଯୋଗ ଦେବା ସହ ସେମାନଙ୍କୁ ସ୍ଥାୟୀ ଜୀବିକା ଦିଗରେ ଆଗେଇ ନେବା ଏହି ଅନୁଷ୍ଠାନର ପ୍ରମୁଖ ଉଦ୍ଦେଶ୍ୟ। ଏଥିସହ ଏନଟିପିସିର ସିଏସଆର ମାଧ୍ୟମରେ ମିଳୁଥିବା ସୁବିଧା ଓ ସୁଯୋଗ ସ୍ଥାନୀୟ ଅଞ୍ଚଳର ବିକାଶ ଓ ଲୋକଙ୍କ ହିତରେ ଠିକ୍ ଭାବେ ବିନିଯୋଗ ହେଉ, ସେ ଦିଗରେ ମଧ୍ୟ ଏହି ଅନୁଷ୍ଠାନ କାର୍ଯ୍ୟ କରିବ।

### ବିଦ୍ୟୁତ ବିଭାଗର ମନମାନୀ

## ୫ ଦିନ ହେଲା ସରକାରୀ ବିଦ୍ୟାଳୟରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

ବୋରିଗୁମ୍ମା,୨୧।୯ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଏକାଧିକ ସରକାରୀ ବିଦ୍ୟାଳୟର ବିଦ୍ୟୁତ୍ ସଂଯୋଗ ବିନା ସୂଚନାରେ ବିଚ୍ଛିନ୍ନ କରାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟୁତ ବିଭାଗର ଏପରି ମନମୁଖୀ କାର୍ଯ୍ୟାଳାପ ଯୋଗୁଁ ଏବେ ସରକାରୀ ବିଦ୍ୟାଳୟରେ ପାଠପଢ଼ା ସହ ଛାତ୍ରଛାତ୍ରୀଙ୍କୁ ପାଣି ଯୋଗାଣ, ପଙ୍ଖା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି। କେତେକ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଗରମ ଓ ଅନ୍ଧାରରେ ରାତି କାଟିବା ସହ ହଷ୍ଟେଲରେ ପାଣି ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି।

ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଡିଜିଟାଲ ମିଟରରୁ ସିଧାସଳଖ ବିଦ୍ୟୁତ ବିଚ୍ଛିନ୍ନ ହୋଇଥିବା ବେଳେ ଏନେଇ ଆଗୁଆ ସୂଚନା ଦିଆଯାଇ ନ ଥିଲା। ଏହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ପ୍ରଥମେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ସାଧାରଣ ବିଦ୍ୟୁତ ବିଭ୍ରାଟ ବୋଲି ଭାବିଥିଲେ ଓ ଦୀର୍ଘ ସମୟ ପରେ ମଧ୍ୟ ବିଦ୍ୟୁତ୍ ନଆସିବାରୁ

**ଦୁର୍ଦ୍ଦଶା ଭୋଗୁଛନ୍ତି କୋମଳମତି ଛାତ୍ରଛାତ୍ରୀ**

ଖୋଜ ଖବର ନେବା ପରେ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଥିଲା ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

ସହର ମଧ୍ୟରେ ଥିବା ଜେ ବି. ସ୍କୁଲରେ ନଳକୂପରେ ପାଣି ମଟର ସଂଯୋଗ ହୋଇଥିବାରୁ ପାନୀୟ ଜଳର ଘୋର ସମସ୍ୟା ନେଇ ପ୍ରଧାନଶିକ୍ଷକ ବୋରିଗୁମ୍ମା ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗ କରିଥିଲେ। ବକେୟା ଅର୍ଥ ପୈଠ ନକଲେ ବିଦ୍ୟୁତ ସଂଯୋଗ ଦିଆଯିବ ନାହିଁ ବୋଲି ଜଣାପଡ଼ିଥିଲା।ବୋରିଗୁମ୍ମା ଏନଏସି ର ଏକାଧିକ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ବିଦ୍ୟୁତ ବିଚ୍ଛିନ୍ନ ହେବାରୁ ସମସ୍ୟା ଉପୁଜିଛି। କୋମଳ ମତି ଶିଶୁ ମାନେ ଶ୍ରେଣୀଗୃହରେ ଅନ୍ଧାର ରହୁଥିବାବେଳେ ପ୍ରବଳ ଗରମ ଓ ଗୁଳୁଗୁଳିରେ ଶ୍ରେଣୀଗୃହ ଭିତରେ ବସିନପାରି ଶେଷରେ ବାଧ୍ୟ ହୋଇ ବାରଣ୍ଡାରେ ବସି ପାଠ ପଢ଼ୁଥିବା ଦେଖିବାକୁ ମିଳିଛି। ଏକାଧିକ ବିଦ୍ୟାଳୟର ବିଦ୍ୟୁତ ସଂଯୋଗ କଟିବା ପରେ ବିଦ୍ୟାଳୟଗୁଡ଼ିକର ବକେୟା ବିଦ୍ୟୁତ ବିଲ୍ ଓ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟକୁ ନେଇ ପ୍ରଶ୍ନ ଉଠିଛି।

## ବିଶ୍ୱକର୍ମା ପୂଜାରେ ଭାଙ୍ଗିଲା ଲାଇଟ ଗେଟ, ଅଳ୍ପକେ ବର୍ତ୍ତିଲେ ଲୋକେ



ପାରାଦୀପ,୨୧।୯ (ସଂଚାର ବ୍ୟୁରୋ): ବିଶ୍ୱକର୍ମା ପୂଜା ଚାଲିଥିବା ବେଳେ ପାରାଦୀପରେ ଘଟିଛି ଅଘଟଣ। ବର୍ଷା ଓ ପବନରେ ଭାଙ୍ଗି ପଡ଼ିଛି ଏକ ଲାଇଟ ଗେଟ। ଆଜି ମଧ୍ୟାହ୍ନ ସମୟରେ ପାରାଦୀପରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ଝଡ଼ ପବନ ହୋଇଥିଲା। ଏହି ସମୟରେ ପୂଜା ପଡ଼ିଆକୁ ଯାଇଥିବା ରାସ୍ତା ଉପରେ ନିର୍ମାଣ ହୋଇଥିବା ଏକ ଲାଇଟ ଗେଟ ହଠାତ୍ ଭାଙ୍ଗି ପଡ଼ିଥିଲା। ଲାଇଟ ଗେଟଟି ଭାଙ୍ଗି ପଡ଼ିବାରୁ ତା' ତଳେ ଏକ କାର ଓ ଦୁଇଟି ବାଇକ ଚାପି ହୋଇଯାଇଥିଲା। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ସେଠାରେ ପହଞ୍ଚି କାର ଓ ବାଇକ ମଧ୍ୟରେ ଥିବା ଲୋକମାନଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ତେବେ ଏହି ଘଟଣାରେ କାହାରି କୌଣସି ଆହତ କିମ୍ବା ଜୀବନହାନି ହୋଇନଥିବା ଜଣାପଡ଼ିଛି।

ଖବର ପାଇ ପୁଲିସ ପ୍ରଶାସନ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲାଇଟ ଗେଟକୁ ହଟାଇ ରାସ୍ତା ସଫା କରାଯିବା ସହ ଯାତାୟାତ ସ୍ୱାଭାବିକ କରାଯାଇଥିଲା। ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗତକାଲି ରାତିଠାରୁ ପାରାଦୀପରେ ବର୍ଷା ଲାଗି ରହିଥିବା ବେଳେ ଆଜି ପବନର ବେଗ ବଢ଼ିଥିଲା। ତେବେ ଅଳ୍ପକେ ଏକ ବଡ଼ ଅଘଟଣ ଟଳିଯାଇଛି।

## ଏସ୍‌ଆଇଆର୍-୨୦୨୬ର ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ



ଖୋର୍ଦ୍ଧା,୨୧।୯ (ସଂଚାର ବ୍ୟୁରୋ): ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଏବଂ ଅତିରିକ୍ତ ଜିଲ୍ଲା ନିର୍ବାଚନଅଧିକାରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ-୨୦୨୬ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ, ଭୁବନେଶ୍ୱର, ଡ଼ଃ ମନୋରଞ୍ଜନ ସାହୁ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋରଧା, ସ୍ୱିଟି ସୋରେନ, ଡେପୁଟୀ କଲେକ୍ଟର, ରଞ୍ଜନ କୁମାର ମହାନ୍ତି, ଡେପୁଟୀ କଲେକ୍ଟର, ନିର୍ବାଚନ, ସଂଗ୍ରାମ ଜେନା ପ୍ରମୁଖ ମଞ୍ଚାସୀନ ଥିବାବେଳେ, ରାଜନୈତିକ ଦଳ ମଧ୍ୟରେ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା ବଦ୍ରି ନାରାୟଣ ଦାଶ, ଭାରତୀୟ ଜାତୀୟ କଂଗ୍ରେସ କାର୍ଯ୍ୟକର୍ତ୍ତା ସୌମ୍ୟ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା, ଦିଲ୍ଲୀପ ହୋତା ଏବଂ ବିଜୁ ଜନତା ଦଳ କାର୍ଯ୍ୟ କର୍ତ୍ତା ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ଏବଂ ସମସ୍ତ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମିଡିଆ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

### ସିଡିପିଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ ଘଟଣା

## ଆଉ କିଏ ରହିଛି ଲିପ୍ତ , ଆଗକୁ କାହା ପାଳି ?

### କେନ୍ଦ୍ରକୁ ନିୟମିତ ଭାବେ ଆସୁନାହାନ୍ତି ଦିଦି

### ଅଧିକାରୀଙ୍କ ନଜର ଅଛି ନା' ନାହିଁ?




ହିଞ୍ଜିଳିକାଟୁ,୨୧।୯ (ସଂଚାର ବ୍ୟୁରୋ): ଶନିବାର ଦିନ ସନ୍ଧ୍ୟାରେ ହିଞ୍ଜିଳିକାଟୁ ସିଡିପିଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଇସିଡିଏସ ସୁପର ଭାଇଜର ବି. ଉମା ପାତ୍ର ଓ କନିଷ୍ଠ ରାଜସ୍ୱ ସହାୟକ ନରସିଂହ ବେହେରା ଜନୈକ ଅଙ୍ଗନବାଡି କର୍ମୀଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତେବେ ଅନ୍ୟପଟେ ଘର ଭଡ଼ା କରିବା ପାଇଁ ଅଙ୍ଗନବାଡି କର୍ମୀ ଜଣକ କହି କହି ଥକିଯାଇଥିଲେ ସିନା କିନ୍ତୁ କେହି ଶୁଣିନଥିଲେ। ଓଲଟା ଉତ୍କୋଚ ମାଗୁଥିଲେ। ନ ଦେଲେ ଘର ଭଡ଼ା ହେବନି କହି ସିଧା ସିଧା ଶୁଣାଉଥିଲେ। ଟଙ୍କା ଯୋଗାଡ଼ ନ କରିପାରି ବଡ଼ ଅସୁବିଧାର ସମ୍ମୁଖୀନ ହେଉଥିଲେ ଅଙ୍ଗନବାଡି କର୍ମୀ। ଯାହା ଫଳରେ ଦୁଇ ଅଙ୍ଗନବାଡି କର୍ମୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ |

ଏଭଳି ଅଭିଯୋଗ କେବଳ ନୂଆ ନୁହଁ, ଗତ ଅଗଷ୍ଟ ୧ ତାରିଖରେ ଅଲ ଓଡ଼ିଶା ଅଙ୍ଗନବାଡି ଲେଡିସ ୱାର୍କସ ଆସୋସିଏସନ ପକ୍ଷରୁ ସିଡିପିଓ ବିଜୟ ଲକ୍ଷ୍ମୀ ପାଢ଼ୀଙ୍କୁ ୫ ଦଫା ଦାବି ନେଇ ଏକ ପତ୍ର ପ୍ରଦାନ କରିଥିଲେ ବି କୌଣସି ସମସ୍ୟାର ସମାଧାନ ହେଉ ନ ଥିବା ଜଣାପଡିଛି | ଗତ କିଛି ଦିନ ତଳେ ମୁନିସିପାଲିଟି ଅଞ୍ଚଳର ଜନୈକ କାଉନସିଲରଙ୍କୁ ଉକ୍ତ ଅଙ୍ଗନବାଡି କର୍ମୀ ଘରଭଡା ବାବଦ ୬୫ ହଜାର ଟଙ୍କାର ଚେକରେ ଦସ୍ତଖତ ପାଇଁ କହିଥିଲେ; କିନ୍ତୁ ସନ୍ଦେହ ହେବାରୁ ଏତେ ଟଙ୍କାରେ ଦସ୍ତଖତ ପାଇଁ ମନା କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସିଡିପିଓଙ୍କ କାର୍ଯ୍ୟାଳୟରୁ ସୁପରଭାଇଜରଙ୍କୁ ଫୋନ କରି ଘର ଭଡ଼ା ବାବଦ ଟଙ୍କା କହିବାରୁ ବୁଝି ଦସ୍ତଖତ କରିଥିଲେ। ସେତେବେଳେ ହିଁ ସିଡିପିଓଙ୍କ କାର୍ଯ୍ୟାଳୟରେ ଅର୍ଥ ହେରଫେର ଘଟଣାର ଆଭାସ ମିଳି ସାରିଥିଲା।

ଗତ ସନ୍ଧ୍ୟାରେ ଦୁଇ ଅଙ୍ଗନବାଡି କର୍ମୀ ଟଙ୍କା ଦେବା ବେଳେ ଆଗରୁ ସୂଚନା ପାଇ କାର୍ଯ୍ୟାଳୟରେ ପହଞ୍ଚି ବ୍ରହ୍ମପୁର ଭିଜିଲାନ୍ସ ଏକ ଟିମ ସୁପରଭାଇଜର ବି. ଉମା ପାତ୍ର ଓ କନିଷ୍ଠ ରାଜସ୍ୱ ସହାୟକନରସିଂହ ବେହେରାଙ୍କୁ କାବୁ କରିଥିଲା। ତେବେ ଏସବୁ ଘଟଣାରେ ଆଉ କିଏ କିଏ ବଡ଼ ମୁଣ୍ଡ ସମ୍ପୃକ୍ତ ଅଛନ୍ତି, ଉପଯୁକ୍ତ ତଦନ୍ତ ପରେ ଜଣାପଡିବ। ତେବେ ଆଜି ଛତ୍ରପୁର ଉପଜିଲ୍ଲାପାଳ ଏହି ଘଟଣାକୁ ନେଇ ହିଞ୍ଜିଳି ଗସ୍ତ କରି ତଦନ୍ତ କରିଥିବା ନେଇ ଜଣାପଡିଛି।

ଅନ୍ୟପକ୍ଷରେ ଶନିବାର ଦିନ ଭିଜିଲାନ୍ସ ଚଢ଼ାଉ ପରେ ହିଞ୍ଜିଳିକାଟୁ ପୌରାଞ୍ଚଳର କିଛି ଅଙ୍ଗନବାଡି ଦିଦି କେନ୍ଦ୍ରକୁ ନିୟମିତ ଭାବେ ଆସୁନଥିବା ନେଇ ଚର୍ଚ୍ଚା ଜୋର ଧରିଛି | ଦିଦି ମାନେ ବିଭିନ୍ନ କାର୍ଯ୍ୟ ଦେଖାଇ କେନ୍ଦ୍ରକୁ ନିୟମିତ ଆସୁନଥିବା ବେଳେ ସରକାର ଦେଉଥିବା ବିଭିନ୍ନ ଅନୁଦାନ ଯଥା ପାଠ୍ୟ ସାମଗ୍ରୀ, କେନ୍ଦ୍ରକୁ ସୌନ୍ଦର୍ଯ୍ୟକରଣ ପାଇଁ ୱାଲ ପେଣ୍ଟ କରାଇବା ଆଦି ଅବହେଳା କରନ୍ତି ଓ ଅନୁଦାନକୁ ତୋସାରପାତ କରୁଥିବା ନେଇ କୁହାଯାଉଛି | ଆଉ କିଛି ଦିଦି କେନ୍ଦ୍ର ଠାରୁ ଦୂରରେ ରହୁଥିବାରୁ କେନ୍ଦ୍ରରେ ବିଳମ୍ବରେ ପହଂଚୁଛନ୍ତି ନେଇ ଦେଖିବାକୁ ମିଳିଛି | ଏହି ଘଟଣା ବିଭାଗୀୟ ଅଧିକାରୀଙ୍କ ନଜରରେ ଅଛି ନା' ନାହିଁ ?

## ବିଦ୍ୟୁତ୍ ବିଚ୍ୟୁତିରେ ହନ୍ତସନ୍ତ କୁଡୁମୁଲୁଗୁମା ବାସିନ୍ଦା

### ମରାମତି ବିଳମ୍ବକୁ ନେଇ ଉଠିଲା ପ୍ରଶ୍ନ



କୁଡୁମୁଲୁଗୁମା,୨୧।୯ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମା ଅଞ୍ଚଳରେ ବିଦ୍ୟୁତ୍ ସରବରାହରେ ଅନିୟମିତତା ଯୋଗୁଁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ସେପ୍ଟେମ୍ବର ୧୮ ତାରିଖ ସନ୍ଧ୍ୟାରୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇ ୧୯ ତାରିଖ ରାତି ପ୍ରାୟ ୧୧ଟା ସମୟରେ ବିଦ୍ୟୁତ୍ ଆସିଥିଲା। ଏହାପରେ ୨୦ ତାରିଖରୁ ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି।

ପୂର୍ବ ସୂଚନା ବିନା ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ବିଦ୍ୟାଳୟର ପାଠପଢ଼ା, ଡାକ୍ତରଖାନାର ଚିକିତ୍ସା ସେବା, ସରକାରୀ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କ କାମ ଏବଂ କୋର୍ଟ ସମ୍ପର୍କିତ କାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ସୂଚନା ଅନୁଯାୟୀ, କୁଡୁମୁଲୁଗୁମା ସହରଠାରୁ ପ୍ରାୟ ୧ କିଲୋମିଟର ଏବଂ ବିଦ୍ୟୁତ୍ ଗ୍ରିଡ୍‌ଠାରୁ ପ୍ରାୟ ୨୦୦ ମିଟର ଦୂରରେ ଏକ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଏହି ଖୁଣ୍ଟ ପରିବର୍ତ୍ତନ କରି ନୂତନ ଖୁଣ୍ଟ ପୋତି ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ କରିବାକୁ ପ୍ରାୟ ଏକ ସପ୍ତାହ ସମୟ ଲାଗିପାରେ ବୋଲି ଟାଟା ପାୱାରର କନିଷ୍ଠ ଯନ୍ତ୍ରୀଙ୍କ ପକ୍ଷରୁ କୁହାଯାଇଛି।

ବର୍ତ୍ତମାନ ସାମୟିକ ଭାବେ ପ୍ରାୟ ୭ କିଲୋମିଟର ଦୂରର ଅନ୍ୟ ଏକ ଲାଇନ୍‌ରୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବାରୁ ସେହି ବ୍ୟବସ୍ଥାରେ ମଧ୍ୟ ବାରମ୍ବାର ବିଦ୍ୟୁତ୍ ବ୍ୟାଘାତ ଘଟୁଥିବା କୁହାଯାଉଛି।

କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ, ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହୋଇଯିବାର ଆଶା ରହିଛି। ନୂତନ ବିଦ୍ୟୁତ୍ ଖୁଣ୍ଟ ପହଞ୍ଚିବା ପରେ ଗାତ ଖୋଳିବା, ଖୁଣ୍ଟ ପୋତିବା ଏବଂ ବିଦ୍ୟୁତ୍ ତାର ସଂଯୋଗ କରିବା ପ୍ରକ୍ରିୟା ସମ୍ପନ୍ନ କରାଯିବ ବୋଲି ସେ କହିଛନ୍ତି।

ତେବେ ଗ୍ରାଉଣ୍ଡ ଜିରୋରେ ଯାଇ ଦେଖିବା ସମୟରେ ଗ୍ରିଡ୍ ପରିସରରେ ଅନେକ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟ ପଡ଼ିରହିଥିବା ଦେଖାଯାଇଥିଲା। ଏପରି ସ୍ଥିତିରେ ଭାଙ୍ଗିଥିବା ଖୁଣ୍ଟ ପରିବର୍ତ୍ତନ ପାଇଁ ଆବଶ୍ୟକ ପ୍ରକ୍ରିୟାରେ ବିଳମ୍ବ କାହିଁକି ହେଉଛି— ତାହାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

## ଲଘୁଚାପଜନିତ ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା

### ୨୩ ଓ ୨୪ରେ କଳିଙ୍ଗିଆ ଘାଟିରେ ବନ୍ଦ ରହିବ ଯାନବାହନ ଚଳାଚଳ



ଫୁଲବାଣୀ,୨୧।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ଠାରୁ କଳୀଙ୍ଗିଆ ଘାଟି ଅତିକ୍ରମ କରି ବ୍ରହ୍ମପୁରକୁ ସଂଯୋଗ ହୋଇଥିବା ଜାତୀୟ ରାଜପଥ ଆସନ୍ତା ୨୩ ଓ ୨୪ ତାରିଖ ଦୁଇଦିନ ବନ୍ଦ ରହିବା ପାଇଁ ଜିଲ୍ଲା ପ୍ରଶାସନ ଜିଲ୍ଲାପାଳ ବେଦ ଭୂଷଣ ସୂଚନା ଦେଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ରାଜ୍ୟ ପାଣପାଗ ବିଜ୍ଞାନ ସୂଚନା କେନ୍ଦ୍ରର ସୂଚନା ପ୍ରକାରେ ବଙ୍ଗୋପ ସାଗରରେ ଲଘୁଚାପ ଜନିତ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଥିବାରୁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହୋଇ ବାତ୍ୟା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବେଦ ଭୂଷଣ ସତର୍କତା ରହିବାକୁ ଓ କଳୀଙ୍ଗିଆ ଘାଟି ଅତିକ୍ରମ କରି ଯାନବାହନ ଚଳାଚଳ କରା ନଯିବାକୁ ପରାମର୍ଶ ଦେଇଛନ୍ତି।

ପ୍ରକାଶ ଥାଉକି ଗତ ୨୦୨୫ ସେପ୍ଟେମ୍ବର ମାସ ୧୬ରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ କଳୀଙ୍ଗିଆ ଘାଟିରେ ପାହାଡ଼ରୁ ବନ୍ୟାଜଳ ପ୍ରବାହିତ ହୋଇ ବଡ଼ ଧରଣର ଭୂସ୍ଖଳନ ହୋଇଥିଲା । ଯାହା ଫଳରେ ଏହି ରାସ୍ତା ଦେଇ ୪୭ ଦିନ ଯାନବାହାନ ଚଳାଚଳ ଠପ୍ ହୋଇଯାଇଥିଲା। ଏଣୁ ଲଘୁଚାପ ଅପପାତ ରୂପ ନେଇ ୨୨ ତାରିଖରେ ବାତ୍ୟା ଲ୍ୟାଣ୍ଡଫଲ ଥିବାରୁ ୨୩ ଓ ୨୪ ଦୁଇଦିନ ଦକ୍ଷିଣ ଅଞ୍ଚଳରେ ପ୍ରବଳ ବର୍ଷା ହେବ ଏହି ଆଶଙ୍କା ରହିଛି । ତେଣୁ ୨୩ ଓ ୨୪ କଳୀଙ୍ଗିଆ ଘାଟିରେ ଯାନ ବାହାନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରଖା ଯିବାକୁ ଜିଲ୍ଲାପାଳ ସୂଚନା ଦେଇଛନ୍ତି ଓ ସମସ୍ତେ ଏଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

## ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସାମୁଦ୍ରିକ ଗାଁରେ ମତ୍ସ୍ୟ ବିଭାଗର ସଚେତନତା

**ସୁରକ୍ଷିତ ସ୍ଥାନକୁ ଜାଲ, ଡଙ୍ଗା, ବୋଟ ସ୍ଥାନାନ୍ତର**



କାକଟପୁର/ଅସ୍ତରଙ୍ଗ,୨୧।୯ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ସମ୍ଭାବ୍ୟ ବାତ୍ୟାର ରୂପ ନେଉଥିବା ବେଳେ ପୁରୀ ଜିଲ୍ଲାର ସବୁଠାରୁ ସମ୍ବେଦନଶୀଳ ଅସ୍ତରଙ୍ଗ ବ୍ଲକରେ ଆଗୁଆ ପ୍ରସ୍ତୁତି ଜୋରଦାର ହୋଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବ୍ୟାପକ ସଚେତନତା ଅଭିଯାନ ପରେ ଅସ୍ତରଙ୍ଗ ବ୍ଲକ ଅଧୀନ ୨୨ଟି ସାମୁଦ୍ରିକ ଗ୍ରାମର ମତ୍ସ୍ୟଜୀବୀ ନିଜ ଜୀବନ ଜୀବିକାର ଏକମାତ୍ର ସାହାରା ଜାଲ, ଡଙ୍ଗା, ଟାପା ଏବଂ ମୋଟର ବୋଟକୁ ସମୁଦ୍ର କୂଳରୁ ସୁରକ୍ଷିତ ଓ ଶୁଖିଲା ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି। ଫଳରେ ଏବେ ଅସ୍ତରଙ୍ଗର ଲମ୍ବା ବେଳାଭୂମି ସମ୍ପୂର୍ଣ୍ଣ ଫାଙ୍କା ପଡିଥିବା ବେଳେ ଗାଁ ନିକଟରେ ଓ ଉଚ୍ଚ ସ୍ଥାନମାନଙ୍କରେ ଶହ ଶହ ଡଙ୍ଗା ଓ ଟାପାର ଲମ୍ବା ଧାଡି ଲାଗିଛି।

ସୂଚନା ଅନୁଯାୟୀ ଅସ୍ତରଙ୍ଗ ବ୍ଲକ ଅଧୀନ ଡାଲୁଅକଣି, ନୂଆଗଡ, ନଗର, ପାଟସୁନ୍ଦରପୁର, ସହନ, କାଳିଆକଣ ସମେତ ମୋଟ ୨୨ଟି ମତ୍ସ୍ୟଜୀବୀ ଗ୍ରାମ ରହିଛି। ଏହି ସବୁ ଗାଁର ପ୍ରାୟ ୧୦ ହଜାରରୁ ଅଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମୁଦ୍ର ଉପରେ ନିର୍ଭରଶୀଳ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବାତ୍ୟା ସତର୍କତା ଜାରି ହେବା ପରେ ମତ୍ସ୍ୟ ବିଭାଗ ତତ୍ପର ହୋଇଉଠିଛି। ଗତ ଦୁଇ ଦିନ ହେଲା ବିଭାଗ ପକ୍ଷରୁ ସାଗର ମିତ୍ର ମାନଙ୍କ ସହାୟତାରେ ପ୍ରତ୍ୟେକ ଗାଁକୁ ଯାଇ ମାଇକ, ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଉଛି। ସମୁଦ୍ରକୁ ନ ଯିବାକୁ, ସମୁଦ୍ରରେ ଥିବା ସମସ୍ତ ମତ୍ସ୍ୟଜୀବୀ ତୁରନ୍ତ କୂଳକୁ ଫେରିବାକୁ ଏବଂ ନିଜ ମାଛ ଧରା ସାମଗ୍ରୀକୁ ସୁରକ୍ଷିତ ସ୍ଥାନକୁ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଖବର ପ୍ରସାରଣ ପରେ ଅସହାୟ ପରିବାରକୁ ମିଳିଲା ପଲିଥିନ୍



ନାରାୟଣପାଟଣା,୨୧।୯ (ସଂଚାର ବ୍ୟୁରୋ): ବର୍ଷାରେ ଘରର କାନ୍ଥ ଭୁଶୁଡ଼ିଯିବା ପରେ ଅସହାୟ ହୋଇପଡ଼ିଥିବା ବୃଦ୍ଧ ଦମ୍ପତିଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ଦେଖାଇଛି। ନାରାୟଣପାଟଣା ତହସିଲ ଅନ୍ତର୍ଗତ ବ୍ରାହ୍ମଣସାହିର ଭାସ୍କର ପ୍ରଧାନଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ପଲିଥିନ୍ ଯୋଗାଇ ଦିଆଯାଇଛି।

ଗତ ଶନିବାର ମଧ୍ୟରାତ୍ରିରେ ଅଦିନିଆ ବର୍ଷା ଯୋଗୁଁ ଭାସ୍କରଙ୍କ କଚ୍ଚା ଘରର ଏକ କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ବୃଦ୍ଧ ଦମ୍ପତିଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଥିବା ଆଶ୍ରୟ ମଧ୍ୟ ବିପଦସଙ୍କୁଳ ହୋଇପଡ଼ିଥିଲା। ଆଗକୁ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ନେଇ ପରିବାର ମଧ୍ୟରେ ଚିନ୍ତା ବଢ଼ିଥିଲା।

ଏ ସମ୍ପର୍କରେ ଖବର ପ୍ରକାଶ ପରେ ନାରାୟଣପାଟଣା ତହସିଲ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତହସିଲଦାର ସୁଶ୍ରୀ ପ୍ରଭାତୀ

**ସଂଚାର ପ୍ରଭାବ**

ଝୋଡ଼ିଆ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ୍ ପ୍ରଦାନ କରିଥିଲେ। ଏଥିସହ ଘରର ଡିଓ ପଟ୍ଟା ଥିଲେ ନିୟମାନୁସାରେ ସରକାରୀ ସହାୟତା ପାଇବାକୁ ପରିବାର ଯୋଗ୍ୟ ହୋଇପାରିବେ ବୋଲି ସେ କହିଛନ୍ତି।

# ଓଡ଼ିଶା ସରକାର-'ସେଲ୍କୋ' ଫାଉଣ୍ଡେସନ୍ ବୁଝାମଣା



● ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

● ସମୃଦ୍ଧି, ସୁସ୍ଥତା ଓ ସମାନତା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ: ମୁଖ୍ୟ ସଚିବ

ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ଦକ୍ଷିଣ ଓଡ଼ିଶାରେ ସମାବେଶୀ ଓ ସ୍ଥାୟୀ ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର ଏବଂ 'ସେଲ୍କୋ' ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍ଏନ୍ ଏବଂ 'ସେଲ୍କୋ' ଫାଉଣ୍ଡେସନ୍‌ର ମୁଖ୍ୟ ଫାଇନାନ୍ସ ଅଧିକାରୀ ଭିକେ ଜୋବି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

ପ୍ରାଥମିକ ପର୍ଯ୍ୟାୟରେ କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ଏହି ସହଯୋଗ କାର୍ଯ୍ୟକାରୀ ହେବ। ସ୍ଥାୟୀ ଜୀବିକା ଓ ସ୍ଥାନୀୟ ଅର୍ଥନୈତିକ ବିକାଶ, ସ୍ୱାସ୍ଥ୍ୟ ଓ ପୁଷ୍ଟି, ସ୍ୱଚ୍ଛ ଶକ୍ତି, ଜଳବାୟୁ ସହନଶୀଳ ବିକାଶ, ଆଦିବାସୀ ଜ୍ଞାନ ଓ ନବସୃଜନ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗିତା ଭଳି କ୍ଷେତ୍ରରେ ମିଳିତ ଭାବେ ପଦକ୍ଷେପ ନିଆଯିବ।

ଏହି ସହଯୋଗରେ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ସହ ଜିଲ୍ଲା ପ୍ରଶାସନର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନର ସରକାରୀ ଯୋଜନା ଓ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପ୍ରଯୁକ୍ତି, ବୈଷୟିକ ଜ୍ଞାନ, ନବସୃଜନ ଓ କ୍ଷମତା ବିକାଶର ଉପଯୋଗ କରାଯିବ। ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ, ଯୁବବର୍ଗ, କାରିଗର, ଆଦିବାସୀ ସମୁଦାୟ, ଦିବ୍ୟାଙ୍ଗ ଏବଂ ଗ୍ରାମୀଣ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ଜୀବିକା ଓ ଉଦ୍ୟୋଗିତାକୁ ବଜାର ସଂଯୋଗ, ପ୍ରଯୁକ୍ତି ଓ ଦକ୍ଷତା ବିକାଶ ମାଧ୍ୟମରେ ସୁଦୃଢ଼ କରାଯିବ।

ଏହି ବୁଝାମଣାପତ୍ର ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ନିର୍ଦ୍ଦିଷ୍ଟ ପ୍ରକଳ୍ପ ଓ ପଦକ୍ଷେପର ଆବଶ୍ୟକତା ଅନୁଯାୟୀ ପୃଥକ ଯୋଜନା ଓ ବ୍ୟବସ୍ଥା ମାଧ୍ୟମରେ ସହଯୋଗକୁ ଆଗକୁ ନିଆଯିବ। ସମୁଦାୟର ଅଂଶଗ୍ରହଣ, ପ୍ରଯୁକ୍ତି, ନବସୃଜନ ଓ ବୈଷୟିକ ଜ୍ଞାନକୁ ସମନ୍ୱିତ କରି ଦକ୍ଷିଣ ଓଡ଼ିଶାରେ ବିକାଶର ନୂଆ ସୁଯୋଗ ସୃଷ୍ଟି କରିବା ଏହି ସହଯୋଗର ମୁଖ୍ୟ ଲକ୍ଷ୍ୟ।

# ମୌଳିକ ସୁବିଧା ପାଇଁ ୮ କିମି ଚାଲିଲେ ଅନ୍ତେବାସୀ



**ମିଳୁଛି ପୋକରା ଚାଉଳର ଭାତ**

**ନାହିଁ ପାଣିର ସୁବିଧା**

ଉଦଳା,୨୧।୯(ସଂଚାର ବ୍ୟୁରୋ): ମୌଳିକ ସୁବିଧା ପାଇଁ ୮ କିମି ଚାଲିଲେ ଅନ୍ତେବାସୀ। ହଷ୍ଟେଲରେ ଦୁଇ ମାସରୁ ଅଧିକ ସମୟ ହେବ ମିଳୁନାହିଁ ମୌଳିକ ସୁବିଧା। ମିଳୁଛି ପୋକରା ଚାଉଳର ଭାତ, ନାହିଁ ପାଣିର ସୁବିଧା। ଯାହାକୁ ନେଇ ତାତିଛନ୍ତି ଅନ୍ତେବାସୀ। ବିଦ୍ୟାଳୟ ହଷ୍ଟେଲରୁ ବାହାରି ୮ କିମି ଚାଲି ଚାଲି ଯାଉଛନ୍ତି ଛାତ୍ରୀ। ଏଭଳି ଘଟଣା ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ଉଦଳା ବିଷିପୁର ଆଶ୍ରମ ବିଦ୍ୟାଳୟରୁ।

ଆଶ୍ରମ ହଷ୍ଟେଲରେ ୧୫୦ ଛାତ୍ରୀ ରହିଆସୁଛନ୍ତି। ତେବେ ଉକ୍ତ ଅନ୍ତେବାସୀଙ୍କ ପାଇଁ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ହେବ ପାନୀୟ ଜଳ ଓ ବିଦ୍ୟୁତ ସୁବିଧା ଉପଲବ୍ଧ ନାହିଁ, ଯାହାକୁ ନେଇ ବାରମ୍ବାର ଅନ୍ତେବାସୀମାନେ ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀ ଓ ମ୍ୟାଟ୍ରନଙ୍କୁ ଅବଗତ କରିଆସିଛନ୍ତି। ଏପରିକି ମ୍ୟାଟ୍ରନ ଏ ବାବଦରେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ ମଧ୍ୟ ପ୍ରଧାନଶିକ୍ଷକ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ବରଂ ପ୍ରଧାନଶିକ୍ଷକ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟରେ ଅନ୍ତେବାସୀମାନଙ୍କୁ ଗାଳିଗୁଲଜ କରୁଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏସବୁ ସମସ୍ୟାର ସମାଧାନ ହୋଇନଥିବାରୁ ଶେଷରେ ଆଜି ଅନ୍ତେବାସୀମାନେ ହଷ୍ଟେଲରୁ ବାହାରି ଚାଲି ଚାଲି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଶିକ୍ଷା ଅଧିକାରୀଙ୍କୁ ଭେଟିବାକୁ ଯାଇଛନ୍ତି।

● ରେଳ ଧାରଣା ପାର୍ ବେଳେ ଚଢ଼ିଗଲା ଶାଲିମାର ଏକ୍ସପ୍ରେସ୍

# ଚାଲିଗଲା ଦୁଇ ମହିଳାଙ୍କ ଜୀବନ

ବାଲେଶ୍ୱର,୨୧।୯(ସଂଚାର ବ୍ୟୁରୋ): ଟ୍ରେନ୍‌ରେ କଟିଯାଇଛନ୍ତି ଦୁଇ ଜଣ ମହିଳା। ରେଳ ଧାରଣା ପାର୍ ହେଉଥିଲା ସମୟରେ ସେମାନଙ୍କ ଉପରେ ଶାଲିମାର ଏକ୍ସପ୍ରେସ ଚଢ଼ିଯାଇଛି। ବାଲେଶ୍ୱର ଜିଲ୍ଲା ବସ୍ତା ରେଳ ଷ୍ଟେସନ ନିକଟରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ଘଟଣାସ୍ଥଳରେ ରେଳବାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନସ୍ଥ ବାଉଁଶତୋଫା ଗାଁର ଦୁଇ ମହିଳା ବସ୍ତା ବଜାରକୁ ଆସିଥିଲେ। ଘରକୁ ଫେରିବା ସମୟରେ ଅସାବଧାନତାବଶତଃ ରେଳ ଧାରଣା ପାର୍ ହେଉଥିଲେ। ଏହି ସମୟରେ ହାଓ୍ୱଡ଼ା ଅଭିମୁଖେ ଯାଉଥିବା ଶାଲିମାର ଏକ୍ସପ୍ରେସ୍ ଟ୍ରେନ୍ ଦୁଇ ମହିଳାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

# କାର୍ ଧକ୍କାରେ ବାଇକ ଚାଳକ ମୃତ

ବୌଦ୍ଧ,୨୧।୯(ସଂଚାର ବ୍ୟୁରୋ): ଗଞ୍ଜେଇ ଭର୍ତ୍ତି ଇନୋଭା କାର ଧକ୍କାରେ ଜନୈକ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ଥାନା ଅନ୍ତର୍ଗତ ଚମ୍ପାପୁର ଛକରେ ଭୟଙ୍କର ଦୁର୍ଘଟଣା। ମୃତକ ଜଣଙ୍କ ହେଲେ ଚମ୍ପାପୁର ଗ୍ରାମର ଅଶୋକ ଅଦର। ତେବେ ଦୁର୍ଘଟଣା ପ୍ରତିବାଦରେ ଘଟଣାସ୍ଥଳରେ ଲାଗିରହିଛି ଉତ୍ତେଜନା। ସେପଟେ ପୁଲିସର ତଦନ୍ତ ଆରମ୍ଭ ହୋଇଛି। ଫୁଲବାଣି ପଟୁ ବୌଦ୍ଧ ଅଭିମୁଖେ ଯାଉଥିବା ଏକ ଗଞ୍ଜେଇ ବୋଝେଇ ଇନୋଭା କାରଟି ଉକ୍ତ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକଟି ୨୦ ଫୁଟ ତଳକୁ ଖସି ପଡିଥିବା ବେଳେ ଘଟଣାସ୍ଥଳରେ ହିଁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ଇନୋଭା କାର ଚାଳକକୁ ପୁଲିସ କାବୁ କରିଥିବା ବେଳେ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପଟେ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଯୋଗାଇଦେବା ଦାବି ନେଇ ଉତ୍ତ୍ୟକ୍ତ ଲୋକେ କିଛି ସମୟ ଧରି ରାସ୍ତାରୋକ କରିଥିଲେ। ତେବେ ପୁଲିସ୍ ସେମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିବା ଜଣାପଡ଼ିଛି।

# ବଡ଼ଗଡ଼ ବନାଞ୍ଚଳକୁ ବଡ଼ ସଫଳତା, ଶାଗୁଆନ କାଠ ସହ ଗାଡ଼ି ଜବତ



ସୋରଡ଼ା,୨୧।୯(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ବନାଞ୍ଚଳକୁ ବଡ ସଫଳତା ମିଳିଛି। ରାତ୍ରିରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ମିନି ଟ୍ରକ୍‌ରେ ୩୦ରୁ ଊର୍ଦ୍ଧ୍ୱ ଶାଗୁଆନ କାଠ ବୋଝେଇ ହୋଇଯାଉଥିବା ସମୟରେ ମାଡ଼ି ବସିଲା ବନ ବିଭାଗ। ଜବତ କାଠର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ଟଙ୍କା ହେବ ଓ ଜବତ ଗାଡ଼ିର ଦାମ୍ ୪ ଲକ୍ଷ ଟଙ୍କା ହେବ ବୋଲି ବଡ଼ଗଡ଼ ରେଞ୍ଜର୍ ଅଞ୍ଜନ କୁମାର ନାୟକ ସୂଚନା ଦେଇଛନ୍ତି। ଉକ୍ତ ଗାଡ଼ିଟି ମେରିକୋଟରୁ ମାଣ୍ଡିଆଖମଣ ଦେଇ ଆସୁଥିବା ସମୟରେ ବନ ବିଭାଗର କର୍ମଚାରୀମାନେ ଏହାକୁ ଜବତ କରିଥିଲେ। ପୁଲିସ୍ ଆଖିରେ ଧୂଳି ଦେବା ସକାଶେ କାଠ ମାଫିଆ ଗାଡ଼ିରେ ଜାତୀୟ ପତାକା ଲଗାଇ ଯାଉଥିଲେ। କିନ୍ତୁ ପୁଲିସ୍ ହାତରେ ଗାଡ଼ି ଧରାପଡ଼ିବା ପରେ ତାଙ୍କର ଏହି ଚାଲାକୀ ବେକାର ସାବ୍ୟସ୍ତ ହୋଇଛି।

# ସୋସିଆଲ ମିଡିଆ ଲାଇଭକୁ ନେଇ ରାଜଧାନୀରେ ଫୁଟିଲା ଗୁଳି



ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ଭୁବନେଶ୍ୱରର ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ଅଞ୍ଚଳରେ ଏକ ଫେସବୁକ୍ ଲାଇଭ୍ ଭିଡିଓକୁ କେନ୍ଦ୍ର କରି ହୋଇଥିବା ବିବାଦ ହିଂସାତ୍ମକ ରୂପ ନେଇଛି। ଏହି ସଂଘର୍ଷରେ ପାଞ୍ଚ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ଗତକାଲି ଜଣେ ଯୁବକ ଫେସବୁକ୍‌ରେ ଲାଇଭ୍ ଆସି ଏକ ଘଟଣା ସମ୍ପର୍କରେ କହିବା ବେଳେ କଥିତ ଭାବେ ଜାତିଗତ ମନ୍ତବ୍ୟ ଦେଇଥିଲେ। ଏହି ଭିଡିଓଟି ଭାଇରାଲ୍ ହୋଇଯାଇଥିଲା। ଏଥିରେ କ୍ଷୁବ୍ଧ ହୋଇ ବିପକ୍ଷ ଗୋଷ୍ଠୀର କିଛି ସଦସ୍ୟ ଘାଟିକିଆରେ ପହଞ୍ଚିଥିଲେ, ଯେଉଁଠାରେ ମୂର୍ତ୍ତି ବିସର୍ଜନ ଉତ୍ସବ ପାଇଁ ବହୁ ସଂଖ୍ୟକ ଯୁବକ ଏକାଠି ହୋଇଥିଲେ। ଏହା ପରେ ଉକ୍ତ ଫେସବୁକ୍ ଲାଇଭ୍‌କୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ହୋଇଥିଲା ଏବଂ ପରେ ପୂଜା ମଣ୍ଡପ ନିକଟରେ ଏହା ହିଂସାତ୍ମକ ସଂଘର୍ଷ ଓ ମାରପିଟ୍ ହୋଇଥିଲା। ଘଟଣାସ୍ଥଳରେ ପହଞ୍ଚିଥିବା କିଛି ବାହାର ଲୋକ କଥିତ ଭାବେ ଦୁଇ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଏଥିରେ ପାଞ୍ଚ ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ଜବତ କରିଛି ଏବଂ ଅଭିଯୁକ୍ତମାନଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି।

## ସ୍କୁଲରୁ ଚାଉଳ ଓ ଖେଳ ସାମଗ୍ରୀ ଚୋରି: ୬ ଗିରଫ

ବ୍ରହ୍ମପୁର,୨୧।୯(ସଂଚାର ବ୍ୟୁରୋ): ଚାଉଳ ଚୋରି କରି ୬ ଜଣ ଗିରଫ ହୋଇଛନ୍ତି। ସ୍କୁଲରୁ ଚାଉଳ ଓ ଖେଳନା ଚୋରି କରି ଏହି ଅଭିଯୁକ୍ତମାନେ ଗିରଫ ହୋଇଛନ୍ତି। ଘଟଣାଟି ଘଟିଛି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍‌ର ବୀରପଦ୍ମନାଭପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଗତ ୧୬ ତାରିଖ ରାତିରେ କେତେକ ଦୁର୍ବୃତ୍ତ ସ୍କୁଲ ତାଲା ଭାଙ୍ଗି ଚାଉଳ ଓ ଖେଳ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଏହା ପରଦିନ ଅର୍ଥାତ୍ ୧୭ ତାରିଖ ସକାଳୁ ପ୍ରଧାନ ଶିକ୍ଷକ ଏହା ଦେଖିବା ପରେ ପୁଲିସରେ ଖବର ଦେଇଥିଲେ। ଘଟଣାର ତଦନ୍ତ କରି ତିନି ଜଣ ନାବାଳକଙ୍କ ସମେତ ମୋଟ ୬ ଜଣଙ୍କୁ ଗିରଫ କରିଛି ଦିଗପହଣ୍ଡି ଥାନା ପୁଲିସ। ଏଥିସହ ପୁଲିସ୍ ଚୋରି ଯାଇଥିବା ଚାଉଳ ମଧ୍ୟରୁ ୪୦୦ କେଜି ଓ ୧୦ ହଜାର ଟଙ୍କାର ଖେଳ ସାମଗ୍ରୀ ସହ ଏକ ତାଲା ଅଟୋ ଜବତ କରିଛି। ଏହି ଚୋରି ସହ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ତା' ଜାଣିବା ସକାଶେ ପୁଲିସ୍ ଅଧିକ ତଦନ୍ତ କରୁଛି।

## ବାଇକ ଡିକିରୁ ଗଞ୍ଜେଇ ଜବତ, ଜଣେ ଗିରଫ



ବିନିକା,୨୧।୯(ସଂଚାର ବ୍ୟୁରୋ): ବାଇକ ଡିକିରୁ ଗଞ୍ଜେଇ ଜବତ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ନାଇକେନପାଲି ଛକରେ ନଜରକୁ ଆସିଛି ଏଭଳି ଘଟଣା। ରାମପୁର ମାଜିଷ୍ଟ୍ରେଟ ବିଶ୍ୱମ୍ବର ନାଥ ପାଣ୍ଡେଙ୍କ ଉପସ୍ଥିତିରେ ବାଇକ ଡିକିରୁ ସାଢ଼େ ୩ କେଜି ଗଞ୍ଜେଇ ଜବତ କରିବା ସହ ବାଇକକୁ ଜବତ କରିଛି। ଏଥିରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ତିଳପଙ୍ଗା ଗାଁର ଗଞ୍ଜେଇ ମାଫିଆ ଶିବ ରଣାଙ୍କୁ ପୁଲିସ୍ ଗିରଫ କରିଛି। ତେବେ ଗଞ୍ଜେଇ ମାଫିଆ ଶିବ ଓଡି୨୭ଡି ୯୧୪୬ ନମ୍ବରବିଶିଷ୍ଟ ସୁପର ସ୍ପ୍ଲେଣ୍ଡର ବାଇକ ଯୋଗେ ବୌଦ୍ଧରୁ ଡିକିରେ ଗଞ୍ଜେଇ ଧରି ଡୁଙ୍ଗୁରିପାଲି ଯାଉଥିଲେ। ଏହି ସମୟରେ ଗଞ୍ଜେଇ ଜବତ କରିବା ସହ ପୁଲିସ୍ ଶିବଙ୍କୁ କରିବାରେ ସଫଳ ହୋଇଥିଲା।

## ଚୋରା ମଦ ବେପାରୀ ଗିରଫ

● ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ

ବ୍ରହ୍ମଗିରି,୨୧।୯(ସଂଚାର ବ୍ୟୁରୋ): ଚୋରା ମଦ ବେପାରୀ ଗିରଫ। ବ୍ରହ୍ମଗିରି ପୁଲିସ ପକ୍ଷରୁ ବିଭିର୍ଣ୍ଣ ସ୍ଥାନରେ ଚାଲୁଥିବା ଚୋରା ମଦ କାରବାର ସ୍ଥାନମାନଙ୍କରେ ଚଢ଼ାଉ କରାଯାଉଛି। ଚଢ଼ାଉ ସମୟରେ ବ୍ରହ୍ମଗିରି ଖଜୁରିଆ ବଜାରରୁ ଜଣେ ଚୋରା ମଦ ବେପାରୀକୁ ଗିରଫ କରାଯାଇଛି। ନାମୀ ବ୍ରାଣ୍ଡର ମଦ ସବୁ ଜବତ କରାଯାଇଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ଖଜୁରିଆ ଗ୍ରାମର ବିପ୍ଳବ ବେହେରା। ଦୀର୍ଘ ୧୫ ବର୍ଷ ଧରି ଉକ୍ତ ଅଞ୍ଚଳରେ ବିଭିନ୍ନ ପ୍ରକାର ଚୋରା ମଦ ବିକ୍ରି କରିଆସୁଥିଲା। ଏହି ବ୍ୟକ୍ତି ଜଣଙ୍କ ହେଉଛନ୍ତି ଖୁଚୁରା ବେପାରୀ।

# କାମ କରୁନି ରେଡିଓ କଲାର୍, ଜଣାପଡୁନି ଯମୁନା ସ୍ଥିତି



ଶିମିଳିପାଳ,୨୧।୯(ସଂଚାର ବ୍ୟୁରୋ): କେମିତି ଅଛି ମହାରାଷ୍ଟ୍ରର ବାଘୁଣୀ ଯମୁନା? ଗତ କିଛି ସପ୍ତାହ ହେଲା ଜଣାପଡୁନି ବାଘୁଣୀର ଗତିବିଧି। ବାଘୁଣୀର ଗତିବିଧି ଯାଞ୍ଚ୍ ପାଇଁ ବେକରେ ଲାଗିଥିଲା ରେଡିଓ କଲାର୍। ହେଲେ ତା'ର ବ୍ୟାଟେରୀ ସରିଯାଇଥିବାରୁ ବାଘୁଣୀର ଗତିବିଧି ଜଣାପଡୁନି। ଏବେ ବନ ବିଭାଗ ବାଘୁଣୀ ବେକରୁ ରେଡିଓ କଲାର୍ ହଟାଇବାର ଯୋଜନା କରୁଛି। ସୂଚନାନୁସାରେ, ଏହି ରେଡିଓ କଲାର୍ ଏପରି ଡିଜାଇନ କରାଯାଇଛି, ଏହାକୁ ହଟାଇବାରେ ବିଳମ୍ବ ହେଲେ ବି ବାଘୁଣୀର କୌଣସି କ୍ଷତି ହେବ ନାହିଁ।

ବେକରେ ଲାଗିଥିବା ରେଡିଓ କଲାର ଓ ଭିଏଚଏଫ୍ ଟ୍ରାକିଂ ସିଷ୍ଟମ ମାଧ୍ୟମରେ ତା' ଉପରେ ନଜର ରଖାଯାଉଥିଲା। ଏବେ ରେଡିଓ କଲାର୍ କାମ କରିବା ବନ୍ଦ କରିଦେବାରୁ କିଛି ସପ୍ତାହ ହେବ ପରୋକ୍ଷ ସଙ୍କେତ ଯେମିତିକି ପଞ୍ଝା ଚିହ୍ନ ଦେଖି, ଶିକାରର ଅବଶେଷ କିମ୍ବା ତାକୁ ଖୋଜାଖୋଜି କରି ତା' ଉପରେ ନଜର ରଖାଯାଉଛି। କ୍ୟାମେରା ଟ୍ରାପିଙ୍ଗ୍‌ରେ ପ୍ରାୟ ଦେଢ଼ ମାସ ପୂର୍ବେ ତାକୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରର ମୁଖ୍ୟ ଅଞ୍ଚଳରେ ଛଡ଼ାଯାଇଥିଲା ଏବଂ ଫଟୋ ମଧ୍ୟ ଉଠିଥିଲା।

ରେଡିଓ କଲାର କାମ କରୁ ନ ଥିବାରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ପକ୍ଷରୁ ବାଲେଶ୍ୱର ବନ୍ୟ ପ୍ରାଣୀ ବିଭାଗକୁ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗ ଯମୁନା ବେକରେ ଲାଗିଥିବା ରେଡିଓ କଲାର ହଟାଇବାକୁ ପ୍ରୟାସ ଆରମ୍ଭ କରିଛି। ଏହି ପ୍ରକ୍ରିୟା ଦୂରରୁ ରିମୋର୍ଟ ମାଧ୍ୟମରେ କରାଯିବ। ଏଥିପାଇଁ ବାଘୁଣୀକୁ ନିଷ୍ଚେତକ ଦେବାର ଆବଶ୍ୟକତା ନାହିଁ। କଲାରରରୁ ବ୍ୟାଟେରୀ ସରିଯାଇଥିଲେ ବି ସେଥିରେ ଏତିକି ତ ଶକ୍ତି ରହିଛି କି ଦୂରରୁ ତାକୁ ବାଘୁଣୀ ବେକରୁ ଖୋଲାଯାଇପାରିବ ବୋଲି ସୂଚନା ମିଳିଛି।

ବାଘ ସଂଖ୍ୟା ବଢ଼ାଇବାକୁ ଗତ ୨୦୨୪ ଅକ୍ଟୋବର ୨୮ରେ ମହାରାଷ୍ଟ୍ରର ତାଡୋବା ଅନ୍ଧାରୀ ଅଞ୍ଚଳରୁ ଶିମିଳିପାଳକୁ ସ୍ଥାନାନ୍ତରିତ ହୋଇଥିବା ପ୍ରଥମ ବାଘୁଣୀ ଥିଲା ଯମୁନା। ସେହିବର୍ଷ ନଭେମ୍ବର ୯ରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରର ମୁଖ୍ୟ ଅଞ୍ଚଳରେ ଛଡ଼ାଯାଇଥିଲା। ପରେ ପରେ କୁଳଡିହା ଅଞ୍ଚଳରେ ସେ ରହିବାକୁ ଲାଗିଲା। ଚଳିତ ବର୍ଷ ଜିନତ୍ ନାମକ ବାଘୁଣୀ ୪ଟି ଛୁଆ ଜନ୍ମ ଦେଇଥିଲା। ତେଣୁ ବନ ବିଭାଗ ତା'ର ରେଡିଓ କଲାର୍ ବାହାର କରିବାକୁ ଯୋଜନା କରିଥିଲା।

● ଚଳନ୍ତା ବସ୍‌ରୁ ବାହାରିଲା ଧୂଆଁ

# ଭୟରେ ବସରୁ ଡେଇଁଲେ ଯାତ୍ରୀ




ପଟ୍ଟାମୁଣ୍ଡାଇ,୨୧।୯(ସଂଚାର ବ୍ୟୁରୋ): ଚଳନ୍ତା ଯାତ୍ରୀବାହୀ ବସରୁ ଅଚାନକ ଧୂଆଁ ବାହାରିବା ଭଳି ଅଭାବନୀୟ ଘଟଣା ଘଟିଯାଇଛି। ମାତ୍ର ବସରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବସ୍‌ରୁ ଧୂଆଁ ବାହାରିବା ଦେଖି ଯାତ୍ରୀମାନେ ଭୟଭୀତ ହୋଇ ବସ୍‌ରୁ ଡେଇଁ ଦୌଡ଼ାଦୌଡ଼ି କରିଥିଲେ। ପ୍ରକାଶ ଯେ ଆଜି କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଗୋଗୁଆ ଛକ ନିକଟରେ ଅଘଟଣ ଘଟିଛି। ଆଜି ପବନପୁତ୍ର ନାମକ ଏକ ବସ ପଟ୍ଟାମୁଣ୍ଡାଇରୁ କଟକ ଅଭିମୁଖେ ଯାଇଥିବା ବେଳେ କଟକ ଚାନ୍ଦବାଲି ରାଜ୍ୟ ରାଜପଥର ଗୋଗୁଆ ଛକ ନିକଟରେ ହଠାତ୍ ବସରୁ ଧୂଆଁ ବାହାରିଥିଲା। ଏହା ଦେଖି ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। କୌଣସି ଅଘଟଣ ଆଶଙ୍କା କରି ଜୀବନ ବଞ୍ଚାଇବାକୁ ବସ୍ ମଧ୍ୟରୁ ଡେଇଁ ବିଭିନ୍ନ ଆଡ଼େ ଦଉଡ଼ିଥିଲେ। ତେବେ ବସ୍‌ରୁ ଧୂଆଁ ବାହାରିବାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବସ୍‌ର ବ୍ରେକ-ସୁ' ପୋଡ଼ି ଧୂଆଁ ବାହାରୁଥିବା ସନ୍ଦେହ କରାଯାଉଛି। ବସ ହେଲପର ପାଣି ଆଣି ଧୂଆଁ ବାହାରୁଥିବା ଚକାରେ ଢାଳିବା ପରେ ଧୂଆଁ କମିଯାଇଥିଲା। ସ୍ଥାନୀୟ ଲୋକେ ମଧ୍ୟ ଏପରି ଘଟଣା ଦେଖି ଭୟଭୀତ ହେବା ସହ ଘଟଣାସ୍ଥଳରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା।

● ନାବାଳିକା ଅପହରଣ ମାମଲା

# ମାସେ ପରେ ବି ପୁଲିସ୍ ହାତ ଖାଲି




**ସାଂସଦଙ୍କ କଥା ଶୁଣୁନାହାନ୍ତି ଥାନାଧିକାରୀ**

ବାଲିଆପାଳ,୨୧।୯(ସଂଚାର ବ୍ୟୁରୋ): ବାଲିଆପାଳ ଥାନାଞ୍ଚଳରୁ ଜନୈକ ଯୁବକ ଏକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପାଖାପାଖି ମାସେ ହେଲା ଏହି ଅଘଟଣ ଘଟିଥିଲେ ମଧ୍ୟ ଏବେ ବି ପୁଲିସ୍ ଅପହର୍ତ୍ତାଙ୍କ ଟେର୍ ପାଇପାରିନାହିଁ। ବରଂ ଅଭିଯୋଗକାରୀଙ୍କୁ ଥାନାକୁ ଡାକି ବାଲିଆପାଳ ଥାନାଧିକାରୀ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି।

ସୂଚନାରୁ ପ୍ରକାଶ ଯେ ବାଲିଆପାଳ ଥାନା ଅଞ୍ଚଳରୁ ଜନୈକା ୧୬ ବର୍ଷୀୟା ନାବାଳିକାଙ୍କୁ କଟିସାହି ଗ୍ରାମର ଅରୁଣ ରଣଜିତଙ୍କ ପୁଅ ଗତ ମାସ ୨୦ ତାରିଖରେ ଅପହରଣ କରିନେଇଥିବା ବାଲିଆପାଳ ଥାନାରେ ୨୨ ତାରିଖରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ପାଖାପାଖି ମାସେ ପୂରିବାକୁ ବସିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୁଲିସ୍ କୌଣସି ଠୋସ୍ ପଦକ୍ଷେପ ନେଇନାହିଁ। ବରଂ ଝିଅର ଖୋଜ୍‌ଖବର ବୁଝିବା ପାଇଁ ଥାନାକୁ ଆସୁଥିବା ଉକ୍ତ ନାବାଳିକାଙ୍କ ବାପା-ମା'ଙ୍କୁ ପୁଲିସ୍ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହେଉଛି। ଏପରିକି ପୁଲିସର ଅପାରଗତା ପାଇଁ ଅପହର୍ତ୍ତାଙ୍କ ବାପା, ଭାଇ ଓ ଭଡ଼ାଟିଆ ଗୁଣ୍ଡା ବାପା-ମା'ଙ୍କୁ ଜୀବନରେ ମାରିଦେବାକୁ ଧମକର ଦେଉଥିବା ଅଭିଯୋଗ ହୋଇଛି। ବସ୍ତା ଏସଡିପିଓ, ବାଲେଶ୍ୱର ଏସପି ଓ ସ୍ଥାନୀୟ ସାଂସଦଙ୍କୁ ଏ ବାବଦରେ ଅଭିଯୋଗକାରୀ ବାପା-ମା' ଜଣାଇଥିଲେ। ବାଲେଶ୍ୱର ସାଂସଦ ଫୋନରେ ଅଭିଯୋଗକାରୀଙ୍କୁ ଲାଇନରେ ରଖି ଥାନାଧିକାରୀଙ୍କୁ ତାଗିଦା କରିଥିଲେ। କିନ୍ତୁ ଏହାପରେ ବି ଘଟଣାରେ କୌଣସି ଅଗ୍ରଗତି ହୋଇପାରିନାହିଁ। ଅଧିକନ୍ତୁ ଘଟଣା ସମ୍ପର୍କରେ କାହିଁକି ଗଣମାଧ୍ୟମକୁ ସୂଚନା ଦେଲ ବୋଲି କହି ଥାନାଧିକାରୀ ଧମକଚମକ ଦେଉଥିବା ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଜନସାଧାରଣଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ନ ଦେଇ ଲାଞ୍ଚ କାରବାରରେ ବ୍ୟସ୍ତ ଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଥିବା ବେଳେ ଆଲୋଚ୍ୟ ଅପହରଣ ମାମଲାରେ ଜାଣିଶୁଣି କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଆସନ୍ତା ସପ୍ତାହକ ମଧ୍ୟରେ ସେମାନଙ୍କ ଝିଅଙ୍କୁ ପୁଲିସ୍ ଫେରାଇ ନ ଆଣିଲେ ଅଭିଯୋଗକାରୀ ବାଲିଆପାଳ ଥାନା ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଲିଖିତ ନୋଟିସ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି।

# ବୈଶିଙ୍ଗାରେ ଲଜ୍ଜା। ନାବାଳକ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ




ବୈଶିଙ୍ଗା,୨୧।୯(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନାଞ୍ଚଳରେ ଜଣେ ୬ ବର୍ଷୀୟା ଶିଶୁକନ୍ୟାଙ୍କୁ ୧୩ ବର୍ଷୀୟ ସମ୍ପର୍କୀୟ ନାବାଳକ ଭାଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଗତକାଲି ନାବାଳିକା ଜଣଙ୍କ ଘର ବାହାରେ ଖେଳୁଥିବା ସମୟରେ ସମ୍ପର୍କୀୟ ନାବାଳକ ଭାଇ ତାଙ୍କୁ ବିଭିନ୍ନ କଥା କହି ନିକଟସ୍ଥ ଜଙ୍ଗଲକୁ ଡ଼ାକି ନେଇଥିଲା। ସେଠାରେ ସେ ଶିଶୁକନ୍ୟାଟିକୁ ଯୌନ ନିର୍ଯାତନା ଦେଇଥିଲା। ଏପରିକି ଘଟଣା ବାବଦରେ କାହାକୁ ନ କହିବାକୁ ମଧ୍ୟ ସେ ଧମକଚମକ ଦେଇଥିଲା। ଫଳରେ ଶିଶୁକନ୍ୟାଟି ଡରିଯାଇ ଘଟଣା ସମ୍ପର୍କରେ କାହାରିକୁ କିଛି ବି କହିନଥିଲା।

ତେବେ ପରବର୍ତ୍ତୀ ସମୟରେ ଶିଶୁକନ୍ୟାଟିର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାର ଲୋକେ ତାକୁ ସବୁକଥା ପଚାରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ପରିବାର ଲୋକେ ତୁରନ୍ତ ଶିଶୁକନ୍ୟାଟିକୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଶିଶୁକନ୍ୟାଟିକୁ ବେତନଟୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଶିଶୁକନ୍ୟାର ବାପା ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବୈଶିଙ୍ଗା ଥାନା ପୁଲିସ ୪୮୪/୨୬ରେ ମାମଲା ରୁଜୁ କରିଛି। ଏସ୍ଆଇ ଅଶୋକ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ଜାରି ରହିଛି। ପୁଲିସ ନାବାଳକ ଭାଇକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ନାବାଳକ ଜଣଙ୍କ ନିକଟସ୍ଥ ଏକ ଆଶ୍ରମ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଇତିମଧ୍ୟରେ ସେ ପାଠପଢ଼ା ଛାଡ଼ି ଦେଇଥିବା ଜଣାପଡ଼ିଛି।

# ଲଘୁଚାପ ବର୍ଷା ଆଶଙ୍କାରେ ୭ ବର୍ଷ ପରେ ଖୋଲିଲା ଇନ୍ଦ୍ରାବତୀ ଜଳଭଣ୍ଡାରର ଗେଟ୍



ନବରଙ୍ଗପୁର,୨୧।୯ (ସଂଚାର ବ୍ୟୁରୋ): ଲଘୁଚାପ ପ୍ରଭାବରେ ସମ୍ଭାବ୍ୟ ବର୍ଷାକୁ ନଜରରେ ରଖି ୭ ବର୍ଷ ପରେ ଖୋଲିଲା ଇନ୍ଦ୍ରାବତୀ ଜଳଭଣ୍ଡାରର ଗେଟ୍। ସମୁଦାୟ ୭ଟି ଗେଟ ମଧ୍ୟରୁ ୬ ନମ୍ବର ଗେଟକୁ ୦.୫ ମିଟର ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି। ତଳିଆ ଅଞ୍ଚଳବାସୀଙ୍କୁ ସତର୍କ କରିଛି ପ୍ରଶାସନ।

ଇନ୍ଦ୍ରାବତୀ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର ଥିବା ବେଳେ ଗେଟ ଖୋଲିବା ସମୟରେ ଜଳସ୍ତର ରହିଥିଲା ୬୪୦.୨୯ ମିଟର। ବର୍ତ୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧୭୭.୫୩ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ଗେଟ ଖୋଲିବା ପୂର୍ବରୁ ୨୦୩.୨୮ କ୍ୟୁସେକ୍ ଜଳ ନିଷ୍କାସନ ହେଉଥିଲା। ଏବେ ମୋଟ ୨୭୫.୨୮ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ଜଳସ୍ତର ୬୩୯.୬୦ ମିଟରକୁ ଆସିଲେ ଗେଟ୍ ବନ୍ଦ କରାଯିବ ବୋଲି ସୂଚନା। ୨୦୧୯ ମସିହା ପରେ ପୁଣି ଥରେ ଇନ୍ଦ୍ରାବତୀ ଡ୍ୟାମର ଗେଟ ଖୋଲିଥିବାରୁ ଏବେ ସମସ୍ତଙ୍କ ନଜର ରହିଛି।

**ବିରୋଧୀଙ୍କୁ କାଉଣ୍ଟର ପାଇଁ ପ୍ରସ୍ତୁତି**

# ବିଜେପି ବିଧାୟକ ଦଳ ବୈଠକରେ ରଣନୀତି ଚୂଡ଼ାନ୍ତ



ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ବିଧାନସଭା ଅଧିବେଶନରେ ବିରୋଧୀଙ୍କୁ କାଉଣ୍ଟର କରିବାକୁ ବିଜେପି ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ବସିଥିଲା ବିଧାୟକ ଦଳ ବୈଠକ। ଆଗାମୀ ମୌସୁମୀ ଅଧିବେଶନରେ ବିରୋଧୀଙ୍କ ପ୍ରମୁଖ ମୁଦ୍ଦାକୁ କିଭଳି କାଉଣ୍ଟର କରାଯିବ, ସେନେଇ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମର ମଧ୍ୟ ସାମିଲ ହୋଇଥିଲେ। ଶାସକ ଦଳର ସମସ୍ତ ମନ୍ତ୍ରୀ ଓ ବିଧାୟକ ମଧ୍ୟ ବୈଠକରେ ଯୋଗ ଦେଇଥିଲେ।

ମୌସୁମୀ ଅଧିବେଶନରେ ବିରୋଧୀ ଦଳ ଉଠାଇବାକୁ ଥିବା ବିଭିନ୍ନ ପ୍ରସଙ୍ଗକୁ ନେଇ ବିଜେପି ବିଧାୟକ ଦଳ ଆଲୋଚନା କରିଛି। ବିଶେଷକରି ଏମଏମଡିଆର ସଂଶୋଧନ, ପାଠ୍ୟପୁସ୍ତକରେ ତ୍ରୁଟି, ବନ୍ୟା ପରିଚାଳନା ଓ ଆଇନଶୃଙ୍ଖଳା ଭଳି ପ୍ରସଙ୍ଗ ବିରୋଧୀଙ୍କ ପକ୍ଷରୁ ପ୍ରମୁଖ ମୁଦ୍ଦା ହେବ। ଏହି ପ୍ରସଙ୍ଗଗୁଡ଼ିକରେ ସରକାରଙ୍କ ପକ୍ଷରୁ କିଭଳି ଜବାବ ରଖାଯିବ ଓ ବିଧାନସଭାରେ ବିରୋଧୀଙ୍କୁ କିଭଳି କାଉଣ୍ଟର କରାଯିବ, ସେନେଇ ବୈଠକରେ ଆଲୋଚନା ହୋଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୬୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୭୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୬୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୨,୭୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୫,୬୮୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୨,୭୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୮୩୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୮୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୫,୬୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୬୮୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୨,୭୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୮ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଚୀନରେ ମେଡ୍ ଇନ୍ ଇଣ୍ଡିଆ ସାମଗ୍ରୀର ବଢ଼ୁଛି ଡିମାଣ୍ଡ !
# ୫ ମାସରେ ୯.୬ ବିଲିୟନ୍ ଡଲାରର ରପ୍ତାନି

**ନୂଆଦିଲ୍ଲୀ,୨୧।୯:** ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ପାଞ୍ଚ ମାସ (ଏପ୍ରିଲ୍-ଅଗଷ୍ଟ) ମଧ୍ୟରେ ଚୀନ, ଦକ୍ଷିଣ ଆଫ୍ରିକା, ବ୍ରାଜିଲ୍ ଏବଂ ରୁଷକୁ ଭାରତର ରପ୍ତାନି ୩୪ ପ୍ରତିଶତ ବୃଦ୍ଧି ପାଇ ୧୯.୯ ବିଲିୟନ୍ ଡଲାରରେ ପହଞ୍ଚିଛି। ଏହି ବୃଦ୍ଧିରେ ଚୀନକୁ ପଠାଯାଉଥିବା ସାମଗ୍ରୀରେ ୩୯ ପ୍ରତିଶତର ଅଭିବୃଦ୍ଧି ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହା ଭାରତର ରପ୍ତାନି ବିସ୍ତାର ପାଇଁ ବ୍ରିକ୍ସ ଗୋଷ୍ଠୀର ବୃଦ୍ଧି ପାଉଥିବା ଗୁରୁତ୍ୱକୁ ଦର୍ଶାଉଛି । ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ଏହି ୪ଟି ପ୍ରମୁଖ ବ୍ରିକ୍ସ ଅର୍ଥବ୍ୟବସ୍ଥାକୁ ହେଉଥିବା ରପ୍ତାନି ୩୪ ପ୍ରତିଶତ ବୃଦ୍ଧି ପାଇଛି । ଏପ୍ରିଲ୍-ଅଗଷ୍ଟ ୨୦୨୫-୨୬ର ୧୪.୯ ବିଲିୟନ୍ ଡଲାରରୁ ବୃଦ୍ଧି ପାଇ ଏପ୍ରିଲ୍-ଅଗଷ୍ଟ ୨୦୨୬-୨୭ରେ ୧୯.୯ ବିଲିୟନ୍ ଡଲାର ହୋଇଯାଇଛି । BRICSର ୪ଟି ଦେଶକୁ ରପ୍ତାନି ୩୪% ବୃଦ୍ଧି ଭାରତର ମୋଟ ରପ୍ତାନିରେ ଏହି ୪ଟି ଦେଶର ଭାଗିଦାରୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ପାଞ୍ଚ ମାସରେ ବୃଦ୍ଧି ପାଇ ୯.୨ ପ୍ରତିଶତ ହୋଇଯାଇଛି, ଯାହା ୨୦୨୫-୨୬ର ସମାନ ଅବଧିରେ ୮.୧ ପ୍ରତିଶତ ଥିଲା । ପ୍ରମୁଖ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଚୀନ ସବୁଠାରୁ ବଡ଼ ଯୋଗଦାନକାରୀ ଭାବେ ଉଭା ହୋଇଛି । ଚୀନକୁ ରପ୍ତାନିରେ ୩୯%, ଦକ୍ଷିଣ ଆଫ୍ରିକାରେ ୫୮% ବୃଦ୍ଧି ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ପାଞ୍ଚ ମାସରେ ଚୀନକୁ ଭାରତୀୟ ରପ୍ତାନି ୩୯ ପ୍ରତିଶତ ବୃଦ୍ଧି ପାଇ ୯.୬ ବିଲିୟନ୍ ଡଲାରରେ ପହଞ୍ଚିଛି । ଦକ୍ଷିଣ ଆଫ୍ରିକା କ୍ଷେତ୍ରରେ ସବୁଠାରୁ ଦ୍ରୁତ ବୃଦ୍ଧି ରେକର୍ଡ କରାଯାଇଛି ଏବଂ ଏହି ଅବଧି ମଧ୍ୟରେ ସେଠାକୁ ହୋଇଥିବା ରପ୍ତାନି ୫୮ ପ୍ରତିଶତ ବୃଦ୍ଧି ପାଇଛି । ବ୍ରାଜିଲ୍ ଏବଂ ରୁଷ ମଧ୍ୟ ଯଥାକ୍ରମେ ୧୩ ପ୍ରତିଶତ ଏବଂ ୧୧ ପ୍ରତିଶତର ସ୍ଥିର ଦୁଇ ଅଙ୍କ ବୃଦ୍ଧି ବଜାୟ ରଖିଛନ୍ତି । ଅଧିକାରୀ ଜଣକ କହିଛନ୍ତି ଯେ ଏପ୍ରିଲ୍-ଅଗଷ୍ଟ ୨୦୨୬-୨୭ ମଧ୍ୟରେ ଜାପାନକୁ ଭାରତର ରପ୍ତାନି ୪୩ ପ୍ରତିଶତ ବୃଦ୍ଧି ସହ ୩.୪୩ ବିଲିୟନ୍ ଡଲାରରେ ପହଞ୍ଚିଛି । ସେହିପରି ଇଟାଲୀକୁ ଭାରତର ରପ୍ତାନି ପ୍ରଥମ ପାଞ୍ଚ ମାସରେ ୩୦ ପ୍ରତିଶତ ବୃଦ୍ଧି ପାଇ ୩.୯୨ ବିଲିୟନ୍ ଡଲାର ହୋଇଛି, ଯାହା ଏପ୍ରିଲ୍-ଅଗଷ୍ଟ ୨୦୨୫-୨୬ରେ ୩.୦୨ ବିଲିୟନ୍ ଡଲାର ଥିଲା । ଦକ୍ଷିଣ କୋରିଆକୁ ହୋଇଥିବା ରପ୍ତାନି ୨୨ ପ୍ରତିଶତ ବୃଦ୍ଧି ପାଇ ୩.୨୧ ବିଲିୟନ୍ ଡଲାର ରହିଛି।







# ବର୍ଷେ ଆମାଜନ ପ୍ରାଇମ୍ ଲାଇଟ୍ ଫ୍ରି'

**ମୁମ୍ବାଇ,୨୧।୯:** ଜିଓ ହୋମ୍ ବ୍ରଡ଼ବ୍ୟାଣ୍ଡର ୩୦ ଏମବିପିଏସ ଏବଂ ୧୦୦ ଏମବିପିଏସ ପ୍ଲାନ ବ୍ୟବହାର କରୁଥିବା ଗ୍ରାହକମାନେ ଏବେ ଗୋଟିଏ ବର୍ଷ ପାଇଁ ମାଗଣା ଆମାଜନ ପ୍ରାଇମ ଲାଇଟ ସଦସ୍ୟତା ପାଇବେ । ଜିଓ ହୋମ୍ ବ୍ରଡ଼ବ୍ୟାଣ୍ଡର ଥ୍ରୀ-ଇନ-ୱାନ, ଟିଭି + ଓଟିଟି + ୱାଇଫାଇ ପ୍ଲାନର ନୂତନ ଏବଂ ବର୍ତ୍ତମାନର ଉଭୟ ଗ୍ରାହକଙ୍କୁ କୌଣସି ଅତିରିକ୍ତ ମୂଲ୍ୟ ବିନା ଏହି ସୁବିଧା ପ୍ରଦାନ କରାଯାଉଛି । ଜିଓର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ କମ୍ପାନି ଏହି ଅଫର ପ୍ରଦାନ କରୁଛି । ଏହି ଗୋଟିଏ ବର୍ଷର ଆମାଜନ ପ୍ରାଇମ ଲାଇଟ ସଦସ୍ୟତା ଗ୍ରାହକମାନଙ୍କୁ ପ୍ରାଇମ ଭିଡିଓରେ ଚଳଚ୍ଚିତ୍ର ଏବଂ ଶୋ' ଦେଖିବାର ସୁଯୋଗ ଦେବ । ଏହା ବ୍ୟତୀତ, ଗ୍ରାହକମାନେ ଆମାଜନରେ ଯୋଗ୍ୟ ଅର୍ଡର ପାଇଁ ମାଗଣା ଏବଂ ଦ୍ରୁତ ଡେଲିଭରିର ସୁବିଧା ମଧ୍ୟ ପାଇବେ । ଏହି ଅଫର୍ ସେପ୍ଟେମ୍ବର ୧୯ରୁ ପର୍ଯ୍ୟାୟକ୍ରମେ ଆରମ୍ଭ ହେବ ଏବଂ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଏହି ପ୍ଲାନଗୁଡ଼ିକର ସମସ୍ତ ଗ୍ରାହକଙ୍କ ନିକଟରେ ପହଞ୍ଚିବ । ମାଇଁ ଜିଓ ଆପ୍ପର ହୋମ୍ ପେଜରେ ଆମାଜନ ପ୍ରାଇମ ଲାଇଟ ଅଫରର ଏକ ବ୍ୟାନର୍ ଦେଖାଯିବ ଏବଂ ସେହି ବ୍ୟାନର ଉପରେ କେବଳ ଟ୍ୟାପ୍ କରିବା ଦ୍ୱାରା ଗୋଟିଏ ବର୍ଷର ମାଗଣା ସଦସ୍ୟତା ସକ୍ରିୟ ହୋଇଯିବ । ସକ୍ରିୟ ହେବା ଦିନଠାରୁ ଏହାର ୧୨ ମାସର ବୈଧତା ଅବଧି ଆରମ୍ଭ ହେବ । ଅନ୍ୟପକ୍ଷରେ, ୮୮୮ ଟଙ୍କା ଏବଂ ୧,୧୯୯ ଟଙ୍କା ମୂଲ୍ୟର ପ୍ଲାନ ତଥା ୧୫୦ ଏମବିପିଏସ ବା ତା'ଠାରୁ ଅଧିକ ସ୍ପିଡ୍ ପ୍ରଦାନ କରୁଥିବା ପ୍ଲାନର ଗ୍ରାହକଙ୍କ ପାଇଁ ରହିଥିବା ୨୪ ମାସର ଆମାଜନ ପ୍ରାଇମ ଲାଇଟ ସୁବିଧା ଅପରିବର୍ତ୍ତିତ ରହିବ ।

# ଅକ୍ଟୋବର ୧ରୁ ଏଲ୍‌ପିଜି ସିଲିଣ୍ଡର ଲାଗି ଇ-କେୱାଇସି ଅନିବାର୍ଯ୍ୟ

**ନୂଆଦିଲ୍ଲୀ,୨୧।୧:** ଅକ୍ଟୋବର ପହିଲାରୁ ସବ୍‌ସିଡିରେ ମିଳୁଥିବା ଏଲ୍‌ପିଜି ସିଲିଣ୍ଡର ବୁକିଂ ଜାରି ରଖିବା ଲାଗି ବାୟୋମେଟ୍ରିକ ପ୍ରମାଣନ ବା ଇ-କେୱାଇସି ଅନିବାର୍ଯ୍ୟ କରାଯାଇଛି । ଏହା ନ କଲେ ସିଲିଣ୍ଡର ଉପରେ ମିଳୁଥିବା ୨୧୦ ଟଙ୍କାର ସବ୍‌ସିଡି ମିଳିବ ନାହିଁ । ପେଟ୍ରୋଲିୟମ ମନ୍ତ୍ରଣାଳୟ ମୁତାବକ, ଜାଲ୍ ହିତାଧିକାରୀଙ୍କୁ ସଂଯୋଗ ବନ୍ଦ କରିବା ଏବଂ ଠିକ୍ ଲୋକଙ୍କୁ ସବ୍‌ସିଡି ଯୋଗାଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି । ୧୯ ସେପ୍ଟେମ୍ବର ସୁଦ୍ଧା ୨୭.୪୩ କୋଟି ସକ୍ରିୟ ଘରୋଇ ଏଲ୍‌ପିଜି ଉପଭୋକ୍ତା (୮୯.୯%) ଇ-କେୱାସି ପୂରଣ ହୋଇଛି। ଏହି ଉପଭୋକ୍ତାମାନେ ବିନା ପ୍ରତିବନ୍ଧକରେ ଏଲ୍‌ପିଜି ଭରି ପାରିବେ । ଯେଉଁ ଉପଭୋକ୍ତାଙ୍କ ଇ-କେୱାଇସି ବାକି ରହିଛି ଇ-କେୱାଇସି କରାଇବା ପରେ ହିଁ ସବ୍‌ସିଡି ଭିତ୍ତିକ ସେବା ମିଳିବ । ବାୟୋମେଟ୍ରିକ ପ୍ରମାଣନ ନ କରାଇଥିଲେ ମଧ୍ୟ ଏଲ୍‌ପିଜି ମିଳିବ । ମାତ୍ର ସବ୍‌ସିଡି ଲାଗି ଯୋଗ୍ୟ ବିବେଚିତ ହେବେନି ହିତାଧିକାରୀ । କେୱାଇସି ଲାଗି ଡିଜିଟାଲ ଚ୍ୟାନେଲ୍, ଆପ୍, ହ୍ୱାଟସଆପ୍ କିମ୍ବା ଆଇଭିଆର୍‌ଏସ୍ ବିକଳ୍ପ ନେବାକୁ ହେବ । ଇ-କେୱାଇସି ଲାଗି ପୂର୍ବରୁ ଜୁନ ୩୦ ଶେଷ ତାରିଖ ଥିଲା । ଏହା ପରେ ଜୁଲାଇ ୩୧, ୭ ଅଗଷ୍ଟ, ୧୫ ଅଗଷ୍ଟ, ୨୩ ଅଗଷ୍ଟ, ୩୧ ଅଗଷ୍ଟ, ୭ ସେପ୍ଟେମ୍ବର ଏବଂ ଶେଷରେ ୧୪ ସେପ୍ଟେମ୍ବରକୁ ବୃଦ୍ଧି କରାଯାଇଥିଲା ।



# ଜେନ୍-ଜିଙ୍କ ନୂଆ ଚିନ୍ତାଧାରା, ୨୯ରୁ ଅବସର ପାଇଁ ପ୍ରସ୍ତୁତି!

**ନୂଆଦିଲ୍ଲୀ,୨୧।୯:** ଆଜିର ଯୁବପିଢ଼ି କେବଳ କାମ କରିବା ପାଇଁ ବଞ୍ଚୁନାହାନ୍ତି, ବରଂ ଜୀବନକୁ ନିଜ ମନ ମୁତାବକ ବଞ୍ଚିବା ପାଇଁ ଚିନ୍ତା କରୁଛନ୍ତି । ରିପୋର୍ଟ ଅନୁଯାୟୀ, ଆଜିର ଯୁବପିଢ଼ି ଅର୍ଥାତ୍ 'ଜେନ୍-ଜି' ମାତ୍ର ୨୯ ବର୍ଷ ବୟସରୁ ହିଁ ଅବସର ପାଇଁ ଟଙ୍କା ସଞ୍ଚୟ ଏବଂ ନିବେଶ କରିବା ଆରମ୍ଭ କରିଦେଉଛନ୍ତି । ଏହା ବ୍ୟତୀତ ୭୦ ପ୍ରତିଶତ ସହରୀ ଭାରତୀୟ ଆର୍ଥିକ ସ୍ୱାଧୀନତା ପାଇ ନିର୍ଦ୍ଧାରିତ ବୟସ ପୂର୍ବରୁ କାମରୁ ଅବସର ନେବାକୁ ଚାହୁଁଛନ୍ତି । କ୍ଷମତାଶାଳୀ ଜୀବନ ବୀମା କମ୍ପାନୀ 'ଆକ୍ସିସ୍ ମ୍ୟାକ୍ସ ଲାଇଫ୍' ର IRIS 6.0 ରିପୋର୍ଟରୁ ଏଭଳି କିଛି ରୋଚକ ତଥ୍ୟ ସାମ୍ନାକୁ ଆସିଛି । ଜୁଲାଇ-ଅଗଷ୍ଟ ୨୦୨୬ ମଧ୍ୟରେ ୪୦ଟି ସହରର ୪,୧୩୪ଟି ପରିବାରର ୨୫ରୁ ୬୫ ବର୍ଷ ବୟସ୍କ କାର୍ଯ୍ୟରତ ବ୍ୟକ୍ତିଙ୍କ ମଧ୍ୟରେ ଏହି ସର୍ଭେ କରାଯାଇଥିଲା । ସର୍ଭେରେ ସାମିଲ ଥିବା ୭୦ ପ୍ରତିଶତ ଲୋକ କହିଛନ୍ତି ଯେ, ଯଦି ସେମାନଙ୍କର ଆର୍ଥିକ ଆବଶ୍ୟକତା ପୂରା ହୋଇଯାଏ, ତେବେ ସେମାନେ ନିର୍ଦ୍ଧାରିତ ବୟସ ପୂର୍ବରୁ କାମରୁ ଅବସର ନେବାକୁ ପସନ୍ଦ କରିବେ । ଏଥିମଧ୍ୟରୁ ପ୍ରାୟ ଅଧା ଲୋକ ୫୦ ବର୍ଷ ବୟସ ପୂର୍ବରୁ 'FIRE' (Financial Independence, Retire Early) ଅର୍ଥାତ୍ ଆର୍ଥିକ ସ୍ୱାଧୀନତା ଏବଂ ଶୀଘ୍ର ଅବସର ହାସଲ କରିବାକୁ ଚାହୁଁଛନ୍ତି । ପ୍ରତି ଦୁଇଜଣ ସହରୀ ଭାରତୀୟଙ୍କ ମଧ୍ୟରୁ ଜଣେ ମତ ଦେଇଛନ୍ତି ଯେ, ପ୍ରଥମ ଦରମା ମିଳିବା ମାତ୍ରେ ଅବସରକାଳୀନ ଯୋଜନା ଆରମ୍ଭ କରିଦେବା ଉଚିତ୍ । ଏହି କ୍ରମରେ ୬୨ ପ୍ରତିଶତ ଜେନ୍-ଜି ଯୁବକଯୁବତୀ ବର୍ତ୍ତମାନରୁ ହିଁ ଅବସର ପାଇଁ ନିବେଶ ଆରମ୍ଭ କରିସାରିଛନ୍ତି । ଅବସର ପାଇଁ ଯୋଜନା କରିବା ଗୋଟିଏ କଥା, କିନ୍ତୁ ଆବଶ୍ୟକୀୟ ଟଙ୍କା ଜମା କରିବା ଆଉ ଗୋଟେ କଥା । ୬୧ ପ୍ରତିଶତ ଲୋକ ଜାଣିଛନ୍ତି ଯେ ଅବସର ପରେ ଜୀବନ ବିତାଇବା ପାଇଁ ସେମାନଙ୍କୁ କେତେ ପରିମାଣର ଟଙ୍କା ଦରକାର, କିନ୍ତୁ ମାତ୍ର ୧୧ ପ୍ରତିଶତ ଲୋକଙ୍କର ଆତ୍ମବିଶ୍ୱାସ ଅଛି ଯେ ସେମାନଙ୍କର ଜମା ପାଣ୍ଠି ସାରା ଜୀବନ ଚାଲିବ । ବର୍ତ୍ତମାନର ମହଙ୍ଗା ଯୁଗରେ କେବଳ ୧ କୋଟି ଟଙ୍କାକୁ ଅବସର ପରେ ପର୍ଯ୍ୟାପ୍ତ ବୋଲି ଭାବୁଥିବା ଲୋକଙ୍କ ସଂଖ୍ୟା ୨୦୨୫ ମସିହାରେ ୭୭ ପ୍ରତିଶତ ଥିବାବେଳେ ୨୦୨୬ରେ ତାହା ହ୍ରାସ ପାଇ ୭୦ ପ୍ରତିଶତକୁ ଖସିଆସିଛି । ଅର୍ଥାତ୍ ଲୋକେ ବୁଝିପାରୁଛନ୍ତି ଯେ, ଭବିଷ୍ୟତରେ ଆହୁରି ଅଧିକ ଟଙ୍କାର ଆବଶ୍ୟକତା ପଡ଼ିବ । ପୁରୁଣା ପିଢ଼ିର ଅର୍ଥାତ୍ 'ଜେନ୍ ଏକ୍ସ'ର ୯୧ ପ୍ରତିଶତ ଲୋକ ଆଜି ଅନୁତାପ କରୁଛନ୍ତି ଯେ, ସେମାନେ ଯୁଦ୍ଧକାଳୀନ ଭିତ୍ତିରେ କାହିଁକି ଆଗରୁ ଅବସର ନିବେଶ ଆରମ୍ଭ କରିନଥିଲେ । ଅବସର ଯୋଜନାରେ କେବଳ ଆର୍ଥିକ ସୁରକ୍ଷା ନୁହେଁ, ବରଂ ସ୍ୱାସ୍ଥ୍ୟ ଓ ପରିବାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ୭୫ ପ୍ରତିଶତ ଲୋକ ଆଶା କରନ୍ତି ଯେ ଅବସର ପରେ ମଧ୍ୟ ସେମାନେ ସୁସ୍ଥ ଏବଂ ଫିଟ୍ ରହିବେ, ଯାହା ପାଇଁ ବହୁସଂଖ୍ୟକ ଯୁବକଯୁବତୀ ନିୟମିତ ବ୍ୟାୟାମ ଓ ସ୍ୱାସ୍ଥ୍ୟ ଟ୍ରାକିଂ ଉପରେ ଧ୍ୟାନ ଦେଉଛନ୍ତି ।



# ଚାଟ୍ ଜିପିଟିକୁ ହ୍ୟାକ୍ କଲା ଆନ୍ଥ୍ରୋପିକ୍



**ନୂଆଦିଲ୍ଲୀ,୨୦।୯:** ଟାଟା ଗ୍ରୁପର ଭିତିରି କନ୍ଦଳ ଏବେ ଆଉ ସୀମିତ ରହି ନାହିଁ । ଚାଲିଥିବା ଏହି ଆଧିପତ୍ୟର ଲଢ଼େଇ ଏବେ କୋର୍ଟ ପର୍ଯ୍ୟନ୍ତ ପହଞ୍ଚିବାକୁ ଯାଉଛି । ଟାଟା ଟ୍ରଷ୍ଟସ ଆଇନଗତ ପରାମର୍ଶ ତଥା କୋର୍ଟରେ ପ୍ରତିନିଧିତ୍ୱ କରିବା ପାଇଁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭିଙ୍କୁ ନିଯୁକ୍ତ କରିଛି । ଟାଟା ସନ୍ସ ବୋର୍ଡ ଏନ୍ ଚନ୍ଦ୍ରଶେଖରନଙ୍କୁ ପୁଣିଥରେ ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରିବାକୁ ସହମତି ପ୍ରକାଶ ପରେ ଏହି ବିବାଦ ଆରମ୍ଭ ହୋଇଥିଲା । ଏହି ନିଯୁକ୍ତି ପରେ ଟାଟା ଟ୍ରଷ୍ଟସର ମୁଖ୍ୟ ନୋଏଲ ଟାଟା ଏକ ବିବୃତି ଜାରି କରି ଏହାକୁ ନିୟମ ବିରୋଧୀ ବୋଲି ଦର୍ଶାଇ ଥିଲେ । ଉକ୍ତ ନିଯୁକ୍ତି ପରେ ଅଭିଷେକ ମନୁ ସିଂଘଭି କହିଛନ୍ତି ଯେ, ତାଙ୍କୁ ଅତ୍ୟନ୍ତ ଦୁଃଖ ଓ ଅନୁତାପର ସହ ଏହି ପୂରା ମାମଲାର ଅଂଶବିଶେଷ ହେବାକୁ ପଡୁଛି। କାରଣ ସେ ରତନ ଟାଟାଙ୍କ ସହ କାମ କରି ସାରିଛନ୍ତି ଏବଂ ଏହି ମାମଲାର ଉଭୟ ପକ୍ଷକୁ ଭଲ ଭାବରେ ଜାଣନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ସିଂଘଭି ଲେଖିଛନ୍ତି। ଶେୟାରହୋଲ୍ଡରଙ୍କ ମାଲିକାନା ଅଧିକାରକୁ ବେକାର କରି ଦେବା ଦ୍ୱାରା, ଶହ ଶହ ଭାରତୀୟ କମ୍ପାନୀ ସମ୍ମୁଖରେ ସଙ୍କଟ ସୃଷ୍ଟି ହେବ ।

# ଜିଓ ୟୁଜରଙ୍କୁ ୧୨ ମାସ ପାଇଁ ମାଗଣାରେ ମିଳିବ କାନ୍‌ଭା ପ୍ରୋ

**ମୁମ୍ବାଇ,୨୧।୯:** ଜିଓ ବ୍ୟବହାରକାରୀମାନେ ଏବେ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ କାନଭାର ପ୍ରିମିୟମ୍ ଡିଜାଇନ୍ ଟୁଲ୍ ବ୍ୟବହାର କରିପାରିବେ । ଜିଓ ଏବଂ କାନଭା ମଧ୍ୟରେ ହୋଇଥିବା ସହଭାଗିତା ବଳରେ ଯୋଗ୍ୟ ଗ୍ରାହକମାନେ ୧୨ ମାସ ପାଇଁ ମାଗଣାରେ କାନଭା ପ୍ରୋ କିମ୍ବା କାନଭା ପ୍ରୋ ଲାଇଟ ପାଇପାରିବେ । ଏହି ଅଫରର ମୂଲ୍ୟ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଯାହା ଜିଓ ଗ୍ରାହକଙ୍କ ପାଇଁ ମାଗଣାରେ ଉପଲବ୍ଧ ହେବ ଏବଂ ସେପ୍ଟେମ୍ବର ୧୬ରୁ ମାଇଁ ଜିଓ ଆପ୍ ମାଧ୍ୟମରେ ଏହାକୁ ଆକ୍ଟିଭେଟ୍ କରାଯାଇପାରିବ । କେଉଁ ଗ୍ରାହକ କେଉଁ ନିର୍ଦ୍ଦିଷ୍ଟ କାନଭା ପ୍ଲାନ ପାଇବେ, ତାହା ସେମାନଙ୍କର ଜିଓ ରିଚାର୍ଜ ପ୍ଲାନ ଉପରେ ନିର୍ଭର କରିବ । ୩୯୯ ଟଙ୍କିଆ ପ୍ଲାନରେ କାନଭା ପ୍ରୋ ଅନ୍ତର୍ଭୁକ୍ତ ଥିବାବେଳେ, ୩୪୯ ଟଙ୍କା ଓ ତଦୁର୍ଦ୍ଧ୍ୱ ମୂଲ୍ୟର 'ଦୈନିକ ୨ଜିବି ଡାଟା' ପ୍ରଦାନ କରୁଥିବା ଯୋଗ୍ୟ ପ୍ଲାନଗୁଡ଼ିକରେ କାନଭା ପ୍ରୋ ଲାଇଟ ମିଳିବ । ଏହି ଅଫର୍ ସହିତ କୌଣସି ଅତିରିକ୍ତ ଶୁଳ୍କ କିମ୍ବା ହିଡେନ୍ ଚାର୍ଜ ନାହିଁ । ଛାତ୍ରଛାତ୍ରୀ, କଣ୍ଟେଣ୍ଟ କ୍ରିଏଟର୍, ପ୍ରଫେସନାଲ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଏହାର ସିଧାସଳଖ ଲାଭ ମିଳିବ । କାନଭା ସାହାଯ୍ୟରେ, ୟୁଜରମାନେ ସିଧାସଳଖ ନିଜ ମୋବାଇଲ୍ ଫୋନରେ ସ୍କୁଲ୍ ପ୍ରୋଜେକ୍ଟ, ସୋସିଆଲ୍ ମିଡିଆ ପୋଷ୍ଟ, ପ୍ରେଜେଣ୍ଟେସନ୍, ମାର୍କେଟିଂ ସାମଗ୍ରୀ ଏବଂ ପର୍ବପର୍ବାଣୀର ଶୁଭେଚ୍ଛା ବାର୍ତ୍ତା ଇତ୍ୟାଦି ଡିଜାଇନ୍ ପ୍ରସ୍ତୁତ କରିପାରିବେ । ହିନ୍ଦୀ ସମେତ ବିଭିନ୍ନ ଭାରତୀୟ ଭାଷାରେ ମଧ୍ୟ କଣ୍ଟେଣ୍ଟ ପ୍ରସ୍ତୁତ କରାଯାଇପାରିବ । କାନଭା ପ୍ରୋ ଲାଇଟରେ ଲକ୍ଷ ଲକ୍ଷ ପ୍ରିମିୟମ ଡିଜାଇନ, ଫୋଟୋ, ଭିଡିଓ ଓ ଫଣ୍ଟ ସହିତ ବ୍ୟାକଗ୍ରାଉଣ୍ଡ ରିମୁଭର୍, ମ୍ୟାଜିକ୍ ରିସାଇଜ୍ ଏବଂ ୫୦ଜିବି କ୍ଲାଉଡ୍ ଷ୍ଟୋରେଜ ଭଳି ଅନନ୍ୟ ଫିଚର ମିଳିବ। ସେହିଭଳି 'କାନଭା ପ୍ରୋ' ରେ ଏସବୁ ଫିଚର ସହିତ କାନଭା ଏଆଇ, କଣ୍ଟେଣ୍ଟ ପ୍ଲାନର, ଲିମିଟ ଏବଂ ୧୦୦ ଜିବି କ୍ଲାଉଡ ଷ୍ଟୋରେଜ ଭଳି ଅତିରିକ୍ତ ଫିଚର ଉପଲବ୍ଧ ହେବ । ଏହି ଅବସରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ସଭାପତି କିରଣ ଥମାସ କହିଛନ୍ତି ଯେ "ଏହି ସହଭାଗିତା ଜରିଆରେ ଜିଓ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଖରେ ଏଆଇ ଆଧାରିତ ଡିଜାଇନ ଟୁଲସ ବା ଉପକରଣ ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖିଛି । ତେବେ ଅଫରର ଲାଭ ନେବା ପାଇଁ ଯୋଗ୍ୟ ଜିଓ ବ୍ୟବହାରକାରୀ ମାଇଁ ଜିଓ ଆପ୍ପରେ କାନଭା ଅଫର ଟ୍ୟାପ କରିବା ପରେ ଡିଜାଇନ ପ୍ରସ୍ତୁତ କରିପାରିବେ ।



# ଅବ୍ୟବସ୍ଥାରେ ବାଲନ୍ଦାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର

## ନାହାନ୍ତି ଡାକ୍ତର, ଆଟେଣ୍ଡାଣ୍ଟରେ ଚାଲିଛି ରୋଗୀସେବା

## ଫାଇଦା ଉଠାଉଛନ୍ତି କ୍ୱାକ ଡାକ୍ତର

## ଖର୍ଚ୍ଚାନ୍ତ ହେଉଛନ୍ତି ସାଧାରଣ ରୋଗୀ




**ଫୁଲବାଣୀ,୨୧।୯ (ସଂଚାର ବ୍ୟୁରୋ):** ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ଚିକିତ୍ସା ଦୟନୀୟ ହୋଇ ପଡିଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନ ହେବ ଡାକ୍ତର ନାହାନ୍ତି। ଗୁରୁତର ରୋଗୀ ଆସିଲେ ଚିକିତ୍ସା ନ ପାଇ ବାଧ୍ୟ ହୋଇ ଅଞ୍ଚଳରେ ଥିବା ଅନଭିଜ୍ଞ କ୍ୱାକ ଡାକ୍ତରଙ୍କ ସାହାରା ନେଇ ମୃତ୍ୟୁମୁଖରେ ପଡୁଛନ୍ତି। ଗୋଟେ ପଟେ ଡାକ୍ତର ସମସ୍ୟା ଓ ଅନ୍ୟପଟେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଚାଶ କିଲୋମିଟରରୁ ଊର୍ଦ୍ଧ୍ୱ ଦୂରତା ହେଉଥିବାରୁ ଚିକିତ୍ସା ପାଇଁ ଅସୁବିଧା ସହ ଖର୍ଚ୍ଚାନ୍ତର ସମସ୍ୟା ଭୋଗୁଛନ୍ତି ରୋଗୀମାନେ।

ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଏବଂ ଡ୍ରଗ ଇନିସ୍ପେକ୍ଟରଙ୍କ ଦାୟିତ୍ୱହୀନତା ଯୋଗୁଁ କ୍ୱାକଙ୍କ ବିଭିନ୍ନ କାଗଜ ପତ୍ର ଏବଂ ଲାଇସେନ୍ସ ତଦାରଖ ନ କରିବା ଦ୍ୱାରା ଅଞ୍ଚଳରେ ମାଳ ମାଳ କ୍ଲିନିକ ଖୋଲି ସମସ୍ୟାର ସୁଯୋଗ ନେଇ ଲୁଟୁଛନ୍ତି କ୍ୱାକ ଡାକ୍ତର। ବର୍ତ୍ତମାନ ବାଲନ୍ଦା ପଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନଥିବାରୁ ଫାର୍ମାସିଷ୍ଟ ରୋଗୀ ସେବା କରୁଛନ୍ତି। କିନ୍ତୁ ଫାର୍ମାସିଷ୍ଟ ମଧ୍ୟ ଛୁଟିରେ ଯାହାଦ୍ୱାରା ଦୁଇ ଆଟେଣ୍ଡାଣ୍ଟ ଇଞ୍ଜେକ୍ସନ ଦେଇ ରୋଗୀ ସେବା କରୁଛନ୍ତି। ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ବିପଦପୂର୍ଣ୍ଣ ମଧ୍ୟ। ଗୁରୁତର ରୋଗୀ ଆସିଲେ ଉପଯୁକ୍ତ ଚିକିତ୍ସା ସେବା ଦେଇ ହେଉନଥିବାରୁ ବାଧ୍ୟ ହୋଇ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଉଛନ୍ତି ମେଡିକାଲ କର୍ମଚାରୀ।

ବାରମ୍ବାର ଅଞ୍ଚଳବାସୀ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ପାଇଁ ଦାବି କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ଗୁରୁତ୍ୱ ଦେଉନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଦୁର୍ଘଟଣାରେ ଆହତ ଜନିତ ସମସ୍ୟା ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ବାଧ୍ୟ ହୋଇ କ୍ୱାକ ଡାକ୍ତରଙ୍କ ଉପରେ ନିର୍ଭର କରୁଛନ୍ତି ଅଞ୍ଚଳବାସୀ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ ଦୀର୍ଘ ୧୦ ବର୍ଷ ହେବ ଅଛନ୍ତି। ସେ ମଧ୍ୟ ବର୍ତ୍ତମାନ ଛୁଟିରେ କିଛି ଦିନ ଧରି ରହିଛନ୍ତି। ନିଜ ଇଛା ଅନୁସାରେ କାର୍ଯ୍ୟ କରୁଛନ୍ତି।

ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥିବାରୁ ଓ ରୋଗୀ ସେବା ବାଧା ପ୍ରାପ୍ତ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସମସ୍ୟା ଦୃଷ୍ଟି କୋଣରୁ ତୁରନ୍ତ ଏହି ବାଲନ୍ଦାପଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦେଇ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ନ ଦେଲେ ବାଧ୍ୟ ହୋଇ ଆନ୍ଦୋଳନ କରିବୁ ବୋଲି କହିଛନ୍ତି ଅଞ୍ଚଳର ବରିଷ୍ଠ ବିଜେଡି ନେତା ଓ କିଛି ବରିଷ୍ଠ ବ୍ୟକ୍ତି। ଘଟଣାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅଞ୍ଜଳି ଶତପଥୀଙ୍କୁ ପଚାରିବାରୁ ବାଲନ୍ଦାପଡା ମେଡିକାଲରେ କଣ୍ଟ୍ରାକଚୁଆଲରେ ଏବେ ଡାକ୍ତର ନିଯୁକ୍ତି ଦିଆଯାଇଛି ବୋଲି ସୂଚନା ଦେବା ସହ ସମାଧାନ କରାଯିବ ବୋଲି କହିଛନ୍ତି। ତେବେ ମେଡିକାଲରେ କଣ୍ଟ୍ରାକଚୁଆଲରେ ଡାକ୍ତର ନିଯୁକ୍ତି ଆଗାମୀ ଦିନ ପାଇଁ କେତେଦୂର ସଫଳ ହେବ ତାହା ମଧ୍ୟ ସମୟ କହିବ।

## ନିଶାମୁକ୍ତ ଯୁବ ବିକଶିତ ଭାରତର ଜାତୀୟ ସଙ୍କଳ୍ପ ସମ୍ମୋହନ



**କେନ୍ଦ୍ରାପଡ଼ା,୨୧।୯ (ସଂଚାର ବ୍ୟୁରୋ):** ବଗଡା ସ୍ପୋର୍ଟସ ଏକାଡେମୀ ପରିସରରେ ମାଇଁ ଭାରତ - ମୋ ଭାରତ ପକ୍ଷରୁ ନିଶାମୁକ୍ତ ଯୁବ ବିକଶିତ ଭାରତର ଏକଶହ ସପ୍ତାହ କାର୍ଯ୍ୟକର୍ମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ଉଦଘାଟନ କରିଥିବା ବେଳେ ମାଇଁ ଭାରତ -ମୋ ଭାରତର ଜିଲ୍ଲା ଯୁବ ଅଧିକାରୀ ସିଦ୍ଧାର୍ଥ ଯାଦବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ସମାଜସେବୀ ତଥା ବରିଷ୍ଠ ଆଇଜୀବୀ ରମଣୀରଞ୍ଜନ ରାଉତରାୟ ଯୋଗଦେଇଥିଲେ। ଦିଲ୍ଲିପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରାରମ୍ଭରେ ଏକ ଶପଥପାଠ କରାଯାଇଥିବା ବେଳେ ଦସ୍ତଖତ ଅଭିଯାନ ଓ ନିଶାମୁକ୍ତ ନାଟକ ଗୋପାଳ ଦାସ ସ୍ମୃତି କମିଟି ଦ୍ୱାରା ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଡା. ମିଶ୍ର ଯୁବକ/ଯୁବତୀମାନଙ୍କୁ ସଚେତନ କରାଇବା ସହ ନିଶା ଠାରୁ କିପରି ଦୂରେଇ ରହିବେ ସେସମ୍ପର୍କରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଯୁବାମାନେ ହେଉଛନ୍ତି ଦେଶର ଶକ୍ତି, ଆଶା ଓ ଭବିଷ୍ୟତ। ଆଜିର ଯୁବା ଆସନ୍ତାକାଲିର ଭାରତକୁ ଗଢିବେ। ତେଣୁ ଏକ ସୁଦୃଢ଼, ସଶକ୍ତ, ସମୃଦ୍ଧ ଓ ବିକଶିତ ଭାରତ ଗଢିବା ପାଇଁ ଯୁବପିଢୀ ନିଶାମୁକ୍ତ, ସୁସ୍ଥ, ଶିକ୍ଷିତ ଓ ଦକ୍ଷ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମାଇଁ ଭାରତ କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱଚ୍ଛତା ଦିବସରେ ହରିଶଙ୍କର ପୀଠରେ ଡଷ୍ଟପିନ ସଚେତନତା



**ମହାକାଳପଡ଼ା,୨୧।୯ (ସଂଚାର ବ୍ୟୁରୋ):** ବିଶ୍ୱ ସ୍ୱଚ୍ଛତା ଦିବସକୁ ଏକ ଭିନ୍ନ ଢଙ୍ଗରେ ପାଳନ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ।ଏହି ଅବସରରେ ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ହରିଶଙ୍କର ଠାରେ ଟ୍ରଷ୍ଟ ର କର୍ମକର୍ତ୍ତା ମାନେ ମନ୍ଦିର ର ମୁଖ୍ୟ ରାସ୍ତା ର ଦୁଇ କଡ଼ରେ ଥିବା ଡଷ୍ଟପିନ ମାନ ରଖିବା ସହିତ ଶ୍ରଦ୍ଧାଳୁ ମାନଙ୍କୁ ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁ ଏଣେତେଣେ ନ ପକାଇ ଡଷ୍ଟବିନରେ ପକାଇବାକୁ ସଚେତନ କରାଇଛନ୍ତି। ଏହା ସହ ମନ୍ଦିର ର ସମ୍ମୁଖ ରାସ୍ତା କୁ ସଫେଇ କରାଯାଇଛି। ଆଜି ର ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଡାକ୍ତର ନିରାକାର ତ୍ରିପାଠୀ, ବଲାଙ୍ଗୀର ଜିଲ୍ଲାର ପ୍ରତିନିଧି ଚୈତନ୍ୟ ନାୟକ, ଜୋତିଷ ଗୌରାଙ୍ଗ ନାୟକ, ତପନ କୁମାର ନାଥ, ଅଭୟ ବେହେରା, ସଂଜୀବ ବାଘ ଓ ସ୍ଥାନୀୟ ବାସିନ୍ଦା ଦେବାଶିଷ ମହାନ୍ତି ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

## ବ୍ରାହ୍ମଣ ମହାସଭାର କାର୍ଯ୍ୟକାରିଣୀ ବୈଠକ



**ଆଳି,୨୧।୯ (ସଂଚାର ବ୍ୟୁରୋ):** ଆଳି ବ୍ଲକ ନମୌଜା ନିଗମାନନ୍ଦ ସାରସ୍ୱତ ଆଶ୍ରମ ଠାରେ ୨୬ ତମ ବ୍ରାହ୍ମଣ ମହାସଭା କାର୍ଯ୍ୟକାରିଣୀ ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି।ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ମଞ୍ଚ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ରାଜ୍ୟ ବ୍ରାହ୍ମଣ ମହାସଂଘର ସଭାପତି ପଣ୍ଡିତ ସଦାନନ୍ଦ ଦୀକ୍ଷିତ, ମୁଖ୍ୟ ବକ୍ତା ହୃଷୀକେଶ ରଥ,ସମ୍ମାନୀୟ ଅତିଥି ନୀଳାଦ୍ରି ଭୂଷଣ ମହାପାତ୍ର,ବ୍ରାହ୍ମଣ ମହାସଂଘର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭକ୍ତ ବନ୍ଧୁ ମିଶ୍ର ଯୋଗ ଦେଇ ଥିଲେ।ଏହି ସଭାରେ ବକ୍ତା ମାନେ ନିଜର ବକ୍ତବ୍ୟ ରଖିଥିଲେ। ସମସ୍ତ ଅତିଥି ମାନଙ୍କୁ ଅଙ୍ଗ ବସ୍ତ୍ର ଓ ପୁଷ୍ପ ଗୁଚ୍ଛ ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟ କ୍ରମରେ ଖଣ୍ଡାୟତ ସଂଘର କାର୍ଯ୍ୟ କର୍ତ୍ତା ଧନେଶ୍ୱର ରାଉତ, ସୁମନ୍ତ କୁମାର ରାଉତ,ସୁକାନ୍ତ କୁମାର ରାଉତ, ଭୀଷ୍ମ ମହାନ୍ତି, ସୁଧାଂଶୁ କୁମାର ବେହେରାଙ୍କୁ ଖଡ଼ଗ ଓ ଉତ୍ତରୀୟ ଦେଇ କରାଯାଇଥିଲା।

## କଳାହାଣ୍ଡିର ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ଦଶମୀ ତିଥିରେ ନୂଆଁଖାଇ



**ଭବାନୀପାଟଣା,୨୧।୯ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ପ୍ରମୁଖ କୃଷିଭିତ୍ତିକ ଗଣପର୍ବ ଭାବେ ପରିଚିତ ନୂଆଁଖାଇ ସାଧାରଣତଃ ପଞ୍ଚମୀ ତିଥିରେ ପାଳନ କରାଯାଉଥିବା ବେଳେ, କଳାହାଣ୍ଡି ଜିଲ୍ଲାର କେତେକ ପାରମ୍ପରିକ ଗଡ଼ଜାତ ଓ ପୂର୍ବତନ ଜମିଦାରୀ ଅଞ୍ଚଳରେ ଦଶମୀ ତିଥିରେ ନୂଆଁଖାଇ ପର୍ବ ପାଳନ କରାଯାଇଥାଏ। ଏହି ଭିନ୍ନ ତିଥିରେ ନୂଆଁଖାଇ ପାଳନ ପଛରେ ରହିଛି ସ୍ଥାନୀୟ ପରମ୍ପରା, ଇଷ୍ଟଦେବୀଙ୍କ ପୂଜାବିଧି ଓ ପ୍ରଚଳିତ ରୀତିନୀତି।

ଦଶମୀ ତିଥିର ନୂଆଁଖାଇ ଅବସରରେ ପ୍ରଥମେ କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ମନ୍ଦିରରେ ନୂଆ ଧାନରୁ ପ୍ରସ୍ତୁତ ନବାର୍ଣ୍ଣ ଭୋଗ ଅର୍ପଣ କରାଯାଏ। ନୂଆ ଧାନରୁ ପ୍ରସ୍ତୁତ ଭୋଗ ମା'ଙ୍କ ନିକଟରେ ଅର୍ପଣ ପରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ପରମ୍ପରା ଅନୁସାରେ ନୂଆ ଅନ୍ନ ଗ୍ରହଣ କରିଥାନ୍ତି। ଏହି ପୂଜାବିଧି ସହିତ ନୂଆଁଖାଇର ଧାର୍ମିକ ପରମ୍ପରା ଜଡ଼ିତ ଥିବା ସ୍ଥାନୀୟ ଲୋକମାନେ କହିଥାନ୍ତି।

ମନ୍ଦିରରେ ନବାର୍ଣ୍ଣ ଭୋଗ ଅର୍ପଣ ପରେ ନିଜ ନିଜ ଘରେ ପରିବାରର ଇଷ୍ଟଦେବୀ ଓ ଇଷ୍ଟଦେବତାଙ୍କୁ ପୂଜାର୍ଚ୍ଚନା କରାଯାଏ। ପରିବାରର ସଦସ୍ୟମାନେ ଏକାଠି ହୋଇ ଘରର ପୂଜାସ୍ଥଳୀରେ ନୂଆ ଧାନରୁ ପ୍ରସ୍ତୁତ ଚୁଡ଼ା, ନୂଆଁ ଅନ୍ନ ଓ ଅନ୍ୟାନ୍ୟ ପାରମ୍ପରିକ ଖାଦ୍ୟକୁ ଭୋଗ ଭାବେ ଅର୍ପଣ କରିଥାନ୍ତି। ପୂଜା ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ବସି ନୂଆ ଧାନର ଚୁଡ଼ା ପ୍ରସାଦ ଭାବେ ଗ୍ରହଣ କରିଥାନ୍ତି।

କଳାହାଣ୍ଡିର ଗଡ଼ଜାତ ଅଞ୍ଚଳଗୁଡ଼ିକରେ ଦଶମୀ ତିଥିରେ ନୂଆଁଖାଇ ପାଳନର ଏହି ପରମ୍ପରା ଅଞ୍ଚଳର ସାଂସ୍କୃତିକ ବିବିଧତାକୁ ପ୍ରକାଶ କରୁଛି। ପରମ୍ପରା ଅନୁଯାୟୀ ତିଥି ଭିନ୍ନ ହେଲେ ମଧ୍ୟ ନୂଆ ଧାନକୁ ପ୍ରଥମେ ଦେବଦେବୀଙ୍କୁ ଅର୍ପଣ କରିବା ଏବଂ ପରେ ପରିବାର ସହିତ ପ୍ରସାଦ ଗ୍ରହଣ କରିବାର ମୂଳ ଭାବନା ଏହି ପର୍ବରେ ଜଡ଼ିତ ରହିଛି।

ଏହିପରି ଭାବେ ପଞ୍ଚମୀ ତିଥିରେ ପାଳିତ ହେଉଥିବା ନୂଆଁଖାଇ ସହିତ କଳାହାଣ୍ଡିର କେତେକ ଗଡ଼ଜାତ ଅଞ୍ଚଳରେ ଦଶମୀ ତିଥିରେ ପାଳିତ ହେଉଥିବା ନୂଆଁଖାଇ ମଧ୍ୟ ନିଜସ୍ୱ ପରମ୍ପରା, ପୂଜାବିଧି ଓ ସାମାଜିକ ରୀତିନୀତିକୁ ବଜାୟ ରଖିଆସିଛି। ନୂଆ ଧାନ, ଇଷ୍ଟଦେବୀଙ୍କ ପୂଜା ଓ ପରିବାରର ସମୂହ ଭୋଜନକୁ କେନ୍ଦ୍ର କରି ପାଳିତ ଏହି ପର୍ବ କଳାହାଣ୍ଡିର ସାଂସ୍କୃତିକ ପରିଚୟର ଏକ ଅଂଶ ଭାବେ ଆଜି ମଧ୍ୟ ପାଳିତ ହେଉଛି।

## ଗାଁକୁ ନିଶାମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ



**ବୋରିଗୁମ୍ମା,୨୧।୯ (ସଂଚାର ବ୍ୟୁରୋ):** ଗାଁକୁ ନିଶାମୁକ୍ତ କରିବା ପାଇଁ ବାଧ୍ୟ ହୋଇ ନିଜେ ଅଣ୍ଟା ଭିଡିଲେ ମହିଳା। ପ୍ରଥମେ ଗାଁର ଶତାଧିକ ମହିଳା ମାନେ ମଦ ବିରୁଦ୍ଧରେ ପ୍ରଶାସନ ନିକଟରେ ଫେରାଦ ହେଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଆଜି ଶହ ଶହ ମହିଳା ଏକତ୍ରିତ ହୋଇ ଶଶାହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ମଦ ବିକ୍ରି କରିବା ବିରୋଧ କରିବା ସହ ହାତରେ ଠେଙ୍ଗା ଧରି "ଗାଁ ଗାଁରେ ଉଠିବ ଲାଠି ଯଦି ବନ୍ଦ ନ ହେବ ମଦଭାଟି" ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ।

ମହିଳାଙ୍କ ଏଭଳି ଆକ୍ରୋଶ ଦେଖିବାକୁ ମିଳିଛି ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଶଶାହାଣ୍ଡି ପଂଚାୟତରେ। ଗାଁରେ ଦୀର୍ଘ ବର୍ଷ ହେବ ବେଆଇନ ଭାବେ ମଦ କୋଠି ଖୋଲି ଗାଁ ପରିବେଶକୁ ନଷ୍ଟ କରୁଥିଲେ କିଛି ମଦ ବ୍ୟବସାୟୀ। ମଦ ପିଇ ଗାଁର ଯୁବକ, ଖଟିଖିଆ ପଥଭ୍ରଷ୍ଟ ହେବା ସହ ଘରେ ଘରେ ଅଶାନ୍ତିର ବାତାବାରଣ ସୃଷ୍ଟି ହେଉଥିଲା। ତେଣୁ ଗାଁରୁ ନିଶା ଦ୍ରବ୍ୟ ହଟାଇବାକୁ ମହିଳା ଏକଜୁଟ ହୋଇ ପ୍ରଥମେ ଗାଁ ରେ ବୈଠକ କଲେ। ପରେ କୋଟପାଡ଼ ଥାନାର ଦ୍ୱାରସ୍ଥ ହେଲେ। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ପୁଣି ଅବକାରୀ ବିଭାଗ ଏବଂ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଶା ଜନକ ସହଯୋଗ ମିଳିଲା ନାହିଁ। ଏଣୁ ବାଧ୍ୟ ହୋଇ ମହିଳା ମାନେ ଏକତ୍ରିତ ହୋଇ କୋଟପାଡ଼ ନିର୍ବାଚନ ମଣ୍ଡଳୀର ବିଜେଡି ନେତା ତଥା ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝିଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ଗାଁ ମଝିରେ ଥିବା ପ୍ରଥମେ ସରକାରୀ ଲାଇସେନ୍ସ ପ୍ରାପ୍ତ ବିହାରୀ ମଦ ଦୋକାନରେ ପହଞ୍ଚି ଆଲୋଚନା ମାଧ୍ୟମରେ ତିନି ଦିନ ମଧ୍ୟରେ ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗାଁ ମଧ୍ୟରେ ଯେଉଁମାନେ ଘରେ ଘରେ ମଦ ବିକ୍ରି କରୁଛନ୍ତି ସେମାନଙ୍କ ଘରକୁ ଯାଇ ସମ୍ପୂର୍ଣ୍ଣ ମଦ ବିକ୍ରି ମଦ ବିକ୍ରି ବନ୍ଦ କରିବା ପାଇଁ ତାଗିଦ କରିଥିଲେ। ଯଦି ପଞ୍ଚାୟତରେ ମଦବିକ୍ରି ବନ୍ଦ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଅଖ ଚକ ବନ୍ଦ ହେବ ବୋଲି ଚେତାବନୀ ଦେଇଛନ୍ତି।

## ଆମ୍ବୁଲାନ୍ସରୁ ଖସିଲା ଚକା, ଅଳ୍ପକେ ବର୍ତ୍ତିଲେ ଗର୍ଭବତୀ

### ରକ୍ଷଣାବେକ୍ଷଣ ନେଇ ଉଠିଲା ପ୍ରଶ୍ନ, ଗୋଟିଏ ରାତି ଗୋଟିଏ ଓଳି ପରେ ହେଲା ମରାମତି




**ବନ୍ଧୁଗାଁ,୨୧।୯ (ସଂଚାର ବ୍ୟୁରୋ):** ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ନିୟୋଜିତ ୧୦୮ ଆମ୍ବୁଲାନ୍ସ ନିଜେ ଯଦି ବିପଦର କାରଣ ପାଲଟେ, ତେବେ ଏହାର ରକ୍ଷଣାବେକ୍ଷଣକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ବନ୍ଧୁଗାଁ ବ୍ଲକ୍‌ରେ ଜଣେ ଗର୍ଭବତୀଙ୍କୁ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସର ଆଗ ଚକା ଖସିଯିବା ଘଟଣା ଏବେ ଏହି ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଉପରେ ଗୁରୁତର ପ୍ରଶ୍ନ ଉଠାଇଛି।

ସୂଚନା ଅନୁସାରେ, ବଡ଼ ମାତୁର ଗ୍ରାମର ସୀମାଲୁ ପିଡ଼ିକା ଦ୍ୱିତୀୟ ସନ୍ତାନ ପାଇଁ ଗର୍ଭବତୀ ଥିବାବେଳେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ ମାତୁରରୁ ବନ୍ଧୁଗାଁ ବ୍ଲକ୍ ସଦରସ୍ଥିତ ମା' ଗୃହକୁ ନିଆଯାଉଥିଲା। ଘାଟି ରାସ୍ତାରେ ଆମ୍ବୁଲାନ୍ସ ଯାଉଥିବା ସମୟରେ ହଠାତ୍ ଗାଡ଼ିର ବାମପଟ ଆଗ ଚକା ଖସିଯାଇଥିଲା।

ସୌଭାଗ୍ୟବଶତଃ ଆମ୍ବୁଲାନ୍ସଟି ରାସ୍ତାକଡ଼ରେ ଅଟକି ଯାଇଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଥିଲା। ଗାଡ଼ି ଭିତରେ ଥିବା ଗର୍ଭବତୀ, ଚାଳକ ଓ ମା' ଗୃହର କର୍ମଚାରୀମାନେ ଅଳ୍ପକେ ବର୍ତ୍ତିଥିଲେ। ପରେ ଅଟୋ ଯୋଗେ ଗର୍ଭବତୀଙ୍କୁ ମା' ଗୃହକୁ ନେଇ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

ଘଟଣାର ପାଖାପାଖି ଦୁଇ ଦିନ ପରେ ମଧ୍ୟ ଆମ୍ବୁଲାନ୍ସଟି ମରାମତି ହୋଇନଥିବା ଏବଂ ଘଟଣାସ୍ଥଳରେ ଅଚଳ ଅବସ୍ଥାରେ ପଡ଼ିରହିଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ମଧ୍ୟ ଏହି ଆମ୍ବୁଲାନ୍ସଟି ନିଲାବାଡ଼ି ପଞ୍ଚାୟତର ଚେକାପାଡୁ ଗାଁ ନିକଟରେ ଅଚଳ ହୋଇ ରାସ୍ତାକଡ଼ରେ ପଡ଼ିରହିଥିବା ଦେଖାଯାଇଥିବା କୁହାଯାଇଛି।

ବାରମ୍ବାର ଆମ୍ବୁଲାନ୍ସ ଅଚଳ ହେବା ଘଟଣା ରୋଗୀ ପରିବହନ ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛି। ବିଶେଷକରି ଗର୍ଭବତୀ, ଗୁରୁତର ରୋଗୀ ଓ ଆପତ୍କାଳୀନ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସର ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣ ନିଶ୍ଚିତ କରିବାକୁ ଦାବି ହୋଇଛି।

ଏହି ଘଟଣା ପରେ ସମ୍ପୃକ୍ତ ବିଭାଗ ତୁରନ୍ତ ଆମ୍ବୁଲାନ୍ସଟିର ଯାନ୍ତ୍ରିକ ଯାଞ୍ଚ କରି ଆବଶ୍ୟକ ମରାମତି କରିବା ସହ ଅସୁରକ୍ଷିତ ଥିଲେ ବିକଳ୍ପ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ପୋଖରୀରେ ବୁଡ଼ି ନାବାଳିକା ମୃତ

**ଲାଞ୍ଜିଗଡ଼,୨୧।୯ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଲାଞ୍ଜି ପଞ୍ଚାୟତ ଅଧିନସ୍ଥ ସିନ୍ଧିପଦର ଗ୍ରାମରେ ଗତକାଲି ରବିବାର ଦିନ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସୂଚନାନୁସାରେ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ସିନ୍ଧିପଦର ଗ୍ରାମର ଅରକ୍ଷିତ ହରିଜନଙ୍କ ୧୦ ବର୍ଷିୟ ନାବାଳିକା ଝିଅ ନିହାରୀକା ହରିଜନ ରବିବାର ଦିନ ଅପରାହ୍ନରେ ନିଜ ଗ୍ରାମର ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲା। ଗାଧୋଇବା ସମୟରେ ସେହି ଝିଅର ଅସାବଧାନତା ବସତଃ ଗଭୀର ପାଣିରେ ଗୋଡ ଖସି ଯିବା ଫଳରେ ପାଣିରେ ବୁଡି ଯାଇଥିଲେ। ଖବର ପାଇ ଗ୍ରାମବାସୀ ତୁରନ୍ତ ପୋଖରୀରୁ ନିହାରୀକାକୁ ଉଦ୍ଧାର କରି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନିହାରୀକାର ମୃତ୍ୟୁ ଘୋଷଣା କରିଥିଲେ। ବିଶ୍ୱନାଥପୁର ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ ପଠେଇଥିଲେ। ଏନେଇ ବିଶ୍ୱନାଥପୁର ଥାନାରେ ଏକ ଅପମୃତ୍ୟୁ ଜନିତ ମାମଲା ରୁଜୁ କରାଯାଇ ତଦନ୍ତ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ସେବା ସଂକଳ୍ପ ଅଭିଯାନରେ ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ




**ରାଜନଗର,୨୧।୯ (ସଂଚାର ବ୍ୟୁରୋ):** ଭାରତର ପ୍ରଧାନମନ୍ତ୍ରୀ ଯଶସ୍ୱୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମ ଜୟନ୍ତି ଅବସରରେ ଆଜି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଡେରା ପଞ୍ଚାୟତ ନୂଆଗାଁ ବେଗୁନିଆ ଦାମୋଦର ମଠ ପରିସରରେ ବରିଷ୍ଠ ବିଜେପି ନେତା ନୀଳମଣୀ ସାହାଣୀଙ୍କ ସଂଯୋଜନା ଓ ବିଜେପି ନେତା ସଂଗ୍ରାମ କେଶରୀ ବେହେରାଙ୍କ ଆୟୋଜନରେ ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

ଏହି ଅବସରରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେପି ବିରିଷ୍ଠ ନେତା ଭୂବନ ମୋହନ ଜେନା ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଜୟନ୍ତି ଅବସରରେ ଦୀର୍ଘାୟୁ କାମନା କରି ଦାମୋଦର ଗୋସାଇଙ୍କ ନିକଟରେ ଶତାଧିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହା ସହିତ ନୂଆଗା ଆଖଣ୍ଡଳ ମଣି ମନ୍ଦିର ଓ ଦାମୋଦର ଗୋସାଇଁଙ୍କ ମଠ ମଧ୍ୟରେ ମା ପାଇଁ ଗଛଟିଏ ଲଗାଯାଇଥିବା ବେଳେ କର୍ମୀ ଓ ଜନସାଧାରଣଙ୍କୁ ଶହଶହ ଗଛ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଜେନାଙ୍କ ସହିତ ଥିଲେ ଅତିଥିଭାବେ ବାବା ଅଭୟ ଦାସ, ବିଜେପି ଜିଲ୍ଲା କାର୍ଯ୍ୟ କର୍ତ୍ତା ରଶ୍ମୀରଂଜନ ପ୍ରଧାନ, ବିଜେପି ନେତା ବସନ୍ତ ମିଶ୍ର, ସରକାରି ଓକିଲ ଦେବଦତ୍ତ ରାଉଳ ଓ ଜିଲ୍ଲା ବିଜେପି ଏସି ଏସଟି ସେଲର ସଂପାଦକ ପ୍ରମୋଦ କୁମାର ଜେନା ଉପସ୍ଥିତ ଥିଲେ। ମୋଦିଜୀଙ୍କ ଗୁଣଗାନ କରି ଆଜିର ଦିନକୁ ମହାନ ଦିନ ବୋଲି ବିଜେପିର ଶତାଧିକ କର୍ମୀ ଉପସ୍ଥିତ ରହି ମତଦେଇଥିଲେ।

## ଆଜିଠାରୁ ବାରିପଦାରେ ନଅ ଦିନିଆ ଜାତୀୟ ନାଟ୍ୟ ମହୋତ୍ସବ



**ବାରିପଦା,୨୧।୯ (ସଂଚାର ବ୍ୟୁରୋ):** ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା "ଆମେ", ବାରିପଦା ଆନୁକୂଲ୍ୟରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ୯ ଦିନିଆ ନାଟ୍ୟ ମହୋତ୍ସବ ଚଳିତ ମାସ ୨୨ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି।

ଉଦଘାଟନୀ ସନ୍ଧ୍ୟାରେ ୭୫ ବାସ୍ତବ ଗ୍ରୁପ, ବାରିପଦାର ନାଟକ "ପରେ କହିବି", ୨୩ ତାରିଖ ୧ମ ନାଟକ ନାରୀ ଅଦ୍ୱିତୀୟା", ଭୁବନେଶ୍ୱରର "ନିଃସହାୟ" ଓ ୨ୟ ନାଟକ ତାପରେ ଆମେ, ବାରିପଦାର "ସୁରେନ୍ଦ୍ର ସାଏଙ୍କ ନିଶ", ୨୪ ତାରିଖ ଭଞ୍ଜଭୂମି ସାଂସ୍କୃତିକ ପରିଷଦ, ବାରିପଦାର "କାଞ୍ଚି ଅଭିଯାନ" ଓ ଆମେ କ୍ରାନ୍ତି, ଉଦଳାର "ରାଜା", ୨୫ ତାରିଖ ଅଭିରାମ ଅଭିନୟ ଅନୁଷ୍ଠାନ, ବାରିପଦାର "ପ୍ରଭୁଙ୍କ ଅପେକ୍ଷାରେ" ଓ ସାଧନା ମେମୋରିଆଲ ଟ୍ରଷ୍ଟ, କଟକର "ଅଭିନେତ୍ରୀ", ୨୬ ତାରିଖ ସ୍ୱେଶ ଏକାଡେମୀ, ଭୁବନେଶ୍ୱରର "ଚେୟାର୍ସ" ଓ ଦମଦମ ଏମ୍ବ୍ରୋଡ଼ି, କୋଲକାତାର "ଏକ୍ସପ୍ଲୋରେସନ", ୨୭ ତାରିଖ କ ଖ ଗ, ସମ୍ବଲପୁରର "ଅନନ୍ୟ", ଓ ସର୍ଭୁଜ, ମିଦନାପୁରର "ଓରେ ବିହଙ୍ଗୋ", ୨୮ ତାରିଖ ନିପା ରଙ୍ଗ ମଣ୍ଡଳୀ, ଲକ୍ଷ୍ନୌର "ସିକସ୍ତା", ୨୯ ରେ ନାଟ୍ୟମ, ଅନୁଗୁଳର ନାଟକ "ଚିତ୍ରଲିପି" ଓ ମିରର ଥିଏଟର ଗ୍ରୁପ, ବେଲପାହାଡର "ଉଲଫ" ଏବଂ ଉଦଯାପନୀ ସନ୍ଧ୍ୟାରେ ଅଜିତ, ଭୁବନେଶ୍ୱରର ନାଟକ "ସମକାଳ" ମଞ୍ଚସ୍ଥ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ କଳାକାର, ନିର୍ଦ୍ଦେଶକ, ନାଟ୍ୟକାରଙ୍କୁ ମୟୁରଭଞ୍ଜ ମହା ସମ୍ମାନ, ସ୍ମୃତି ସମ୍ମାନ, ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏବର୍ଷ ମଧ୍ୟ ଏକ ଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ପଟ୍ଟନାୟକ ଜଣାଇଛନ୍ତି।

# ଅସ୍ତରଙ୍ଗରେ ଫୁଡ୍ ସାର୍ଟିଫିକେଟ୍ ନାଁରେ ଲୁଟ୍

### ସ୍କୁଟିରେ ବୁଲି ଦଲାଲର ଦାଦାଗିରି

### କାକଟପୁର-ନୟାହାଟରେ ସକ୍ରିୟ ନକଲି ଫୁଡ୍ ଅଫିସର

### ରିନ୍ୟୁଆଲ୍ ନାଁରେ ୫୦୦ ଟଙ୍କା ଆଦାୟ

**କାକଟପୁର/ଅସ୍ତରଙ୍ଗ,୨୧।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏବେ ଖାଦ୍ୟ ସାର୍ଟିଫିକେଟ୍ ନାଁରେ ବ୍ୟାପକ ଠକେଇ ଓ ଦଲାଲ ରାଜ୍ ଚାଲିଛି। ଜଣେ ଯୁବକ ସ୍କୁଟି ଗାଡିରେ ବୁଲି ବୁଲି କାକଟପୁର, ଅସ୍ତରଙ୍ଗ ଓ ନୟାହାଟ ଅଞ୍ଚଳର ବିଭିନ୍ନ ଖାଦ୍ୟ ବ୍ୟବସାୟୀଙ୍କୁ ଲୁଟୁଥିବା ଅଭିଯୋଗ ହୋଇଛି। ନିଜକୁ ଖାଦ୍ୟ ନିରାପତ୍ତା ବିଭାଗର କର୍ମଚାରୀ ବୋଲି ପରିଚୟ ଦେଇ ଭୟ ଦେଖାଇ ଟଙ୍କା ଆଦାୟ କରୁଛି। ନୂଆ ସାର୍ଟିଫିକେଟ୍ ଓ ରେନ୍ୟୁଆଲ୍ ନାଁରେ ପ୍ରତି ବ୍ୟବସାୟୀଙ୍କ ଠାରୁ ୫୦୦ ଟଙ୍କା ଲେଖାଏଁ ନେଇ ନକଲି କାଗଜ ଧରାଇ ଦେଉଛି। ଏହାକୁ ନେଇ ଛୋଟ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ।

ପ୍ରାପ୍ତ ସୂଚନା ଅନୁଯାୟୀ, ଗତବର୍ଷ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେହି ଚଢ଼ାଉ ସମୟରେ ମିଟୁ ବସ୍ତିଆ ନାମକ ଜଣେ ବ୍ୟବସାୟୀଙ୍କ ଦୋକାନରେ ଯାଞ୍ଚ ବେଳେ ସେ ଦେଖାଇଥିବା ଫୁଡ୍ ସାର୍ଟିଫିକେଟ୍ ନକଲି ବୋଲି ଜଣାପଡିଥିଲା। ପଚରାଉଚରାରୁ ସତ୍ୟ ସାମ୍ନାକୁ ଆସିଥିଲା ଯେ, ଜଣେ ଯୁବକ ଆସି ୫୦୦ ଟଙ୍କା ନେଇ ତାଙ୍କୁ ଏହି ନକଲି ସାର୍ଟିଫିକେଟ୍ ଦେଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସେ ଯୁବକ କିଛି ଦିନ ପାଇଁ ଗାଏବ ହୋଇ ଯାଇଥିଲା। ବ୍ୟବସାୟୀମାନେ ଭାବିଥିଲେ ଠକେଇ ବନ୍ଦ ହେଲା।

ହେଲେ ଏବେ ପୁନର୍ବାର ସେହି ଯୁବକ ସକ୍ରିୟ ହୋଇ ଉଠିଛି। ଗତ କିଛି ଦିନ ହେବ ସ୍କୁଟି ଧରି ବିଭିନ୍ନ ଖାଦ୍ୟ ଦୋକାନ, ହୋଟେଲ, ଗୁପଚୁପ ଓ ମିଠା ଦୋକାନକୁ ଯାଇ କହୁଛି, ତୁମର ସାର୍ଟିଫିକେଟ୍ ସରିଗଲା, ଫାଇନ୍ ହେବ, ଦୋକାନ ବନ୍ଦ ହେବ। ସରକାରୀ ଅର୍ଡର ଅଛି ବୋଲି ଧମକ ଦେଉଛି। ଭୟରେ ଅନେକ ଛୋଟ ବ୍ୟବସାୟୀ ବିନା ପ୍ରଶ୍ନରେ ଟଙ୍କା ଦେଇ ଦେଉଛନ୍ତି। କିଛି ସଚେତନ ବ୍ୟବସାୟୀ ପ୍ରଶ୍ନ କଲେ ସେ ନକଲି ଆଇଡି କାର୍ଡ ଦେଖାଉଛି।

ଏହି ଘଟଣା ନେଇ ଆମେ ପୁରୀ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲୁ। ସେ ସ୍ପଷ୍ଟ କହିଛନ୍ତି, ଆମ ବିଭାଗର କୌଣସି କର୍ମଚାରୀ ଫିଲ୍ଡକୁ ଯାଇ ନଗଦ ଟଙ୍କା ଆଦାୟ କରନ୍ତି ନାହିଁ। ଏଫ୍‌ଏସ୍‌ଏସ୍‌ଏଆଇ ସାର୍ଟିଫିକେଟ୍ ସମ୍ପୂର୍ଣ୍ଣ ଅନଲାଇନ୍ ଏଫ୍‌ଓଏସ୍‌ସିଓଏସ୍ ପୋର୍ଟାଲରେ ହୁଏ। ସରକାରୀ ଫିସ୍ ସିଧା ଅନଲାଇନ୍ ଜମା ହୁଏ। କେହି ହାତକୁ ଟଙ୍କା ନିଏ ନାହିଁ। ଯେଉଁମାନେ ଏଭଳି ଠକାମୀର ଶିକାର ହେଉଛନ୍ତି ସେମାନେ ତୁରନ୍ତ ନିକଟସ୍ଥ ଥାନାରେ ଲିଖିତ ଅଭିଯୋଗ କରନ୍ତୁ। ସାର୍ଟିଫିକେଟ୍ ପାଇଁ ପୁରୀ ଜିଲ୍ଲା ଖାଦ୍ୟ ନିରାପତ୍ତା କାର୍ଯ୍ୟାଳୟକୁ ଆସନ୍ତୁ।

ବ୍ୟବସାୟୀ ମହଲରେ ଦାବି ହେଉଛି, ପୋଲିସ ଏହି ନକଲି ଅଫିସର ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉ। ସିସିଟିଭି ଯାଞ୍ଚ କଲେ ସ୍କୁଟି ନମ୍ବର ମିଳିଯିବ। ନହେଲେ ଏହି ଲୁଟ୍ ଆହୁରି ବଢ଼ିବ।

## ଭୀଷ୍ମ ମହାନ୍ତି ବିଜେଡି ବ୍ଲକ ସଭାପତି



**ଆଳି,୨୧।୯ (ସଂଚାର ବ୍ୟୁରୋ):** ଆଳି ବ୍ଲକରେ ବିଜୁ ଜନତା ଦଳର ବ୍ଲକ ସଭାପତି ହେଲେ ଭୀଷ୍ମ ମହାନ୍ତି। ଜିଲ୍ଲାର ସମସ୍ତ ବ୍ଲକରେ ବିଜୁ ଜନତା ଦଳର ବ୍ଲକ ସଭାପତି ଚୟନ ହୋଇଥିବା ବେଳେ ଆଳି ବ୍ଲକରେ ଦୃଢ଼ ସଂଗଠକ ଭାବେ ପରିଚିତ ଭୀଷ୍ମ ମହାନ୍ତିଙ୍କୁ ବ୍ଲକ୍ ସଭାପତି ଚୟନ ହୋଇଥିବାରୁ କର୍ମୀଙ୍କ ମନରେ ଖୁସିର ଲହରୀ ଦେଖିବାକୁ ମିଳିଛି। ଅନ୍ୟ ପଟେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଆଳି ବ୍ଲକର ନୂତନ ସଭାପତି ରୂପେ ଭୀଷ୍ମ ମହାନ୍ତି ଙ୍କୁ ଅବସ୍ଥାପିତ କରାଇ ଥିବାରୁ ବିଜୁ ଜନତା ଦଳର କର୍ମୀ ମାନେ ଧନ୍ୟବାଦ ଜଣାଉଛି, ଶ୍ରୀ ମହାନ୍ତି ବିଜୁ ଜନତା ଦଳରେ ଦୀର୍ଘ ବର୍ଷ ସକ୍ରିୟ ଭାବେ ରାଜନୈତିକ ପୃଷ୍ଠପୋଷାକ ହାସଲ କରିଆସୁଛନ୍ତି। ଜଣେ ଦଳୀୟ ଦକ୍ଷ ସଂଗଠକ ଭାବେ ଯେତିକି ନିପୁଣତା ସେତିକି ସମାଜ ମଙ୍ଗଳ ଦିଗରେ ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ସେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଉପାଧ୍ୟକ୍ଷପଦବୀ ରେ କାର୍ଯରତ ଅଛନ୍ତି।ଏଭଳି ଜଣେ ବ୍ୟକ୍ତିତ୍ୱ ଙ୍କ ଉପରେ ବ୍ଲକ ସଭାପତି ଦାୟିତ୍ୱ ମିଳି ଥିବାରୁ ପୂର୍ବତନ ମୁଖ୍ୟ ମନ୍ତ୍ରୀ ଓ ଦଳ ସଭାପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦଳ ପାଇଁ କିପରି ମଜଭୁତ ଭାବେ କାର୍ଯ୍ୟ କରିବେ ବୋଲି ଦୃଢ଼ ଆଶା ଦେଇଛନ୍ତି।

# ଆୟୁର୍ବେଦ ଉପଚାରରେ ଯକୃତ୍‌ର ସୁସ୍ଥତା



ଆମ ଶରୀରର ପ୍ରତ୍ୟେକ ଜୀବକୋଷ ଏକ ନିର୍ଦ୍ଦିଷ୍ଟ ସମୟରେ ବଢ଼େ। ମୃତ୍ୟୁବରଣ କରିଥାଏ। ମାତ୍ର ଶରୀର କୋଷ ଗୁଡ଼ିକର ଅନିୟନ୍ତ୍ରିତ ଅଭିବୃଦ୍ଧିକୁ କର୍କଟ କୁହାଯାଏ। ଦେଶରେ ଗତ କିଛି ବର୍ଷ ମଧ୍ୟରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ କର୍କଟ ଦେଖାଯାଉଛି। କର୍କଟ କୋଷକୁ ନଷ୍ଟ କରିବାକୁ କେମୋଥେରାପି ଦିଆଯାଏ। କର୍କଟ ଯଥା ଲିମ୍ଫୋମା/ରକ୍ତ କର୍କଟ/ଜର୍ମ ସେଲ୍ ଟ୍ୟୁମର୍ ଆଦିରୁ କେମୋଥେରାପି ଦ୍ୱାରା ଆରୋଗ୍ୟ ମିଳିଥାଏ। ତେବେ କେମୋଥେରାପି ନେଉଥିବ ବ୍ୟକ୍ତି କ'ଣ ଖାଇବା ଉଚିତ ବା ଅନୁଚିତ ଜାଣନ୍ତୁ। କେମୋଥେରାପି ନେଉଥିଲେ, କଞ୍ଚା କିମ୍ବା ଅଧାସିଝା ମାଂସ, ମାଛ ଆଦି ଖାଦ୍ୟ ଖାଆନ୍ତୁନି। ଏହାଦ୍ୱାରା ସଂକ୍ରମଣ ବୃଦ୍ଧିର ଅଧିକ ଆଶଙ୍କା ଥାଏ। ସେହିପରି ଭଲ ଭାବେ ସିଝା ହୋଇନଥିବା ଦୁଗ୍ଧ କିମ୍ବା ଦୁଗ୍ଧଜାତୀୟ ଖାଦ୍ୟ, ଜୁସ୍ ସେବନ କରନ୍ତୁନି। ଫଳ ଖାଇବାକୁ ଇଚ୍ଛାଥିଲେ, ମୋଟା ଚୋପା ଯୁକ୍ତ ଖଣ୍ଡ ଖଣ୍ଡ କରି ଖାଇପାରିବେ।

## କେମୋଥେରାପିରେ କ'ଣ ଖାଇବା ଅନୁଚିତ

ଅଧିକ ତେଲ ମସଲା ଓ ପ୍ରୋସେସ୍ଡ଼ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। ସେହିପରି ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟ ଖାଆନ୍ତୁନି। ଏହାଦ୍ୱାରା ପେଟ ଜଳାପୋଡ଼ା ସହ ବାନ୍ତି ସମସ୍ୟା ହେବାର ଆଶଙ୍କା ଥାଏ। କେମୋଥେରାପି ନେଉଥିଲେ ମଦ୍ୟପାନ ଓ କଫି ପେୟରୁ ଦୂରେଇ ରୁହନ୍ତୁ। ଅନ୍ୟପଟେ ଭଲ ଭାବେ ସିଝିଥିବା ତଥା କମ୍ ତେଲ ମସଲା ଯୁକ୍ତ ମାଛ, ମାଂସ ଅଣ୍ଡା ଖାଇପାରିବେ। ଭଲଭାବେ ସିଝିଥିବା ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ଉଚିତ। ପାଣି, ସୁପ ତଥା ହର୍ବାଲ ଚା' ପିଇପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କେମୋଥେରାପି ନେବା ସମୟରେ ଭଲ ଭାବେ ହଜମ ହେଉଥିବା ଖାଦ୍ୟ ଖାଇବା ଦରକାର।



ପାଚନ କ୍ରିୟାରେ ଯକୃତ୍ ସାହାଯ୍ୟ କରିଥାଏ। ଖାଦ୍ୟକୁ ହଜମ କରିବା ସହ ଶରୀରରେ ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରିବା ଏହାର ମୁଖ୍ୟ କାର୍ଯ୍ୟ। ରକ୍ତ ଶର୍କରାକୁ ନିୟନ୍ତ୍ରଣ ରଖେ ଯକୃତ୍। ଆୟୁର୍ବେଦରେ ଏପରି ଅନେକ ଜଡ଼ିବୁଟି ରହିଛି, ଯାହା ଯକୃତ୍‌କୁ ସୁସ୍ଥ ରଖିବାରେ ସହାୟ ହୁଏ। ଭୂଇଁ ଅଁଳାରୁ ପ୍ରସ୍ତୁତ ଔଷଧ ଯକୃତ୍ ସଂକମ୍ରଣରୁ ସୁରକ୍ଷା ଦିଏ। ତେଣୁ ଯକୃତ୍ ରୋଗରେ ପୀଡ଼ିତ ବ୍ୟକ୍ତି ଡାକ୍ତରଙ୍କୁ ପରାମର୍ଶ ନେଇ ଭୂଇଁ ଅଁଳାରୁ ପ୍ରସ୍ତୁତ ଚୂର୍ଣ୍ଣ ବା ଔଷଧ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍‌କୁ ସେବନ କରିବା ଉଚିତ। ଭୂଇଁ ଅଁଳା ରସ ୧୦ ମିଲି.କୁ ଅଧଚାମଚ ମହୁ ମିଶାଇ ସେବନ କଲେ ଯକୃତତ୍ ସୁସ୍ଥ ଓ ସବଳ ରହିଥାଏ।

- କାକମାଚି ରସ ୧୦ ମିଲିକୁ ସାମାନ୍ୟ ମିଶିରି ଗୁଣ୍ଡ ମିଶାଇ ଦିନକୁ ଦୁଇବେଳା ସେବନ କଲେ ଯକୃତ୍‌ର କାର୍ଯ୍ୟକାରିତା ବୃଦ୍ଧି ପାଏ।

ଚିକିତ୍ସକଙ୍କ ପରାମର୍ଶରେ ୧୦ ମିଲି. ଜଡ଼ାପତ୍ର ରସ ମଧ ସେବନ କଲେ ଯକୃତ୍ ପାଇଁ ହିତକର ହୋଇଥାଏ।

- ଗୁଳୁଚି, ଭୂଇଁ ଅଁଳା, ଜଡ଼ାଚେର, କାକମାଚି, କିସ୍‌ମିସ୍, ତେଜପତ୍ର ମିଳିତ ୧୦ଗ୍ରାମ୍ ୨୦୦ ମିଲି ପାଣିରେ ସିଝାଇ ଏକ ଚତୁର୍ଥାଂଶ ରଖି ଦିନକୁ ଦୁଇବେଳା ସେବନ କଲେ ହିତକର ହୋଇଥାଏ।
- ଜିରା, ଧଣିଆ, ପାନମହୁରୀ, ମେଥି, ଜୁଆଣି, ତାଳ ମିଶିରିକୁ ରାତିରେ ବତୁରାଇ ସକାଳେ ଛାଣି ପାନ କଲେ ହିତକର ହୋଇଥାଏ।
- ଆଖୁରସ, ପଇଡ଼ପାଣି, ମିଶିରି ପାଣି, ସାଲାଡ୍, ସିଝା ତରକାରି ଇତ୍ୟାଦି ନିୟମିତ ଭାବେ ଗ୍ରହଣ କଲେ ଉପକାର ମିଳିଥାଏ। ଅଁଳାରୁ ମିଳୁଥିବା ଫାୟଟୋ ନ୍ୟୁଟ୍ରିଏଣ୍ଟ ଯକୃତ୍‌ର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରି କୋଷିକାକୁ ସୁସ୍ଥ ରଖେ। ତେଣୁ ନିର୍ଦ୍ଦିଷ୍ଟ ଅନୁପାତରେ କଞ୍ଚା ଅଁଳା, ଅଁଳା ଜୁସ୍, କ୍ୟାଣ୍ଡି, ଔଷଧ ଖାଇପାରିବେ। ଘିକୁଆଁରୀରୁ ମିଳୁଥିବା ପୋଷକତତ୍ତ୍ୱ ଏବଂ ଆଣ୍ଟିଅକ୍ସିଡାଣ୍ଟ ଯକୃତ୍ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରେ। ତେଣୁ ଡାକ୍ତରଙ୍କ ପରାମର୍ଶରେ ଘିକୁଆଁରୀ ଜୁସ୍ ସେବନ ଦ୍ୱାରା ନୀରୋଗ ରହିପାରିବ।

ପୌଷ୍ଟିକ ଖାଦ୍ୟ ଯଥା- ସବୁଜ ପନିପରିବା, ଶସ୍ୟ, ଫଳ, ଡାଲି, ମୂଳା, ଗାଜର, ଲାଉ ଖାଇବା ସହ ଦିନକୁ ୮ରୁ ୧୦ ଗ୍ଲାସ ପାଣି ପିଇବା ଉଚିତ। ନିୟମିତ ବ୍ୟାୟାମ ଓ ଯୋଗ, ପ୍ରାଣାୟମ କରିବା ଦ୍ୱାରା ଯକୃତ୍ କାର୍ଯ୍ୟକ୍ଷମତାରେ ସୁଧାର ଆସେ। ତେଲ, ଜଙ୍କ୍‌ଫୁଡ୍, ଲୁଣ, ଛଣାଛଣି, ଅଧିକ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଆଦି କମ୍ ଖାଇବା ଉଚିତ।

## କମ୍ ବୟସରୁ ବୟସ୍କ
## ଭିଟାମିନ୍ ବି-୧୨ ଅଭାବ

ଶରୀରରେ ଭିଟାମିନ୍ ବି-୧୨ର ଅଭାବ ହେଲେ ତ୍ୱଚା ରୁକ୍ଷା, ଶୁଷ୍କ ଲାଗିବା ସହ କମ୍ ବୟସରୁ ବୟସ୍କ ପରି ଦେଖାଯାଆନ୍ତି। ତେଣୁ ଭିଟାମିନ୍‌ବି-୧୨ ଅଭାବରୁ ଦେଖାଯାଉଥିବା ଲକ୍ଷଣ ଅଣଦେଖା କରିବା ଅନୁଚିତ। ବାୟୁ ପ୍ରଦୂଷଣ, ଅସମୟରେ ଖାଦ୍ୟପେୟ, ଅଧିକ ଜଙ୍କଫୁଡ୍, ଧୂଳି ମାଟି ପ୍ରଦୂଷଣର ପ୍ରଭାବ ସ୍ୱାସ୍ଥ୍ୟ ତଥା ତ୍ୱଚା ଉପରେ ପଡ଼ିଥାଏ। ନଖ ଭାଙ୍ଗିଯାଇଥାଏ। ଏହାଦ୍ୱାରା ଚର୍ମରୋଗ ହୋଇ କମ୍ ବୟସରେ ମଧ ଲୋକେ ବୟସ୍କ ପରି ଦେଖାଯା'ନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଭିଟାମିନ୍-ବି-୧୨ ଅଭାବରୁ ଏପରି ସମସ୍ୟା ଦେଖାଦିଏ। ତେଣୁ ଶରୀରରେ ଭିଟାମିନ୍ ବି-୧୨ ଅଭାବ ହେଲେ ଶରୀର ହାଲିଆ ଲାଗିବା ସହ ଶକ୍ତିହ୍ରାସ ହେବା ପରି ଲାଗିଥାଏ। ସ୍ନାୟୁପ୍ରଣାଳୀକୁ ମଜଭୁତ କରିବାରେ ଭିଟାମିନ୍ ବି-୧୨ର ଭୂମିକା ଅଧିକ। ଉଭୟ ଚର୍ମ ଏବଂ କେଶ ପାଇଁ ଏହା ବହୁତ ଜରୁରି ମଧ। ଏହି ଭିଟାମିନ୍ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ଶୁଷ୍କତା ସମସ୍ୟା ଦୂର ହୁଏ। ତେଣୁ ଭିଟାମିନ୍ ବି-୧୨ ଅଭାବ ହେଲେ ଭୋକ ନ ଲାଗିବା, ଚର୍ମଶୁଷ୍କ ହୋଇ ହଳଦିଆ ପଡ଼ିବା, ମୁଣ୍ଡବିନ୍ଧା, କାନରେ କୌଣସି ଶବ୍ଦ ଶୁଭାଯିବା, ଚିଡ଼ିଚିଡ଼ାପଣ ହେବା, ଶରୀର କାଳୁଆ ଲାଗିବା, ଝିମ୍ ଝିମ୍ ଷଡ୍ଜଶଏ ମୁହଁରେ ଛାଲ ପଡ଼ିଯିବା, ଖାଇବାରେ ସ୍ୱାଦ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଭିଟାମିନ୍-୧୨ ଅଭାବକୁ ଦୂର କରିବାକୁ ଡାଏଟ୍‌ରେ ଲାଲ୍ ମାଂସ, ସେଲମନ ମାଛ, ବାଦାମ, ଦୁଗ୍ଧ, ଦହି, ଛେନା, ଅଣ୍ଡା, ପିସ୍ତାବାଦାମ, ସବୁଜ ପନିପରିବା, ବିଭିନ୍ନ ପ୍ରକାର ପୌଷ୍ଟିକ ମଞ୍ଜି ଆଦି ସାମିଲ କରିବା ଜରୁରି। ନିୟମିତ ଏହି ଖାଦ୍ୟ ସେବନ ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ।



## ପରିସ୍ରା ଦୁର୍ଗନ୍ଧ ହେବାର କାରଣ

ଭିଟାମିନ୍ ହେଉ କି କୌଣସି ଔଷଧ ସେବନ କରିବା ପରେ ପରିସ୍ରାରୁ ଦୁର୍ଗନ୍ଧ ଆସିଥାଏ। ହେଲେ ବିନା କାରଣରେ ପରିସ୍ରାରୁ ଗନ୍ଧ ଆସିବା ସାମାନ୍ୟ କଥା ନୁହେଁ। ଯଦିଓ ପରିସ୍ରା ଜଣେ ବ୍ୟକ୍ତିର ଜୀବନଶୈଳୀ ଓ ଅଭ୍ୟାସ ବିଷୟରେ ସଙ୍କେତ ଦେଇଥାଏ, ସେହିପରି ପରିସ୍ରାର ରଙ୍ଗ ଏବଂ ଗନ୍ଧ ମଧ ସ୍ୱାସ୍ଥ୍ୟ ବିଷୟରେ ସଙ୍କେତ ଦେଇଥାଏ। ତେବେ କେଉଁ କାରଣରୁ ଗନ୍ଧଯୁକ୍ତ ପରିସ୍ରା ହୋଇଥାଏ ଜାଣି ରଖନ୍ତୁ। ପରିସ୍ରାରେ ଗନ୍ଧ ହେବାର କାରଣ ଭିଟାମିନ୍ ବି। ଏହାର ସପ୍ଲିମେଣ୍ଟ ହିଁ ରଙ୍ଗ ପରିବର୍ତ୍ତନ କରିଥାଏ। ସେହିପରି ମଧୁମେହ କାରଣରୁ ଶର୍କରା ସ୍ତର ବୃଦ୍ଧ ପାଇ ପରିସ୍ରାରୁ ଗନ୍ଧ ଆସିଥାଏ। ଏହି ଦୁର୍ଗନ୍ଧକୁ ମଧୁମେହ ଆରମ୍ଭର ସଙ୍କେତ ଭାବେ ଦେଖାଯାଏ। ଗର୍ଭଧାରଣ ସମୟରେ ଶରୀରର ହର୍ମୋନ୍‌ରେ ପରିବର୍ତ୍ତନ ହେଉଥିବାରୁ ଏଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରୋନ କାରଣରୁ ପରିସ୍ରା ଦୁର୍ଗନ୍ଧ ହୋଇଥାଏ। ସେହିପରି ମୂତ୍ରାଶୟକୁ ପ୍ରଭାବିତ କରୁଥିବା ସମସ୍ୟା ମୂତ୍ର ଗନ୍ଧକୁ ପ୍ରଭାବିତ କରେ। ଅନେକ ସମୟରେ ଆନୁବଂଶିକ କାରଣରୁ ପରିସ୍ରା ଦୁର୍ଗନ୍ଧ ସମସ୍ୟା ସାରା ଜୀବନ ରହିଥାଏ। ପରିସ୍ରା ସଂକ୍ରମଣ, ଜଣ୍ଡିସ୍ ତଥା ଯକୃତ୍ ସଂକ୍ରମଣରୁ ପରିସ୍ରାରୁ ଦୁର୍ଗନ୍ଧ ଆସିଥାଏ। ତେଣୁ ପରିସ୍ରାରୁ ଗନ୍ଧ ଆସୁଥିବା ଦେଖିଲେ ଏହାକୁ ଅଣଦେଖା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରନ୍ତୁ। ଅନେକ ସମୟରେ ଏହି ସମସ୍ୟାରୁ ଯକୃତ୍ ଅଚଳ ହେବା ପରି ମାମଲା ଦେଖିବାକୁ ମିଳେ।





# ବର୍ଷାଦିନେ ଝାଳ ଦୁର୍ଗନ୍ଧ ସମସ୍ୟା

ଅପର୍ଣ୍ଣା ନାୟକ

**ପ୍ରାୟତଃ ବର୍ଷା ଦିନେ ନାନାଦି ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିଥାନ୍ତି। ସେଥି ଭିତରୁ ଦେହର ଝାଳ ହେଉଛି ଅନ୍ୟତମ। ଝାଳ ମଧ ସ୍ୱାଭାବିକ ଭାବେ ମହିଳା ମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥାଏ। ତେଣୁ ଏହି ବର୍ଷା ଦିନେ ଝାଳ ସମସ୍ୟାକୁ ନେଇ କିଛି ଟିପ୍ସ।**

- ପ୍ରତିଦିନଲେମ୍ବୁରସମିଶ୍ରିତଜଳରେସ୍ନାନକରନ୍ତୁ।ସ୍ନାନପରେଗୋଟିଏମଗରେ ପାଣି ନେଇ, ଦୁଇ-ତିନି ବୁନ୍ଦା ଗୋଲାପ ଜଳ ମିଶାଇ ଦେହରେ ଢ଼ାଳନ୍ତୁ।
- ସ୍ନାନ ପରେ ହାଲୁକା ସୁଗନ୍ଧର ଟାଲକମ୍ ପାଉଡର ପକାନ୍ତୁ। ବାହାରକୁ ଯାଉଥିଲେ ଅତର ପକାଇପାରନ୍ତି। ପାଉଡର କିଣିବା କ୍ଷେତ୍ରରେ ଶରୀର ପାଇଁ ଉପଯୋଗୀ ସୁଗନ୍ଧପୂର୍ଣ୍ଣ ପାଉଡର ପସନ୍ଦ କରନ୍ତୁ।
- ହାତରୁ ଅଧିକ ଝାଳ ବାହାରୁଥିଲେ ଦୁଇ ଗ୍ଲାସ ପାଣିରେ ଏକ ଚାମଚ ଫିଟିକିରି ଗୁଣ୍ଡ ଗୋଳାଇ ଦିନରେ ଦୁଇ-ତିନି ଥର ହାତ ଧୁଅନ୍ତୁ।
- ପାଦରେ ବରଫ ଘଷିଲେ ଅଧିକ ଝାଳ ବୋହିବା ସମସ୍ୟା ଦୂର ହୁଏ। ପ୍ରତି ସପ୍ତାହରେ ପାଦରେ ମେହେନ୍ଦୀ କିମ୍ବା ମୁଲତାନି ମାଟି ବୋଳନ୍ତୁ।
- କେବେ ହେଲେ ହାତରେ ଝାଳ ପୋଛନ୍ତୁ ନାହିଁ। ସଫା ସୂତା କପଡ଼ା କିମ୍ବା ଟିସୁ ପେପର ବ୍ୟବହାର କରନ୍ତୁ। ପ୍ରତି ଦିନ ସଫା ଲୁଗା ପିନ୍ଧନ୍ତୁ।
- ବର୍ଷାଦିନେ ବାହାରେ ଆର୍ଦ୍ରତା ରହୁଥିବାରୁ ଅନେକ କମ ପାଣି ପିଇଥାନ୍ତି କିନ୍ତୁ ଖାଦ୍ୟ ତୁଳନା ଅନୁଯାୟୀ ନଖ ଉଷୁମ ପାଣି ପିଇବା ଶରୀର ପାଇଁ ଖୁବ ଭଲ।
- ଝାଳଜନିତ ସମସ୍ୟା ପାଇଁ ଆଜିକାଲି ଅନେକ ମନଇଚ୍ଛା ବା ସୋସିଆଲ ମିଡ଼ିଆରୁ ଦେଖି କ୍ରିମ ବା ପାଉଡର ବ୍ୟବହାର କରୁଛନ୍ତି। ଏ କ୍ଷେତ୍ରରେ ଚର୍ମ ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।
- ସେମିତିରେ କହିଲେ ଦେହରୁ ଝାଳ ବୋହିବା ଏକ ଶାରୀରିକ ପ୍ରକ୍ରିୟା। ଏହାକୁ ନେଇ ସେପରି ବ୍ୟସ୍ତ ହେବା ମଧ କୌଣସି କାରଣ ନାହିଁ କିନ୍ତୁ କେତେକଙ୍କ କ୍ଷେତ୍ରରେ ଏହା ଅସ୍ୱାଭାବିକ ଭାବେ ଝାଳ ବୋହିଥାଏ। ଅଧିକ ଝାଳ ବୋହିବା ମଧ ଶାରୀରିକ ବିଲକ୍ଷଣର ଏକ ବଡ଼ କାରଣ।

ବର୍ଷାଦିନେ ବାହାରେ ଅତ୍ୟଧିକ ତିନ୍ତିବା ଠାରୁ ଯଥା ସମ୍ଭବ ଦୁରେଇ ରହିବା ଭଲ। କାରଣ ଏହା ଦେହ ଖରାପ କରିବା ସହ ଆପଣଙ୍କ କେଶକୁ ମଧ କଷ୍ଟଦାୟକ କରିଥାଏ। ବର୍ଷାରେ କୌଣସି ପରିସ୍ଥିତିରେ ତିନ୍ତିଗଲେ ଆପଣ ଭଲ ଭାବେ ପୋଛି ହେବା ପାଇଁ ପ୍ରଥମେ ଚେଷ୍ଟା କରନ୍ତୁ। ଅନେକ ବର୍ଷା ଦିନେ କେଷକୁ ଶୁଖାଇବା ପାଇଁ ଓ ଶରୀରରେ ଉଷ୍ମତା ପାଇଁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଡ୍ରାଏ ସଫ୍ଟ ହିଟର ବ୍ୟବହାର କରୁଛନ୍ତି। ତେବେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ। ବର୍ଷାରେ ବାହାରେ ଯେଉଁ ପାଣି ସଂସ୍ପର୍ଶରେ ଆପଣ ଆସିଥାନ୍ତି ଘରେ ଆଉ ଥରେ ଉଷୁମ ଜଳରେ ସ୍ନାନ କଲେ ସେପରି ସମସ୍ୟା ନାହିଁ। ତେବେ ଆପଣଙ୍କର ସାମାନ୍ୟତମ ସତର୍କତା ଆପଣଙ୍କୁ କେବଳ ସୁଗନ୍ଧପୂର୍ଣ୍ଣ କରିବନି ଆପଣଙ୍କ ବ୍ୟକ୍ତିତ୍ୱ ଓ ଆପଣଙ୍କ ଶାରୀରିକ ସୌନ୍ଦର୍ଯ୍ୟକୁ ବଢ଼ାଇବ ନିଶ୍ଚୟ।

**ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬**



## ବୀରମହାରାଜପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି: ୫୫ଟି ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର,୨୧।୯ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ଓ ଉପଖଣ୍ଡ ପୋଲିସ (ଥାନା) ଅଧିକାରୀ, ବୀରମହାରାଜପୁର ଶ୍ରୀ ହେମନ୍ତ ରାଓ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୫୫ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୫୦ଟି ବ୍ୟକ୍ତିଗତ, ୪ଟି ସାମୂହିକ ଓ ୧ ଟି ସିଏମ୍ଆର୍ଏଫ୍ ଦରଖାସ୍ତ ଗ୍ରହଣ ହୋଇଥିଲା। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ, ବୀରମହାରାଜପୁର ଶ୍ରୀ ସୁରେନ୍ଦ୍ର ମେହେର, ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ଡାକ୍ତର ଉଷାରାଣୀ ଦାଶ ଏବଂ ମାନ୍ୟବର ସାଂସଦ ବଲାଙ୍ଗିରର ପ୍ରତିନିଧି ଶ୍ରୀମତୀ ନଳିନୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର ଶ୍ରୀ ରାଜୀବ ହାଁସଦା ଦ୍ୱାରା ଆୟୋଜିତ ଏହି ଶିବିରରେ ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆବାସ ଯୋଜନା ହିତାଧିକାରୀ ଚୟନରେ ଚଞ୍ଚକତା ନେଇ ଅଭିଯୋଗ

ନିଶ୍ଚିନ୍ତକୋଇଲି,୨୧।୯ (ସଂଚାର ବ୍ୟୁରୋ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅସହାୟ ଗରିବ ଓ ନିରାଶ୍ରୟ ଲୋକମାନଙ୍କୁ ମୁଣ୍ଡ ଗୁଞ୍ଜିବା ନିମନ୍ତେ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ କାର୍ଯ୍ୟକାରୀ କରିଛନ୍ତି। ଏଥି ନିମନ୍ତେ ସରକାର କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କେତେକ ଅସାଧୁ ପ୍ରଶାସନିକ ଅଧିକାରୀ ସ୍ଥାନୀୟ ରାଜନେତାଙ୍କ ହାତବାରିସି ସାଜି ହିତାଧିକାରୀ ଚୟନରେ ବ୍ୟାପକ ଚଞ୍ଚକତା ଓ ଅନିୟମିତତା କରିଥିବାର ଅଭିଯୋଗ ହୋଇଛି। ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ପାଇଁ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଏବଂ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। ଏହି ୪୧ଟି ଗ୍ରାମପଞ୍ଚାୟତରେ ଏବେ ସୁଦ୍ଧା ବହୁ ଅସହାୟ ଓ ଗରିବ ଶ୍ରେଣୀୟ ଲୋକେ ଭଙ୍ଗା କୁଡିଆରେ ଅତ୍ୟନ୍ତ ଦୟନୀୟ ଭାବେ ବାସ କରୁଛନ୍ତି। ଏପରିସ୍ଥଳେ ଏହି ବ୍ଲକ ଅଞ୍ଚଳରେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସର୍ବୋପରି ହିତାଧିକାରୀ ଚୟନରେ ରାଜନୈତିକ ବାଛ ବିଚାର କରାଯାଉଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ରାଜନେତାଙ୍କ ସୁପାରିଶ କ୍ରମେ ବହୁ ଧିଲା ବାଲା ଏପରିକି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଠାରୁ ମୋଟା ଅଙ୍କର ହାତଗୁଞ୍ଜା ନିଆଯାଇ ହିତାଧିକାରୀ ଚୟନରେ ସେମାନଙ୍କ ନାମ ଉଲ୍ଲେଖ କରାଯାଉଥିବାର ଦେଖାଯାଉଛି। ଏପରିକି କେତେକ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ନାମ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ଅଞ୍ଚଳର ଜଣେ ନିର୍ବାଚିତ ସରପଞ୍ଚଙ୍କ ନାମ ଏହି ତାଲିକାରେ ସ୍ଥାନ ପାଉଥିବାର ଜଣାଯାଇଛି। ହାତଗୁଞ୍ଜା ଦେଇନପାରିବା କାରଣରୁ ଗରିବ ଶ୍ରେଣୀୟ ଲୋକମାନେ ଏହି ଯୋଜନାରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ସରକାରଙ୍କ ଏହି ଯୋଜନା କେତେକ ଅସାଧୁ ଏବଂ ଦୁର୍ନୀତିଗ୍ରସ୍ତ ଲୋକପ୍ରତନିଧଙ୍କ ଯୋଗୁଁ ସଫଳ ରୂପାୟନ ହୋଇପାରିନଥିବା ଦେଖାଯାଉଛି।

ମାଲକାନଗିରିରେ ମାଡୁଛି ଜ୍ୱର

# ଡାକ୍ତରଖାନାରେ ବେଡ୍ ଅଭାବ

ମାଲକାନଗିରି,୨୧।୯ (ସଂଚାର ବ୍ୟୁରୋ): ବଢୁଛି ଜ୍ୱର ଆତଙ୍କ। ଘରେ ଘରେ ଲୋକେ ଅସୁସ୍ଥ ହେଉଥିବା ବେଳେ ବିଶେଷ କରି କୁନିକୁନି ପିଲା ଭାଇରାଲ ଜ୍ୱରରେ ପୀଡ଼ିତ ହେଉଛନ୍ତି। ଚିକିତ୍ସା ପାଇଁ ଲୋକେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମୁହାଁ ହେଉଛନ୍ତି। କିନ୍ତୁ ଡାକ୍ତରଖାନାରେ ବେଡ୍ ଅଭାବ ଯୋଗୁଁ ରୋଗୀ ଓ ସମ୍ପର୍କୀୟ ହନ୍ତସନ୍ତ ହେଉଛନ୍ତି। ୱାର୍ଡରେ ବେଡ୍ ନାହିଁ। ବଟାଣରେ ପଡ଼ିଛନ୍ତି କୁନିକୁନି ପିଲା। ଏପରିକି ଗୋଟିଏ ଏସ୍ଏନ୍ସିୟୁ ବେଡ୍‌ରେ ୩ ଜଣ ନବଜାତ ରହିଥିବା ଦୃଶ୍ୟ ସାମ୍ନାକୁ ଆସିଛି। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତ ୨ ଦିନ



ହେଲା ରୋଗୀ ସଂଖ୍ୟା ଅସ୍ୱାଭାବିକ ଭାବେ ବଢ଼ିଛି। ବିଶେଷ କରି ଶିଶୁ ବହିର୍ବିଭାଗରେ ୧୫୦ରୁ ଅଧିକ ଅସୁସ୍ଥ ଶିଶୁ ଚିକିତ୍ସିତ ହେଉଛନ୍ତି। ୫୦ ଶଯ୍ୟା ବିଶିଷ୍ଟ ଶିଶୁ ୱାର୍ଡରେ ୧୧୦ରୁ ଅଧିକ ପିଲା ଥିବା ବେଳେ ୧୨ ଶଯ୍ୟା ବିଶିଷ୍ଟ ଏସ୍ଏନ୍ସିୟୁରେ ଅଛନ୍ତି ୪୫ ଜଣ ଶିଶୁ। ବେଡ୍ ଅଭାବରୁ ରୋଗୀ ଓ ସମ୍ପର୍କୀୟଙ୍କୁ ଅସୁବିଧାରେ ପଡ଼ିବାକୁ ପଡୁଛି। କେବଳ ଶିଶୁ ବିଭାଗ ନୁହେଁ, ଡାକ୍ତରଖାନାର ପ୍ରାୟ ସମସ୍ତ ୱାର୍ଡରେ ରୋଗୀ ସଂଖ୍ୟା ବଢ଼ିଛି। ୨୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ଏବେ ୩୭୨ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ୫୦ ଶଯ୍ୟାର ମେଡିସିନ୍ ୱାର୍ଡରେ ଅଛନ୍ତି ୧୪୦ ରୋଗୀ। ଆଇସୋଲେସନ୍ ୱାର୍ଡରେ ୨୫ ଜଣ ରହିଛନ୍ତି। ସେହିପରି ୫୦ ଶଯ୍ୟା ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୧୨୦ ଜଣ ଗର୍ଭବତୀ ଓ ପ୍ରସୂତି ଅଛନ୍ତି। ବେଡ୍ ନମିଳିବାରୁ ମା' ଓ ନବଜାତଙ୍କୁ ମଧ୍ୟ ସମସ୍ୟାରେ ପଡ଼ିବାକୁ ପଡୁଛି। ଏପଟେ ଡାକ୍ତରଙ୍କ ଅଭାବ ସମସ୍ୟାକୁ ଆହୁରି ବଢ଼ାଇଛି। ଡାକ୍ତରଖାନାରେ ୧୦୫ ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ଅଛନ୍ତି ମାତ୍ର ୩୮ ଜଣ। ଏହାସହ ଡାକ୍ତରଖାନାରେ ପାନୀୟ ଜଳ ସମସ୍ୟା ମଧ୍ୟ ଦେଖାଦେଇଛି। ପ୍ରତିଦିନ ରୋଗୀ, ସମ୍ପର୍କୀୟ ଓ କର୍ମଚାରୀଙ୍କୁ ମିଶାଇ ପ୍ରାୟ ୧ ହଜାର ଲୋକ ଡାକ୍ତରଖାନାକୁ ଆସୁଛନ୍ତି। କିନ୍ତୁ ଡାକ୍ତରଖାନାର ନିଜସ୍ୱ ପାଣି ବ୍ୟବସ୍ଥା ନଥିବାରୁ ଦିନ ୨ଟା ପରେ ପାଣି ପାଇବା କଷ୍ଟକର ହୋଇଥିବା ଅଭିଯୋଗ ହୋଇଛି। ପାନୀୟ ଜଳ ସମସ୍ୟା ସହ ଶୌଚାଳୟରେ ମଧ୍ୟ ଅବ୍ୟବସ୍ଥା ଥିବା ଅଭିଯୋଗ ହୋଇଛି। ରୋଗୀ ସଂଖ୍ୟା ବଢ଼ୁଥିବା ବେଳେ ବେଡ୍, ଡାକ୍ତର, ପାଣି ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ଏବେ ମାଲକାନଗିରି ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ସ୍ୱତନ୍ତ୍ର ସଘନ ସଂଶୋଧନ ଅନ୍ତର୍ଗତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

## ୩୫୫ଟି ମତଦାନ କେନ୍ଦ୍ରରେ ତାଲିକା ପ୍ରକାଶ



### ମୋଟ ଭୋଟର ୨,୫୧,୨୦୪

ସୁବର୍ଣ୍ଣପୁର ,୨୧।୯ (ସଂଚାର ବ୍ୟୁରୋ): ଭୋଟର ତାଲିକାରେ ସ୍ୱଚ୍ଛତା ଓ ସଠିକତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆର.ଆର.) ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାର ଅନ୍ତିମ ପର୍ଯ୍ୟାୟରେ ଆଜି ୬୫-ସୋନପୁର ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ୬୫-ସୋନପୁର ନିର୍ବାଚନ ମଣ୍ଡଳୀ ଡଃ ସୌମ୍ୟରୂପା ରଥଙ୍କ ଦ୍ୱାରା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏଥିସହିତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ୩୫୫ଟି ମତଦାନ କେନ୍ଦ୍ରରେ ମଧ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ଅବସରରେ ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଡଃ ସୌମ୍ୟରୂପା ରଥ ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ କରି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ। ସେ ମତଦାନ କେନ୍ଦ୍ରରେ ଚୂଡ଼ାନ୍ତ ଭୋଟର ତାଲିକା ଉପଲବ୍ଧତା ଓ ତାଲିକା ପ୍ରଦର୍ଶନ ସମ୍ପର୍କରେ ଯାଞ୍ଚ କରିବା ସହ ସମ୍ପୃକ୍ତ କର୍ମଚାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଚୂଡ଼ାନ୍ତ ତାଲିକା ଅନୁଯାୟୀ, ୬୫-ସୋନପୁର ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ମୋଟ ୨, ୫୧, ୨୦୪ ଜଣ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୧, ୨୯, ୬୯୩ ଜଣ ପୁରୁଷ, ୧, ୨୧, ୫୦୯ ଜଣ ମହିଳା ଏବଂ ୨ ଜଣ ଅନ୍ୟାନ୍ୟ ବର୍ଗର ଭୋଟର ଅଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ଯାଞ୍ଚ, ଆବଶ୍ୟକ ସଂଶୋଧନ ଏବଂ ଯୋଗ୍ୟ ମତଦାତାଙ୍କ ନାମ ସାମିଲ କରିବା ଆଦି କାର୍ଯ୍ୟ କରାଯାଇଛି। ଏହା ଫଳରେ ଭୋଟର ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ ଓ ଅଦ୍ୟତନ କରିବା ଦିଗରେ ପଦକ୍ଷେପ ନିଆଯାଇଛି।

## ଶିଶୁ ସେବିକା ଚୟନରେ ଅନିୟମିତତା : ଶିକ୍ଷାଧିକାରୀଙ୍କ ନିକଟରେ ଫେରାଦ

ବୈଶିଙ୍ଗା,୨୧।୯ (ସଂଚାର ବ୍ୟୁରୋ): ଶିଶୁ ସେବିକା ଚୟନରେ ଅନିୟମିତତାକୁ ନେଇ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଅଭିଯୋଗ କଲେ ଜଣେ ଅସହାୟ ବିଧବା ମହିଳା। ଏହି ଅଭିଯୋଗକାରୀ ମହିଳା ଜଣକ ହେଲେ ବେତନଟୀ ବ୍ଲକ ଅଧିନ ବୈଶିଙ୍ଗା ପଞ୍ଚାୟତର ଦୁର୍ଗାପୁର ଗ୍ରାମର ସ୍ୱର୍ଗତ ଗୋପାଳ ସିଂଙ୍କ ପତ୍ନି ସୀତାମଣି ସିଂ।ଅଭିଯୋଗ କାରିଣୀଙ୍କ ଅଭିଯୋଗ ମୁତାବକ ଚଳିତ ମାସ ୫ ସେପ୍ଟେମ୍ବର ୨୦୨୬ରେ ସ୍ଥାନୀୟ ଦୁର୍ଗାପୁର ଉ.ପ୍ରା. ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତି ନେଇ ଏକ ବିଜ୍ଞାପନ ପ୍ରକାଶିତ ହୋଇଥିଲା।ଏଥିରେ ଆବଶ୍ୟକିୟ ସମସ୍ତ ଦସ୍ତାବିଜ୍ ସହ ନିଯୁକ୍ତି ପାଇଁ ପତ୍ର ଆବେଦନ କରିଥିଲେ ସୀତାମଣି ଏବଂ ଏହି ନିଯୁକ୍ତିରେ ତହସିଲ ଭୁକ୍ତ ଜନଜାତିର ଦରିଦ୍ର/ ଅସହାୟ ନାରୀଙ୍କ ପ୍ରାଥମିକତା ନେଇ ଶିଶୁ ସେବିକାଙ୍କ ନିଯୁକ୍ତି ପାଇଁ ନିର୍ଦ୍ଦେଶାବଳୀରେ




ପରିଷ୍କାର ଭାବେ ଉଲ୍ଲେଖ ହୋଇଅଛି।ତେବେ ଏହି ଶିଶୁ ସେବିକା ଚୟନ ପ୍ରକ୍ରିୟା ସରିଯାଇଥିବା ବେଳେ ସେହି ଗ୍ରାମର ଧନୀ ଶ୍ରେଣୀର ଅନ୍ୟଜଣେ ସଧବା ମହିଳାଙ୍କୁ ନିଯୁକ୍ତି ପାଇଁ ବିଦ୍ୟାଳୟରେ ରେଜୁଲେସନ କରାଯାଇଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ସେ ସିଧା ସଳଖ ବିଦ୍ୟାଳୟ ପରିଚାଳନା ସମିତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରକୁ ଆଙ୍ଗୁଳି ଉଠାଇଛନ୍ତି।

## ଏଡବ୍ଲ୍ୟୁଏଲ୍ ଆଗ୍ରୋ ବିଜିନେସରେ ମକଡ୍ରିଲ



ପାରାଦୀପ,୨୧।୯ (ସଂଚାର ବ୍ୟୁରୋ): କମ୍ପାନୀରେ ଲାଗିଲା ନିଆଁ। ଆଖି ପିଛୁଳାକେ ପହଂଚି ଗଲେ ଟିମ। ମାତ୍ର କିଛି ମିନିଟ ମଧ୍ୟରେ ନିଆଁକୁ କଲେ ଆୟତ। ଗୋଟେ ବଡ଼ ଦୁର୍ଘଟଣାରୁ ବଞ୍ଚିଗଲେ ସମସ୍ତେ। ଏଭଳି ଦୃଶ୍ୟ ଆଜି ଦେଖିବାକୁ ମିଳିଥିଲା ପାରାଦୀପ ଏଡବ୍ଲ୍ୟୁଏଲ୍ ଆଗ୍ରୋ ବିଜିନେସ ଲିମିଟେଡ ମଧ୍ୟରେ। ଏହା ଥିଲା ଏକ ମକ୍ ଡ୍ରିଲ। ଯଦି କମ୍ପାନୀ ମଧ୍ୟରେ କୌଣଷି କାରଣ ବଶତଃ ନିଆଁ ଲାଗେ ତେବେ କିଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରିହେବ ତାର ଅତି ନିଖୁଣ ଭାବରେ ଚିତ୍ରି ଦେଖାଇ ଥିଲେ ଏଠାକାର କର୍ମଚାରୀ। ନିଆଁ ଲାଗିଲା ସମୟରେ ସାଇରନ ବଜାଇବା ସହ କମ୍ପାନୀ ମଧ୍ୟରେ ରହିଥିବା ସମସ୍ତ କର୍ମଚାରୀ ଓ ଶ୍ରମିକ ମାନଙ୍କୁ ସୁରକ୍ଷିତ ଭାବେ ବାହାର କରିବା ସହ ସମସ୍ତଙ୍କୁ ଆଲର୍ଟ କରିବା ଓ ନିଆଁକୁ ପାଣି ସହ ଫୋମ୍ ସହାୟତାରେ କିଭଳି ଆୟତ କରି ପାରିବ ତାକୁ ସେମାନେ ଦେଖାଇଥିଲେ। ଏହାପରେ ଏହି ଘଟଣାକୁ ନେଇ ଏକ ସୁରକ୍ଷା ସମ୍ପର୍କିତ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କମ୍ପାନୀର ପାରାଦୀପ ମୁଖ୍ୟ ନାରାୟଣ ଦାସ, ରାଜୀବ କୁମାର ଷଡ଼ଙ୍ଗୀ, ପ୍ରଶାନ୍ତ ବେହେରା, ଶିବ ପ୍ରସାଦ ତଲେପୋଲି, କୁଜଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ ବିଶ୍ୱଜିତ ରାଉତ, ବିପିସିଏଲ ପ୍ଲାଣ୍ଟ ହେଡ଼ ସୁଭାସିସ ମହାପାତ୍ର, ସିଆଇଏସଏଫ ଅଧିକାରୀ ପର୍ଶୁରାମ ରାଠୋର ପ୍ରମୁଖ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

## ବରିଷ୍ଠ ନାଗରିକ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ସୁବର୍ଣ୍ଣପୁର ,୨୧।୯ (ସଂଚାର ବ୍ୟୁରୋ): ଆସନ୍ତା ଅକ୍ଟୋବର ୦୧ ତାରିଖରେ ପାଳନ ହେବାକୁ ଥିବା 'ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ'ର ସଫଳ ସମ୍ପାଦନ ନିମନ୍ତେ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ମିନି ସମ୍ମିଳନୀ କକ୍ଷଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୋନପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ସମସ୍ତ ବ୍ଲକର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘର ସଭାପତି, ସମ୍ପାଦକ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ, ଆସନ୍ତା ଅକ୍ଟୋବର ୧ ତାରିଖରେ ଜିଲ୍ଲା ତଥା ବ୍ଲକ ସ୍ତରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ବ୍ୟାପକ ଭାବେ ପାଳନ କରାଯିବ। ଏହି ଅବସରରେ ଯୋଗ ଶିବିର, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଜିଲ୍ଲାର ପ୍ରମୁଖ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଛି। ସଭା ଶେଷରେ ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ କର୍ଣ୍ଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧୁମଧାମରେ ସରିଲା ମିଳିତ ଗଣେଶ ପୂଜା ଭସାଣୀ ଉତ୍ସବ

### ଯୋଗଦେଇଥିଲେ ୩୬ ପୂଜା ମଣ୍ଡପର ମେଢ଼; ରାତି ୧୦ଟା ସୁଦ୍ଧା ବିସର୍ଜନ ହେଲେ ଗଜାନନ



ଢେଙ୍କାନାଳ,୨୧।୯ (ସଂଚାର ବ୍ୟୁରୋ): ଢେଙ୍କାନାଳ ସହରରେ ଧୁମଧାମରେ ହୋଇଛି ମିଳିତ ଗଣେଶ ପୂଜା ଭସାଣୀ ଉତ୍ସବ। ଗଣେଶ ପୂଜା ଅବସରରେ ସହରର ବିଭିନ୍ନ ସ୍ଥାନରେ ଆୟୋଜିତ ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧା ଓ ଉତ୍ସାହର ସହ ପୂଜାର୍ଚ୍ଚନା ପରେ ଆଜି ଆୟୋଜିତ ହୋଇଛି ମିଳିତ ଭସାଣୀ ଉତ୍ସବ। ଏହି ଭସାଣୀ ଉତ୍ସବରେ ସହରର ବିଭିନ୍ନ ପୂଜା ମଣ୍ଡପରୁ ୩୬ଟି ମେଢ଼ ସାମିଲ ହୋଇଥିଲେ। ବିଭିନ୍ନ ଆକର୍ଷଣୀୟ ମେଢ଼ ସହ ଶୋଭାଯାତ୍ରାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ସାମିଲ ହୋଇଛନ୍ତି। ଢୋଲ, ବାଦ୍ୟ ଓ ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେତାଳେ ଗଣେଶଙ୍କ ମେଢ଼ଗୁଡ଼ିକୁ ନେଇ ଶୋଭାଯାତ୍ରା ଆଗେଇ ଚାଲିଥିଲା ଏହାକୁ ନେଇ ସହରରେ ପାର୍ବଣର ମାହୋଲ ସୃଷ୍ଟି ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଭକ୍ତଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଛି।

ମିଳିତ ଭସାଣୀ ଉତ୍ସବକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଶୋଭାଯାତ୍ରା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ସହ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଭସାଣୀ ସମୟରେ ଯେପରି କୌଣସି ଅଘଟଣ ନଘଟେ, ସେଥିପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ନଜର ରଖାଯାଇଛି। ସେହିପରି ଭସାଣୀ ଉତ୍ସବକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ରାତି ୧୦ଟା ସୁଦ୍ଧା ସମସ୍ତ ମେଢ଼ର ବିସର୍ଜନ ପ୍ରକ୍ରିୟା ଶେଷ ହୋଇଥିଲା, ଶାନ୍ତି, ଶୃଙ୍ଖଳା ଓ ଭାଇଚାରାର ସହ ଗଣେଶ ଭସାଣୀ ଉତ୍ସବ ସମ୍ପନ୍ନ ହୋଇଥିଲା।

## ଆଶ୍ ବୋଝେଇ ଟ୍ରଲରରେ ଅଗ୍ନିକାଣ୍ଡ

● ଟାୟାର ଫାଟି ଲାଗିଲା ନିଆଁ



ସୁନ୍ଦରଗଡ଼,୨୧।୯ (ସଂଚାର ବ୍ୟୁରୋ): ଝାରସୁଗୁଡ଼ା ପଟୁ ଆଶ୍ ଭର୍ତ୍ତି କରି ସୁନ୍ଦରଗଡ଼ ଅଭିମୁଖେ ଆସୁଥିଲା ଟ୍ରଲର ନମ୍ବର ସିଜି-୧୦ ବିଏସ-୯୬୧୫। ଭଷ୍ମା ଓଭର ବ୍ରିଜରୁ ତଳକୁ ଗଡୁଥିବା ସମୟ ରେ ହଠାତ୍ ଟ୍ରଲରର ଟାୟାର ଫାଟିଯିବା ସହ ନିଆଁ ଲାଗିଥିଲା। ପୋଲିସର ପ୍ରାଥମିକ ତଦନ୍ତ ଅନୁସାରେ, ଅଧିକ ଘର୍ଷଣ ଯୋଗୁଁ ଟାୟାର ଅତ୍ୟଧିକ ଗରମ ହୋଇ ଫାଟିଯିବା ପରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଦେଖୁ ଦେଖୁ ନିଆଁ ଟ୍ରଲରକୁ କବଳିତ କରିଥିଲା। ଖବର ପାଇ ଭଷ୍ମା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଝାରସୁଗୁଡ଼ା ଦମକଳ ବାହିନୀର ସହାୟତାରେ ଚାଲିଥିଲା ନିଆଁ ଲିଭା କାର୍ଯ୍ୟ। ଶେଷରେ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ଜଳିଯାଇଛି ଆଶ୍ ବୋଝେଇ ଟ୍ରଲର। ତେବେ ଏହି ଭୟାବହ ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଚାଳକ। ଘଟଣାକୁ ନେଇ ଭଷ୍ମା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ସୁନ୍ଦରଗଡ଼,୨୧।୯ (ସଂଚାର ବ୍ୟୁରୋ): ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଦେଶର ତୃତୀୟ ପର୍ଯ୍ୟାୟରେ ଚଳିତ ବର୍ଷ ମଇ ୨୦ ତାରିଖରୁ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର୍ ପ୍ରକ୍ରିୟା। ଏହି କ୍ରମରେ ସୋମବାର ସମଗ୍ର ରାଜ୍ୟରେ ତଥା ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ପ୍ରକାଶିତ ହୋଇଛି ଏହି ଚୂଡ଼ାନ୍ତ ଭୋଟର ତାଲିକା। ସୋମବାର ସ୍ଥାନୀୟ ସଦଭାବନା ଭବନ ଠାରେ ସମସ୍ତ ରାଜନୈତିକ ଦଳ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ପ୍ରକାଶିତ ହୋଇଛି ଜିଲ୍ଲାର ଏହି ଚୂଡ଼ାନ୍ତ ଭୋଟର ତାଲିକା। ସେହିଭଳି ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀ ଏବଂ ଜିଲ୍ଲାର ସମସ୍ତ ବୁଥ ମାନଙ୍କରେ ମଧ୍ୟ ପ୍ରକାଶିତ ହେଉଛି ଏହି ଚୂଡ଼ାନ୍ତ ଭୋଟର ତାଲିକା। ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ଼ା ଶୁଭଙ୍କର ମହାପାତ୍ର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟ ପରିଚାଳନା ନିମନ୍ତେ ବିଶେଷ କରି ଜିଲ୍ଲାର ସମସ୍ତ ଜନସାଧାରଣ, ସମସ୍ତ ରାଜନୈତିକ ଦଳ, ସମସ୍ତ ନାଗରିକ ସମାଜ ଓ ଗଣମାଧ୍ୟମଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିଭଳି ଏହି ପ୍ରକ୍ରିୟାରେ ସାମିଲ ହୋଇ କାର୍ଯ୍ୟକୁ ସଫଳ ଭାବେ ସମାପନ କରିଥିବା ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ତଥା ଅନ୍ୟାନ୍ୟ ଅଧିକାରୀ, ବୁଥ ସ୍ତରୀୟ ଅଧିକାରୀ, ସୁପର ଭାଇଜର, ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରଶଂସା କରିଥିଲେ। ଏହି ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ଜିଲ୍ଲାରେ ମୋଟ ୧୩୯୫୯୮୧ ଜଣ ଭୋଟର ତାଲିକାରେ ଥିବା ବେଳେ ପୁରୁଷ ଭୋଟର ସଂଖ୍ୟା ୬୯୦୮୩୯, ମହିଳା ଭୋଟର ସଂଖ୍ୟା ୭୦୫୦୨୭ ଏବଂ ତୃତୀୟ ଲିଙ୍ଗି ଭୋଟରଙ୍କ ସଂଖ୍ୟା ୧୧୫ ଜଣ।




## ଡକାୟତି ଓ ଲୁଟ୍ ଅଭିଯୋଗରେ ୨ ଗିରଫ



ସୁବର୍ଣ୍ଣପୁର,୨୧।୯ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ପୁଲିସ ନେଇଛି କଡ଼ା କାର୍ଯ୍ୟନୁଷ୍ଠାନ। ପଡ଼ୋଶୀ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅଧିବାସୀଙ୍କୁ କଥା ଦେଇ କଥା ରଖିଛନ୍ତି ଏସପି ନାରାୟଣ ନାୟକ ଓ ଆଇଆଇସି ଯାଦବ ବାଗ। ବନ୍ଧୁକ ଓ ଭୁଜାଲି ଦେଖାଇ ମାଡ଼ପିଟ ସହ ଡକାୟତି ଅଭିଯୋଗରେ ଦୁଇ ଯୁବକଙ୍କୁ ବାନ୍ଧିଛି ସୁବର୍ଣ୍ଣପୁର ପୁଲିସ। ସୂଚନା ଅନୁଯାୟୀ ଅଭିଯୋଗକାରୀ ଜିଲ୍ଲା ମନମୁଣ୍ଡା ଥାନା ସିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଲୋକାପଡ଼ା ଗ୍ରାମର ବିକାଶ ସାହୁ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ସେ ଚଳିତ ମାସ ୧୦ ତାରିଖ ଦିନ ସକାଳ ପ୍ରାୟ ୮.୩୦ ମିନିଟ୍ ସମୟରେ ସୋନପୁର କୁ କାମ କରିବା ପାଇଁ ଯାଉଥିବା ବେଳେ ଅଭିଯୁକ୍ତ ବୈଦ୍ୟନାଥ ଗ୍ରାମର ଲିମନ ପାଢ଼ୀ, ହରଡଖୋଲ ଗ୍ରାମର ପ୍ରବୀଣ ମେହେର ଓ ଦୀପକ ବେହେରା ତାଙ୍କୁ ବନ୍ଧୁକ, ଭୁଜାଲି ଦେଖାଇବା ସହ ମାଡ ପିଟ କରି ୨୫୦୦ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣା ପରେ ପ୍ରତିଦିନ ଡକାୟତି ଯୋଗୁଁ ଜନ ଜୀବନ ସୁରକ୍ଷାକୁ ନେଇ ସ୍ଥାନୀୟ ପଥର୍ଲା ବଜାର ଠାରେ ୧୧ ତାରିଖ ଦିନ ଏକ ମିଟିଂ ହୋଇଥିଲା ଏବଂ ପରେ ସ୍ଥାନୀୟ ଅଞ୍ଚଳର ଶହ ଶହ ଗ୍ରାମବାସୀ ସୋନପୁର ଏସପି ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁରହିଥିଲା।

### କୋରାପୁଟ ଜିଲ୍ଲାରେ ଏସଆଇଆର ୨୦୨୬ ସମାପ୍ତ

## ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା, ଭୋଟର ସଂଖ୍ୟା ୯.୦୮ ଲକ୍ଷ

କୋରାପୁଟ,୨୧।୯ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାରେ ସ୍ୱତନ୍ତ୍ର ଗଭୀର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଛି। ସୋମବାର, ସେପ୍ଟେମ୍ବର ୨୧ ତାରିଖରେ ଜିଲ୍ଲାର ସମସ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ନିୟମ, ମାର୍ଗଦର୍ଶିକା ଓ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ସମଗ୍ର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଏସଆଇଆର୍ ୨୦୨୬ ପ୍ରକ୍ରିୟା ମେ' ୨୦ ତାରିଖରୁ ଆରମ୍ଭ ହୋଇଥିବାବେଳେ ମେ' ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ଘରକୁ ଘର ଯାଇ ଗଣନା କାର୍ଯ୍ୟ କରାଯାଇଥିଲା। ଜୁଲାଇ ୫ ତାରିଖରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଥିଲା।



ସେତେବେଳେ ୫ଟି ନିର୍ବାଚନମଣ୍ଡଳୀରେ ମୋଟ ୯,୦୪, ୧୩୪ ଜଣ ଭୋଟର ଥିଲେ। ଖସଡ଼ା ତାଲିକା ଅନୁଯାୟୀ ଲକ୍ଷ୍ମୀପୁରରେ ୧, ୬୪, ୦୫୯, କୋଟପାଡ଼ରେ ୧, ୯୭, ୬୫୨, ଜୟପୁରରେ ୧, ୯୩, ୨୯୦, କୋରାପୁଟରେ ୧, ୭୩, ୦୫୩ ଏବଂ ପଟ୍ଟାଙ୍ଗୀରେ ୧, ୭୬, ୦୮୦ ଜଣ ଭୋଟର ଥିଲେ। ଜୁଲାଇ ୫ରୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ଏବଂ ନିଷ୍ପତ୍ତି ପ୍ରକ୍ରିୟା ଚାଲିଥିଲା। ଏହି ସମୟରେ ୨, ୧୨, ୨୮୧ ଜଣ ଭୋଟରଙ୍କୁ ଏଇଆରଓ ସ୍ତରରେ ଶୁଣାଣି ପାଇଁ ଚିହ୍ନଟ କରାଯାଇଥିଲା। ଅଗଷ୍ଟ ୩୦ ସୁଦ୍ଧା ଏହି ଶୁଣାଣିର ୧୦୦ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶୁଣାଣି ପାଇଁ ଚିହ୍ନଟ ଭୋଟରଙ୍କ ମଧ୍ୟରୁ ୪୨, ୮୭୭ ଜଣଙ୍କୁ ୨୦୦୨ ମସିହାର ଶେଷ ଏସଆଇଆର୍ ସହ ମ୍ୟାପ୍ ହୋଇନଥିବା ଭୋଟର ଭାବେ ଚିହ୍ନଟ କରାଯାଇଥିଲା। ସେହିପରି ୧, ୬୯, ୪୦୪ ଜଣଙ୍କ ମାମଲାରେ ମ୍ୟାପିଂ ସମୟରେ ବିଭିନ୍ନ ଅସଙ୍ଗତି ଚିହ୍ନଟ ହୋଇଥିଲା। ଏଥିରେ ନାମ, ସମ୍ପର୍କୀୟଙ୍କ ନାମ, ଜନ୍ମତାରିଖ ବା ବୟସ ଏବଂ ଠିକଣା ଭଳି ବିବରଣୀରେ ଅସଙ୍ଗତି ରହିଥିଲା। ବ୍ଲକ, ତହସିଲ, ପୌରପାଳିକା, ଏନଏସି ଏବଂ କେତେକ ପଞ୍ଚାୟତ କାର୍ଯ୍ୟାଳୟରେ ଏଇଆରଓ ସ୍ତରରେ ଶୁଣାଣି କରାଯାଇଥିଲା। ଶାରୀରିକ ଭାବେ ଉପସ୍ଥିତ ହୋଇପାରିନଥିବା କେତେକ ଭୋଟରଙ୍କ ପାଇଁ ଭିଡିଓ କନଫରେନ୍ସ ମାଧ୍ୟମରେ ମଧ୍ୟ ଶୁଣାଣିର ବ୍ୟବସ୍ଥା କରାଯାଇଥିଲା। ଏହି ପ୍ରକ୍ରିୟାରେ ଫର୍ମ ୬ ମାଧ୍ୟମରେ ୫, ୬୮୫ ଜଣ ନୂତନ ଭୋଟରଙ୍କୁ ତାଲିକାରେ ସାମିଲ କରାଯାଇଥିବାବେଳେ, ମୃତ୍ୟୁ, ସ୍ଥାନାନ୍ତରଣ, ପୂର୍ବରୁ ନାମ ଥିବା ଏବଂ ଡିଏସଇ ଭଳି କାରଣରୁ ୧, ୨୫୫ ଜଣଙ୍କ ନାମ ବାଦ ଦିଆଯାଇଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପରେ କୋରାପୁଟ ଜିଲ୍ଲାର ୫ଟି ବିଧାନସଭା ଆସନରେ ମୋଟ ୯, ୦୮, ୫୬୪ ଜଣ ଭୋଟର ରହିଛନ୍ତି।

## 'ବାରଣାସୀ-ଅଯୋଧ୍ୟା' ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ଯାତ୍ରା ଶୁଭାରମ୍ଭ

ସୁବର୍ଣ୍ଣପୁର,୨୧।୯ (ସଂଚାର ବ୍ୟୁରୋ): ତୃତୀୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା (୨୦୨୬-୨୭) ଅଧୀନରେ ଆଜି ସୁବର୍ଣ୍ଣପୁର ଜିଲ୍ଲାରୁ ୫୨ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଏକ ତୀର୍ଥଯାତ୍ରୀ ଦଳ ସମ୍ବଲପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସ୍ଥାନୀୟ ସଂସ୍କୃତି ଭବନ ପରିସରରୁ ଦୁଇ ଗୋଟି ବସକୁ ପତାକା ଦେଖାଇ ଏହି ଆଧ୍ୟାତ୍ମିକ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ସମାରୋହରେ ବୀରମହାରାଜପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଅଶ୍ୱିନୀ ମେହେର, ସୋନପୁର ଉପ-ଜିଲ୍ଲାପାଳ ଡ. ସୌମ୍ୟରୂପା ରଥ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ସ୍ୱରୂପ ପାତ୍ର ଏବଂ ଅନ୍ୟାନ୍ୟ ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କର ଶୁଭ ଓ ନିରାପଦ ଯାତ୍ରା କାମନା କରିଥିଲେ। ଯୋଜନା ମୁତାବକ, ସମସ୍ତ ୫୨ ଜଣ ତୀର୍ଥଯାତ୍ରୀ ୨୨ ସେପ୍ଟେମ୍ବର ୨୦୨୬ ରେ ସମ୍ବଲପୁର ରେଳଷ୍ଟେସନରୁ ସ୍ୱେଶାଲ ଟ୍ରେନ୍ ଯୋଗେ 'ବାରଣାସୀ-ଅଯୋଧ୍ୟା' ଅଭିମୁଖେ ବାହାରିବେ। ଏହି ଆଧ୍ୟାତ୍ମିକ ଯାତ୍ରା ସେପ୍ଟେମ୍ବର ୨୨ ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ସୁବର୍ଣ୍ଣପୁର ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଚାଳନାରେ ସଫଳତାର ସହ ଆୟୋଜିତ ହୋଇଛି।